# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୧/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, October 11/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୩୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 315 | ମୂଲ୍ୟ₹୭/-












**ଆଜିର ସମ୍ପାଦକୀୟ**

ସୁନ୍ଦର ନଗରୀ ଅସୁନ୍ଦର

ଆଜିଠାରୁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

**ଆମେରିକାକୁ ଭେଟିବ ଭାରତ**

ପୃଷ୍ଠା–୧୬

**ଆଜିଠୁ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା**

ପୃଷ୍ଠା–୪

# ଅଭାବରୁ ପଶିଛି ଚିନ୍ତା

**ଯାଜପୁର ଅଫିସ/ପୁରୀ ଅଫିସ,୧୦।୧୦**



- ମିଳୁନି ଆବଶ୍ୟକ ଖଣ୍ଡୋଲାଇଟ ପଥର
- ଆଶଙ୍କାରେ ପୁରୀ ସମେତ ୨୦ଟି ଐତିହ୍ୟ ପ୍ରକଳ୍ପର ବିକାଶ କାର୍ଯ୍ୟ
- ନିର୍ମାଣ ବିଭାଗକୁ ପତ୍ର ଲେଖିଲା ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

ରାଜ୍ୟର ପୁରୀ ଶ୍ରୀମନ୍ଦିର ସମେତ ଅନ୍ୟାନ୍ୟ ୨୦ଟି ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଏହି କାର୍ଯ୍ୟ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ ବା ଓଡ଼ିଶା ବ୍ରିଜ ଆଣ୍ଡ କନ୍ଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ(ଓବିଆଣ୍ଡସିସି)କୁ ଦାୟିତ୍ୱ ଦିଆଯାଇଛି। ହେଲେ ଏଥିପାଇଁ ଆବଶ୍ୟକ ଖଣ୍ଡୋଲାଇଟ ପଥରର ଏବେ ଅଭାବ ଦେଖାଦେଇଥିବାରୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ସଂଶୟ ସୃଷ୍ଟି ହୋଇଛି। ଏହିସବୁ ପ୍ରକଳ୍ପ ପାଇଁ ନିର୍ଦ୍ଦିଷ୍ଟ ଆକାରର ୨୭୪୨୨.୭୬ ଘନମିଟର ଖଣ୍ଡୋଲାଇଟ ପଥରର ଆବଶ୍ୟକତା ଥିବାବେଳେ ଯାଜପୁର, କଟକ, ଖୋର୍ଦ୍ଧା ଜିଲାର ୬ଟି ଖଣିରୁ ପଥର ଉତ୍ତୋଳନ ପାଇଁ ୨୦୨୧ ଜୁଲାଇ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଉକ୍ତ ଖଣିରୁ ଆବଶ୍ୟକ ପରିମାଣ ଏବଂ ଉତ୍ତମ ମାନର ଖଣ୍ଡୋଲାଇଟ ପଥର ମିଳୁନାହିଁ। ତେଣୁ ପ୍ରକଳ୍ପ କାର୍ଯ୍ୟର ଗୁରୁତ୍ୱ ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଖଣି ବିଭାଗ ଖଣ୍ଡୋଲାଇଟ ପଥର ଯୋଗାଇ ଦେବାକୁ ନିର୍ମାଣକାରୀ ସଂସ୍ଥା ଓବିସିସିର ଚିଫ୍ ଜେନେରାଲ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଗତ ୧ତାରିଖରେ ପତ୍ରସଂଖ୍ୟା ୬୮୧୮ରେ ନିର୍ମାଣ ବିଭାଗର ସ୍ୱତନ୍ତ୍ର ସଚିବ ବିମଳେନ୍ଦୁ ରାୟଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିବା ଜଣାପଡ଼ିଛି।

ଓବିଆଣ୍ଡସିସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଶ୍ରୀମନ୍ଦିର ସମେତ ଏହି ଜିଲାର ୧୪ ପ୍ରକଳ୍ପ ପାଇଁ ୧୩,୧୪୧.୮୩ ଘନ ମିଟର ଖଣ୍ଡୋଲାଇଟ ପଥର ଆବଶ୍ୟକତା ଥିବାବେଳେ ସମ୍ବଲପୁରର ମା’ ସମଲେଶ୍ୱରୀ ମନ୍ଦିର ଉନ୍ନୟନ କାମ ପାଇଁ ୫୮୧୭.୯୩୦ ଘନମିଟର, ବାରିପଦା ହରିବଳଦେବ ଜଗନ୍ନାଥ ମନ୍ଦିର ପାଇଁ ୧୧୦ ଘନମିଟର, ନୟାଗଡ଼ ନୀଳମାଧବ ମନ୍ଦିର ଏବଂ କଣ୍ଟିଲୋ ଅଞ୍ଚଳର ବିକାଶ ପାଇଁ ୧୨୭୨ ଘନମିଟର, ଏକାମ୍ର ପ୍ରକଳ୍ପ ପାଇଁ ୫୮୮ ଘନମିଟର, କଟକ ଚଣ୍ଡୀମନ୍ଦିର ପାଇଁ ୩୫୯୩ ଘନମିଟର ଏବଂ ଜଗତ୍‌ସିଂହପୁର ମା’ଶାରଳା ମନ୍ଦିର ପାଇଁ ୨୯୦୦ ଘନମିଟର ଖଣ୍ଡୋଲାଇଟ ପଥରର ଆବଶ୍ୟକତା ରହିଛି। ଏଥିପାଇଁ ଯାଜପୁର ଜିଲାର ଚଣ୍ଡିଆ, ଶୁଖୁଆପଡ଼ା ଓ ତେଲିଗଡ଼, କଟକ ଜିଲାର ଗୋବିନ୍ଦପୁର ଏବଂ ଖୋର୍ଦ୍ଧା ଜିଲାର କୁରୁମପଡ଼ା ଓ ନାରଙ୍ଗଗଡ଼ଠାରେ ଥିବା ଖଣ୍ଡୋଲାଇଟ ପଥର ଖଣିରୁ ଉତ୍ତୋଳନ ପାଇଁ ୨୦୨୧ ଜୁଲାଇ ୨୩ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଖଣି ଉତ୍ତୋଳନ ପାଇଁ ଓଡ଼ିଶା ଖଣି ନିଗମ ଠିକା ସଂସ୍ଥାକୁ ଦାୟିତ୍ୱ ଦେଇଛି। ପୁରୀ ଶ୍ରୀମନ୍ଦିରର ବିକାଶ ପାଇଁ ବର୍ଷକ ତଳେ ଖନନ ଆରମ୍ଭ ହୋଇଥିବା ଯାଜପୁର ଜିଲା ଶୁଖୁଆପଡ଼ା ଖଣ୍ଡୋଲାଇଟ ପଥର ☞ପୃଷ୍ଠା–୪

# ୮୪ ମିଶାଇଲ ମାଡ଼, ଥରିଲା କିଭ୍



**କିଭ୍, ୧୦।୧୦**

- କ୍ରିମିଆ ବ୍ରିଜ୍ ବିସ୍ଫୋରଣର ପ୍ରତିଶୋଧ
- ୧୧ ମୃତ, ୬୦ ଆହତ
- ପୁଟିନ୍ ଜଣେ ଆତଙ୍କବାଦୀ: ୟୁକ୍ରେନ୍

ରୁଷିଆକୁ କ୍ରିମିଆ ସହ ସଂଯୋଗ କରୁଥିବା ୧୯ କି.ମି. ଦୀର୍ଘ କର୍ଚ ବ୍ରିଜ୍ ବିସ୍ଫୋରଣର ୨ ଦିନ ପରେ ପ୍ରତିଶୋଧ ପରାୟଣ ହୋଇଛନ୍ତି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍। ପ୍ରାୟ ୪ ବିଲିୟନ୍ ଡଲାରରେ ନିର୍ମିତ ଉକ୍ତ ବ୍ରିଜ୍‌କୁ ଟାର୍ଗେଟ କରି ୟୁକ୍ରେନ୍ ଆତଙ୍କବାଦୀ କାର୍ଯ୍ୟକଳାପ କରିଥିବା ପୁଟିନ୍ କହିବା ସହ ରାଜଧାନୀ କିଭ୍ ସମେତ ଅନ୍ୟ ୟୁକ୍ରେନୀୟ ସହରରେ ସୋମବାର ଘନଘନ ମିଶାଇଲ ମାଡ଼ ହୋଇଛି। ରୁଷିଆ ୮୪ କ୍ଷେପଣାସ୍ତ୍ର ଛାଡ଼ିଥିବାବେଳେ ଏଥିରେ ଅନ୍ୟୂନ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ପୁଟିନ୍‌ଙ୍କ ଏଭଳି ବର୍ବରତାକୁ ୟୁରୋପୀୟ ସଂଘ (ଇୟୁ) ସମେତ ନାଟୋ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି। ପୁଟିନ୍ ଜଣେ ଆତଙ୍କବାଦୀ ଏବଂ ସେ ମିଶାଇଲରେ କଥା କୁହନ୍ତି ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି। ସଦ୍ୟ ଘଟଣାବଳୀକୁ ନେଇ ଭାରତ ବେଶ୍ ଚିନ୍ତିତ। ☞ପୃଷ୍ଠା–୪

# ପିଲାଙ୍କ ଶ୍ରେୟ, ଠକ କୋଚିଂ ସେଣ୍ଟର







**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ଓଡ଼ିଶାରେ ନକଲି ଔଷଧ ବେପାର ଭଲଭାବେ ଚାଲିଛି। ସେହିଭଳି କୋଚିଂ ସେଣ୍ଟରଗୁଡ଼ିକ ଠକାମି ମାଧ୍ୟମରେ ପ୍ରବଳ ଅର୍ଥ ରୋଜଗାର କରୁଛନ୍ତି। ରାଜ୍ୟର ଛାତ୍ରୀଛାତ୍ରମାନଙ୍କ କଷ୍ଟ ଏବଂ ତାଙ୍କ ଦକ୍ଷତାକୁ ବ୍ୟବହାର କରି ଅଭିଭାବକମାନଙ୍କୁ ଭ୍ରମରେ ପକାଇବାର ଅପଚେଷ୍ଟା ସେମାନେ ଚଳାଇଛନ୍ତି। ନିକଟରେ ଓଏଏସ୍ ଫଳାଫଳ ପ୍ରକାଶ ପାଇବା ପରେ ଏଭଳି କଥା ସାମ୍ନାକୁ ଆସିଛି। ବେପାର କରିବା ପାଇଁ କେତେକ ଘରୋଇ କୋଚିଂ ସେଣ୍ଟର ପିଲାଙ୍କ ସଫଳତାକୁ ନିଜର ବୋଲି କହି ପ୍ରଚାର ପ୍ରସାର କରୁଥିବାବେଳେ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣ ମିଳିଛି। ଭବିଷ୍ୟତରେ ଯେଉଁ ପିଲାମାନେ ସରକାରୀ ଚାକିରି ପାଇଁ ଆଶା ବାନ୍ଧି ବସିଛନ୍ତି ସେମାନଙ୍କଠାରୁ ବିପୁଳ ଅର୍ଥ ଲୁଟିନେବାର ପ୍ରୟାସ ସେମାନେ ଆରମ୍ଭ କରିସାରିଲେଣି। ନିକଟରେ ଓଏଏସ୍ ପରୀକ୍ଷାରେ ଶୀର୍ଷସ୍ଥାନ ପାଇଥିବା କେତେଜଣ ପିଲାଙ୍କ ସହ ଧରିତ୍ରୀ ତରଫରୁ ସୋମବାର ସନ୍ଧ୍ୟାରେ ଆଲୋଚନା କରାଯାଇଥିଲା। ସେମାନଙ୍କ ସଫଳତାରେ କୌଣସି କୋଚିଂ ସେଣ୍ଟରର ଅବଦାନ ନାହିଁ। ଶ୍ରେୟ କେବଳ ପରୀକ୍ଷାର୍ଥୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ସେମାନଙ୍କ ନିଜର ପ୍ରଚେଷ୍ଟା ବୋଲି ସ୍ପଷ୍ଟଭାବେ କୁହାଯାଇପାରେ। ଅନ୍ୟପଟେ ବଣିକ ଏବଂ ଆପ୍ତି ପ୍ଲସ୍ ଭଳି ସଂସ୍ଥା ସମାନ ପିଲାମାନଙ୍କ ଫଟୋକୁ ଛାପି ବିଜ୍ଞାପନ ଦେବାରେ ଆଗୁଆ ହୋଇଛନ୍ତି।

## ସମାନ ପିଲାଙ୍କ ଉପରେ ଉଭୟଙ୍କ ଦାବି

**"ଓଏଏସ୍ ପରୀକ୍ଷାରେ ଏକ ନମ୍ବର ସ୍ଥାନ ପାଇଥିବା ତେଜସ୍ୱିନୀ ବେହେରାଙ୍କ କହିବାନୁଯାୟୀ, ଟପ୍ପର ହେବା ପରେ ତାଙ୍କୁ ଯେତିକି ଖୁସି ଲାଗୁଛି ତା’ଠାରୁ ଅଧିକ ଏବେ ଡର ଲାଗୁଛି। ଟପ୍ପର ହେବା ପରେ ସମସ୍ତଙ୍କ ଦୃଷ୍ଟି ଯେଭଳି ତାଙ୍କ ଉପରେ ରହିଲାଣି ଆଗକୁ ସେ କେମିତି ତାଙ୍କ କାମକୁ ଠିକ୍ ନ୍ୟାୟ ଦେଇପାରିବେ ସେଥିପାଇଁ ଡର ଲାଗୁଛି। ଓପିଏସ୍‌ସି ପାଇଁ ତାଙ୍କର ବହୁ ଆଗରୁ ଲକ୍ଷ୍ୟ ଥିଲା। ଓପିଏସ୍‌ସି ପାଇଁ ସମୟର ବ୍ୟବହାର ଠିକ୍ କରୁଥିଲେ। ଦିନକୁ ପ୍ରାୟ ୮ରୁ ୯ ଘଣ୍ଟା ପାଠ ପଢୁଥିଲେ। ସେ କୌଣସି କୋଚିଂ ସେଣ୍ଟରକୁ ଯାଇ କ୍ଲାସ୍ କରିନାହାନ୍ତି। ଓଡ଼ିଆ ବିଷୟରେ ପଢ଼ିବା ଲାଗି ମା’ ତାଙ୍କୁ ସାହାଯ୍ୟ କରିଥିଲେ ବୋଲି ତେଜସ୍ୱିନୀ କହିଛନ୍ତି।"**

**"ଓଏଏସ୍ ପରୀକ୍ଷାରେ ସଫଳତା ପାଇଥିବା ଦେବବ୍ରତ ମହାରଣା କହିଛନ୍ତି, ସେ ଏବେ ରେଭିନ୍ୟୁ ସର୍ଭିସ୍‌ରେ ଅଛନ୍ତି। ଚାକିରି କରିଥିବାରୁ ପଢିବାକୁ ସେତେଟା ସମୟ ମିଳିନି। ଦିନକୁ ଚିକିରିରେ ପ୍ରାୟ ୯ ଘଣ୍ଟା ପଳାଇବା ପରେ ରାତିରେ ୩ରୁ ୪ ଘଣ୍ଟା ସେ ପଢୁଥିଲେ। ସେ କେବେହେଲେ କୋଚିଂ ନେଇନାହାନ୍ତି। ଚାକିରି କରିବା ପୂର୍ବରୁ ସେ ଓଡ଼ିଶା ବାହାରେ ପଢୁଥିଲେ, ତେଣୁ କୋଚିଂ କେତେବେଳେ ନେଲେ ବୋଲି ଦେବବ୍ରତ କହିଛନ୍ତି।"**

**"ଓଏଏସ୍ ପରୀକ୍ଷାରେ ସଫଳତା ପାଇଥିବା ଶୁଭଙ୍କରୀ ସୁଦେଷ୍ଣା ଦାଶ କହିଛନ୍ତି, ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ସେଥିରେ ସଫଳ ନ ହେବା ପରେ ଓଏଏସ୍ ପାଇଁ ପ୍ରସ୍ତୁତି କଲେ। କିଛି ରଫ୍ ଆଇଡିଆ ନେବା ଲାଗି ୨୦୧୮ରେ ଏକ କୋଚିଂ ସେଣ୍ଟରରେ ଆଡ୍‌ମିଶନ କରିଥିଲେ ମଧ୍ୟ ସେଥିରୁ ସେମିତି କିଛି ସାହାଯ୍ୟ ମିଳିଲା ନାହିଁ। ଓଏଫଏସ୍ ଅଫିସର୍ ମାନ ଦାସଙ୍କ ସହ ଯୋଗାଯୋଗରେ ରହି ତାଙ୍କଠାରୁ ସାହାଯ୍ୟ ନେଇ ସଫଳତା ପାଇଲେ ବୋଲି ସେ କହିଛନ୍ତି। ଓଏଏସ୍ ପରୀକ୍ଷାରେ ସଫଳତା ଲାଗି ମେଣ୍ଟରିଂର ଆବଶ୍ୟକତା ଅଛି, ଯେତେ କୋଚିଂ ନେଲେ କିଛି ଲାଭ ନାହିଁ। କେଉଁ କୋଚିଂ ସେଣ୍ଟରରୁ ବହି କିଣିଥିବି ସେଥିଲାଗି ସେମାନେ ତାଙ୍କ ଫଟୋ ଛାପିଥିବେ ବୋଲି ଶୁଭଙ୍କରୀ ସୁଦେଷ୍ଣା କହିଛନ୍ତି।"**

ହେଲେ ତେଜସ୍ୱିନୀ, ଶୁଭଙ୍କରୀ ସୁଦେଷ୍ଣା ଏବଂ ଦେବବ୍ରତ ମହାରଣାଙ୍କ ଫଟୋକୁ ଲଗାଇ ଦୁଇଟି କୋଚିଂ ସେଣ୍ଟର ସେମାନଙ୍କ ସଫଳତା ବୋଲି ପ୍ରଚାର କରିବା ସହ ଉକ୍ତ ସେଣ୍ଟର୍‌ରେ ପିଲାଙ୍କୁ ପଢ଼ିବା ଲାଗି ଆକୃଷ୍ଟ କରୁଛନ୍ତି। ହେଲେ ଓଏଏସ୍ ପରୀକ୍ଷାରେ ଶୀର୍ଷସ୍ଥାନ ପାଇଥିବା ଛାତ୍ରୀଛାତ୍ର ଏହା ସେମାନଙ୍କ ନିଜ ପରିଶ୍ରମର ଫଳ କିମ୍ବା ଯେଉଁମାନଙ୍କଠାରୁ ପ୍ରକୃତ ସାହାଯ୍ୟ ତାଙ୍କୁ ମିଳିଛି ସେକଥାକୁ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି।

**"କେବଳ ଏହି ୩ ଜଣ ନୁହନ୍ତି ଓଏଏସ୍ ପରୀକ୍ଷାରେ ସଫଳ ହୋଇଥିବା ଅନନ୍ୟା ଶ୍ରିଷ୍ଟି ଶତପଥୀଙ୍କ ସହ କଥା ହେବା ସମୟରେ ସେ କହିଛନ୍ତି, ଓଏଏସ୍ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପରେ ଭଲ ଲାଗୁଛି। ଏବେ ଟ୍ରେନିଂ ଭଲ ଭାବେ ନେବି ଏବଂ ନିଜ କାମକୁ ସଚ୍ଚୋଟତାର ସହିତ କରିବି। ଛୁଆବେଳୁ ପରିଶ୍ରମ କରୁଥିଲି। ସବୁବେଳେ ପଢ଼ାପଢ଼ି କରେ ଏବଂ ପରିବେଶ ସହିତ ସମାଜର ବୁଝାମଣାକୁ ବେଶି ଗୁରୁତ୍ୱ ଦିଏ। ଏବେ ଲୋକଙ୍କ** ☞ପୃଷ୍ଠା–୪

# ୨ ହଜାର ସ୍କୁଲକୁ ୪୩ ହଜାର ଫୁଟ୍‌ବଲ

## ‘ଫୁଟ୍‌ବଲ ଫର୍ ଅଲ୍’ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ହକି ସମେତ ରାଜ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଭା ସୃଷ୍ଟି ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ‘ଫୁଟ୍‌ବଲ ଫର୍ ଅଲ୍’ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। କିଟ୍ ଓ କିସ୍‌ର ମିଳିତ ସହଯୋଗରେ ଓଡ଼ିଶାରେ ଫିଫା ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦେଶରେ ନୂଆ ଫୁଟ୍‌ବଲ ପ୍ରତିଭା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରାୟ ୨ ହଜାର ସ୍କୁଲରେ ୪୩ ହଜାର ଫୁଟ୍‌ବଲ ବଣ୍ଟନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଫୁଟ୍‌ବଲ ସବୁଠୁ ଅଧିକ ଲୋକପ୍ରିୟ ଖେଳ। ଏହା ବିଶ୍ୱର ବିଭିନ୍ନ ଦେଶକୁ ☞ପୃଷ୍ଠା–୪

# ବିରୋଧ କରିଥିବା ୨ ବିଚାରପତିଙ୍କ ନାମ ପ୍ରଘଟ

## କଲେଜିୟମରେ ନିଯୁକ୍ତି ବିବାଦ

**ନୂଆଦିଲ୍ଲୀ, ୧୦।୧୦**

ସୁପ୍ରିମକୋର୍ଟ କଲେଜିୟମରେ ବିଚାରପତି ନିଯୁକ୍ତି ପ୍ରକ୍ରିୟାକୁ ନେଇ ବିବାଦ ଘନେଇବାରେ ଲାଗିଛି। ପଦୋନ୍ନତି ପାଇ ସୁପ୍ରିମକୋର୍ଟରେ ନିଯୁକ୍ତ ହେବାକୁ ଥିବା ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ଚୂଡ଼ାନ୍ତ କରିବା ସକାଶେ ସିଜେଆଇ ୟୁ.ୟୁ. ଲଳିତ ନିଷ୍ପତ୍ତି ନେଇଥିଲେ। ଏହାକୁ ନେଇ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏସ୍. ଅବଦୁଲ୍ ନାଜିର ଆପତ୍ତି ଉଠାଇଥିଲେ। ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ କଲେଜିୟମ ୨ ବିଚାରପତିଙ୍କ ନାମ ପ୍ରଘଟ କରିଛି। ଅକ୍ଟୋବର ୯ରେ ସ୍ୱାକ୍ଷରିତ ଉକ୍ତ ବିବୃତି ସୋମବାର ସାର୍ବଜନୀନ କରାଯାଇଛି। କଲେଜିୟମ ବୈଠକଗୁଡ଼ିକ ସାଧାରଣତଃ ବିଚାରପତିମାନଙ୍କ ☞ପୃଷ୍ଠା–୪

# ମୁଲାୟମ ସିଂ ଯାଦବଙ୍କ ପରଲୋକ

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକ



**ଗୁରୁଗ୍ରାମ,୧୦।୧୦**

ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ତଥା ୩ ଥର ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଥିବା ବର୍ଷୀୟାନ ନେତା ମୁଲାୟମ ସିଂ ଯାଦବଙ୍କର ସୋମବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅକ୍ଟୋବର ୨ରୁ ତାଙ୍କୁ ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ବିଶେଷଜ୍ଞ ଡାକ୍ତରମାନଙ୍କର ଏକ ଟିମ୍ ତାଙ୍କର ଚିକିତ୍ସା କରୁଥିଲେ। ନେତାଜୀ ଆଉ ନାହାନ୍ତି ବୋଲି ପୁଅ ଅଖିଳେଶ ଯାଦବ ଟୁଇଟ୍ କରିଛନ୍ତି। ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ☞ପୃଷ୍ଠା–୪





ସୈଫାଇ ଗ୍ରାମରେ ମୁଲାୟମଙ୍କ ମରଶରୀର ପହଞ୍ଚିବା ପରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

## ଦେଶ ପାଇଁ ବଡ଼ କ୍ଷତି: ପ୍ରଧାନମନ୍ତ୍ରୀ

ବର୍ଷୀୟାନ ନେତା ମୁଲାୟମ ସିଂ ଯାଦବଙ୍କ ପରଲୋକ ଦେଶ ପାଇଁ ବଡ଼ କ୍ଷତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଦୀର୍ଘ ରାଜନୈତିକ କ୍ୟାରିୟରରେ ସେ ଭାଜପା ବିରୋଧୀ ଭାବେ ଜଣାଶୁଣା ଥିଲେ ମଧ୍ୟ ମୋଦିଙ୍କ ସହ ତାଙ୍କର ସ୍ୱତନ୍ତ୍ର ସମ୍ପର୍କ ରହିଥିଲା। ଉଭୟ ଏକ ସମୟରେ ମୁଖ୍ୟମନ୍ତ୍ରୀ ଥିବାବେଳେ ପରସ୍ପର ସହ ଭଲ ସମ୍ପର୍କ ରହିଥିଲା। ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ବେଳେ ସମାଜବାଦୀ ପ୍ରତିଷ୍ଠାତା ତାଙ୍କୁ ଆଶୀର୍ବାଦ କରିଥିଲେ। ତାଙ୍କର ଆଶୀର୍ବାଦ ଓ ଉପଦେଶକୁ ମନେ ରଖିଥିବା ମୋଦି କହିଛନ୍ତି। ୨୦୧୯ରେ ମୋଦି ପୁଣି କ୍ଷମତାକୁ ଫେରିବେ ବୋଲି ମୁଲାୟମ କାମନା କରିଥିଲେ।


୨୦୧୭ ମାର୍ଚ୍ଚ ୧୯ରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଲାୟମ ସିଂ ଯାଦବଙ୍କ ବହୁଚର୍ଚ୍ଚିତ ଫଟୋ।

## ସବୁ ଦଳରେ ସମ୍ମାନିତ

"ଏସ୍‌ପି ନେତା ମୁଲାୟମ ସିଂ ଯାଦବ ଏକ ସାଧାରଣ ପରିବାରରୁ ଆସି ଅସାଧାରଣ ସଫଳତା ହାସଲ କରିଥିଲେ। ସବୁ ଦଳର ଲୋକେ ତାଙ୍କୁ ସମ୍ମାନ ଦେଉଥିଲେ। ତାଙ୍କ ପରିବାର ଓ ସମର୍ଥକଙ୍କୁ ସମବେଦନା ଜଣାଉଛି।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

"ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମଜୀ ଗଣତନ୍ତ୍ରର ଚାମ୍ପିୟନ ଥିଲେ। ଜରୁରୀ ପରିସ୍ଥିତି ବେଳେ ସେ ସ୍ୱର ଉତ୍ତୋଳନ କରିଥିଲେ।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

"ମୁଲାୟମ ଭାରତୀୟ ରାଜନୀତିର ଜଣେ ନିଷ୍ଠାବାନ ତୃଣମୂଳ ନେତା, ଯିଏ ଲୋକଙ୍କ ସହ ମିଶିଯାଉଥିଲେ। ସମାଜର ଦୁର୍ବଳ ଶ୍ରେଣୀଙ୍କ ଉନ୍ନତି ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ।

**-ଲାଲ୍‌କୃଷ୍ଣ ଆଡଭାନୀ, ବର୍ଷୀୟାନ ଭାଜପା ନେତା**

"ମୁଲାୟମ ସିଂ ଯାଦବ ତୃଣମୂଳ ରାଜନୀତିର ବାସ୍ତବ ଯୋଦ୍ଧା ଥିଲେ। ତାଙ୍କ ଦେହାନ୍ତ ଅତ୍ୟନ୍ତ ଦୁଃଖଦ ଖବର।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

"ମୁଲାୟମ ସମାଜବାଦ ଆନ୍ଦୋଳନର ଆଇକନ୍ ଥିଲେ। ସେ ତାଙ୍କର ସାରା ଜୀବନ ଗରିବ ଓ ପଛୁଆ ବର୍ଗଙ୍କ ସେବାରେ ଉତ୍ସର୍ଗ କରିଥିଲେ।

**-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ**

"ଅବହେଳିତ ପଛୁଆ ବର୍ଗଙ୍କ ସ୍ୱାର୍ଥର ଚାମ୍ପିୟନ ମୁଲାୟମଜୀ ଦେଶର ଏକ କଠିନ ସମୟରେ ଧର୍ମୀୟ ମୌଳବାଦ ବିରୋଧରେ ଦେଶର ଏକତା ଓ ଅଖଣ୍ଡତା ପାଇଁ ନିରନ୍ତର ଲଢ଼େଇ କରୁଥିଲେ।

**-ସୀତାରାମ ୟେଚୁରୀ, ସିପିଆଇ(ଏମ୍) ସାଧାରଣ ସମ୍ପାଦକ**

"ମୁଲାୟମ ସାମାଜିକ ନ୍ୟାୟ ଓ ସଂଖ୍ୟାଲଘୁଙ୍କ ଅଧିକାର ପାଇଁ ଲଢୁଥିଲେ। ତାଙ୍କ ପରଲୋକରେ ଦେଶ ଜଣେ ମହାନ୍ ନେତାଙ୍କୁ ହରାଇଲା।

**-ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**

# ଚିରନିଦ୍ରାରେ ମୁଲାୟମ

# ସମାଜବାଦର ଅଗ୍ରଦୂତ

**ନୂଆଦିଲ୍ଲୀ/ଲକ୍ଷ୍ନୌ, ୧୦।୧୦**

ମୁଲାୟମ ସିଂ ଯାଦବ ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ଏବଂ ଦୀର୍ଘ ସମୟ ଧରି ଏହାର ଅଧ୍ୟକ୍ଷ ରହିଥିଲେ। ସେ ୩ ଥର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ହେବା ସହ ଦେବେଗୌଡ଼ା ସରକାରରେ କେନ୍ଦ୍ରରେ ପ୍ରତିରକ୍ଷା ମନ୍ତ୍ରୀ ହୋଇଥିଲେ।

୧୯୩୯ ନଭେମ୍ବର ୨୨ରେ ଉତ୍ତରପ୍ରଦେଶର ଇଟାୱା ଜିଲା ଅନ୍ତର୍ଗତ ସୈଫାଇରେ ଏକ ଗରିବ ଚାଷୀ ପରିବାରରେ ମୁଲାୟମଙ୍କ ଜନ୍ମ। ପ୍ରଥମେ ସେ ଜଣେ କୁସ୍ତିଯୋଦ୍ଧା ହେବାକୁ ଚାହୁଁଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ରାଜନୀତିରେ ପ୍ରବେଶ କରି ସମାଜବାଦୀ ନେତା ରାମମନୋହର ଲୋହିଆଙ୍କ ଲେଖାରେ ପ୍ରଭାବିତ ହୋଇଥିଲେ। ପରେ ସେ ଆଗ୍ରା ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଲୋହିଆଙ୍କ ସମାନତା ଓ ସାମାଜିକ ନ୍ୟାୟ ପ୍ରସଙ୍ଗ ଦଳିତ ହିନ୍ଦୁ ଓ ସଂଖ୍ୟାଲଘୁ ମୁସଲମାନଙ୍କ ପାଇଁ ଲଢ଼େଇ କରିବା ଲାଗି ତାଙ୍କ ଚିନ୍ତାଧାରାକୁ ବେଶ୍ ପ୍ରଭାବିତ କରିଥିଲା। ସେ ଉତ୍ତରପ୍ରଦେଶ ରାଜନୀତିରେ ଭୂମିପୁତ୍ର ଓ ନେତାଜୀ ଭାବେ ପରିଚିତ ହୋଇଥିଲେ।

ମୁଲାୟମ ୧୦ ଥର ୟୁପି ବିଧାନସଭା ଏବଂ ୭ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୬୭ରେ ସେ ପ୍ରଥମେ ବିଧାୟକ ହୋଇଥିଲେ। ୧୯୭୪ରେ ପୁନଃନିର୍ବାଚିତ ହୋଇଥିଲେ ହେଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାତୀୟ ଜରୁରୀ ସ୍ଥିତି ଲାଗୁ କରିବାରୁ ୧୯୭୫ରେ ସେ ଗିରଫ ହୋଇ ୧୯ ମାସ ଜେଲରେ ରହିଥିଲେ। ୧୯୭୭ରେ ମୁକୁଳିବା ପରେ ସେ ପୁଣିଥରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୭ରେ ମୁଲାୟମ ଉତ୍ତରପ୍ରଦେଶରେ ଲୋକଦଳର ସଭାପତି ହୋଇଥିଲେ। ସେହିବର୍ଷ ଲୋକଦଳ ଦୁଇଭାଗ ହୋଇଯିବାରୁ ସେ ଲୋକଦଳ-ବି ଗୋଷ୍ଠୀର ନେତୃତ୍ୱ ନେଇଥିଲେ। ୧୯୮୦ରେ ସେ ଜନତା ଦଳର ରାଜ୍ୟ ସଭାପତି ନିର୍ବାଚିତ ହୋଇଥିଲେ। ୧୯୮୨ରେ ରାଜ୍ୟ ବିଧାନ ପରିଷଦକୁ ନିର୍ବାଚିତ ହୋଇ ବିରୋଧୀ ଦଳ ନେତା ପଦରେ ୧୯୮୫ ପର୍ଯ୍ୟନ୍ତ ରହିଥିଲେ।


ମୁଲାୟମ ସିଂ ଯାଦବ
୨୨.୧୧.୧୯୩୯ – ୧୦.୧୦.୨୦୨୨

ସେହିବର୍ଷ ସେ ବିଧାନସଭାକୁ ନିର୍ବାଚିତ ହୋଇ ୧୯୮୭ ଯାଏ ବିରୋଧୀ ଦଳ ନେତା ହୋଇଥିଲେ। ୧୯୮୯ ବିଧାନସଭା ନିର୍ବାଚନରେ ଜନତା ଦଳ ଭାଜପାର ବାହ୍ୟ ସମର୍ଥନରେ ସରକାର ଗଢ଼ିଥିଲା ଓ ମୁଲାୟମ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବାବ୍ରୀ ମସ୍‌ଜିଦ ବିବାଦ ଯୋଗୁ ୧୯୯୦ରେ ଭାଜପା ତାଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିଲେ ହେଁ କଂଗ୍ରେସ ସମର୍ଥନରେ ସେ ୧୯୯୧ ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ। ୧୯୯୨ରେ

### କୁସ୍ତିଯୋଦ୍ଧାରୁ ୩ ଥର ମୁଖ୍ୟମନ୍ତ୍ରୀ

ମୁଲାୟମ ନିଜସ୍ୱ ଦଳ ସମାଜବାଦୀ ପାର୍ଟି ଗଠନ କରିଥିଲେ। ବାବ୍ରୀ ମସ୍‌ଜିଦ୍ ଭଙ୍ଗାଯିବା ତାଙ୍କ ରାଜନୈତିକ ଜୀବନର ମୋଡ଼ ବଦଳାଇ ଦେଇଥିଲା। ସମାଜବାଦୀ ପାର୍ଟି ମୁସଲମାନଙ୍କୁ ସମର୍ଥନ ଜଣାଇବା ସହ ୧୯୯୩ ନଭେମ୍ବର ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହୋଇଥିଲା ଓ ମୁଲାୟମ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ୧୯୯୫ରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସମର୍ଥନ ପ୍ରତ୍ୟାହାର କରିନେବାରୁ ତାଙ୍କ ସରକାର ଭାଙ୍ଗିଯାଇଥିଲା। ୧୯୯୬ରେ ସେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ ଓ ପ୍ରଧାନମନ୍ତ୍ରୀ ପଦ ପାଇଁ ତାଙ୍କ ନାମ ଉଠିଥିଲା। କିନ୍ତୁ ମେଣ୍ଟ ଦଳଗୁଡ଼ିକର ସହମତିରେ ଜନତା ଦଳର ଏଚ୍.ଡି. ଦେବେଗୌଡ଼ା ମିଳିତ ସାମ୍ମୁଖ୍ୟ ସରକାରର ପ୍ରଧାନମନ୍ତ୍ରୀ ହୋଇଥିଲେ। ମୁଲାୟମଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ମିଳିଥିଲା। ୧୯୯୮ ଏବଂ ୧୯୯୯ରେ ମଧ୍ୟ ସେ ଲୋକ ସଭାକୁ ପୁନଃ ନିର୍ବାଚିତ ହୋଇଥିଲେ। ୨୦୦୨ ୟୁପି ବିଧାନସଭା ନିର୍ବାଚନରେ ସମାଜବାଦୀ ପାର୍ଟି ଅଧିକ ଆସନ ପାଇଥିଲେ ମଧ୍ୟ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିଲା। ତେବେ ବିଏସ୍‌ପି-ଭାଜପା ସରକାର ୨୦୦୩ରେ ଭାଙ୍ଗିଯିବାରୁ ମୁଲାୟମ ଅନ୍ୟ ଦଳଗୁଡ଼ିକର ସମର୍ଥନରେ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୭ରୁ ୨୦୦୯ ସେ ବିଧାନସଭାରେ ବିରୋଧୀ ଦଳ ନେତା ରହିଥିଲେ। ୨୦୦୯ ଏବଂ ୨୦୧୪ରେ ସେ ପୁଣି ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

ମୁଲାୟମ ଦୁଇଥର ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀ ମାଳତୀ ଦେବୀ ପୁଅ ଅଖିଳେଶଙ୍କୁ ଜନ୍ମ ଦେବା ପରେ ୧୯୭୩ରୁ ୨୦୦୩ ମେ'ରେ ମୃତ୍ୟୁ ହେବା ପର୍ଯ୍ୟନ୍ତ କୋମାରେ ରହିଥିଲେ। ୯୦ ଦଶକରେ ମୁଲାୟମଙ୍କର ସାଧନା ଗୁପ୍ତାଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା ଯାହାକୁ ସେମାନେ ୨୦୦୭ ଫେବୃୟାରୀ ପର୍ଯ୍ୟନ୍ତ ଗୋପନ ରଖିଥିଲେ।

## ପ୍ରଧାନମନ୍ତ୍ରୀ ସୁଯୋଗ ୨ଥର ହରାଇଥିଲେ

ଦଳରେ ନେତାଜୀ ଭାବେ ପରିଚିତ ମୁଲାୟମ ସିଂ ଯାଦବଙ୍କ ୫୫ ବର୍ଷର ରାଜନୈତିକ କ୍ୟାରିୟର କେବଳ ରାଜ୍ୟ ରାଜନୀତିରେ ସୀମିତ ନ ଥିଲା। ଏକଦା ଜାତୀୟ ରାଜନୀତିରେ ମଧ୍ୟ ତାଙ୍କର ପ୍ରଭାବ ରହିଥିଲା। ସେ ଦୁଇଥର ପ୍ରଧାନମନ୍ତ୍ରୀ ହେଉ ହେଉ ରହିଯାଇଥିଲେ। ୧୯୯୬ରେ ମିଳିତ ସାମ୍ମୁଖ୍ୟ ସରକାର ଗଢ଼ିବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ପଦ ଲାଗି ମୁଲାୟମଙ୍କ ନାଁ ଉଠିଥିଲା। ତେବେ ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ ଏବଂ ଶରଦ ଯାଦବଙ୍କ ବିରୋଧ ଯୋଗୁ ନେତାଜୀ ପ୍ରଧାନମନ୍ତ୍ରୀ ହୋଇପାରି ନ ଥିଲେ। ୧୯୯୬ ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଢ଼ାଯାଇଥିବା ମେଣ୍ଟ ସରକାର ୧୩ ଦିନରେ ଭାଙ୍ଗିଯାଇଥିଲା। ଏହା ପରେ ଅନ୍ୟ ଦଳଗୁଡ଼ିକ ସହ ମିଶି ସରକାର ଗଢ଼ିବାକୁ କଂଗ୍ରେସ ମନା କରିଦେବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭି.ପି. ସିଂ ଏବଂ ତତ୍କାଳୀନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁଙ୍କ ନେତୃତ୍ୱରେ ସରକାର ଗଠନ କଥା ଉଠିଥିଲା। ସେମାନେ ପ୍ରଧାନମନ୍ତ୍ରୀ ହେବା ପାଇଁ ମନା କରିଦେବା ପରେ ବାମଦଳ ନେତା ହରକିଷନ ସିଂ ସୁର୍ଜିତ ଏସ୍‌ପି ନେତା ମୁଲାୟମଙ୍କ ନାମ ଉଠାଇଥିଲେ। ତେବେ ଲାଲୁ ଓ ଶରଦ ଯାଦବ ଦୃଢ଼ ବିରୋଧ କରିବାରୁ ସେ ପ୍ରଧାନମନ୍ତ୍ରୀ ହୋଇପାରିଲେ ନାହିଁ। ସେହିପରି ୧୯୯୯ରେ ମୁଲାୟମ ଦୁଇଟି ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ପଦ ପାଇଁ ତାଙ୍କ ନାମ ଉଠିଥିଲେ ହେଁ ପୂର୍ବଥର ଭଳି ଯାଦବ ନେତାମାନଙ୍କ ବିରୋଧ ଯୋଗୁ ତାହା ସଫଳ ହୋଇପାରି ନ ଥିଲା।



## ସୋନିଆଙ୍କୁ ପ୍ରଧାନମନ୍ତ୍ରୀ କରାଇ ଦେଇ ନ ଥିଲେ

ମୁଲାୟମ ସିଂ ଯାଦବ ୪ ଦଶନ୍ଧି ଧରି ରାଜନୀତିର ସେଣ୍ଟର ଷ୍ଟେଜ୍‌ରେ ରହିଥିଲେ। ୧୯୯୮ରେ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସ୍ଥା ଭୋଟ ହାରିବା ପରେ ସମାଜବାଦୀ ପାର୍ଟି ସମର୍ଥନରେ ସୋନିଆ ଗାନ୍ଧୀ ସରକାର ଗଢ଼ିବାକୁ ଉଦ୍ୟମ କରିଥିଲେ। ତେବେ ବିଦେଶିନୀ ପ୍ରସଙ୍ଗ ଉଠାଇ ମୁଲାୟମ ସମର୍ଥନ ପ୍ରତ୍ୟାହାର କରିନେଇଥିଲେ ଓ ସୋନିଆଙ୍କୁ ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ଦେଇ ନ ଥିଲେ।

୨୦୧୨ ଜୁନ୍‌ରେ ତତ୍କାଳୀନ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ମୁଲାୟମ।

## ୟୁକ୍ରେନ ସୀମାରେ ବେଲାରୁଷ ସୈନ୍ୟ


ରୁଷିଆର ମିଶାଇଲ ମାଡ଼ରେ କିଭ୍‌ର ଏକ ଗୋଦାମ ଘର ନଷ୍ଟ ହୋଇଯାଇଛି।

**କିଭ୍, ୧୦।୧୦**

ରୁଷିଆ ସହଯୋଗୀ ରାଷ୍ଟ୍ର ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୁକାଶେଙ୍କୋ ସୋମବାର ନିଜ ସୈନ୍ୟଙ୍କୁ ୟୁକ୍ରେନ୍ ସୀମା ନିକଟରେ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିଭ୍ ଏବଂ ଏହାର ସହଯୋଗୀ ତଥା ପାଶ୍ଚାତ୍ୟ ଦେଶଗୁଡ଼ିକ ପକ୍ଷରୁ ବେଲାରୁଷ ପାଇଁ ବିପଦ ବଢୁଥିବାରୁ ୟୁକ୍ରେନ୍ ସୀମା ନିକଟରେ ସୈନ୍ୟ ମୁତୟନ ନିଷ୍ପତ୍ତି ନିଆଯାଇଥିବା ଲୁକାଶେଙ୍କୋ କହିଛନ୍ତି। ବେଲାରୁଷ ସୀମାରେ ଆକ୍ରମଣ ପାଇଁ ୟୁକ୍ରେନ୍ ଯୋଜନା କରୁଛି। କିଭ୍ ମିନ୍‌ସ୍କକୁ ଯୁଦ୍ଧ ଭିତରକୁ ଟାଣୁ ବୋଲି ତଥାକଥିତ ୟୁକ୍ରେନ୍ ରକ୍ଷକ ଚାହୁଁଛନ୍ତି। ଆମେ ଦଶନ୍ଧି ଧରି ଏଥିପାଇଁ ପ୍ରସ୍ତୁତି କରିଛୁ। ଆବଶ୍ୟକ ପଡ଼ିଲେ ବେଲାରୁଷ ମଧ୍ୟ ଜବାବ ଦେବ ବୋଲି ଲୁକାଶେଙ୍କୋ କହିଛନ୍ତି। ବେଲାରୁଷ ସୈନ୍ୟ ରୁଷିଆ ସଶସ୍ତ୍ର ବଳ ସହ ମିଶି ଉତ୍ତର ୟୁକ୍ରେନ୍‌ରେ ସାମରିକ କାର୍ଯ୍ୟକଳାପ କରିବା ଦ୍ୱାରା ଉତ୍ତେଜନା ଆହୁରି ବୃଦ୍ଧି ପାଇବା ଆଶଙ୍କା ରହିଛି।

"ବର୍ବର ଆକ୍ରମଣ କରି ରୁଷିଆ ୟୁକ୍ରେନ୍‌କୁ ପୃଥିବୀ ମାନଚିତ୍ରରୁ ହଟାଇବାକୁ ଉଦ୍ୟମ କରୁଛି। ୟୁକ୍ରେନ୍ ସାରା ରେଡ୍ ସାଇରନ୍ ବାଜୁଛି। ହେଲେ ଦୁର୍ଭାଗ୍ୟବଶତଃ ଲୋକେ ମୃତାହତ ହେଉଛନ୍ତି। ଜାପୋରିଝିଆରେ ଘରେ ଶୋଇଥିବା ଲୋକଙ୍କୁ ସେମାନେ ହତ୍ୟା କରୁଛନ୍ତି। ନିପ୍ରୋ ଏବଂ କିଭ୍‌ରେ ନିଜ କାମରେ ବାହାରିଥିବା ସାଧାରଣ ଲୋକଙ୍କ ଜୀବନ ମଧ୍ୟ ନେଉଛନ୍ତି।

**-ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି**

"ୟୁକ୍ରେନ୍‌ର ଆକ୍ରମଣକୁ ଅଣଦେଖା କରିବା ସମ୍ଭବ ନୁହେଁ। ଏଣିକି ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣର ଭୟଙ୍କର ଜବାବ ଦିଆଯିବ। ଏହା ଉପରେ କାହାକୁ ସନ୍ଦେହ କରିବାକୁ ଦିଆଯିବନାହିଁ।

**-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**

"ୟୁକ୍ରେନ୍‌ର ଭିତ୍ତିଭୂମି ଓ ଜନସାଧାରଣଙ୍କ ଉପରେ ବର୍ବର ଆକ୍ରମଣ ନିନ୍ଦନୀୟ। ଯେତେ ସମୟ ଲାଗିଲେ ବି ରୁଷିଆର ଆକ୍ରମଣ ବିରୋଧରେ ଲଢ଼ିବା ପାଇଁ ସାହସୀ ୟୁକ୍ରେନ୍‌ବାସୀଙ୍କୁ ନାଟୋ ଏହାର ସମର୍ଥନ ଜାରି ରଖିବ।

**-ଜେନ୍ସ ଷ୍ଟୋଲେନ୍‌ବର୍ଗ, ନାଟୋ ମୁଖ୍ୟ**

## ଆମେରିକାର ୩ ଅର୍ଥନୀତିଜ୍ଞଙ୍କୁ ନୋବେଲ

### ବ୍ୟାଙ୍କ ଓ ଆର୍ଥିକ ସଙ୍କଟ ଉପରେ ଅଧ୍ୟୟନ ପାଇଁ

**ଷ୍ଟକ୍‌ହୋମ୍, ୧୦।୧୦**

ବ୍ୟାଙ୍କ ଏବଂ ଆର୍ଥିକ ସଙ୍କଟ ଉପରେ ଅଧ୍ୟୟନ ପାଇଁ ଆମେରିକା ଫେଡେରାଲ ରିଜର୍ଭର ପୂର୍ବତନ ଅଧ୍ୟକ୍ଷ ବେନ୍ ଏସ୍. ବର୍ନାଙ୍କେ(୬୮) ଓ ଆଉ ୨ ଆମେରିକୀୟ ଅର୍ଥନୀତିଜ୍ଞ ଡୋଗ୍‌ଲାସ୍ ଡବ୍ଲ୍ୟୁ. ଡାଇମଣ୍ଡ (୬୮) ଏବଂ ଫିଲିପ୍ ଏଚ୍. ଡାଇବ୍‌ବିଗ୍(୬୭)ଙ୍କୁ ଅର୍ଥନୀତିରେ ଚଳିତ ବର୍ଷ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଷ୍ଟକ୍‌ହୋମ୍ ସ୍ଥିତ ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସରେ ନୋବେଲ କମିଟି ପକ୍ଷରୁ ସୋମବାର ଏହି ଘୋଷଣା କରାଯାଇଛି। ବ୍ୟାଙ୍କ କେତେ ଜରୁରୀ ଏବଂ କାହିଁକି ଏହାର ପତନ ରୋକିବା ଆବଶ୍ୟକ ତାହା ଉପରେ ସେମାନଙ୍କ ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ ବୋଲି କମିଟି କହିଛି। ଆସନ୍ତା ଡିସେମ୍ବର ୧୦ରେ ନୋବେଲ ବିଜେତାଙ୍କୁ ପୁରସ୍କାର ବାବଦ ୧୦ ନିୟୁତ ସ୍ୱିଡିଶ୍ କ୍ରୋନର (ପ୍ରାୟ ୯ ଲକ୍ଷ ଡଲାର) ଅର୍ଥ ପ୍ରଦାନ କରାଯିବ। ଅନ୍ୟ କ୍ଷେତ୍ର ଭଳି ଆଲଫ୍ରେଡ୍ ନୋବେଲ୍‌ଙ୍କ ୧୮୯୫ ୱିଲ୍‌ରେ ଅର୍ଥନୀତି ପାଇଁ ନୋବେଲ ପୁରସ୍କାର ଆବଣ୍ଟନ କରାଯାଇ ନ ଥିଲା। ସ୍ୱିଡିଶ୍ ସେଣ୍ଟ୍ରାଲ ବ୍ୟାଙ୍କ ଇକୋନୋମିକ୍ସରେ ନୋବେଲ ପୁରସ୍କାର ଆରମ୍ଭ କରିଥିଲା। ୧୯୬୯ରେ ନରୱେ ଇକୋନୋମିଷ୍ଟ ରାଗ୍‌ନର ଫ୍ରିସ୍‌ଚ ଏବଂ ଡଚ୍ ଅର୍ଥନୀତିଜ୍ଞ ଜାନ୍ ଟିନ୍‌ବର୍ଗେନ୍‌ଙ୍କୁ ପ୍ରଥମେ ଅର୍ଥନୀତିରେ ନୋବେଲ ପ୍ରଦାନ କରାଯାଇଥିଲା।

୧୯୫୩ ଡିସେମ୍ବର ୧୩ରେ ଜନ୍ମିତ ବେନ୍ ବର୍ନାଙ୍କେ ଆମେରିକା ଫେଡେରାଲ ରିଜର୍ଭର ୧୪ତମ ଅଧ୍ୟକ୍ଷ ଥିଲେ। ୨୦୦୬ରୁ ୨୦୧୪ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ। ବିଂଶ ଶତାବ୍ଦୀର ଶେଷ ଆଡ଼କୁ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଫେଡେରାଲ ରିଜର୍ଭର ସମସ୍ୟାକୁ ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ଏଥିପାଇଁ ତାଙ୍କୁ ୨୦୦୯ରେ ଟାଇମ୍ ପର୍ସନ୍ ଅଫ୍ ଦି ଇୟର ନାମିତ କରାଯାଇଥିଲା। ଏବେ ସେ ୱାଶିଂଟନ୍‌ସ୍ଥିତ ବ୍ରୁକିଙ୍ଗ୍‌ସ ଇନ୍‌ଷ୍ଟିଚ୍ୟୁଶନରେ ୧୯୩୦ ଶତାବ୍ଦୀର 'ଗ୍ରେଟ୍ ଡିପ୍ରେସନ' ଉପରେ ଅଧ୍ୟୟନ ଜାରି ରଖିଛନ୍ତି। ସେତେବେଳେ ବ୍ୟାଙ୍କଗୁଡ଼ିକର ପତନ ଯୋଗୁ ଅର୍ଥନୀତି ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ପ୍ରଚାର ହେବା ପରେ ଲୋକେ ଆତଙ୍କିତ ହୋଇ ସେମାନଙ୍କ ଅର୍ଥ ବ୍ୟାଙ୍କଗୁଡ଼ିକରୁ କାଢ଼ିନେଇଥିଲେ।

ଶିକାଗୋ ୟୁନିଭର୍ସିଟିରେ ଥିବା ଡୋଗ୍‌ଲାସ୍ ଡବ୍ଲ୍ୟୁ. ଡାଇମଣ୍ଡ ଏବଂ ସେଣ୍ଟ ଲୁଇସ୍‌ସ୍ଥିତ ୱାଶିଂଟନ୍ ୟୁନିଭର୍ସିଟିର ଫିଲିପ୍ ଏଚ୍. ଡାଇବ୍‌ବିଗ୍ ମଧ୍ୟ ଆର୍ଥିକ ସଙ୍କଟ ଓ ବ୍ୟାଙ୍କ ଉପରେ ଅଧ୍ୟୟନ କରିଥିଲେ। ବ୍ୟାଙ୍କଗୁଡ଼ିକରେ ଜନସାଧାରଣଙ୍କ ଅର୍ଥ ଉପରେ ସରକାରଙ୍କ ଗ୍ୟାରେଣ୍ଟି ମିଳିଲେ ଏଭଳି ଆର୍ଥିକ ସଙ୍କଟକୁ ଏଡ଼ାଇ ଦିଆଯାଇପାରିବ ବୋଲି ଏହି ଦୁଇ ଅର୍ଥନୀତିଜ୍ଞ ଦର୍ଶାଇଥିଲେ। ୧୯୮୩ରେ ଏହି ୩ ଅର୍ଥନୀତିଜ୍ଞ 'ବ୍ୟାଙ୍କ୍ ରନ୍‌ସ, ଡିପୋଜିଟ୍ ଇନ୍‌ସ୍ୟୁରାନ୍ସ ଆଣ୍ଡ ଲିକ୍ୟୁଡିଟି' ଲେଖା ପ୍ରକାଶ କରିଥିଲେ। ଅର୍ଥନୀତିରେ ନୋବେଲ ମିଳିବା ଘୋଷଣା ତାଙ୍କୁ ଆଶ୍ଚର୍ଯ୍ୟ କରିଥିବା ଡାଇମଣ୍ଡ କହିଛନ୍ତି।


ବେନ୍ ଏସ୍. ବର୍ନାଙ୍କେ


ଡୋଗ୍‌ଲାସ୍ ଡବ୍ଲ୍ୟୁ. ଡାଇମଣ୍ଡ


ଫିଲିପ୍ ଏଚ୍. ଡାଇବ୍‌ବିଗ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୬୭,୮୧,୪୮୯ | ୬୫,୬୧,୪୬୧ | ୬୦,୬୫,୨୪,୬୨୪ |
| ଭାରତ | ୪,୪୬,୧୪,୪୩୭ | ୫,୨୮,୮୧୪ | ୪,୪୦,୫୭,୫୪୪ |
| ଓଡ଼ିଶା | ୧୩,୩୪,୯୫୫ | ୯୧୯୯(+୫୩) | ୧୩,୨୫,୨୦୫ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସରକାରୀ ସ୍ପଷ୍ଟୀକରଣ

'ଧରିତ୍ରୀ'ର ତା.୪.୧୦.୨୦୨୨ ସଂସ୍କରଣରେ ପ୍ରକାଶିତ 'ପୁରୁଣାଙ୍କୁ ପୁଣି ସୁଯୋଗ' ଖବର ଉପରେ ଅର୍ଥ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୪୯୩୭/୬।୧୦।୨୦୨୨ରେ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଅର୍ଥ ବିଭାଗର ପତ୍ର ସଂଖ୍ୟା.୨୪୫୩୩/ଏଫ୍,ତା.୨୯।୯।୨୦୨୨ରେ ଅବସର ପରେ ନିଯୁକ୍ତି ପାଇଥିବା ସରକାରୀ କର୍ମଚାରୀଙ୍କ ପାରିଶ୍ରମିକ ପୁନଃ ନିର୍ଦ୍ଧାରଣ କରାଯାଇଛି। ପୂର୍ବରୁ ଏହା ଅର୍ଥ ବିଭାଗର ପତ୍ର ସଂଖ୍ୟା ୭୦୨୨/ଏଫ୍.ତା ୧୭।୩।୨୦୧୮ରେ ନିର୍ଦ୍ଧାରଣ କରାଯାଇଥିଲା, ଯାହାକି ୨୦୧୮ରୁ ବଳବତ୍ତର ଥିଲା। ଯେହେତୁ ସରକାରଙ୍କ ବୈଧାନିକ ଆୟୋଗ/ସଂସ୍ଥା ମାଧ୍ୟମରେ ନିୟମିତ ନିଯୁକ୍ତି ପାଇଁ ସମୟ ଲାଗିଥାଏ, ଏକ ଅନ୍ତରୀଣ ପଦକ୍ଷେପ ସ୍ୱରୂପ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶନାମା ଆଧାରରେ ପୁନଃ ନିଯୁକ୍ତି କରାଯାଉଛି, ଯାହାଫଳରେ ବିଭିନ୍ନ ସରକାରୀ କାର୍ଯ୍ୟ ଓ ପ୍ରକଳ୍ପଗୁଡ଼ିକ ସୁଚାରୁରୂପେ ସମ୍ପାଦିତ ହୋଇପାରିବ। ନିୟମିତ ନିଯୁକ୍ତି ଦ୍ୱାରା ପ୍ରବେଶସ୍ତରରେ ପଦବୀ ପୂରଣ ନ ହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି ଏକ ଅସ୍ଥାୟୀ ବ୍ୟବସ୍ଥା ମାତ୍ର। ଏଭଳି ନିଯୁକ୍ତି କୌଣସି ପ୍ରକାରରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟାକୁ ଅବରୋଧ କରେ ନାହିଁ ଏବଂ ସେହି ପୁନଃନିଯୁକ୍ତ ପଦବୀଗୁଡ଼ିକ ଆଶାୟୀ ଯୁବକମାନଙ୍କୁ ଚାକିରି ପାଇବାରୁ ବଞ୍ଚିତ କରେ ନାହିଁ। ଯେ କୌଣସି ଖାଲି ପଦବୀରେ ସିଧାସଳଖ ନିଯୁକ୍ତି ମିଳିବା କ୍ଷଣି, ପୁନଃ ନିଯୁକ୍ତି ପାଇଥିବା ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରତ୍ୟାହାର କରାଯିବାର ବ୍ୟବସ୍ଥା ରହିଛି।

ତେଣୁ ଅର୍ଥବିଭାଗର ନିର୍ଦ୍ଦେଶନାମା କୌଣସି ଆଶାୟୀ ଯୋଗ୍ୟ ଯୁବତୀଯୁବକଙ୍କୁ ଚାକିରି ପାଇବାରୁ ବଞ୍ଚିତ କରେ ନାହିଁ। ଅତୀତରେ ସମସ୍ତ ପୁନଃ ନିଯୁକ୍ତି ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକ ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଯାଉଥିଲା ଏବଂ ବିଳମ୍ବ ହେତୁ ବିଭିନ୍ନ ବିଭାଗର ପ୍ରଶାସନିକ କାର୍ଯ୍ୟରେ ବାଧା ଉପୁଜୁଥିଲା। ସରକାରୀ କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ଏବଂ ସମୟ ବଞ୍ଚାଇବା ପାଇଁ ଅର୍ଥବିଭାଗକୁ ଫାଇଲ ନ ପଠାଇ ୫୦% ଏଣ୍ଟ୍ରି ସ୍ତରୀୟ ଖାଲି ପଦବୀରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିୟୋଜିତ କରିବା ପାଇଁ ବିଭିନ୍ନ ବିଭାଗକୁ କ୍ଷମତା ଦିଆଯାଇଛି। କିନ୍ତୁ ଏହାର ଅର୍ଥ ପଦବୀ ବନ୍ଦ କରିବା ଏବଂ ବେକାର ଯୁବକଯୁବତୀଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୃଷ୍ଟି ନ କରିବା ନୁହେଁ। ବରଂ ନିଯୁକ୍ତି ପ୍ରକ୍ରିୟାରେ କୌଣସି ବିଭ୍ରାଟ ସୃଷ୍ଟି ନ କରି ସରକାରୀ ବିଭାଗଗୁଡ଼ିକ ସୁରୁଖୁରୁରେ ଚଳାଇବା ପାଇଁ ଅର୍ଥ ବିଭାଗର ନିର୍ଦ୍ଦେଶନାମା ସୁବିଧା ଦେଉଛି।

# ୨ ମାସରେ ପ୍ରସ୍ତାବିତ ଖଣିର ସ୍ଥିତି ଜଣାଅ

**ରାଜ୍ୟକୁ କେନ୍ଦ୍ରର ପରାମର୍ଶ**

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଖଣିଗୁଡ଼ିକ ନିଲାମ ପରେ ଉତ୍ତୋଳନ କରିବା ନେଇ ଅନେକ ସମୟ ଗଡ଼ିଯାଉଛି। ତେଣୁ ପ୍ରସ୍ତାବିତ ଖଣିଗୁଡ଼ିକର ବାସ୍ତବିକ ସ୍ଥିତି କ'ଣ ସେ ସମ୍ପର୍କରେ ଏକ ସାର୍ଟିଫିକେଟ ଦେବାକୁ ଖଣି ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ରହିଛି। ହେଲେ ଏହି ସାର୍ଟିଫିକେଟ ମିଳିବାରେ ଡେରି ହେଉଛି ଏବଂ ଖଣିଜ ଉତ୍ତୋଳନରେ ମଧ୍ୟ ବିଳମ୍ବ ଘଟୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଖଣିର ସ୍ଥିତି ସମ୍ପର୍କରେ ସାର୍ଟିଫିକେଟ ଦେବାକୁ ୨ ମାସ ଅବଧି ଧାର୍ଯ୍ୟ କରିଛନ୍ତି। ଯଦି ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଷ୍ଟାଟସ୍ ସାର୍ଟିଫିକେଟ ଦେବାରେ ବିଫଳ ହୁଅନ୍ତି, ତେବେ ପ୍ରକଳ୍ପ ପ୍ରସ୍ତାବ ନ୍ୟାଶନାଲ ମିନେରାଲ ଏକ୍ସପ୍ଲୋରେଶନ ଟ୍ରଷ୍ଟ (ଏନ୍ଏମ୍ଇଟି) ସେକ୍ରେଟାରିଏଟ୍‌ରେ ଥିବା ଟେକ୍ନିକାଲ ଆଣ୍ଡ୍ କଷ୍ଟ କମିଟି(ଟିସିସି)ରେ ବୈଷୟିକ ଓ ଆର୍ଥିକ ମୂଲ୍ୟାଙ୍କନ ପାଇଁ ଉପସ୍ଥାପନ କରାଯିବ। ତେବେ ପ୍ରସ୍ତାବିତ ପ୍ରକଳ୍ପର ଅନୁମୋଦନ ପୂର୍ବରୁ ରାଜ୍ୟ ସରକାରଙ୍କ ଖଣି ବିଭାଗକୁ ଟିସିସି ବୈଠକରେ ଯୋଗଦେବାକୁ ଆମନ୍ତ୍ରଣ କରାଯିବ। ସେଠାରେ ବୈଷୟିକ ମୂଲ୍ୟାୟନ ସମୟରେ ରାଜ୍ୟ ସରକାରଙ୍କ ଖଣି ବିଭାଗ କିମ୍ବା ସଂସ୍ଥା ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ସ୍ଥିତି ସମ୍ପର୍କରେ ଜଣାଇପାରିବେ। ବୈଷୟିକ-ଆର୍ଥିକ ସୁବିଧାକୁ ଦେଖି ଖଣିଜ ଉତ୍ତୋଳନ ପାଇଁ ପ୍ରସ୍ତାବକୁ ଅନୁମୋଦନ ଦିଆଯିବ। ଉତ୍ତୋଳନ ପୂର୍ବରୁ ମିନେରାଲ ଏକ୍ସପ୍ଲୋରେଶନ କର୍ପୋରେଶନ ଲିମିଟେଡ୍ କିମ୍ବା ରାଜ୍ୟ ସରକାରଙ୍କ ଖଣି ବିଭାଗ/ନିର୍ଦ୍ଦେଶାଳୟ ଅନୁମୋଦନ ଦିଆଯାଇଥିବା ଖଣି ଅଞ୍ଚଳକୁ କୌଣସି ଲିଜ୍ ଦିଆଯାଇନାହିଁ ଏବଂ କେନ୍ଦ୍ର, ରାଜ୍ୟ କିମ୍ବା କୌଣସି ଘରୋଇ ସଂସ୍ଥା ଦ୍ୱାରା ଉତ୍ତୋଳନ କରାଯାଉଥିବା ନିଶ୍ଚିତ କରିବେ। ଦେଶର ଆର୍ଥିକ ବିକାଶ ତଥା ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଖଣି ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଦେଶରେ ଖଣିଜ ଉତ୍ତୋଳନକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ନ୍ୟାଶନାଲ ମିନେରାଲ ଏକ୍ସପ୍ଲୋରେଶନ ଟ୍ରଷ୍ଟ (ଏନ୍ଏମ୍ଇଟି) ଗଠନ କରିଛନ୍ତି। ଦେଶରେ ବିଭିନ୍ନ ଖଣିଜ ଉତ୍ତୋଳନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ନୋଟିଫାଏଡ୍ ଏକ୍ସପ୍ଲୋରେଶନ ଏଜେନ୍ସିଗୁଡିକୁ ଏନ୍ଏମ୍ଇଟି ପାଣ୍ଠି ଯୋଗାଇ ଦେଇଥାଏ।

# ଆଇଏଏସ୍ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ରାଜ୍ୟ ସରକାର ସୋମବାର ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୨୦୧୨ ବ୍ୟାଚ୍ ଆଇଏଏସ୍ ତଥା ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କୁ ବଦଳି କରି ତାଙ୍କ ସ୍ଥାନରେ ୨୦୦୯ ବ୍ୟାଚ୍ ଆଇଏଏସ୍ ରବୀନ୍ଦ୍ର ନାଥ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସାହୁ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଟୁଡୁଙ୍କୁ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଆଇଏଏସ୍ ବୃନ୍ଦା ଡି. ଏବେ ଅତିରିକ୍ତ ଭାବେ ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ଏହି ଦାୟିତ୍ୱ ପୋମା ନେବା ପରେ ବୃନ୍ଦା କେବଳ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓ ଖାଦ୍ୟ ନିରାପତ୍ତା କମିଶନର ଭାବେ କାର୍ଯ୍ୟ କରିବେ।

- **ରବୀନ୍ଦ୍ର ସାହୁ ନୟାଗଡ଼ ଜିଲାପାଳ**
- **ପୋମା ଟୁଡୁ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ**

ସେହିପରି ୨୦୧୯ ଓ ୨୦୨୦ ବ୍ୟାଚ୍ ଆଇଏଏସ୍ ଅଫିସରଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିଛି। ୨୦୧୯ ବ୍ୟାଚ୍ ଆଇଏଏସ୍ ଅଫିସରମାନେ ଏବେ ପ୍ରଶିକ୍ଷଣରେ ଥିବାବେଳେ ସରକାର ସେମାନଙ୍କୁ ନୂଆ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ୨୦୧୯ ବ୍ୟାଚ୍ ଆଇଏଏସ୍ ତଥା କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କୁ ବରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଭାବେ ବଦଳି କରାଯାଇଛି। ସେ କୁଚିଣ୍ଡା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ ହେବା ପରେ ୨୦୨୦ ବ୍ୟାଚ ଆଇଏଏସ୍ ଅଫିସର କୁଲ୍‌କର୍ନି ଆଶୁତୋଷ ସି.ଙ୍କୁ ବ୍ରହ୍ମପୁର ଉପଜିଲାପାଳ, ମଧୁମିତାଙ୍କୁ ବାଲିଗୁଡା ଉପଜିଲାପାଳ ତଥା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବେଦଭୂଷଣଙ୍କୁ ଧର୍ମଗଡ଼ ଉପଜିଲାପାଳ, ଚଭନ କୁନାଲ ମୋତିରାମଙ୍କୁ ବାଲେଶ୍ୱର ଉପଜିଲାପାଳ ଭାବେ ବଦଳି କରାଯାଇଛି। ସେହିପରି ୨୦୨୦ ବ୍ୟାଚ୍ ଆଇଏଏସ୍ ବିଭୂତି ଭୂଷଣ ନାୟକଙ୍କୁ କୁଚିଣ୍ଡା ଉପଜିଲାପାଳ ସହ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# 'ୱାର୍ଲଡ ସ୍କିଲ୍ ସେଣ୍ଟର ବିଶ୍ୱସ୍ତରୀୟ ବ୍ରାଣ୍ଡ୍ ହେବ'

**୫-ଟି ସଚିବଙ୍କ ଡବ୍ଲ୍ୟୁଏସ୍‌ସି ପରିଦର୍ଶନ**

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)



ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ ସୋମବାର ୱାର୍ଲଡ ସ୍କିଲ୍ ସେଣ୍ଟର(ଡବ୍ଲ୍ୟୁଏସ୍‌ସି) ପରିଦର୍ଶନରେ ଆସି ଏହାର ପରିଚାଳନା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଶାର ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ କୌଶଳ ତାଲିମ ପ୍ରଦାନ କରି ରାଜ୍ୟକୁ ଆଗେଇ ନେବାକୁ ହେବ। ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ୱାର୍ଲଡ ସ୍କିଲ ସେଣ୍ଟରରେ ଏକ ବର୍ଷିଆ ଅତ୍ୟାଧୁନିକ କୌଶଳ ତାଲିମ ଦିଆଯାଉଛି। ଆଗାମୀ ଦିନରେ ଏହା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ୍ ଭାବେ ଉଭା ହେବ। ଏଠାରୁ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀମାନେ ବିଶ୍ୱସ୍ତରର ପ୍ରମୁଖ ସଂସ୍ଥାଗୁଡ଼ିକରେ ନିଯୁକ୍ତି ପାଇବେ। ଆଗକୁ ରାଜ୍ୟର ସରକାରୀ ଆଇଟିଆଇଗୁଡ଼ିକରେ ମଧ୍ୟ ଏହିଭଳି ଉନ୍ନତମାନର ଭିତ୍ତିଭୂମି ତିଆରି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ତେବେ ତାଙ୍କ ଗସ୍ତ ସମୟରେ ପ୍ରଶିକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ଦେଖି ସେ ଖୁସିବ୍ୟକ୍ତ କରିଥିଲେ। ୱାର୍ଲଡ ସ୍କିଲ ସେଣ୍ଟରର ପାଠ୍ୟକ୍ରମ ଆଇଟିଇଏସ୍ ସିଙ୍ଗାପୁର ଶୈଳୀରେ ପରିଚାଳିତ ହେଉଥିବାରୁ ଏଠାରେ କାର୍ଯ୍ୟକରୁଥିବା ଏହାର ଅଧିକାରୀମାନଙ୍କ ସହ କଥାହେବା ସହ ସେମାନଙ୍କ ଅଭିଜ୍ଞତା ବିଷୟରେ ପଚାରି ବୁଝିଥିଲେ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ୱାର୍ଲଡ ସ୍କିଲ ସେଣ୍ଟରରୁ ଉତ୍ତୀର୍ଣ୍ଣ ହେଉଥିବା ପ୍ରଶିକ୍ଷାର୍ଥୀଙ୍କ ନିଯୁକ୍ତି ନିମନ୍ତେ ବିଭିନ୍ନ ଏଜେନ୍ସି ଓ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକର ସହଭାଗିତା ଉପରେ ଗୁରୁତ୍ୱ ଦିଆଯାଉଛି। ୫-ଟି ସଚିବ ପାଣ୍ଡିଆନ ବିୟୁଟି ୱେଲ୍‌ନେସ୍ ସ୍ପା, ଫେସିଆଲ ଓ ବଡି ଥେରାପି ଷ୍ଟୁଡିଓ, ହେୟାର ଫେଶନ ଡିଜାଇନ, କଟିଙ୍ଗ ଓ ଷ୍ଟାଇଲିଙ୍ଗ ଷ୍ଟୁଡିଓ, ମେକାଟ୍ରନିକ୍ସ, ନିଉମାଟିକ, ଅଟୋମେଶନ ଓ ବେସିକ ରୋବୋଟିକ୍ସ, ମେକାନିକାଲ ଓ ଇଲେକ୍ଟ୍ରିକାଲ ସର୍ଭିସେସ, ଫାୟାର ଡିଟେକ୍ସନ ଓ ପ୍ରୋଟେକ୍ସନ, ପାଇପିଂ ଓ ପ୍ଲମ୍ବିଂ, ଏୟାରକଣ୍ଡିଶନିଙ୍ଗ ଓ ରେଫ୍ରିଜରେଶନ ଲାବ୍ ପରିଦର୍ଶନ କରି ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ୨୦୨୩ ସୁଦ୍ଧା ୱାର୍ଲଡ ସ୍କିଲ ସେଣ୍ଟରରେ ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ ଏବଂ ୨୦୨୪ ମଧ୍ୟରେ ପ୍ରେସିସନ ଇଞ୍ଜିନିୟରିଂ ବ୍ୟବସ୍ଥା କରାଯିବ। ଏତଦ୍‌ବ୍ୟତୀତ ଏଠାରେ ଡିଜିଟାଲ ସ୍କିଲିଂ ହବ୍ ପ୍ରତିଷ୍ଠା ହେବ ଏବଂ ଏହା ସ୍କିଲ ପ୍ରତିଯୋଗିତାର ହବ୍ ରୂପେ କାର୍ଯ୍ୟ କରିବ। ୱାର୍ଲଡ ସ୍କିଲ ସେଣ୍ଟରର ସିଇଓ ରେଘୁ ଜିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘୂର୍ଣ୍ଣିବଳୟ: ଆଉ ୨ ଦିନ ବର୍ଷା

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଗତ ୧୫ ଦିନ ହେବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତୁହାକୁତୁହା ବର୍ଷା ଲାଗି ରହିଛି। ଆସନ୍ତା ୨ ଦିନ ଯାଏ ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଘଡଘଡି ସହ ତୁହାକୁ ତୁହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ପକ୍ଷରୁ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ମଙ୍ଗଳବାର ଠାରୁ ରାଜ୍ୟରେ ବର୍ଷାର ପରିମାଣ ସାମାନ୍ୟ କମିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

KT GLOBAL SCHOOL
"Experiential & Innovative Learning"
ADMISSIONS OPEN 2023-24
NURSERY - STD VIII
(CBSE PATTERN)
Barunei Temple Road, Khordha, Odisha - 752057
ktglobalschool.org
9090 1111 77

Azadi Ka Amrit Mahotsav | Government of India

ଆମ ଐତିହ୍ୟ, ଆମ ଗୌରବ

ଆମ ଐତିହ୍ୟ ଏକଦା ଭାରତ ପାଇଁ ସୁବର୍ଣ୍ଣ ଯୁଗ ଥିଲା। ଏହି ସମୃଦ୍ଧ ଐତିହ୍ୟ କୋଟି କୋଟି ଦେଶବାସୀଙ୍କ ଗୌରବ।

"ନୂତନ ଭାରତ ନିଜ ସଂସ୍କୃତିକୁ ନେଇ ଗର୍ବ କରିବା ସହ ନିଜ ସାମର୍ଥ୍ୟ ଉପରେ ଭରସା କରିଥାଏ। ନୂତନ ଭାରତରେ ଐତିହ୍ୟ ସହିତ ବିକାଶ ମଧ୍ୟ ରହିଛି।"
- ନରେନ୍ଦ୍ର ମୋଦୀ



**କୋଟି କୋଟି ଦେଶବାସୀଙ୍କ ଆସ୍ଥାକୁ ମିଳୁଛି ବଳ**

- କେଦାରନାଥ ମନ୍ଦିର ପରିସର ସହ ଜଡ଼ିତ ସ୍ଥଳୀର ପୁନଃନିର୍ମାଣ
- ଅଯୋଧ୍ୟାରେ ନିର୍ମିତ ହେଉଛି ଭଗବାନ ଶ୍ରୀରାମଙ୍କ ଏକ ଭବ୍ୟ ଏବଂ ଦିବ୍ୟ ମନ୍ଦିର
- ସୋମନାଥ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ, ଶକ୍ତିପୀଠ ଅମ୍ବାଜୀ ତୀର୍ଥଧାମରେ ତୀର୍ଥ ଯାତ୍ରୀମାନଙ୍କ ପାଇଁ ସୁବିଧାର ବିକାଶ, କାଳିକା ମାତା ମନ୍ଦିର, ପାଓ୍ୱାଗଡ଼ର ପୁନଃନିର୍ମାଣ
- ଦେଓଘରଠାରେ ବାବା ବୈଦ୍ୟନାଥଙ୍କ ଧାମର ବିକାଶ, ପୁଣେର ଦେହୁସ୍ଥିତ ଜଗଦ୍‌ଗୁରୁ ସନ୍ଥ ତୁକାରାମ ମହାରାଜଙ୍କ ଶିଳା ମନ୍ଦିରର ଲୋକାର୍ପଣ

**ଯୋଗ ଏବଂ ଆୟୁଷ - ବିଶ୍ୱ ପାଇଁ ଭାରତର ଅମୂଲ୍ୟ ଦାନ**

- ଯୋଗକୁ ବିଶ୍ୱ ସ୍ତରରେ ପରିଚିତ କରାଇଛି ଅନ୍ତର୍ଜାତୀୟ ଯୋଗ ଦିବସ; ସୁସ୍ଥ ଜୀବନଶୈଳୀ ପାଇଁ ଯୋଗକୁ ଆପଣାଇଛି ସାରା ବିଶ୍ୱ
- ଆୟୁଷ ସହ ଜଡ଼ିତ ଆମର ପାରମ୍ପରିକ ଚିକିତ୍ସା ଜ୍ଞାନକୁ ସଂରକ୍ଷିତ ରଖିବା ଲାଗି ଅଭୂତପୂର୍ବ ପ୍ରୟାସ; ବିଶ୍ୱ ଆୟୁଷ ସମ୍ମିଳନୀ ବିଶ୍ୱସ୍ତରୀୟ ନିବେଶ ଓ ନବୋନ୍ମେଷକୁ ଦେବ ପ୍ରୋତ୍ସାହନ
- ଜାମନଗରଠାରେ ଡବ୍ଲ୍ୟୁଏଚଓର ବିଶ୍ୱ ପାରମ୍ପରିକ ଚିକିତ୍ସା କେନ୍ଦ୍ର

**ସ୍ୱାଧୀନତା ଆନ୍ଦୋଳନର ନାୟକମାନଙ୍କ ସ୍ମୃତିଚାରଣ ଏବଂ ସମ୍ମାନ**

- ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରିବା ଲାଗି ନିଷ୍ପତ୍ତି; ସାରା ଦେଶରେ ୧୦ଟି ଜନଜାତୀୟ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ପ୍ରତିଷ୍ଠା
- ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ଜୀବନ ସହ ଜଡ଼ିତ ପାଞ୍ଚଟି ସ୍ଥାନକୁ ପଞ୍ଚତୀର୍ଥ ଭାବେ ପ୍ରତିଷ୍ଠା
- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀକୁ 'ପରାକ୍ରମ ଦିବସ' ଭାବେ ପାଳନ କରିବା ଲାଗି ନିଷ୍ପତ୍ତି; କୋଲକାତାର ଭିକ୍ଟୋରିଆ ମେମୋରିଆଲରେ ବିପ୍ଲବୀ ଭାରତ ଗ୍ୟାଲେରୀ ଏବଂ ଲାଲକିଲାରେ ସଂଗ୍ରହାଳୟ ପ୍ରତିଷ୍ଠା

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ରାଷ୍ଟ୍ରକୁ ସମର୍ପିତ ହେବ ଶ୍ରୀ ମହାକାଳଲୋକ

ଉଜ୍ଜୈନ, ମଧ୍ୟପ୍ରଦେଶ, ୧୧ ଅକ୍ଟୋବର ୨୦୨୨, ସନ୍ଧ୍ୟା ୬.୦୦ ଠାରୁ

cbc 22201/13/0129/2223

**ଆଜିର ମନ୍ତବ୍ୟ**

"ଭାଜପାକୁ ପରାଜିତ କରିବା ପାଇଁ ସବୁ ବିରୋଧୀ ଦଳ ଅହଙ୍କାର ଛାଡ଼ି ଏକାଠି ହୁଅନ୍ତୁ।
– ତେଜସ୍ୱୀ ଯାଦବ, ବିହାର ଉପମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ପ୍ରଲିପ୍ତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାପୁଆ ବଳଦ ରକ୍ଷା ପାଏ, ଠାପୁଆ ମଣିଷ ନାଶ ଯାଏ।**

ବଳଦ ଠାପୁଆ ହେଲେ ମାଲିକର କୋପ ଦୃଷ୍ଟିରୁ ବର୍ତ୍ତିବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗ ତାକୁ ଗ୍ରାସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଠେକିରୁ ତେଲ ସାରିବି ନାହିଁ, ପୁଅକୁ ନୁଖୁରା ରଖିବି ନାହିଁ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ପରନ୍ତୁ ଠେକିରୁ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ କଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇ ଯିବାର ଚିନ୍ତା ତ ଅନ୍ୟପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିଠୁ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ମଙ୍ଗଳବାରଠାରୁ ଆରମ୍ଭ ହେବ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ନାମଲେଖା ସକାଳ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ଅନୁଷ୍ଠିତ ହେବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟର ସ୍ପଟ୍ ନାମଲେଖା ପାଇଁ ୧୮ ତାରିଖ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ, ଯାହାକି ବଳକା ସିଟ୍‌ର ୫ଗୁଣା ରହିବ। ମନୋନୀତ ଛାତ୍ରୀଛାତ୍ର ୧୮ ତାରିଖ ଅପରାହ୍ନ ସାଢ଼େ ୨ଟାରୁ ୧୯ତାରିଖ ଅପରାହ୍ନ ୪ଟା ଭିତରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ପଞ୍ଜୀକରଣ କରିବେ। ୨୦ ତାରିଖ ପୂର୍ବାହ୍ନ ୧୧ଟା ୫୦ରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୨୦ତାରିଖ ଅପରାହ୍ନ ୨ଟାରୁ ୨୧ତାରିଖ ଅପରାହ୍ନ ୪ଟା ଭିତରେ ନାମ ଲେଖାଇବେ। ସୂଚନାଯୋଗ୍ୟ, ରାଜ୍ୟରେ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ସିଟ୍ ବଳକା ପଡ଼ିଥିବାବେଳେ ବହୁ ଛାତ୍ରୀଛାତ୍ର ବିଭିନ୍ନ କାରଣରୁ ଆବେଦନ କରିପାରି ନ ଥିଲେ। ତେଣୁ ସେମାନଙ୍କୁ ସୁଯୋଗ ଦେବା ପାଇଁ ଗଣଶିକ୍ଷା ବିଭାଗ ପ୍ରଥମଥର ପାଇଁ ଚଳିତବର୍ଷ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ନିଷ୍ପତ୍ତି ନେଇଥି। ଏଥିପାଇଁ ଗତ ସେପ୍ଟେମ୍ବର ୧୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିଥିଲା।

# ଡାକ୍ତରଙ୍କ ବ୍ୟାଙ୍କ ଖାତାରୁ ୩.୨୫ଲକ୍ଷ ଲୁଟ୍

**ବ୍ରହ୍ମପୁର ଅଫିସ,୧୦।୧୦**

ଜଣେ ଡାକ୍ତର ସାଇବର ଠକେଇର ଶିକାର ହୋଇଛନ୍ତି। ସେ ହେଲେ ଗଜପତି ଜିଲା ଆର୍.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସର୍ଜରି ବିଭାଗର ଡା.ଲକ୍ଷ୍ମୀକାନ୍ତ ଚାନ୍ଦ। ଗତ ଶନିବାର ତାଙ୍କ ଏସ୍‌ବିଆଇ ଆକାଉଣ୍ଟ ଜମାଖାତାରୁ ଅନ୍‌ଲାଇନ୍‌ରେ ପ୍ରାୟ ୩.୨୫ଲକ୍ଷ ଟଙ୍କା କେହି ଦୁର୍ବୃତ୍ତ ଲୁଟି ନେବା ସମ୍ପର୍କରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଶାଖାରେ ସେ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଡା.ଚାନ୍ଦଙ୍କ ମୋବାଇଲକୁ ବାରମ୍ବାର ୟୋନୋ ହୋମ୍‌ପେଜ୍‌ର ଏକ ମେସେଜ୍ ଆସିଥିଲା। ସେ ଏହାକୁ କ୍ଲିକ୍ କରି ଦେଖିବାରୁ ଅପ୍‌ଡେଟ୍ ପାଇଁ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ପଠାଇବାକୁ ନିର୍ଦ୍ଦେଶ ଥିଲା। ଏହାକୁ ସେ ସତ ଭାବି ନିଜର ଆଇଡି ଏବଂ ପାସ୍‌ୱାର୍ଡ ଦେବା ପରେ ଆସିଥିବା ଓଟିପିକୁ ମଧ୍ୟ ପଠାଇ ଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ପ୍ରଥମେ ୨,୯୯,୯୯୯ଟଙ୍କା ଏବଂ ଦ୍ୱିତୀୟ ଥର ୨୪,୯୮୭ଟଙ୍କା ଏଭଳି ମୋଟ ୩ଲକ୍ଷ ୨୪ହଜାର ୯୮୬ଟଙ୍କା ଟଙ୍କା କଟିଯାଇଥିଲା। ତାଙ୍କ ଏସ୍‌ବିଆଇ ଜମା ଖାତାରେ କେବଳ ବଳକା ୪ହଜାର ଟଙ୍କା ରହିଥିଲା। ଏଥିରୁ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

# ବଲାଙ୍ଗୀର ଏସ୍‌ଡିପିଓ ହୃଷୀକେଶ ମେହେର ନିଲମ୍ବିତ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷୀକେଶ ମେହେରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏ ନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନିଲମ୍ବନ ସମୟରେ ମେହେରଙ୍କ ମୁଖ୍ୟାଳୟ ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ରହିବ। ଏଠାରେ ସୂଚନାଯୋଗ୍ୟ, କଣ୍ଟାବାଞ୍ଜିର ଏକ ଲଜ୍‌ରୁ ୫୮ ଲକ୍ଷ ଟଙ୍କାର କ୍ୟାଶ୍ ଜବତ ହୋଇଥିଲା। ଏହି ଘଟଣାରେ ଆନ୍ଧ୍ର ପ୍ରଦେଶର ୭ ଜଣଙ୍କୁ ଅଟକ ରଖାଯାଇଥିଲା। ପରେ ସେହି କ୍ୟାଶ୍‌ରୁ କଣ୍ଟାବାଞ୍ଜି ଥାନାରୁ ୨୦ ଲକ୍ଷ ଜବତ ହୋଇଥିଲା। ଏହି ଘଟଣାରେ ଏସ୍‌ଡିପିଓ ମେହେର ସନ୍ଦେହଘେରକୁ ଆସିଥିଲେ। ଏହାପରେ ତାଙ୍କୁ ବଦଳି କରାଯାଇଥିଲା।


# classifieds

**Everyday**
0674-2580101, 2549302



**SALE**

**Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452.** D-73979

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

ବିକ୍ରି....ବିକ୍ରି....ବିକ୍ରି...୩.୫ ଏକା ସ୍ଥିତିବାନ୍ ଜମି ପିଠାଖାଇ ଜଙ୍ଗଲ ନିକଟସ୍ଥ ଭାପୁର ଖଣ୍ଡପଡ଼ା ରୋଡ଼ର ପାର୍ଶ୍ୱରେ ଭାପୁର ମଉଜାରେ ଅବସ୍ଥିତ। ୯୯୬୯୨୨୦୧୨୧ ଫୋନ୍ ନମ୍ବର। ଧ-୧୭୨୫

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133

Khurdha Collector Office ରୁ 2 k.m. distanceରେ ଘରବାରି boundary plot ମିଳୁଅଛି। Contact: 7750068828, 9439101373. D-1749

**Sum Hospital** ପାଖରେ **(60x40) BDA plot**ରେ ୩ ମହଲା ଘର ଓ ଏକ **3BHK Apartment** ବିକ୍ରିହେବ। **7978124465, 7991006699.** D-1702

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132



Newly open full body massage ladies and gents. 8327740003, 8093860513. D-73985

Fullbody relax massage refresh your body with trend therapist. 7008773793. D-73650

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Newly opened full body massage center by expert therapist. 7381172169. D-73651

Herbal full body massage by smart/ expert therapist. Contact: 9040171280. D-73984

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By the virtue of an affidavit No.-670353 dt 10.10.2022 before the Court of Notary Public, Bhubaneswar I, Mohammed Aala, Flat No.-302, B- Block Narayani Towers, At-Begunia, Po.- Jadupur, P.S.- Khandagiri, Dist.- Khordha have changed my name from MOHMMED AALA to MOHAMMED AALA. Henceforth I shall be known as MOHAMMED AALA for all purposes. D-1750

By virtue of an affidavit before Executive Magistrate, Bhubaneswar on dt 13.9.2022. I have changed my Aadhaar card No. My name has been mentioned as Bhakta Tandi instead of my correct name Prahallad Tandi. Which needs to be corrected, my correct name is PRAHALLAD TANDI. Which has been mentioned in my H. S. C. Examination Certificate. Son of Rajbulu Tandi. Resident of Vill-Tamamura, PO. Tamamura, PS. Dunguripali, Dist-. Subarnapur, Odisha -767023. D-1751

I Leena Sahoo, D/o Dandapani Kar have changed my name to Leena Kar for all future purposes vide affidavit No. 57AA376202 dated 27/09/2022. D-1742

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଅଭାବରୁ ପଶିଛି...

**ପ୍ରଥମ ପୃଷ୍ଠାରୁ...**

ଖଣିରୁ ୬ମାସ ପଥର ଉତ୍ତୋଳନ କରିବା ପରେ ନିମ୍ନମାନର କଞ୍ଚାମାଲ ବାହାରୁଥିବା ଦର୍ଶାଇ ଉକ୍ତ ଠିକା ସଂସ୍ଥା ଛାଡ଼ି ଦେଇଥିବାରୁ ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟରେ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଥିବା କୁହାଯାଉଛି। ଏପରି କି ଅନ୍ୟ ଐତିହ୍ୟସ୍ଥଳରେ ହେବାକୁ ଥିବା ପ୍ରକଳ୍ପ କାର୍ଯ୍ୟକୁ ନେଇ ସଂଶୟ ପ୍ରକାଶ ପାଇଛି। ଏନେଇ ଶୁଖୁଆପଡ଼ା ଖଣ୍ଡୋଲାଇଟ ପଥର ଖଣି ଦାୟିତ୍ୱରେ ଥିବା ଓଏମ୍‌ସି ମ୍ୟାନେଜର ଗଙ୍ଗାଧର ନାୟକଙ୍କୁ ଯୋଗାଯୋଗ କରିବାରେ ବର୍ତ୍ତମାନ ରାସଲୀଳା ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ ଲିମିଟେଡ୍ ଖଣ୍ଡୋଲାଇଟ ପଥର ଖନନ ଚଳାଇଛି। କିନ୍ତୁ ଉନ୍ନତମାନର ଆବଶ୍ୟକ ପରିମାଣର ଖଣ୍ଡୋଲାଇଟ ପଥର ମିଳୁ ନ ଥିବା ଠିକା ସଂସ୍ଥା ପ୍ରକାଶ କରିଛନ୍ତି। ତେବେ ପୂର୍ବରୁ କୌଣସି ଠିକା ସଂସ୍ଥା କାମ ଛାଡ଼ି ନ ଥିବା ନାୟକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଢ଼ା(ଅଗମେଣ୍ଟେଶନ ବେସିକ ଆମେନିଟିଜ ଆଣ୍ଡ ଡେଭଲପମେଣ୍ଟ ଅଫ୍ ହେରିଟେଜ ଆଣ୍ଡ ଆର୍କିଟେକ୍ଚର) ଯୋଜନା କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ଆବଶ୍ୟକ ଖଣ୍ଡୋଲାଇଟ ପଥର ପାଇଁ ଓଏମ୍‌ସି ସହିତ ଚୁକ୍ତି ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ୧୯୪୧.୭୭୩ ଘନମିଟର ପଥର ଆବଶ୍ୟକତା ଥିବାବେଳେ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର ପାଇଁ ୩୩୦୮.୩୧୨ ଘନ ମିଟର, ଶ୍ୱେତ ଗଙ୍ଗା, ମାର୍କଣ୍ଡେୟ, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ ଭଳି ଐତିହ୍ୟ ପୋଖରୀ ସୌନ୍ଦର୍ଯ୍ୟକରଣ ପାଇଁ ୧୫୫୭.୬୭୯ ଘନମିଟର, ଲୋକନାଥ ମନ୍ଦିର ପାଇଁ ୫୦୦ ଘନମିଟର, ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରକଳ୍ପ ପାଇଁ ୮୫୦ ଘନମିଟର, ପ୍ରମୋଦ ଉଦ୍ୟାନ ପାଇଁ ୧୦୦୦ ଘନମିଟର, ମହୋଦଧି ମାର୍କେଟ କମ୍ପ୍ଲେକ୍ସ ପାଇଁ ୫୦୦ ଘନମିଟର, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋର ସମନ୍ୱିତ ଉନ୍ନୟନ କାର୍ଯ୍ୟ ପାଇଁ ୩୦.୯୯୧ ଘନମିଟର, ମୃଷା ନଦୀର ପୁନରୁଦ୍ଧାର କାମ ପାଇଁ ୧୪୬୩.୦୪ ଘନମିଟର, ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ଉନ୍ନୟନ କାର୍ଯ୍ୟ ପାଇଁ ୬୮୭.୧୮୩ ଘନମିଟର, ମୃଷା ନଦୀର ସମ୍ମୁଖ ପାର୍ଶ୍ୱ ଉନ୍ନୟନ କାମ ପାଇଁ ୩୭୬.୨୬ ଘନମିଟର, ଶ୍ରୀସେତୁ ନିର୍ମାଣ ପାଇଁ ୪୦୯.୨୩ ଘନମିଟର, ପୁରୀ ବଡ଼ଦାଣ୍ଡ ମ୍ୟୁନିସିପାଲ ମାର୍କେଟ କମ୍ପ୍ଲେକ୍ସ ପାଇଁ ୨୯୪.୮୯୨ ଘନମିଟର ଏବଂ ପୁରୀ ଜେଲରୋଡ ମଲ୍ଟି ଲେଭଲ କାର ପାର୍କିଂ ପାଇଁ ୨୨୨.୧୭୩ ଘନମିଟର ଖଣ୍ଡୋଲାଇଟ ପଥରର ଆବଶ୍ୟକତା ରହିଛି। ଏନେଇ ଓବିସିସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ୮୪ ମିଶାଇଲ ମାଡ଼...

ଶତ୍ରୁତା ବୃଦ୍ଧି କାହା ସ୍ୱାର୍ଥରେ ନାହିଁ। ବିବାଦ ବନ୍ଦ କରି ସମସ୍ତ ପକ୍ଷ କୂଟନୈତିକ ରାସ୍ତାକୁ ଫେରିବାକୁ ଭାରତ ଅନୁରୋଧ କରୁଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ଗତ ଜୁନ୍ ୧୬ରେ ୟୁକ୍ରେନ୍ ରାଜଧାନୀ କିଭ୍‌ରେ ରୁଷିଆ ଶେଷଥର ପାଇଁ ଆକ୍ରମଣ କରିଥିଲା। କିଭ୍‌ରୁ ରୁଷୀୟ ସୈନ୍ୟଙ୍କୁ ୟୁକ୍ରେନ୍ ଘଉଡ଼ାଇବା ପରେ ରୁଷିଆ ପୂର୍ବ ୟୁକ୍ରେନ୍‌କୁ ଟାର୍ଗେଟ କରିଥିଲା। ତେବେ ସୋମବାର ରୁଷିଆ ପୁଣି କିଭ୍‌ରେ ଆକ୍ରମଣ କରିଛି। ୟୁକ୍ରେନ୍‌ର ଲଭିଭ୍, ଟର୍ନୋପିଲ୍, ଇଭାନୋ-ଫ୍ରାଙ୍କିଭ୍‌ସ୍କ, ଜିଟୋମିର୍, ନିପ୍ରୋ, ଖର୍କିଭ, ନୋଟୋପ୍, ଓଡେଶା, କ୍ରେମେନ୍‌ଚୁଗ୍ ଆଦି ସହରରେ ମସ୍କୋ ମିଶାଇଲ ଛାଡ଼ିଛି। ଏହାର ଭିଡିଓ କେତେଜଣଙ୍କ ମୋବାଇଲରେ କଏଦ ହୋଇଥିବାବେଳେ ତାହା ସୋସିଆଲ ମିଡିଆରେ ଅପ୍‌ଲୋଡ୍ ହୋଇଛି। ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ରୁଷିଆ ଟାର୍ଗେଟ କରିଛି। କେତେକ ସରକାରୀ କାର୍ଯ୍ୟାଳୟ, ପାର୍ଲାମେଣ୍ଟ, ଟେଲିକମ୍ୟୁନିକେଶନ ବିଲ୍ଡିଂ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନିକଟରେ ମଧ୍ୟ ମିଶାଇଲ ପଡ଼ିଛି। ଅନେକ ଅଫିସ୍, ଘରଗୁଡ଼ିକ ଭାଙ୍ଗି ନଷ୍ଟ ହୋଇଛି। ୟୁକ୍ରେନ୍ ସଶସ୍ତ୍ର ବାହିନୀର ଜେନେରାଲ ଷ୍ଟାଫଙ୍କ ସୂଚନା ଅନୁସାରେ ରୁଷିଆ ୮୪ କ୍ଷେପଣାସ୍ତ୍ର ଛାଡ଼ିଥିଲା। ସେଥିମଧ୍ୟରୁ ୟୁକ୍ରେନ୍ ଏୟାର ଡିଫେନ୍ସ ସିଷ୍ଟମ୍ ୪୧ଟିକୁ ନଷ୍ଟ କରିଥିଲା। କେବଳ କିଭ୍ ସହରରେ ୫ଟି ମିଶାଇଲ ପଡ଼ିଥିବାବେଳେ ଖର୍କିଭରେ ୩ଟି କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା।

## ୨ ହଜାର ସ୍କୁଲକୁ...

ବାନ୍ଧିରଖିଛି। ଭାରତରେ ଫୁଟ୍‌ବଲର ପ୍ରସାର ପାଇଁ ଫିଫା ଉଦ୍ୟମ କରୁଛି। ଏହି ସହଭାଗିତା ଓ ଉଦ୍ୟମ ଦେଶରେ ଫୁଟ୍‌ବଲ ବିକାଶରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଫୁଟ୍‌ବଲର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ବିଶେଷକରି ମହିଳା ଫୁଟ୍‌ବଲର ବିକାଶ ଲାଗି କାର୍ଯ୍ୟ ଜାରି ରହିଛି। ଉପଯୁକ୍ତ ଭିତ୍ତିଭୂମି ଏବଂ ତାଲିମ ଯୋଗୁ ଓଡ଼ିଶାରେ ବିଶ୍ୱକପ୍ ଆୟୋଜନ ହୋଇପାରିଛି। ଓଡ଼ିଶାରେ ଫିଫା ଯୁ-୧୭ ମହିଳା ବିଶ୍ୱକପ୍ ଆୟୋଜନ ଏକ ଗର୍ବର ମୁହୂର୍ତ୍ତ। ଏଆଇଏଫ୍‌ଏଫ୍ ଏବଂ ଫିଫା ସହଯୋଗରେ ଓଡ଼ିଶାରେ ଫୁଟ୍‌ବଲ ଖେଳର ଆହୁରି ବିକାଶ ହୋଇପାରିବ। ବିଶ୍ୱକପ୍ ରାଜ୍ୟରେ ଫୁଟ୍‌ବଲ ଖେଳର ବିକାଶ କ୍ଷେତ୍ରରେ ଏକ ବୃହତ୍ ଅବଦାନ ହେବ। ଓଡ଼ିଶାରେ ବିଶ୍ୱକପ୍ ଆୟୋଜନ କରିଥିବାରୁ ଫିଫାକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଭବିଷ୍ୟତରେ ଫିଫା ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଜ୍ୟ ଆଗ୍ରହୀ। ସାମାଜିକ ପରିବର୍ତ୍ତନ ପାଇଁ ଫୁଟ୍‌ବଲ ଏକ ବଳିଷ୍ଠ ମାଧ୍ୟମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଚାଲିଛି। ଫିଫା ସହଯୋଗରେ ସ୍କୁଲ୍‌ସ୍ତରୀୟ ଫୁଟ୍‌ବଲର ବିକାଶ କରାଯାଇପାରିବ। ବିଜେଡି ଏମ୍‌ପି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଭିଜନ ଓଡ଼ିଶାରେ କ୍ରୀଡ଼ାର ଇକୋ ସିଷ୍ଟମ ସୃଷ୍ଟି କରିବାରେ ସହାୟତା କରିଛି। ଫିଫାର ଫୁଟ୍‌ବଲ ଫର ସ୍କୁଲ୍‌ସ ନିର୍ଦ୍ଦେଶକ ଫାତିମାତା ସୋ ସିଡ୍‌ବେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ାର ପ୍ରୋତ୍ସାହନ ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଏହାକୁ ସମଗ୍ର ବିଶ୍ୱବ୍ୟାପ୍ତ କରିବା 'ଫୁଟ୍‌ବଲ ଫର୍ ଅଲ୍'ର ଲକ୍ଷ୍ୟ ବୋଲି ସେ କହିଛନ୍ତି। ୟୁନିଟ୍-୯ ଓ କ୍ୟାପିଟାଲ ହାଇସ୍କୁଲ ପିଲାଙ୍କୁ କ୍ରୀଡ଼ାମନ୍ତ୍ରୀ ଫୁଟ୍‌ବଲ ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି)ଭି.କେ. ପାଣ୍ଡିଆନ ଏବଂ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମୋଡ୍‌ରେ ସାମିଲ ହୋଇଥିଲେ।

## ପିଲାଙ୍କ ଶ୍ରେୟ...

**ଆବଶ୍ୟକତାକୁ ଦେଖି କାମ ଉପରେ ଗୁରୁତ୍ୱ ଦେବି। ସଫଳତା ଲାଗି ମା'ଙ୍କୁ ସେ ଶ୍ରେୟ ଦେବା ସହିତ କୌଣସି କୋଚିଂ ନେଇ ନ ଥିବା ସେ ଜଣାଇଛନ୍ତି।"** ସେହିଭଳି ଦେଖାଯାଏ ଓଏଏସ୍‌ରେ ସଫଳତା ପାଇଥିବା ଯେଉଁ ପିଲାଙ୍କ ଫଟୋକୁ ଉକ୍ତ କୋଚିଂ ସେଣ୍ଟରଗୁଡିକ ପୋଷ୍ଟର କରି ଏହା ସେମାନଙ୍କ ସଫଳତା ବୋଲି ଡିଣ୍ଡିମ ପିଟିବାରେ ଲାଗିଛନ୍ତି, ହେଲେ ବାସ୍ତବରେ ସେମାନଙ୍କ କୌଣସି ଅବଦାନ ନାହିଁ। ଏହି ସଂସ୍ଥାଗୁଡ଼ିକର କେବଳ ଉଦ୍ଦେଶ୍ୟ ହେଉଛି ପିଲାଙ୍କୁ ଭୁଟାଇ ବିପୁଳ ଅର୍ଥ ଅର୍ଜନ କରିବା। ପିଲାଙ୍କ ଏହି ମନ୍ତବ୍ୟ ଜାଣିବା ପରେ ଆପ୍ତି ପ୍ଲସ୍ ମାଲିକ ଡାକ୍ତର ସୁଶିଜିତ୍ ସାହୁଙ୍କୁ ୯୬୫୮୫୧୦୭୦୧ ଏବଂ ବଣିକ୍ ମାଲିକ ସୁବ୍ରତ ଛାଟୋଇଙ୍କୁ ୯୮୬୧୩୪୯୧୮୨ ନମ୍ବରରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସମ୍ଭବ ହୋଇପାରି ନାହିଁ।

## ମୁଲାୟମ ସିଂ...

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ଉତ୍ତରପ୍ରଦେଶ ଇଟାୱା ଜିଲାର ଜନ୍ମସ୍ଥାନ ସଇଫାଇକୁ ନିଆଯାଇଛି। ମଙ୍ଗଳବାର ଅପରାହ୍ନ ୩ଟାରେ ତାଙ୍କର ଶେଷକୃତ୍ୟ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ କରାଯିବ। ନେତାଜୀଙ୍କ ସମ୍ମାନରେ ଉତ୍ତରପ୍ରଦେଶ ସରକାର ୩ ଦିନିଆ ଶୋକ ପାଳନ ଲାଗି ଘୋଷଣା କରିଛନ୍ତି। ଏକ ଚାଷୀ ପରିବାରରେ ଜନ୍ମିତ ମୁଲାୟମ ଜଣେ କୁସ୍ତିଯୋଦ୍ଧାରୁ ରାଜନୀତିର ଉତ୍ତୁଙ୍ଗ ସୋପାନରେ ପହଞ୍ଚିଥିଲେ। ସେ ୧୦ ଥର ଉତ୍ତରପ୍ରଦେଶ ବିଧାନସଭାକୁ ଏବଂ ୭ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୩ ଥର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଥରେ କେନ୍ଦ୍ରରେ ପ୍ରତିରକ୍ଷା ମନ୍ତ୍ରୀ ହୋଇଥିଲେ। ଦେଶର ପ୍ରଧାନମନ୍ତ୍ରୀ ହେବା ଲାଗି ଦୁଇଥର ତାଙ୍କ ପାଇଁ ସୁଯୋଗ ଆସିଥିଲେ ମଧ ତାହା ହାତଛଡ଼ା ହୋଇଥିଲା। ଉତ୍ତରପ୍ରଦେଶରେ କ୍ଷମତାରେ ରହିବା ଲାଗି ସେ ବିଭିନ୍ନ ସମୟରେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି, ଭାଜପା ଏବଂ କଂଗ୍ରେସ ସହ ହାତ ମିଳାଇଥିଲେ। ଦୀର୍ଘ ରାଜନୈତିକ ଜୀବନରେ ମୁଲାୟମ ବିଭିନ୍ନ ଦଳ ସହ ରହିଛନ୍ତି। ରାମ ମନୋହାର ଲୋହିଆଙ୍କ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟି, ଚରଣ ସିଂଙ୍କ ଭାରତୀୟ କ୍ରାନ୍ତି ଦଳ, ଭାରତୀୟ ଲୋକ ଦଳ ଏବଂ ସମାଜବାଦୀ ଜନତା ପାର୍ଟିରେ କାର୍ଯ୍ୟ କରିବା ପରେ ୧୯୯୨ରେ ସେ ସମାଜବାଦୀ ପାର୍ଟି ପ୍ରତିଷ୍ଠା କରିଥିଲେ। ତେବେ ତାଙ୍କ ପ୍ରତିଷ୍ଠିତ ଦଳର ନିୟନ୍ତ୍ରଣ ଗତ କିଛି ବର୍ଷ ହେଲା ତାଙ୍କ ହାତରୁ ଖସି ପୁଅ ଅଖିଳେଶ ଯାଦବଙ୍କ ହାତକୁ ଚାଲିଯାଇଥିଲା। ଏକ ବିଦ୍ରୋହ ପରେ ଅଖିଳେଶ ୨୦୧୭ରେ ସମାଜବାଦୀ ପାର୍ଟି ଅଧକ୍ଷ ହୋଇଥିଲେ।

### ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକ

ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ସେ ଟୁଇଟ୍ କରି ଲେଖିଛନ୍ତି, 'ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ୍ ସିଂଙ୍କ ବିୟୋଗରେ ମୁଁ ଦୁଃଖିତ। ଦଳିତଙ୍କ ବିକାଶ ଦିଗରେ ଏହି ସମାଜବାଦୀ ନେତାଙ୍କ ଅବଦାନ ସର୍ବଦା ସ୍ମରଣ କରାଯିବ। ଶୋକସନ୍ତପ୍ତ ପରିବାର ଏବଂ ସମର୍ଥକଙ୍କ ପାଇଁ ମୋର ଭାବନା ଓ ପ୍ରାର୍ଥନା ଜଣାଉଛି। ଓମ୍ ଶାନ୍ତି।'

## ବିରୋଧ କରିଥିବା...

ବ୍ୟକ୍ତିଗତ ଉପସ୍ଥିତିରେ ଅନୁଷ୍ଠିତ ହୋଇଥାଏ। ନିଯୁକ୍ତି ପାଇବାକୁ ଥିବା ପ୍ରାର୍ଥୀଙ୍କ ନାମକୁ ନେଇ କୌଣସି ମତଭେଦ ଦେଖାଦେଲେ ଚୂଡ଼ାନ୍ତ ତାଲିକା ପ୍ରକାଶ ପୂର୍ବରୁ ପ୍ୟାନେଲ ତାକୁ ଆପୋସ ଆଲୋଚନା ଜରିଆରେ ଦୂର କରିଥାଏ। ତେବେ ସେପ୍ଟେମ୍ବର ୩୦ ବୈଠକରେ ବ୍ୟକ୍ତିଗତଭାବେ ଉପସ୍ଥିତ ହୋଇପାରି ନ ଥିବା କଲେଜିୟମ ସଦସ୍ୟଙ୍କ ମତାମତ ପତ୍ର ଜରିଆରେ ଗ୍ରହଣ କରିବା ପାଇଁ ସିଜେଆଇ ନିଷ୍ପତ୍ତି ନେଇଥିଲେ। ଏହି 'ଲେଟର ରୁଟ୍' ପ୍ରସ୍ତାବ ସପକ୍ଷରେ କଲେଜିୟମ ସଦସ୍ୟ ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ କେ.ଏମ୍. ଜୋସେଫ୍ ସହମତି ପ୍ରକାଶ କରିଥିବାବେଳେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ନାଜିର୍ ବିରୋଧ କରିଥିଲେ। ଆପତ୍ତି ଉଠାଇଥିବା ଦୁଇ ବିଚାରପତିଙ୍କ ନାମ କଲେଜିୟମ ପକ୍ଷରୁ ପ୍ରଘଟ କରାଯିବା ପରେ ବର୍ତ୍ତମାନର ସିଜେଆଇ ଲଳିତ ଏବଂ ତାଙ୍କ ଉତ୍ତରାଧିକାରୀ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏକପ୍ରକାର ମୁହାଁମୁହିଁ ଅବସ୍ଥାକୁ ଆସିଯାଇଛନ୍ତି। ଆଇନ ମନ୍ତ୍ରଣାଳୟ ନଭେମ୍ବର ୮ରେ ଅବସର ନେବାକୁ ଥିବା ଜଷ୍ଟିସ୍ ଲଳିତଙ୍କୁ ନିକଟରେ ନୂଆ ସିଜେଆଇଙ୍କ ନାମ ପ୍ରସ୍ତାବ ମାଗିଥିବାବେଳେ କଲେଜିୟମର ଏଭଳି ଆଭିମୁଖ୍ୟ ଉଚିତ ପରମ୍ପରା ସୃଷ୍ଟି କରିନାହିଁ ବୋଲି ଆଇନ ବିଶାରଦମାନେ ମତ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ଅବଶ୍ୟ ଫେରିବା ବାଟରେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ**
ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହ ଗ୍ରହଣ କରିବା ଭଲ। ଦୂରଦର୍ଶିତା ଅଭାବରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ ଏବଂ ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି। ଭାଇ ଭଉଣୀ କୌଣସି କାମ ହାସଲ ସକାଶେ ଘରେ କଳହ କରିପାରନ୍ତି ।

**ମିଥୁନ**
କୌଣସି ଦୃଢ଼ ପଦକ୍ଷେପ ନେଲେ ଝାମେଲା ଅଧିକ ବଢ଼ିଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ । କିଛି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି ।

**କର୍କଟ**
ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ, କିନ୍ତୁ କିଛି କରିପାରିବେ ନାହିଁ । ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାରେ ରହିବ। ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ**
ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳିଯିବାରୁ ଏକ ପ୍ରକାର ମନ ହାଲୁକା ହୋଇଯିବ । ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହୋଇଯିବ। କଳା, ସାହିତ୍ୟ, ସଂଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା**
ସକାଳୁ କୌଣସି ଶୁଭ ଖବର ପାଇ ମନ ଖୁସି ହୋଇଯିବ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୁଖିଲା ଉପଦେଶ ଶୁଣି ବିରକ୍ତ ହେବେ। ବହୁ ଦିନ ହେଲା ଇଚ୍ଛା କରୁଥିବା ଜିନିଷଟି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା**
ଆଜି ପିଲାଙ୍କ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା**
ଫାଇଦା ସକାଶେ ସର୍ବଦା ଚେଷ୍ଟିତ ରହିବା ହିଁ ସମସ୍ୟାର କାରଣ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ମିଳିବ । ସାଙ୍ଗଠନିକ କାର୍ଯ୍ୟରେ,ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ**
ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତାକରି ପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରୟନ୍ କରିପାରନ୍ତି । ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ।

**ମକର**
ଆପଣ ଖର୍ଚ୍ଚାନ୍ତ ହେବେ ସିନା କୌଣସି କାମ ଅଟକିବ ନାହିଁ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିବେ।

**କୁମ୍ଭ**
ଆଜି ଯାହା କରନ୍ତୁ କିମ୍ବା ଯୁଆଡ଼େ ଯାଅନ୍ତୁନା କାହିଁକି ଲାଭବାନ୍ ନିଶ୍ଚିତ ହେବେ । ସନ୍ଧ୍ୟାରେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡ଼ା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ**
ଦିନ ଭିତରେ ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ, କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

ଆଜି ଅକ୍ଟୋବର ୧୧ ତାରିଖ, କାର୍ତ୍ତିକ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର, ବିଶ୍ୱ କନ୍ୟା ସନ୍ତାନ ଦିବସ, ଅନ୍ତର୍ଜାତୀୟ ବାଳିକା ଦିବସ, ବାଜି ରାଉତ ଶହୀଦ ଦିବସ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ, ରାଶି ନକ୍ଷତ୍ର- ଅଶ୍ୱିନୀ/ମେଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫।୪୩ ଗତେ, ଘ.୦୬।୩୦ ମଧ୍ୟେ, ଘ.୦୮।୩୮ ଗତେ, ଘ. ୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୮ ଗତେ, ଘ.୦୩।୫୫, ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୧ ଅକ୍ଟୋବର, ୨୦୨୨



**ଜଙ୍ଗଲରୁ ଦନ୍ତାର ମୃତଦେହ ଠାବ**



ଠାକୁରମୁଣ୍ଡା,(ଡି.ଏନ.ଏ.): ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳନ ନ ସରୁଣୁ ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ଚମ୍ପାଝର ଫରେଷ୍ଟ ସେକ୍ସନର ଭେଜଡ଼ିହା ଫରେଷ୍ଟ ବିଟ୍ ଅନ୍ତର୍ଗତ ଡଙ୍ଗାଡ଼ିହା ଗ୍ରାମ ମଙ୍ଗଳକଚା ଜଙ୍ଗଲ ପାର୍ଶ୍ୱରୁ ସୋମବାର ଉକ୍ତ ହାତୀର ମୃତଦେହ ଠାବ ହୋଇଛି। ଶିକାରୀମାନେ ହାତୀକୁ ବିଷ ଦେଇ କିମ୍ବା ଗୁଳି କରି ମାରିଦେଇଥିବା ସନ୍ଦେହ କରାଯାଉଛି। ଖବରପାଇ ଠାକୁରମୁଣ୍ଡା ବନବିଭାଗ ଓ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ପହଞ୍ଚି ହାତୀ ମୃତ୍ୟୁର କାରଣ ଖୋଜୁଥିବା ସୂଚନା ମିଳିଛି।

# ବୃନ୍ଦାବତୀ ନିବାସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃନ୍ଦାବତୀ ନିବାସକୁ ଲୋକାର୍ପଣ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ପୁରୀ ସହର,୧୦।୧୦**

ରାଜ୍ୟ ସରକାରଙ୍କ ହବିଷିଆଳି ଯୋଜନା ଅର୍ନ୍ତଭୁକ୍ତ ବୃନ୍ଦାବତୀ ନିବାସକୁ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପଣ କରିବା ସହ କାର୍ତ୍ତିକ ହବିଷିଆଳି ବ୍ରତ-୨୦୨୨ର ଶୁଭାରମ୍ଭ କରିଛନ୍ତି। ୧୧୮ଟି କୋଠରି ଥିବା ଆଠମହଲା ବିଶିଷ୍ଟ ବୃନ୍ଦାବତୀ ନିବାସ ଆକର୍ଷଣୀୟ ହୋଇଥିବାବେଳେ ଏଠାରେ ୧୨ଶହରୁ ଊର୍ଦ୍ଧ୍ୱ ହବିଷିଆଳିଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଛି।

ପବିତ୍ର କାର୍ତ୍ତିକ ମାସର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଏହି ହବିଷିଆଳି କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳିଙ୍କ ନିମନ୍ତେ ହୋଇଥିବା ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ସେ ହବିଷିଆଳିମାନଙ୍କୁ ସ୍ୱାଗତ କରି ସମସ୍ତଙ୍କୁ ଉପହାର ସ୍ୱରୂପ ଗୋଟିଏ ଲେଖାଏ ଶାଲ୍ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ମା'ମାନେ ଶାନ୍ତି ଓ ଆନନ୍ଦରେ କାର୍ତ୍ତିକ ବ୍ରତ ପାଳନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିବା ସହ ସେମାନଙ୍କର ଏବଂ ସେମାନଙ୍କ ପରିବାର ସମେତ ସାରା ଓଡ଼ିଶାବାସୀଙ୍କ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ୩ଜଣ ହବିଷିଆଳି ଗଞ୍ଜାମର ଉର୍ମିଳା ପଟ୍ଟନାୟକ, ମୟୂରଭଞ୍ଜର ସାବିତ୍ରୀ ବିଶ୍ୱାଳ ଏବଂ ପୁରୀର ଡଳିମଣି ନାଇଡୁ ସେମାନଙ୍କ ପାଇଁ ଏଠାରେ ଉପଲବ୍ଧ ନୂଆ ସୁବିଧା ସମ୍ପର୍କରେ ମତ ରଖିଥିଲେ। ସେମାନେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଆମ ପାଇଁ ସବୁ ସୁବିଧା କରିଛନ୍ତି। ରହିବା, ଶୋଇବା, ଖାଇବା କୌଣସିରେ ଅସୁବିଧା ନାହିଁ। ଜଗନ୍ନାଥ ମହାପ୍ରଭୁ ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୋଟିଏ ପରମାୟୁ ଦିଅନ୍ତୁ କହି ସେମାନେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ କାମନା କରିଥିଲେ। ପ୍ରାରମ୍ଭରେ ହବିଷିଆଳିମାନେ ହୁଳହୁଳି ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏମ୍‌ପି ପିନାକୀ ମିଶ୍ର ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ କହିଥିଲେ, ହବିଷିଆଳି ମା'ମାନେ

## ହବିଷିଆଳିଙ୍କୁ ଶାଲ୍ ଉପହାର ଦେବେ ସରକାର

ମୁଖ୍ୟମନ୍ତ୍ରୀଙ୍କର ଅଭିନ୍ନ ପରିବାର। ସେମାନଙ୍କ ସୁବିଧା ଓ ବ୍ରତ ପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ହବିଷିଆଳିଙ୍କୁ ମହା ଆନନ୍ଦ ଦେଇପାରିଛି। ପୂର୍ବରୁ ହବିଷିଆଳିମାନେ କାର୍ତ୍ତିକ ମାସରେ ପୁରୀ ଆସିବା ସମୟରେ ଯେଉଁଭଳି ଭାବେ ସମସ୍ୟାର ସମ୍ମୁଖୀନ ହେଉଥିଲେ, ତାହା ଆଉ ହେବାକୁ ପଡ଼ିବ ନାହିଁ। କାର୍ତ୍ତିକ ମାସରେ ହବିଷିଆଳି ମା'ମାନଙ୍କର ସମସ୍ତ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ବୃନ୍ଦାବତୀ ନିବାସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ବର୍ମା ସ୍ୱାଗତ ଭାଷଣ ଏବଂ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୪ ଏକରରୁ ଊର୍ଦ୍ଧ୍ୱ ପରିମିତ ଅଞ୍ଚଳରେ ବୃନ୍ଦାବତୀ ନିବାସ ଅବସ୍ଥିତ। ପ୍ରାୟ ୩୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ବୃନ୍ଦାବତୀ ନିବାସରେ ୧୧୮ଟି କୋଠରି ରହିଛି। ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ୧୬୦୪ ଜଣ ହବିଷିଆଳି ଏଠାରେ ରହି ଏକମାସ ଧରି କାର୍ତ୍ତିକ ବ୍ରତ ପାଳନ କରିବେ।

# ୧୭ରୁ ମେଡିକାଲ ନାମଲେଖା କାଉନ୍‌ସେଲିଂ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ):** ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଆସନ୍ତା ୧୭ ତାରିଖରୁ ରାଜ୍ୟର ମେଡିକାଲ କଲେଜଗୁଡ଼ିକରେ କାଉନ୍‌ସେଲିଂ ଆରମ୍ଭ ହେବ। ମୋଟ ୨,୨୦୦ ସିଟ୍ ମଧ୍ୟରୁ ୧,୭୦୦ ସିଟ୍ ୧୦ଟି ସରକାରୀ ମେଡିକାଲ କଲେଜ ଓ ଦୁଇଟି ଘରୋଇ ମେଡିକାଲ କଲେଜ ଏବଂ ୫୦୦ଟି ସିଟ୍ ଦୁଇଟି ଡିମ୍‌ଡ ୟୁନିଭର୍ସିଟିରେ ରହିଛି। ସୁନ୍ଦରଗଡ଼ ଏବଂ କେନ୍ଦୁଝର ସରକାରୀ ମେଡିକାଲ କଲେଜରେ ଚଳିତବର୍ଷ ପ୍ରଥମଥର ପାଇଁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମଲେଖା ହେବ। ୧୦ଟି ସରକାରୀ ମେଡିକାଲ କଲେଜ ଓ ଦୁଇଟି ଘରୋଇ ମେଡିକାଲ କଲେଜର ୧,୭୦୦ଟି ସିଟ୍‌ରେ ନାମଲେଖା ପାଇଁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ପକ୍ଷରୁ କାଉନ୍‌ସେଲିଂ ହେବ। ସେହିପରି ଦୁଇଟି ଡିମ୍‌ଡ ୟୁନିଭର୍ସିଟି ନିଜସ୍ୱ ପ୍ରକ୍ରିୟାରେ ନାମ ଲେଖାଇବେ। ପ୍ରଥମ ପର୍ଯ୍ୟାୟ କାଉନ୍‌ସେଲିଂ ୧୭ରୁ ୨୮ ତାରିଖ ମଧ୍ୟରେ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ କାଉନ୍‌ସେଲିଂ ନଭେମ୍ବର ୭ରୁ ୧୮ ଏବଂ ମପ୍-ଅପ୍ ରାଉଣ୍ଡ ଡିସେମ୍ବର ୬ ରୁ ୧୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ବ୍ରହ୍ମପୁର କଲେଜ ଆଣ୍ଡ୍ ହସ୍ପିଟାଲରେ ୨୫୦ଟି ଲେଖାଏ ସିଟ୍ ଥିବାବେଳେ ବୁର୍ଲା ଭିମ୍‌ସାରରେ ୨୦୦, କୋରାପୁଟ ଓ ବାରିପଦା ସରକାରୀ ମେଡିକାଲ କଲେଜରେ ୧୨୫ଟି ଲେଖାଏ, ବଲାଙ୍ଗୀର, ବାଲେଶ୍ୱର, ପୁରୀ, ସୁନ୍ଦରଗଡ଼ ଓ କେନ୍ଦୁଝରରେ ୧୦୦ ଲେଖାଏ ସିଟ୍ ରହିଛି। ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜରେ ୧୫୦ ଏବଂ ରାଉରକେଲା ହାଇଟେକ୍ ମେଡିକାଲ କଲେଜରେ ୧୦୦ ସିଟ୍ ରହିଛି। ସେହିପରି ଆଇଏମ୍‌ଏସ୍ ଆଣ୍ଡ୍ ସମ୍ ହସ୍ପିଟାଲ ଏବଂ କିମ୍ସ ଭୁବନେଶ୍ୱରରେ ୨୫୦ଟି ଲେଖାଏ ସିଟ୍ ରହିଛି।







# ଦେଖିବାକୁ ମିଳୁନି ବିଜୁ ଗାଁ ଗାଡ଼ି

**କଟକ ଅଫିସ, ୧୦।୧୦**




ରାଜ୍ୟର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ଗମନାଗମନ ସୁବିଧା କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ୨୦୧୪ ଫେବୃୟାରୀରେ ବିଜୁ ଗାଁ ଗାଡ଼ି ଯୋଜନା ଆରମ୍ଭ କରିଥିଲେ। ବିଶେଷକରି ରାଜ୍ୟର ଉପାନ୍ତ ଅଞ୍ଚଳର ଅର୍ଥନୈତିକ ଉନ୍ନତି କରିବା ସହ ଗ୍ରାମାଞ୍ଚଳରେ ବାସ କରୁଥିବା ଯୁବବର୍ଗ ସହଜରେ କିପରି ସହର ସହିତ ଯୋଡ଼ି ହୋଇପାରିବେ ସେହି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ବିଜୁ ଗାଁ ଗାଡ଼ି ଅନେକ ସ୍ଥାନରେ ଏବେ ଦେଖିବାକୁ ମିଳୁନି। ଅପରପକ୍ଷରେ କରୋନା ଯୋଗୁ ବିଜୁ ଗାଁ ଗାଡ଼ି ଚଳାଉଥିବା ମାଲିକମାନେ ନେଇଥିବା ଋଣର ଇନ୍‌ଷ୍ଟଲ୍‌ମେଣ୍ଟ ଏବଂ ଟ୍ୟାକ୍ସ ଦେଇ ନ ପାରିବାରୁ ଗାଡ଼ିଗୁଡ଼ିକ ବନ୍ଦ ହୋଇଯାଇଥିବା ବିଭାଗୀୟ ଅଧିକାରୀ କହୁଛନ୍ତି।

ସୂଚନାଯୋଗ୍ୟ, ନିଯୁକ୍ତି ନ ପାଇ ବେକାର ଥିବା କିମ୍ବା ବ୍ୟବସାୟ ଅପେକ୍ଷାରେ ଥିବା ଯୁବତୀଯୁବକମାନଙ୍କୁ ବିଜୁ ଗାଁ ଗାଡ଼ି ଯୋଜନାରେ ୫ପ୍ରତିଶତ ସବ୍‌ସିଡିରେ ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ରହିଥିଲା। ସେହି ଋଣରେ ବସ୍, ମିନିବସ୍, ଟ୍ୟାକ୍ସି କ୍ରୟ କରି ରାଜ୍ୟର ଉପାନ୍ତ ଅଞ୍ଚଳରେ ପରିବହନ ସେବା ଯୋଗାଇ ଦେଉଥିବା ବ୍ୟକ୍ତିଙ୍କୁ ୫ବର୍ଷ ପର୍ଯ୍ୟନ୍ତ ସରକାର ଟ୍ୟାକ୍ସ ଓ ପର୍‌ମିଟ୍ ଫି' ମଧ୍ୟ ଛାଡ଼ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୨ଟି ଜିଲାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଥିଲା। କୋରାପୁଟ ଜିଲାରୁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୋରାପୁଟ ସମେତ ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ଫୁଲବାଣୀ, ଗଜପତି, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲାର ୧୧୮ ବ୍ଲକର ୧୩୦ଟି ରୁଟ୍‌ରେ ଗମନାଗମନ ସହ ପରିବହନ ସୁବିଧା କରାଯାଇଥିଲା। ଏପରି କି ୨ୟ ପର୍ଯ୍ୟାୟରେ ମାଓବାଦୀ ପ୍ରଭାବିତ ଅଞ୍ଚଳର ୫ଟି ଜିଲା ଦେବଗଡ଼, ଗଜପତି, ନୂଆପଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁରର ଆଉ ୨୮ଟି ରୁଟରେ ୩୦ଟି ବସ୍ ରାଜ୍ୟ ସଡ଼କ ପରିବହନ ବିଭାଗରୁ ଯୋଗାଇ ଦିଆଯାଇଥିଲା। ଏପରି କି ଏହି ଯୋଜନାକୁ ସଫଳ ରୂପାୟନ କରିବା ଦାୟିତ୍ୱ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ହେଲେ ବିଜୁ ଗାଁ ଗାଡ଼ି ଏବେ ପ୍ରାୟତଃ ଦେଖିବାକୁ ମିଳୁ ନ ଥିବାବେଳେ କେଉଁ ଜିଲାରେ କେତେ ସଂଖ୍ୟାରେ ବିଜୁ ଗାଁ ଗାଡ଼ି ଗଡ଼ୁଛି ସେନେଇ ତଥ୍ୟ ବିଭାଗ ପାଖରେ ନାହିଁ। ଏପରି କି ରାଜ୍ୟ ସରକାର ମଧ୍ୟ ଏହି ଯୋଜନାର ନବୀକରଣ କରିବା ନେଇ କୌଣସି ଦୃଷ୍ଟି ଦେଇ ନ ଥିବା ଜଣାଯାଇଛି। ଫଳରେ ଯୋଜନା ସଫଳ ହେବା ପୂର୍ବରୁ ବାଟବଣା ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ପ୍ରସନ୍ନ କୁମାର ଦାସଙ୍କ କହିବା ହେଲା, ବିଭାଗୀୟ ରେକର୍ଡ ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲାରେ ୨୦୧୪ରେ ଏକଶହରୁ ଊର୍ଦ୍ଧ୍ୱ ଛୋଟବଡ଼ ଗାଡ଼ି ଚାଲିଥିଲା। ଏହି ଯୋଜନାରେ ଅଧିକାଂଶ ପାହାଡ଼ିଆ ଅଞ୍ଚଳକୁ ଗମନାଗମନର ସୁବିଧା କରାଯାଇଥିଲା। ଯୋଜନା ପୂରା ପାଞ୍ଚ ବର୍ଷ ହେବା ପୂର୍ବରୁ ଅଧିକାଂଶ ଗାଡ଼ିମାଲିକ ଯୋଜନାରୁ ମୁହଁ ଫେରାଇଥିଲେ। ବିଭାଗ ପକ୍ଷରୁ ଉଦ୍ୟମ କରାଯାଇ ଜିଲାର ଲମତାପୁଟ, ଦଶମନ୍ତପୁର ଭଳି ଦୁର୍ଗମ ଅଞ୍ଚଳକୁ ତିନୋଟି ଗାଡ଼ି ଚଳାଚଳ କରୁଥିଲା। ପ୍ରାୟତଃ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଜିଲାରେ ଆଉ ଗୋଟିଏ ହେଲେ ବିଜୁ ଗାଁ ଗାଡ଼ି ଚଳପ୍ରଚଳ କରୁନାହିଁ କି ସଚେତନତା ଅଭାବରୁ ଗାଡ଼ି ମାଲିକମାନେ ଯୋଜନାରେ ସାମିଲ ହେବାକୁ ରାଜି ହେଉନାହାନ୍ତି। ଫଳରେ ଏହି ଯୋଜନାରେ ଏବେ ଜିଲାରେ ଗୋଟିଏ ହେଲେ ଗାଡ଼ି ଚାଲି ପାରୁନାହିଁ ବୋଲି ଦାସ କହିଛନ୍ତି। ସେହିପରି ସୁନ୍ଦରଗଡ଼ ଆର୍‌ଟିଓ ସୁକାନ୍ତ କୁମାର ଦାସଙ୍କ କହିବା ହେଲା, ଏହି ଜିଲାରେ ୭୦ରୁ ଊର୍ଦ୍ଧ୍ୱ ବିଜୁ ଗାଁ ଗାଡ଼ି ଚାଲିଥିଲା। ଏବେ କେତୋଟି ରୁଟ୍‌ରେ ପ୍ରାୟ ୧୦ଟି ଛୋଟ ଟାଟା ମ୍ୟାଜିକ୍ ଗାଡି ଚାଲୁଛି। ଯୋଜନାର ଠିକ ପୁନଃ ପଞ୍ଜିକରଣ ନେଇ ବିଭାଗ ପକ୍ଷରୁ ମଧ୍ୟ କୌଣସି ନିର୍ଦ୍ଦେଶନାମା ହୋଇ ନ ଥିବାରୁ ଆବେଦନକାରୀଙ୍କୁ ଠିକ ତଥ୍ୟ ଦିଆଯାଇ ପାରୁନାହିଁ। ଫଳସ୍ୱରୂପ ବିଜୁ ଗାଁ ଗାଡ଼ି ସଂଖ୍ୟା ବଢ଼ି ପାରୁ ନାହିଁ।

ଏ ସମ୍ପର୍କରେ ପରିବହନ ବିଭାଗ ଅତିରିକ୍ତ କମିଶନର ଲାଲ ମୋହନ ସେଠୀଙ୍କୁ ପଚରାଯିବାରେ ଅଧିକାଂଶ ଜିଲାରେ ବିଜୁ ଗାଁ ଗାଡ଼ି ବନ୍ଦ ହୋଇଯାଇଥିବା କଥାକୁ ସ୍ୱୀକାର କରିଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କୁ ଏହି କାର୍ଯ୍ୟକ୍ରମ ଲାଗୁ କରିବାକୁ ଦାୟିତ୍ୱ ଦିଆଯାଇଥିବାବେଳେ ଏହାକୁ ଅନୁଧ୍ୟାନ କରିବାକୁ ଦାୟିତ୍ୱ ମିଳି ନ ଥିବାରୁ ଅଧିକାଂଶ ସ୍ଥାନରେ ବିଜୁ ଗାଁ ଗାଡ଼ି ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ହେଲେ କେତେ ସଂଖ୍ୟାରେ ଗାଡ଼ି ବନ୍ଦ ହୋଇଛି, ସେନେଇ ବିଭାଗ ନିକଟରୁ ତଥ୍ୟ ମିଳିପାରିବ ବୋଲି ସେଠୀ କହିଛନ୍ତି।

# ସମ୍ଭାବ୍ୟ ବାତ୍ୟା ଲାଗି ପ୍ରସ୍ତୁତ ରୁହ: ମୁଖ୍ୟ ଶାସନ ସଚିବ




**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ଓଡ଼ିଶାର ଭୌଗୋଳିକ ସ୍ଥିତି ଓ ଜଳବାୟୁ ସର୍ବଦା ବନ୍ୟା, ବାତ୍ୟାପ୍ରବଣ ହୋଇ ରହିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସହିତ ଅକ୍ଟୋବର ଓ ନଭେମ୍ବରରେ ରାଜ୍ୟରେ ଭୀଷଣ ବାତ୍ୟା ଅନୁଭୂତ ହୁଏ। ବେଳେବେଳେ ଏହା ଡିସେମ୍ବର ୧୫ ପର୍ଯ୍ୟନ୍ତ ମଧ୍ୟ ରହିଥାଏ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି, ବର୍ତ୍ତମାନ ଓଡ଼ିଶାର ଜଳବାୟୁ ସ୍ଥିତି ବାତ୍ୟା ଅନୁକୂଳ ରହିଛି। ହେଲେ ଆସନ୍ତା ୧୫ ଦିନ ଭିତରେ ବାତ୍ୟାର କୌଣସି ସୂଚନା ନାହିଁ।

ବୈଠକରୁ ଜଣାପଡ଼ିଛି, ଇତିମଧ୍ୟରେ ଓଡ଼ିଶାରେ ବାତ୍ୟାର ପୂର୍ବାନୁମାନ ଏବଂ ଆଗୁଆ ସତର୍କ ସୂଚନା ପ୍ରସାରଣ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଜିଲା ଓ ଅଞ୍ଚଳଭିତ୍ତିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ଗୋପାଳପୁର ଓ ପାରାଦୀପଠାରେ ଡପଲର ପାଣିପାଗ ରାଡାର ଷ୍ଟେସନ ସହ ବାଲେଶ୍ୱର, ଚାନ୍ଦବାଲି, ପୁରୀ, ଭୁବନେଶ୍ୱର, ଗୋପାଳପୁର ଏବଂ ପାରାଦୀପ ଆଦି ସ୍ଥାନରେ ଉଚ୍ଚ କ୍ଷମତାସମ୍ପନ୍ନ ବାୟୁଗତି ପରିମାପକ ଯନ୍ତ୍ରମାନ (ହାଇ ୱିଣ୍ଡ୍ ସ୍ପିଡ୍ ରେକର୍ଡର) ସ୍ଥାପନ କରାଯାଇଛି। ବାତ୍ୟାରେ ଟେଲିଫୋନ୍ ଏବଂ ବିଦ୍ୟୁତ୍ ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ହେଉଛି। ମୋବାଇଲ୍ ଟେଲିକମ୍-ଟାୱାର, ସାଟେଲାଇଟ୍ ଫୋନ୍ ଜେନେରେଟର, ବିଦ୍ୟୁତ୍ ଖୁଣ୍ଟି, କଣ୍ଡକ୍ଟର, ସବ୍‌ଷ୍ଟେଶନ ଓ ଯଥେଷ୍ଟ ସଂଖ୍ୟକ ମାନବ ସମ୍ବଳ ଆଦିର ଆକଳନ ଏବଂ ଆବଶ୍ୟକ ବେଳେ ତୁରନ୍ତ ନିୟୋଜିତ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପାନୀୟଜଳ ନିମନ୍ତେ ଗ୍ରାମ ଓ ସହରାଞ୍ଚଳରେ ଥିବା ହ୍ୟାଣ୍ଡପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ସହ ବାତ୍ୟା ଅତିକ୍ରାନ୍ତ ହେବା ପରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କର୍ମକ୍ଷମ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି ନିମନ୍ତେ କୁହାଯାଇଛି। ଯଥେଷ୍ଟ ପରିମାଣର ବ୍ଲିଚିଂ, ହାଲୋଜିନ୍ ବଟିକା, ଔଷଧ, ଆମ୍ବୁଲାନ୍ସ ଏବଂ ଡାକ୍ତରୀ ଟିମ୍ ଆଦି ପୂର୍ବ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡ୍ରାଫ୍ ଏବଂ ଅଗ୍ନିଶମ ସଂସ୍ଥା ସବୁ ଉପକରଣକୁ ଠିକ୍ ଭାବେ ଯାଞ୍ଚ କରିବା ପାଇଁ ପରାମର୍ଶ ଦିଆଯାଇଛି।

ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବାତ୍ୟା ପରିଚାଳନା ସହ ସମ୍ପୃକ୍ତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ। ନାଭାଲ, ଆର୍ମି, କୋଷ୍ଟଗାର୍ଡ ଓ ଭାରତୀୟ ପାଣିପାଗ ବିଭାଗ ଆଦିର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

**OFFICE OF THE SUPERINTENDING ENGINEER**
**RWS&S DIVISION, BHANJANAGAR - 761126**
Phone No.: 06821-241026(O)/241079(R), Fax No.: 06821-241026/240056,
e-mail: eerwss_bnj@nic.in<eerwssbnj2009@gmail.com
**Govt. of Orissa, "e" Procurement Notice**
No. O-1086 Bid Identification No. S.E._RWS&S_29/2022-23

1. The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate/$G_2$ bid in Double Cover System according to the norm of "e" Procurement System in online mode for different PWS Schemes in Ganjam District from the eligible contractors as per DTCN.
2. Nature of Work : Construction, Testing, Commissioning of RCC ESR/OGR Construction of Pump House, Compound Wall, Valve Chamber, Providing 100% FHTC, laying of distribution of pipe line etc for PWS to different village in Ganjam District.
3. No. of Tender : 02 Nos.
4. Tender Paper Cost : Rs.10000/-
5. Tender Cost : 55.89 lakhs to 85.07 lakhs
6. Class of Contractor : B
7. Date and time of availability of bid document in the portal : Dt.10.10.2022 at 11.00 A.M. to 20.10.2022 upto 5.00 P.M.
8. Date of Opening of Bid : Dt.21.10.2022 at 11.00 A.M.
9. Period of Completion : 180 (One Eighty) days to 240 (Two Hundred forty) days.
10. The bidders have to participate in online bidding only. Further details can be seen from the website https://tendersorissa.gov.in.

Sd./- Superintending Engineer
RWS&S Division, Bhanjanagar
OIPR-25021/11/0015/2223

**GOVT. OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer**
**Vansadhara Nagabali Basin, Paralakhemundi**
No.A-570: (email Id: se_sicpkd@yahoo.com)
**e-Procurement Notice No.ACEVNB-03/2022-23**

| | | | |
|---|---|---|---|
| 1. | Type of Works | : | Flood protection works of river banks |
| 2. | Total Number of Packages | : | 11 (Eleven) Nos. |
| 3. | Estimated Cost | : | Rs.99.77 Lakhs to Rs.553.61 Lakhs |
| 4. | Bid Identification No. | : | ACE,VNB/GID-13/2022-23,ACE,VNB/GID-14/2022-23, ACE, VNB/GID-15/2022-23,ACE, VNB/GID-16/2022-23, ACE,VNB/GID-17/2022-23,ACE,VNB/GID-18/2022-23, ACE,VNB/RID-19/2022-23,ACE,VNB/RID-20/2022-23, ACE,VNB/RID-21/2022-23,ACE,VNB/RID-22/2022-23, ACE,VNB/RID-23/2022-23. |
| 5. | Period of Completion | : | 09 (Nine) months to 12 (Twelve) months |
| 6. | Availability & submission of bids online | : | From 11.00 AM of 13.10.22 to 5.00 PM of 27.10.22 |
| 7. | Date of Opening of Technical Bids | : | 28.10.22 at 11.30 A.M. in the O/o. The Additional Chief Engineer, Vansadhara Nagabali Basin, Paralakhemundi |
| 8. | Procurement Officer | : | Additional Chief Engineer, Vansadhara Nagabali Basin, Paralakhemundi |
| 9. | Further details can be seen from Govt. website www.tendersorissa.gov.in and any addendum/corrigendum/cancellation will be published in the said website. | | |

Sd./- Additional Chief Engineer,
Vansadhara Nagabali Basin, Paralakhemundi
OIPR-32417/11/0006/2223

**SUIIT**
**Sambalpur University Institute of Information Technology**
Advt. No.: 1243/ SUIIT Date:10/10/2022

| SPOT ADMISSION | Date |
|---|---|
| • Master in Computer Application ( All Categories) | 18th October, 2022 |
| • M. Sc Computer Sc. (All Categories) | |
| • M. Tech Computer Sc. and Engg. (All Categories) | |

**INSTRUCTIONS**
Interested candidates for spot admission should report to the Administrative Officer, SUIIT during 10AM to 12 noon on 18.10.2022. There will be an entrance examination of one hour duration at 12:15 PM for all the programmes following COVID-19 guidelines. Admission will be done on the same day, as per SUIIT admission guideline.
**All B. Tech admissions will be done through OJEE Councelling-2022**
**FOR DETAIL INFORMATION ON ADMISSION VISIT: www.suiit.ac.in**
CONTACT NUMBERS: 9938983624 / 9438074077 / 9337347538
Email:admin.office@suiit.ac.in Sd./- Director , SUIIT

**OFFICE OF THE PANCHAYAT SAMITI, KALIMELA**
At/Po-Kalimela, Dist-Malkangiri,PIN-764047 (Odisha),
Ph.No.:06850-272217, E-mail:ori-kalimela@nic.in
No.3848/2022 Date:10.10.2022
**TENDER CALL NOTICE No.02/2022-23**
The Block Development Officer, Kalimela invites sealed tenders on behalf of Governor of Odisha from Original Equipment Manufacturers (OEM)/Authorized dealers/ reputed firms/ companies/ agencies for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put in Tender (in Rs.) | Cost of Tender Paper including GST @ 18% (in Rs.) | E.M.D. (in Rs.) (1%) | Work Completion Period |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Kalimela | Chicken Hatching and Brooding Unit at Kalimela | 6,36,540.00 | 4720/- | In lieu of Bid Security Declaration | 03 (Three) Months |

**Sale of tender paper:** The tender documents can be seen from the Govt. website www.malkangiri.nic.in only from 11.10.2022 to 20.10.2022. No Tender paper will be sold by the Block office, Kalimela or any other offices. Interested bidders will download the bid documents from the same website only i.e www.malkangiri.nic.in.
**Place and date of receipt of tender Paper :** Panchayat Samiti, Kalimela, 11.10.2022 to 20.10.2022 through Registered/Speed post only (office hour from 10.00 AM to 5.00 PM, Except Sunday and public holidays).
**Place and date of opening of tender paper :** O/o the Panchayat Samiti, Kalimela on dt.21.10.2022 at 03.00 P.M.
**Mode of receipt of tender paper :** Registered Post/Speed Post/ by Hand only.
**Name of the Scheme :** SCA for the year 2021-22.
The authority reserves the right to reject any or all of the tenders without assigning any reason thereof. The detailed information/corrigendum on Tender call notice can be available in the District website http//www.malkangiri.nic.in only.
**N.B.:** All should go through the terms and conditions of Tender Call Notice and Detail Tender Call Notice before submission of Tender Papers.
Sd./- Block Development Officer, Kalimela

“ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ- ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। **-ଶ୍ରୀଅରବିନ୍ଦ**



# ସୁନ୍ଦର ନଗରୀ ଅସୁନ୍ଦର

ଭାରତ ଏବେ ଅର୍ଥନୈତିକ ଦୁଃସ୍ଥିତି ଦେଇ ଗତି କରୁଛି। ବେକାରିଙ୍କ ସଂଖ୍ୟା ବଢ଼ିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଥିବାରୁ ଲୋକେ ଦହଗଞ୍ଜ ହେଉଛନ୍ତି। ଏଭଳି ସ୍ଥିତିରେ ପଶ୍ଚିମ ଦିଲ୍ଲୀର ଭାଜପା ଏମ୍‌ପି ପରଭେଶ ସିଂ ବର୍ମା ଓ ଉତ୍ତର ପ୍ରଦେଶର ଲୋନି ବିଧାୟକ ନନ୍ଦ କିଶୋର ଗୁଜ୍ଜର ୯ ଅକ୍ଟୋବରରେ ନୂଆଦିଲ୍ଲୀଠାରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଆୟୋଜିତ ବିରାଟ ହିନ୍ଦୁ ସଭାରେ ଯେଭଳି ବିସ୍ଫୋରକ ଡାକରା ଦେଇଛନ୍ତି, ତାହା ସମସ୍ତଙ୍କୁ ବ୍ୟଥିତ କରିବା କଥା। ଗତ ସପ୍ତାହରେ ଦିଲ୍ଲୀର ସୁନ୍ଦର ନଗରୀରେ ୬ ଜଣ ମୁସଲମାନଙ୍କ ଦ୍ୱାରା ଜଣେ ହିନ୍ଦୁ ଲୋକଙ୍କୁ ହତ୍ୟା କରାଯାଇଥିବାରୁ ତାହାର ପ୍ରତିବାଦ ସ୍ୱରୂପ ଅନୁଷ୍ଠିତ ସଭାରେ ଏହି ଦୁଇ ନେତା କହିଥିଲେ, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ସମ୍ପୂର୍ଣ୍ଣ ଅର୍ଥନୈତିକ ବାସନ୍ଦ କରାଯାଉ। ଅର୍ଥାତ୍ ସେମାନେ ବିକ୍ରି କରୁଥିବା ଦ୍ରବ୍ୟକୁ ନ କିଣିବାକୁ ହିନ୍ଦୁମାନଙ୍କୁ ଆହ୍ୱାନ ଦେଇଛନ୍ତି। କେବଳ ସେତିକି ନୁହେଁ, ସେଠାରେ ଅନୁଷ୍ଠିତ ରାଲିରେ ଯୋଗ ଦେଇଥିବା ଜଗଦ୍‌ଗୁରୁ ଯୋଗେଶ୍ୱର ଆଚାର୍ଯ୍ୟ କହିଥିଲେ, ଯେଉଁମାନେ ତୁମକୁ ଆକ୍ରମଣ କରୁଛନ୍ତି ସେମାନଙ୍କ ମୁଣ୍ଡ କାଟିବା ସହ ହାତ ହାଣିଦିଅ। ସର୍ବସାଧାରଣ ସ୍ଥାନରେ ଖୋଲାଖୋଲି ଏଭଳି ହିଂସାତ୍ମକ ଡାକରା ଦିଆଯିବା ଘୃଣାଭାବ ବୃଦ୍ଧି କରାଇଛି।

ସୁନ୍ଦର ନଗରୀଠାରେ ଜଣେ ହିନ୍ଦୁଙ୍କୁ ସଙ୍ଗଠିତ ହୋଇ ମୁସଲମାନ ହତ୍ୟା କରିବା ଘଟଣାକୁ ନିନ୍ଦା କରାଯିବା ଦରକାର। କାରଣ ମୁସଲମାନଙ୍କ ଗୋଷ୍ଠୀବଦ୍ଧ ହିଂସାତ୍ମକ କାର୍ଯ୍ୟକୁ କେହି ଭୁଲିନାହାନ୍ତି କିମ୍ବା କ୍ଷମା କରିପାରିବେ ନାହିଁ। ଏଠାରେ ଧର୍ମନିରପେକ୍ଷତାର ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ନୁହେଁ। ପୋଲିସ କହିବା ମୁତାବକ ବ୍ୟକ୍ତିଗତ ବିବାଦ ଯୋଗୁ ଏଭଳି ହତ୍ୟାକାଣ୍ଡ ଘଟିଛି। ଯଦି ତାହା ହୋଇଥାଏ, ଅଭିଯୁକ୍ତମାନଙ୍କୁ ତୁରନ୍ତ ଆଇନଗତ ଦଣ୍ଡ ଦିଆଯିବା ଦରକାର। କିନ୍ତୁ ‘ହିଂସାର ଜବାବ ହିଂସାରେ’ ଦେଲେ ତାହାର କୌଣସି ଅନ୍ତ ନାହିଁ। ତାହା ଘଟିଲେ ସାମ୍ପ୍ରଦାୟିକ ବିଦ୍ୱେଷ ବଢ଼ିବ, ଯାହାର ପରିଣତି ଆଉ ଏକ ଦଙ୍ଗା ସୃଷ୍ଟି କରିବାକୁ ଖୋରାକ ପାଇବ। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଜନସାଧାରଣ ଗଣ୍ଡେ ଭଲରେ ଖାଇ, ପିଲାମାନଙ୍କୁ ଶିକ୍ଷା ଦେବା ସହ ପରିବାରର ସ୍ୱାସ୍ଥ୍ୟ ଚିନ୍ତା କଲାବେଳକୁ ନାକେଦମ୍ ହୋଇଯାଉଛନ୍ତି। ଏଭଳି ସ୍ଥଳେ କାହା ବିରୋଧରେ ଅର୍ଥନୈତିକ ବାସନ୍ଦ ଲାଗୁ କରିବା କିମ୍ବା ହିଂସା ରଚିବା ଲାଗି ପ୍ରସ୍ତୁତ ହେବାକୁ ଆହ୍ୱାନ ଦିଆଯିବା ଅପ୍ରୀତିକର ସ୍ଥିତି ସୃଷ୍ଟି କରିପାରେ। ତେବେ ଏଭଳି ଡାକରା କାହିଁକି ଦିଆଯାଇଛି, ତାହା ଚିନ୍ତାଜନକ। ବିଗତ ଆଠ ବର୍ଷରୁ ଊର୍ଦ୍ଧ୍ୱ ସମୟ ଭାଜପା ସରକାରର ବିତିଯିବା ସତ୍ତ୍ୱେ ଦିଲ୍ଲୀ ଭଳି ସହରରେ ମଧ୍ୟ ହିଂସାକୁ ଆୟତ୍ତ କରାଯାଇ ପାରୁନାହିଁ। ଏହା ସମସ୍ତେ ସ୍ୱୀକାର କରିବେ ଯେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମ୍ପୂର୍ଣ୍ଣ ଭାବେ ଶିଥିଳ ଥିଲା। ଏବେ କୁହାଯାଉଛି ଯେ, ଟାଣୁଆ ନେତା ଓ ଟାଣୁଆ ସରକାର ଯୋଗୁ ସ୍ଥିତି ବଦଳିଛି। କିନ୍ତୁ ଉତ୍ତରପୂର୍ବ ଦିଲ୍ଲୀର ଦିଲ୍‌ଶାଦ ଗାର୍ଡେନ୍‌ଠାରେ ଦିଆଯାଇଥିବା ଡାକରା ଏକ ଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଲୋକ ସଭା ନିର୍ବାଚନ ପାଖେଇ ଆସିଲାଣି। ଏବେଠାରୁ ଘୃଣା ଓ କ୍ରୋଧକୁ ବୃଦ୍ଧି କରାଇପାରିଲେ କୁହୁଳୁଥିବା ପରିସ୍ଥିତିରୁ ନିଆଁ ଲାଗିପାରିବ। ଏହି ନିଆଁ ତାହାର ଶୀର୍ଷ ତାତିରେ ପହଞ୍ଚିବା ପାଇଁ ୨୦୨୩ ମସିହାର ଶେଷ ହୋଇଥାଇପାରେ ଲକ୍ଷ୍ୟ। ଅପରପକ୍ଷରେ ଭାରତୀୟ ମୁସଲମାନ, ଯେଉଁମାନେ ଅରାଜକତା ସୃଷ୍ଟି କରୁଛନ୍ତି ସେମାନଙ୍କୁ ସେହି ସମ୍ପ୍ରଦାୟ ଭିତରୁ ମଧ୍ୟ ବିରୋଧ ହେବା ଦରକାର। ଏହି ପରିପ୍ରେକ୍ଷୀରେ ଇରାନ୍‌ରେ ହିଜାବ ବିରୋଧୀ ଅଭିଯାନର ଦୃଷ୍ଟାନ୍ତ ଦିଆଯାଇପାରେ। ଉଚିତ ଢଙ୍ଗରେ ହିଜାବ ପିନ୍ଧି ନ ଥିବା ଦର୍ଶାଇ ଇରାନ୍‌ର ଧର୍ମୀୟ ବ୍ୟାପାର ପୋଲିସ ୨୨ ବର୍ଷୀୟା ମହସା ଅମିନୀଙ୍କ ଉପରେ ଅତ୍ୟାଚାର କରି ତାଙ୍କ ଜୀବନ ନେବା ପରଠାରୁ ସେଠାରେ ରକ୍ଷଣଶୀଳ ଗୋଷ୍ଠୀ ବିରୋଧରେ ଜୋରଦାର ଆନ୍ଦୋଳନ ହେଉଛି। ଏହା ଏବେ ସମଗ୍ର ବିଶ୍ୱକୁ ବ୍ୟାପିଗଲାଣି। ଦୁର୍ଭାଗ୍ୟର ବିଷୟ ଭାରତରେ ସେହି ବିଷୟକୁ ମୁସଲମାନମାନେ ସେଭଳି ଗୁରୁତ୍ୱ ଦେଉଥିବା ଭଳି ମନେହେଉ ନାହିଁ। ନାରୀ ସଶକ୍ତୀକରଣ ଲାଗି ହେଉଥିବା ଏପରି ବଡ଼ ଅଭିଯାନକୁ ଭାରତୀୟ ମୁସଲମାନ ଦେଖି ନୀରବ ରହିବା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ବୁମେରାଂ ହୋଇପାରେ ବୋଲି ଆଶଙ୍କା କରାଗଲାଣି। ଭାରତୀୟ ମୁସଲମାନ ଉଭୟ ଶିୟା ଓ ସୁନ୍ନି, ପୂର୍ବରୁ ଏହିଭଳି ନୀରବ ରହିବାରୁ ଆଜିର ସୁନ୍ଦର ନଗରୀ ଭଳି ପରିସ୍ଥିତି ସୃଷ୍ଟି କରିବାରେ ସକ୍ରିୟ ସାହାଯ୍ୟ କରିଛନ୍ତି। କେବଳ ଭାରତୀୟ ପତାକା ଦେଖାଇବା ଦେଶପ୍ରେମର ଉପରଠାଉରିଆ ଲକ୍ଷଣ ହୋଇପାରେ, କିନ୍ତୁ ବିଶ୍ୱସନୀୟତା ବୃଦ୍ଧି କରାଇବାରେ ବିଫଳ ହୋଇଛି। ଆଭ୍ୟନ୍ତରୀଣ ଚିନ୍ତାଧାରାରେ ପରିବର୍ତ୍ତନ ଆସିଲେ ବାହ୍ୟ ସ୍ଥିତି ବଦଳିଯାଇପାରେ।

> **‘ହିଂସାର ଜବାବ ହିଂସାରେ’ ଦେଲେ ତାହାର କୌଣସି ଅନ୍ତ ନାହିଁ। ତାହା ଘଟିଲେ ସାମ୍ପ୍ରଦାୟିକ ବିଦ୍ୱେଷ ବଢ଼ିବ, ଯାହାର ପରିଣତି ଆଉ ଏକ ଦଙ୍ଗା ସୃଷ୍ଟି କରିବାକୁ ଖୋରାକ ପାଇବ।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 5 | | | 4 | 6 | |
| | 7 | 3 | | 6 | | | | |
| | | | | | 9 | 3 | | |
| | 5 | | | | 7 | | 1 | |
| | 2 | | 4 | | | | | 7 |
| | 3 | 8 | | | 5 | | | |
| 6 | 4 | | | | | | | |
| | | | | 4 | | 9 | | |
| | | 9 | | | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 4 | 3 | 5 | 9 | 7 | 8 | 1 |
| 7 | 8 | 9 | 1 | 2 | 6 | 3 | 5 | 4 |
| 5 | 3 | 1 | 7 | 8 | 4 | 6 | 2 | 9 |
| 2 | 4 | 6 | 9 | 3 | 8 | 1 | 7 | 5 |
| 8 | 1 | 3 | 5 | 4 | 7 | 9 | 6 | 2 |
| 9 | 5 | 7 | 6 | 1 | 2 | 8 | 4 | 3 |
| 1 | 7 | 8 | 2 | 9 | 5 | 4 | 3 | 6 |
| 3 | 6 | 2 | 4 | 7 | 1 | 5 | 9 | 8 |
| 4 | 9 | 5 | 8 | 6 | 3 | 2 | 1 | 7 |

ଗତକାଲିର ଉତ୍ତର



# ରତ୍ନଭଣ୍ଡାରକୁ ନେଇ ସଂଶୟ

ଅନିଲ ବିଶ୍ୱାଳ

ଆଜକୁ ୪ ବର୍ଷ ହେଲାଣି ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ଚାବି ହଜିଥିବା କଥା ସାମ୍ନାକୁ ଆସିଲାଣି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ସମାଧାନ କରିବା ପାଇଁ ୪ ବର୍ଷ କିଛି କମ୍ ସମୟ ଅବଧି ନୁହେଁ। ରତ୍ନଭଣ୍ଡାରକୁ ଖୋଲି ଏହା ଭିତରେ ଥିବା ସମସ୍ତ ରତ୍ନ, ସୁନା, ରୁପା, ହୀରା ଏସବୁ ସୁରକ୍ଷିତ ଅଛିକି ନାହିଁ ଏହାର ଯାଞ୍ଚ କରିବା ପାଇଁ ବିଭିନ୍ନ ସ୍ତରରେ ଲଗାତର ଦାବି ହୋଇଆସୁଛି। କାରଣ ରତ୍ନଭଣ୍ଡାର ଶେଷଥର ପାଇଁ ଖୋଲାଯିବାର ଆଜକୁ ୩୮ ବର୍ଷ ବିତିସାରିଲାଣି। ସ୍ୱାଭାବିକ ଭାବରେ ସମସ୍ତଙ୍କ ମନରେ ଏନେଇ ସନ୍ଦେହ ଉଠୁଛି ଯେ କାହିଁକି ରତ୍ନଭଣ୍ଡାର ଖୋଲାଯାଉନାହିଁ ଓ ଏହାର ସମ୍ପତ୍ତିକୁ ଆଉ ଥରେ ହିସାବ କରାଯାଉ ନାହିଁ। ଏବେ କିଛିଦିନ ତଳେ ଶ୍ରୀମନ୍ଦିର ପ୍ରଶାସନର ପରିଚାଳନା କମିଟି ବସିଥିଲା। ଏହା ପୂର୍ବରୁ ଗଣମାଧ୍ୟମରେ ଚର୍ଚ୍ଚା ମଧ୍ୟ ହୋଇଥିଲା ଯେ ଶ୍ରୀମନ୍ଦିର ପ୍ରଶାସନର ବୈଠକରେ ରତ୍ନଭଣ୍ଡାର ଖୋଲିବା ନେଇ କିଛି ନିଷ୍ପତ୍ତି ହୋଇପାରେ। ଗଣମାଧ୍ୟମରେ ଏପରି ଚର୍ଚ୍ଚା ପଛରେ କାରଣ ଥିଲା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଅଧୀକ୍ଷକଙ୍କର ରତ୍ନଭଣ୍ଡାରର ସୁରକ୍ଷା ସମ୍ପର୍କିତ ରାଜ୍ୟ ସରକାରଙ୍କୁ ଏକ ଚିଠି। ହେଲେ ବଡ଼ ଆଶ୍ଚର୍ଯ୍ୟର ବିଷୟ ପରିଚାଳନା ବୈଠକରେ ରତ୍ନଭଣ୍ଡାର ସମ୍ପର୍କିତ କୌଣସି ଆଲୋଚନା ହେଲା ନାହିଁ। ଏହା ବୈଠକର କାର୍ଯ୍ୟସୂଚୀରେ ନ ଥିଲା ବୋଲି ପରିଚାଳନା ସମିତିର ସଭାପତି କହିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ର ଧାରା ୧୫ ଅନୁସାରେ ରତ୍ନଭଣ୍ଡାରର ସୁରକ୍ଷା ଦାୟିତ୍ୱ ଶ୍ରୀମନ୍ଦିର ପରିଚାଳନା କମିଟିର ଯାହାର ସଭାପତି ଗଜପତି ମହାରାଜା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଜଣେ ପ୍ରଶାସନିକ ଅଧିକାରୀ।

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ରତ୍ନଭଣ୍ଡାରର ଭିତର କାନ୍ଥ ଓ ଛାତ ବିପଦରେ ଅଛି ବୋଲି ଚିଠି ମାଧ୍ୟମରେ ଜଣାଇବା ପରେ ଏବେ ଏହାକୁ ଖୋଲିବା ନେଇ ଏକ ଦାବି ଉଠିଥିଲା। ବର୍ତ୍ତମାନର ସ୍ଥିତିରେ ରତ୍ନଭଣ୍ଡାର ଖୋଲିବା ପାଇଁ କେବଳ ଚାବି ହଜିବା ବା ସେଥିରେ ଥିବା ସମ୍ପତ୍ତିର ସୁରକ୍ଷା ଏକମାତ୍ର କାରଣ ନୁହେଁ। ଏହି କାରଣ ସହିତ ଏବେ ଆଉ ଏକ ବଳିଷ୍ଠ କାରଣ ଯୋଡ଼ିହୋଇଯାଇଛି ତାହା ହେଉଛି ଭଣ୍ଡାର ଘରର ସ୍ଥାୟିତ୍ୱ। ହେଲେ ସରକାର ସେହି ଦୁଇଟି ଯାକ ସମ୍ବେଦନଶୀଳ କାରଣକୁ ଅଣଦେଖା କରିଛନ୍ତି। କେଉଁ କାରଣ ପାଇଁ ସରକାର ରତ୍ନଭଣ୍ଡାର ଖୋଲିବା ପାଇଁ ଚାହୁଁନାହାନ୍ତି ଏହା ଆଲୋଚନାର ବିଷୟ। ଯଦି ଚାବି ହଜିଯାଇଛି ତା’ହେଲେ ତାଲା ଭଙ୍ଗାଯାଇ ଏହାର ଗଣନା କରିବାରେ ଅସୁବିଧା କେଉଁଠି ଅଛି ?

୨୦୧୮ରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏକ ୧୬ ଜଣିଆ ଦଳ ଯାଇଥିଲେ ରତ୍ନଭଣ୍ଡାର ଯାଞ୍ଚ କରିବାକୁ। ସେତେବେଳେ ହିଁ ରତ୍ନଭଣ୍ଡାର ଚାବି ହଜିବା ଘଟଣା ସାମ୍ନାକୁ ଆସିଥିଲା। ସେବେଠାରୁ ଏହି ଘଟଣା ଦିନକୁ ଦିନ ଏତେ ଅଡୁଆ ଭିତରକୁ ଚାଲିଯାଉଛି ଯେ ଓଡ଼ିଶାର ଲୋକମାନେ ଏକଥା ଦୃଢ଼ ନିଶ୍ଚିତ ହେଲେଣି ଯେ ବୋଧହୁଏ ରତ୍ନଭଣ୍ଡାରରୁ କିଛି ସମ୍ପତ୍ତି ଚୋରି ହୋଇଯାଇଛି ଯେଉଁଥିପାଇଁ ସରକାର ଏହାକୁ ଖୋଲିବା ପାଇଁ ଡରୁଛନ୍ତି। ଚାବି ହଜିବା ଘଟଣା ସିନା ୨୦୧୮ ରେ ସାମ୍ନାକୁ ଆସିଲା ହେଲେ ଚାବି କେବେ ହଜିଛି ତାହା କହିବା କଷ୍ଟକର। ତେଣୁ କିଛିବି ଘଟିଥାଇପାରେ। ଯଦିବି ରତ୍ନଭଣ୍ଡାରରୁ କିଛି ଧନ ସମ୍ପତ୍ତି ଚୋରି ହୋଇଥାଏ ତାହା ସରକାରଙ୍କ ଜ୍ଞାତସାରରେ ହୋଇଛି ବୋଲି ଦୃଢ଼ତାର ସହିତ କହିବା ଭୁଲ୍ ହେବ। କିନ୍ତୁ ଏଠାରେ ସରକାରଙ୍କ ଦୋଷତ୍ରୁଟି ରହିଛି ଏହା ସ୍ପଷ୍ଟ। ଯେହେତୁ ଗୋଟିଏ ଦଳର ସରକାର ଅନେକ ଦିନ ଧରି ରହିଛି ତେଣୁ ଦୋଷ ଆଉ କାହା ମୁଣ୍ଡରେ ଲଦି ସରକାର ଖସିଯାଇପାରିବେନାହିଁ।



ଶ୍ରୀମନ୍ଦିର ଉପରେ ଆଗରୁ ଯେତେଥର ଆକ୍ରମଣ ହୋଇଛି ଏହା ପଛରେ ମୁଖ୍ୟତଃ ଦୁଇଟି କାରଣ ରହୁଥିଲା। ଗୋଟିଏ ହେଲା ଶ୍ରୀଜଗନ୍ନାଥ ବିଗ୍ରହର କ୍ଷତି ପହଞ୍ଚାଇବା ଓ ଅନ୍ୟଟି ଥିଲା ରତ୍ନଭଣ୍ଡାରରୁ ଲୁଟ କରିବା। କିନ୍ତୁ ଏହା ଏକ ଗୁପ୍ତ ସ୍ଥାନରେ ଥିବାରୁ ଏହାକୁ ଲୁଟ କରିବା ଆକ୍ରମଣକାରୀଙ୍କ ଦ୍ୱାରା ସମ୍ଭବ ହୋଇ ନ ଥିଲା। ବିଭିନ୍ନ ଐତିହାସିକଙ୍କ ମତରେ ମାତ୍ର ଥରେ ରତ୍ନଭଣ୍ଡାର ଲୁଟ ହୋଇଥିଲା ତାହା ପୁଣି ବାହାର ରତ୍ନଭଣ୍ଡାର। ଶ୍ରୀମନ୍ଦିର ଭିତରେ ରତ୍ନଭଣ୍ଡାର ଏକ ଗୁପ୍ତ ସ୍ଥାନରେ ଅଛି ଯାହା ଆଜିବି ବହୁ ଭକ୍ତ ଜାଣନ୍ତି ନାହିଁ। ତେବେ ରତ୍ନଭଣ୍ଡାରର ଚାବି ହଜିବା ପରେ ଏଥିରେ ଥିବା କୋଟି କୋଟି ଟଙ୍କା ମୂଲ୍ୟର ଅଳଙ୍କାର ସବୁ ବାସ୍ତବରେ ସୁରକ୍ଷିତ ଅଛି କି ନାହିଁ ତାହାକୁ ନେଇ ସାଧାରଣରେ ଯେଉଁ ସନ୍ଦେହ ସୃଷ୍ଟି ହୋଇଥିଲା ତାହା ଆଜିବି ସେମିତି ରହିଛି। ରତ୍ନଭଣ୍ଡାରର ଭିତର ଗୃହର ଅଳଙ୍କାରର ଏକ ତାଲିକା ୧୯୭୮ରେ ପ୍ରସ୍ତୁତ ହୋଇଥିଲା। ସେହିପରି ୧୯୮୪ ରେ ଶେଷଥର ପାଇଁ ରତ୍ନଭଣ୍ଡାର ଖୋଲାଯାଇଥିଲା। ୩୮ ବର୍ଷ ହେଲାଣି ଗୋଟିଏ ବଡ଼ ଗମ୍ଭୀରା ଘର ବନ୍ଦ ରହିବାର ଅର୍ଥ ଏହାର ସ୍ଥାୟିତ୍ୱ ପ୍ରତି ବିପଦ। ଘର ଭିତରର ଆର୍ଦ୍ରତା ବଢ଼ିଯିବଣି, ତଳ ଚଟାଣ ଦବିଯିବାର ଆଶଙ୍କା ମଧ୍ୟ ରହିଛି। ଛାତ ମରାମତି କରା ନ ଗଲେ ସେଥିରୁ ଖସି ତଳେ କ୍ଷତିକାରିବାର ଆଶଙ୍କା ରହିଛି। ତେଣୁ ବର୍ତ୍ତମାନ ଭଣ୍ଡାରଘର ଖୋଲି କେବଳ ସୁନା, ରୁପା, ମୋତିକୁ ଗଣନା କରିବା ଯେତିକି ଆବଶ୍ୟକ ଭଣ୍ଡାରଘରର ସ୍ଥାୟିତ୍ୱକୁ ଯାଞ୍ଚ କରିବା ମଧ୍ୟ ସେତିକି ଜରୁରୀ।

ରାଜ୍ୟ ସରକାର ୮ଜୁନ୍ ୨୦୧୮ରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଘୋଷଣା କରିଥିଲେ। ୩ ମାସ ଭିତରେ ରିପୋର୍ଟ ପ୍ରଦାନ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ରାଜ୍ୟ ସରକାର ଏହାର କାର୍ଯ୍ୟକାଳକୁ ଆଉ ୩ମାସ ବୃଦ୍ଧି କଲେ। ୬ ମାସ ପରେ ୩୦ନଭେମ୍ବର, ୨୦୧୮ ରେ କମିଶନ ରିପୋର୍ଟ ପ୍ରଦାନ କରିଛନ୍ତି। ହେଲେ ଏହି ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ସେହି ସମୟରେ ପୁରୀ ଜିଲାପାଳ ଏକ ଲଫାପା ଦେଖାଇ ସେଥିରେ ରତ୍ନଭଣ୍ଡାରର ନକଲି ଚାବି ମିଳିଲା ବୋଲି କହିଥିଲେ। ଲଫାପାରେ ଡୁପ୍ଲିକେଟ ଚାବି ଅଛି ବୋଲି କୁହାଯାଇଥିଲା। ଏବେ ୨୦୨୨ରେ ସୂଚନା ଅଧିକାର ଆଇନରେ ଜଣାପଡୁଛି ଯେ ଆଜି ପର୍ଯ୍ୟନ୍ତ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସେଭଳି କୌଣସି ଚାବିକୁ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଦିଆଯାଇଛି ନା ତଦନ୍ତ କରୁଥିବା କମିଶନଙ୍କୁ ଜଣାଯାଇଛି। ତେଣୁ ତତ୍କାଳ ଜିଲାପାଳ ଏହି ନକଲି ଚାବିକୁ କେଉଁଠି ରଖିଲେ ତାହା ଏବେ ଏକ ବଡ଼ ପ୍ରଶ୍ନ।

ରତ୍ନଭଣ୍ଡାର ଖୋଲାଯିବା ନେଇ ଅନେକ ଆନ୍ଦୋଳନ ହୋଇଛି। ବିରୋଧୀ ଦଳମାନେ ଏହି ପ୍ରସଙ୍ଗ ବାରମ୍ବାର ଉଠାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ଜାତିପ୍ରାଣ। ରତ୍ନଭଣ୍ଡାର କେବଳ କିଛି ସୁନା, ରୁପା, ମୋତି, ମାଣିକର ଏକ ବସ୍ତୁ ଭଣ୍ଡାର ନୁହେଁ ବଂର ଏହା ହେଉଛି ଆମ ପୂର୍ବପୁରୁଷଙ୍କର ଶୌର୍ଯ୍ୟ, ବୀରତ୍ୱ ଓ ପାରିବା ପାଣିଆର ପ୍ରମାଣ। ଆମର ଅସ୍ମିତାର ସନ୍ତକ ହେଉଛି ରତ୍ନଭଣ୍ଡାର। ତେଣୁ ସରକାର ଏହାକୁ କେବେବି ରାଜନୈତିକ ଲାଭ କ୍ଷତିରେ ନ ଦେଖନ୍ତୁ । ରତ୍ନଭଣ୍ଡାର ଖୋଲିଦେଲେ କାଳେ କିଛି ଚୋରି କଥା ସାମ୍ନାକୁ ଆସିବ ଏବଂ ଏହାଦ୍ୱାରା ସରକାର ବା ଶାସକ ଦଳର ରାଜନୈତିକ କ୍ଷତି ହେବ ଏହି ମନସ୍ତତ୍ତ୍ୱର ଉପରକୁ ଉଠିଯିବା ଭଲ। କାରଣ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜନୀତିର ବହୁ ଉପରେ। ତେଣୁ ସରକାର ଉଚ୍ଚ ମନ କରନ୍ତୁ। ଯଦି ଆବଶ୍ୟକ ପଡୁଛି ଏକ ସର୍ବଦଳୀୟ ବୈଠକ ମଧ୍ୟ ଏନେଇ ଡକାଯାଉ। ରାଜନୈତିକ ଲାଭକ୍ଷତିଠାରୁ ଓଡ଼ିଆ ଅସ୍ମିତାକୁ ପ୍ରାଥମିକତା ଦିଅନ୍ତୁ, ସବୁ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ।

**ହରିରାଜପୁର, ପୁରୀ**
**ମୋ: ୯୪୩୮୫୭୯୨୯୦**



# ବଳିଦାନର ଅନ୍ୟ ନାମ ବାଜି ରାଉତ

ପ୍ରହଲାଦ କୁମାର ସିଂହ

ଏଡ଼ିକି ସେ ଅମାନିଆ ପିଲା
ଫଉଜର ଗୁଳିଗୁଳା, ରଜା, ଝଡ଼ କିଛି ନ ମାନିଲା।
ଧୂଳିଖେଳ ଛାଡ଼ି
ଗୁଳି ଆଗେ ଜୀବନକୁ ହସିହସି ଦେଲା ସିନା ବାଡ଼ି।...

ସ୍ୱାଧୀନତା ସଂଗ୍ରାମ ସମୟରେ ଚାଲିଥିବା ଗଡ଼ଜାତ ପ୍ରଜା ଆନ୍ଦୋଳନରେ ଦେଶର ସର୍ବକନିଷ୍ଠ ଶହୀଦ ବାର ବର୍ଷର ବାଳକ ବାଜି ରାଉତ। ତାଙ୍କ ସମେତ ୬ ଜଣଙ୍କ ଚିତାଗ୍ନି ଜଳୁଥିବା ବେଳେ କଟକର ଶ୍ମଶାନଘାଟରେ ଏହି କାଳଜୟୀ କବିତା ଲେଖିଥିଲେ କବି ସଚ୍ଚି ରାଉତରାୟ। ବର୍ତ୍ତମାନ ପିଢ଼ିର ଲୋକେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ବାଜି ରାଉତ ଭଳି ଛୋଟ ପିଲାଟିଏ ଜୀବନକୁ ବାଜି ଲଗାଇଦେଲା ସିନା ବ୍ରିଟିଶ୍ ଫୌଜ ଆଗରେ ମୁଣ୍ଡ ନୁଆଁଇଲା ନାହିଁ। ଏହି ବଳିଦାନର ଅମର ଗାଥା ଭାରତ ଇତିହାସରେ ଯେପରି ଭାବେ ସ୍ଥାନିତ ହେବା କଥା ତାହା ଅଦ୍ୟାବଧି ହୋଇନାହିଁ।

ବ୍ରିଟିଶ୍ ସରକାରଙ୍କ ଛତ୍ରଛାୟା ତଳେ ରହି ଢେଙ୍କାନାଳର ରାଜା ଯେପରି ବର୍ବରତାର ସୀମା ଟପି ଯାଇଥିଲେ, ତାହାର ଲୋମଟାଙ୍କୁରା ବିବରଣୀ ବ୍ରଜକିଶୋର ଧଳଙ୍କ ‘ଭୁଲିବୁ ନାହିଁ ଓ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ‘ଢେଙ୍କାନାଳର ଗଣବିଦ୍ରୋହ’ରେ ଦେଖିବାକୁ ମିଳେ। ଏହାଛଡ଼ା ଢେଙ୍କାନାଳ ପ୍ରଜା ଆନ୍ଦୋଳନର ଅନ୍ୟତମ ନେତା ବୀର ବୈଷ୍ଣବ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ରାଧାମୋହନ ଗଡ଼ନାୟକଙ୍କ ଭଳି ଓଡ଼ିଶାର ପ୍ରଥିତଯଶା କବି ଓ ସାହିତ୍ୟିକମାନଙ୍କ ଲେଖନୀ ମୁନରେ ଶହୀଦ ବାଜିଙ୍କ ବଳିଦାନ ସମେତ ଢେଙ୍କାନାଳ ଗଡ଼ଜାତ ଅତ୍ୟାଚାରର ଅନେକ କାହାଣୀ ଲିପିବଦ୍ଧ ହୋଇ ରହିଛି। ଯତନ ନଗରର ଯନ୍ତ୍ରଣାକୁ ସେମାନେ ଯତ୍ନର ସହ ପୁସ୍ତକ ପୃଷ୍ଠାରେ ସାଇତି ରଖିଛନ୍ତି।

ଢେଙ୍କାନାଳ ଗଡ଼ଜାତର ଲୋମଟାଙ୍କୁରା ଅତ୍ୟାଚାରରେ ଦୁର୍ବିଷହ ଜନତାଙ୍କ ସ୍ୱତଃପ୍ରବୃତ୍ତ ମେଳିରୁ ସୃଷ୍ଟି ହୋଇଥିଲା ଗଡ଼ଜାତ ପ୍ରଜା ଆନ୍ଦୋଳନ। ଏହାକୁ ଦବାଇବା ପାଇଁ ବ୍ରିଟିଶ୍ ଫୌଜଙ୍କ ସହାୟତାରେ ଢେଙ୍କାନାଳ ରାଜା ଯେକୌଣସି ପଦକ୍ଷେପ ନେବାକୁ ବି ପଛାଉ ନଥିଲେ। ପ୍ରଜା ଆନ୍ଦୋଳନକୁ ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ସାରଙ୍ଗଧର ଦାସ, ଗୌରାଙ୍ଗ ଚରଣ ଦାସ, ମାଳତୀ ଚୌଧୁରୀଙ୍କଠାରୁ ଆରମ୍ଭ କରି ବହୁ ସଂଗ୍ରାମୀ ଖୋଲା ସମର୍ଥନ ଦେଉଥିଲେ।

ପ୍ରଜାମଣ୍ଡଳ ମେଳିରେ ଆତଙ୍କିତ ରାଜାଙ୍କ ନିବେଦନକ୍ରମେ କଲିକତାରୁ ୨୫୦ ସଶସ୍ତ୍ର ବ୍ରିଟିଶ୍ ଫୌଜ ଆସି ପହଞ୍ଚିଲେ ଢେଙ୍କାନାଳରେ। ଏହାଛଡ଼ା ଢେଙ୍କାନାଳ ରାଜାଙ୍କ ଅନ୍ୟ ବନ୍ଧୁ ଗଡ଼ଜାତ ରାଜାମାନେ ଆନ୍ଦୋଳନ ଦବାଇବା ପାଇଁ ସେମାନଙ୍କ ସୈନ୍ୟ ପଠାଇଥିଲେ। ସେ ଥିଲା ୧୯୩୮ ମସିହା କଥା। ସେତେବେଳକୁ ଢେଙ୍କାନାଳ ରାଜା ଲୋକଙ୍କ ଉପରେ ରାଜଭକ୍ତ କର ନାମରେ ଏକ ନୂଆ ଟିକସ ଲଦିଥା’ନ୍ତି। ଯେଉଁମାନେ ରାଜକର ଦେବାକୁ କୁଣ୍ଠାବୋଧ କରୁଥା’ନ୍ତି, ସେମାନଙ୍କ ଉପରେ ଅତ୍ୟାଚାର ସହିତ ସମ୍ପତ୍ତି ବାଜ୍ୟାପ୍ତି ହୋଇଥାଏ। ବୀର ବୈଷ୍ଣବ ପଟ୍ଟନାୟକ, ହରମୋହନ ପଟ୍ଟନାୟକ, ବ୍ରଜ କିଶୋର ଧଳ, ସୁବାହୁ ସିଂଙ୍କ ଭଳି ନେତାମାନେ କିନ୍ତୁ ପରିଣାମକୁ ଖାତିର ନ କରି ଆନ୍ଦୋଳନକୁ ତେଜୁଥା’ନ୍ତି। ସେତେବେଳକୁ ଓଡ଼ିଶାର ସବୁଠାରୁ ବଡ଼ ଗାଁ ଭୁବନରେ ପ୍ରଜାମେଳି ଜୋରଦାର ହେଉଥାଏ। ଏହି ଖବର ପାଇ ବେଜେଲ୍ ଗେଟ୍‌ଙ୍କ ନେତୃତ୍ୱରେ ବ୍ରିଟିଶ୍ ଓ ରାଜାଙ୍କ ଫୌଜ ୧୯୩୮ ଅକ୍ଟୋବର ୧୦ ରେ ଭୁବନ ଉପରେ ଚଢ଼ାଉ କଲେ। ସେଠାରେ ଅନେକ ଘର ଭାଙ୍ଗିଲେ। ଲୋକେ ବିରୋଧ କରିବାରୁ ଆତଙ୍କିତ ପୋଲିସ ଫୌଜ ଆଖିବୁଜା ଗୁଳିଚାଳନା କଲେ। ଘଟଣାସ୍ଥଳରେ ରଘୁ ନାୟକ ଓ ଗୁରି ନାୟକ ଶହୀଦ ହେଲେ। ଲୋକେ ଜୀବନକୁ ପାଣି ଛଡ଼ାଇ ହତ୍ୟାକାରୀ ପୋଲିସ ବାହିନୀ ଉପରେ ପ୍ରତିଶୋଧ ନେବା ପାଇଁ ଆଗେଇ ଆସିଲେ। ଏଥିରେ ଆତଙ୍କିତ ହୋଇ ପୋଲିସ ପଛଘୁଞ୍ଚା ଦେଲା। ଜୀବନ ବିକଳରେ ଏମାନେ ଢେଙ୍କାନାଳ ଫେରିବା ପାଇଁ ଦୌଡ଼ିଲେ।



ସେ ଥିଲା ୧୯୩୮ ଅକ୍ଟୋବର ୧୦-୧୧ ରାତି। ପ୍ରଜା ଆନ୍ଦୋଳନର ବାନର ସେନାରେ ସାମିଲ ହୋଇଥିବା ବାର ବର୍ଷର ବାଳକ ବାଜି ରାଉତ ନୀଳକଣ୍ଠପୁର ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀ ନଦୀ ଘାଟରେ ଡଙ୍ଗା ଜଗିଥାଏ। ଆଗରେ ଭରା ନଈ, ପଛରେ ପ୍ରତିଶୋଧ ନେବା ପାଇଁ ଦୌଡୁଥିବା ଜନସମୁଦ୍ର। ଏ ପରିପ୍ରେକ୍ଷୀରେ ନଈ ପାରି ହେବା ପାଇଁ ଥିବା ଏକମାତ୍ର ଡଙ୍ଗାକୁ ରାତିରେ ଜଗିଥାଏ ବାଳକ ବାଜିଆ। ପୋଲିସ ବାହିନୀର ନିର୍ଦ୍ଦେଶ ସେମାନଙ୍କୁ ନଦୀ ପାରି କରିଦେବା ପାଇଁ। କିନ୍ତୁ ବୀର ବାଳକ ବାଜିଆର ରୋକ୍‌ଠୋକ୍ ଉତ୍ତର, ‘ପ୍ରଜାମଣ୍ଡଳର ନିର୍ଦ୍ଦେଶ ଅଛି, ରାଜାର ଫୌଜଙ୍କୁ ନଦୀ ପାରି କରାଇ ଦେବି ନାହିଁ।’ ଏ ପରିପ୍ରେକ୍ଷୀରେ ବ୍ରିଟିଶ୍ ଫୌଜର ଲାଠି ଓ ବନ୍ଧୁକର ଧମକକୁ ସେ ବେଖାତିର କରିବାରୁ ଶେଷରେ ଫୌଜଙ୍କ ଗୁଳି ବାଜି ରାଉତଙ୍କ ମୁଣ୍ଡରେ ବାଜିଲା। ଗାଁ ମାଟି ନୀଳକଣ୍ଠପୁର ଓ ତାହା ନିକଟରେ ପ୍ରବାହିତ ପବିତ୍ର ବ୍ରାହ୍ମଣୀର ଜଳରାଶିରେ ବାଜିଙ୍କର ରକ୍ତ ମିଶିଲା। ସେହି ନୀଳକଣ୍ଠପୁର ଘାଟରେ ହୋଇଥିବା ସଂଘର୍ଷରେ ଲକ୍ଷ୍ମଣ ମଳିକ, ନଟ ମଳିକ ଓ ହୁରୁଷି ପ୍ରଧାନଙ୍କ ଭଳି ଆଉ ୩ ଜଣ ଗ୍ରାମବାସୀ ଶହୀଦ ହେଲେ। ଏଭଳି ଏକ ଆତଙ୍କଜନକ ପରିସ୍ଥିତିରେ ବାଜିଙ୍କୁ ମାରି ଅନ୍ଧାରରେ ଲୁଚି ଡଙ୍ଗା ଧରି ପଳାଇ ଆସିଲେ ପୋଲିସ ଫୌଜ। ଅବଶ୍ୟ ପରେ ଏହି ଗଣହତ୍ୟାର ଖଳନାୟକ ବେଜେଲ୍ ଗେଟ୍‌ଙ୍କୁ ରଣପୁର ରାଜବାଟୀ ନିକଟରେ ଉତ୍ତ୍ୟକ୍ତ ଲୋକେ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲେ।

ଶହୀଦ ବାଜି ରାଉତ, ହୁରୁଷି ପ୍ରଧାନ, ଲକ୍ଷ୍ମଣ ମଳିକ, ନଟ ମଳିକ, ରଘୁ ନାଏକ ଓ ଗୁରି ନାଏକଙ୍କ ମର ଶରୀରଗୁଡ଼ିକୁ ବୀର ବୈଷ୍ଣବ ପଟ୍ଟନାୟକଙ୍କ ନେତୃତ୍ୱରେ କିଛି ସ୍ୱେଚ୍ଛାସେବୀ ରେଳଗାଡ଼ିରେ କଟକ ଆଣିଲେ। କଟକରେ ୬ଟି ଶଗଡ଼ଗାଡ଼ିରେ ଏହି ୬ଜଣ ଶହୀଦଙ୍କର ଶବାଧାର ରଖାଯାଇ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ହଜାର ହଜାର ମୁକ୍ତିକାମୀ ଜନତାଙ୍କ ଉପସ୍ଥିତିରେ ଶ୍ମଶାନଘାଟରେ ଏମାନଙ୍କ ଜୁଇ ଜଳି ଉଠିଲା।

ଶହୀଦ ବାଜି ରାଉତଙ୍କ ସ୍ମୃତିର ସ୍ମାରକୀ ଭାବେ ଅନୁଗୋଳରେ ରହିଛି ମାଳତୀ ଚୌଧୁରୀଙ୍କ ଦ୍ୱାରା ସ୍ଥାପିତ ବାଜି ରାଉତ ଛାତ୍ରାବାସ। ଦୁଃଖ ଓ ପରିତାପର ବିଷୟ ଯେ, ଭାରତ ଇତିହାସରେ ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ବଳିଦାନ ସ୍ଥାନିତ ହୋଇପାରି ନାହିଁ। ଦେଶ ସ୍ୱାଧୀନ ହୋଇଛି। ସ୍ୱାଧୀନତା ପରେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଆଦି ଭିନ୍ନ ରୂପରେ ରହିଥିବା ବେଳେ ଆଜି ଭାରତମାତା ଖୋଜୁଛି ବାଜି ରାଉତଙ୍କ ଭଳି ବୀର ବାଳକମାନଙ୍କୁ, ଯେଉଁମାନେ ପୁଣି ନିଜ ଜୀବନକୁ ବାଜି ଲଗାଇ ମାତୃଭୂମିର ସେବା କରିପାରିବେ।

**ମୋ: ୯୪୩୭୦୧୭୩୯୫**

## ଏଇ ଭାରତରେ

ବିନା ମାଟିରେ, କେବଳ ପାଣିରେ ଚାଷ(ହାଇଡ୍ରୋପୋନିକ୍ସ) କରିବା ଲାଗି ୫୦୦୦ କୃଷକଙ୍କୁ ସାହାଯ୍ୟ କରି ଏକ ଉଦାହରଣ ପାଲଟିଛନ୍ତି ଗୌରବ ନାରଙ୍ଗ। ସେ ଆଇଆଇଏମ୍ କୋଲ୍‌କାତାରୁ ଡିଗ୍ରୀ ହାସଲ କରିବା ପରେ ପ୍ରଥମେ ଫାର୍ମା ସେକ୍ଟରରେ କାର୍ଯ୍ୟ କରୁଥିଲେ। ୨୦୧୭ରେ ତାହାକୁ ଛାଡ଼ି ସେ ଓ ତାଙ୍କ ସ୍ତ୍ରୀ ‘ସିଟି ଗ୍ରୀନ୍’ ଷ୍ଟାର୍ଟଅପ୍ ଗଠନ କରି ତା’ ମାଧ୍ୟମରେ ହାଇଡ୍ରୋପୋନିକ୍ସ ଚାଷକୁ ସମ୍ପ୍ରସାରିତ କରୁଛନ୍ତି। ଉକ୍ତ କାର୍ଯ୍ୟରେ ୨୦୨୦ରେ କୋଲ୍‌କାତା ଆଇଆଇଏମ୍‌ରୁ ଡିଗ୍ରୀ ହାସଲ କରିଥିବା ରାହୁଲ ଇଣ୍ଡୋରକର ମଧ୍ୟ ଯୋଗଦେଇଥିଲେ। ନାରଙ୍ଗ ଓ ତାଙ୍କ ଟିମ୍ କୃଷକମାନଙ୍କୁ ଟେକ୍ନୋଲୋଜି ସହାୟତାଠାରୁ ଆରମ୍ଭ କରି ଫାର୍ମ ପ୍ରତିଷ୍ଠା ଯାଏ ସହଯୋଗ କରୁଛନ୍ତି। ନ୍ୟୁଟ୍ରିଣ୍ଟ, ଲାଇଟ୍ ଏବଂ ଅନ୍ୟ ସମସ୍ତ ଆବଶ୍ୟକତା ପୂରଣ କରୁଛି ସିଟି ଗ୍ରୀନ୍। ଏହାଦ୍ୱାରା କୃଷକମାନେ ଉତ୍ପାଦନକୁ ୧୨ ଗୁଣ ବୃଦ୍ଧି କରିବାକୁ ସକ୍ଷମ ହୋଇପାରିଛନ୍ତି। କୃଷକମାନଙ୍କ ଉତ୍ପାଦର ମାର୍କେଟିଂ ପାଇଁ ସବୁପ୍ରକାର ବ୍ୟବସ୍ଥା ମଧ୍ୟ କରୁଛନ୍ତି। ବିଗତ ଦୁଇ ବର୍ଷ ମଧ୍ୟରେ ଭାରତର ବିଭିନ୍ନ ସହରରେ ୨୫ରୁ ଊର୍ଦ୍ଧ୍ୱ ଫାର୍ମ କରାଯାଇପାରିଛି। ଏହା ବ୍ୟତୀତ ଆଲମୋରା, ହରିଦ୍ୱାର, ଅହମ୍ମଦାବାଦ, ବରୋଦା, କୋଏମ୍ବାଟୁର, ହାଇଦ୍ରାବାଦ ଆଦି ସହରରେ ଇନ୍‌ଡୋର ଭର୍ଟିକାଲ ହାଇଡ୍ରୋପୋନିକ୍ସ ଫାର୍ମ ବି ପ୍ରତିଷ୍ଠା କରାଯାଇଛି। ସିଟି ଗ୍ରୀନ୍‌ର ଏଭଳି ଅଭିଯାନକୁ ଲକ୍ଷ୍ୟ କରି ସରକାର ୬୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି।

## ଚିରନ୍ତନୀ

ଆଲୋଡ଼ିତ କରେ ପ୍ରାଣ
ସକଳ ଏ ଦିଶା,
ସବୁ ପଥେ ଘାଟେ ଜାଗି
ଉଠେ କୁହୁ-ନିଶା।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଏଦୀଙ୍କ ଦୁର୍ଦ୍ଦଶା

ମହାଶୟ,

ଏନ୍‌ସିଆରବି ତଥ୍ୟ ଅନୁସାରେ ଦେଶରେ ଥିବା ସମୁଦାୟ ବନ୍ଦୀଙ୍କ ମଧ୍ୟରୁ ୭୬% ବିଚାରାଧୀନ କଏଦୀ। ସେମାନଙ୍କ ମଧ୍ୟରୁ ୨୭% ନିରକ୍ଷର। ଏମାନେ ଦଶମ ଶ୍ରେଣୀ ପୂର୍ବରୁ ପାଠ ଛାଡ଼ିଛନ୍ତି। ଏହାର ଅର୍ଥ ହେଉଛି ଅଧିକାଂଶ ଗରିବ, ଅଶିକ୍ଷିତ ଓ ଉତ୍ପୀଡ଼ିତ ଶ୍ରେଣୀର। ଆମ ଦେଶର ଆଇନ ବ୍ୟବସ୍ଥା ଏତେ ତ୍ରୁଟିପୂର୍ଣ୍ଣ ଯେ, ମକଦ୍ଦମା ଲଢ଼ିବାରେ ଅସାମର୍ଥ୍ୟ ଯୋଗୁ ଏମାନେ ଜେଲରେ ରହି ଅକଥନୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏହାର ସମାଧାନର ବାଟ ସୁପ୍ରିମକୋର୍ଟ ଜଣାଇ ଦେଇଛନ୍ତି। ଏ ସମ୍ପର୍କରେ ଶୀର୍ଷ କୋର୍ଟ ତଦନ୍ତକାରୀ ସଂସ୍ଥା ଓ ଅଧସ୍ତନ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ତରବରିଆ ଗିରଫଦାରିକୁ ରୋକାଯାଉ। ଦେଶରେ ବ୍ୟାପକ ଭାବେ ତରବରିଆ ଗିରଫଦାରି ହେଉଛି। ଜାମିନ ମିଳିବାରେ ମଧ୍ୟ ବିଳମ୍ବ ହେଉଛି। ଏବେ ଦେଶରେ ୬.୧୦ ଲକ୍ଷ କଏଦୀଙ୍କ ମଧ୍ୟରୁ ୮୦% ବିଚାରାଧୀନ କଏଦୀ। ଏଣୁ ଜାମିନ ପ୍ରଦାନ ପ୍ରକ୍ରିୟାକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେବା ଉଚିତ ବୋଲି କୋର୍ଟ ସ୍ପଷ୍ଟ ମତପ୍ରକାଶ କରିଛନ୍ତି।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶରଧାବାଲିରେ କୁମାର ଉତ୍ସବ ଉଦ୍‌ଘାଟିତ

ପୁରୀ ଅଫିସ, ୧୦।୧୦: ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ସୋମବାର 'କୁମାର ଉତ୍ସବ ସମିତି' ଆନୁକୂଲ୍ୟରେ ୫୫ତମ କୁମାର ଉତ୍ସବ ଆରମ୍ଭ ହୋଇଛି। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ କୋଠାରୀ ନାରାୟଣ ମେକାପ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମୋ' କଲେଜ ଅଧକ୍ଷ ତଥା ଓଲିଉଡ୍ ଅଭିନେତା ଆକାଶଦାସ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସ୍ମରଣିକା' ଲୋକାର୍ପିତ ହେବା ସହ ପୁରୀ ଡିଏଭି ପବ୍ଲିକ ସ୍କୁଲର କିଷାନ ପଣ୍ଡାଙ୍କୁ ଶ୍ରୀକ୍ଷେତ୍ର କୁମାର ଏବଂ ବିଶ୍ୱମ୍ଭର ବିଦ୍ୟାପୀଠର ସ୍ନେହସ୍ମିତା ସାହୁଙ୍କୁ ଶ୍ରୀକ୍ଷେତ୍ର କୁମାରୀ ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ ବିଶିଷ୍ଟ ସୀତାର ବାଦକ ସତ୍ୟନାରାୟଣ ଗୁରୁ, ଗୀତିକାର ଗୁରୁ ଶତପଥୀ ଏବଂ ବନ୍ଧୁକ ଚାଳନାକାରୀ ରାଜନାରାୟଣ ଖୁଣ୍ଟିଆଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ଲଟ ବର୍ଦ୍ଧିତ ଦର ନେଇ କ୍ଷୁଦ୍ର ବ୍ୟବସାୟୀ ନିରାଶ

## ବାଲିଯାତ୍ରା ପାଇଁ ପ୍ଲଟ ବୁକିଂ

କଟକ ଅଫିସ,୧୦।୧୦

ଦୀର୍ଘ ଦୁଇବର୍ଷ ପରେ ଚଳିତବର୍ଷ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସହର ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ବାଲିଯାତ୍ରାରେ ବ୍ୟବସାୟ କରିବାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ଲଟ ବୁକିଂ ପ୍ରକ୍ରିୟା। ହେଲେ ଦୁଇ ପଇସା ରୋଜଗାର ଆଶାରେ ଥିବା କ୍ଷୁଦ୍ର ବ୍ୟବସାୟୀ ବର୍ତ୍ତମାନ ଆଶଙ୍କାରେ। କାରଣ ଚଳିତବର୍ଷ ପ୍ଲଟର ଦର ବୃଦ୍ଧି ପାଇଛି। ୧ ହଜାର ବର୍ଗଫୁଟ ପ୍ଲଟ ପାଇଁ ୫୦ ହଜାର ଟଙ୍କା ହୋଇଛି। ଏ ନେଇ ନିଲାମ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି ।

ପ୍ଲଟ ବୁକିଂ ପାଇଁ ଶନିବାରଠାରୁ ରେଜିଷ୍ଟ୍ରେଶନ ପ୍ରକ୍ରିୟା ଆରମ୍ଭ ହୋଇଛି। ରେଜିଷ୍ଟ୍ରେଶନ ପାଇଁ ୫ହଜାର ଟଙ୍କା ରହିଥିଲା ବେଳେ ଜଣେ ବ୍ୟବସାୟୀ ମୋଟ ୩ଟି ପ୍ଲଟ କିଣିପାରିବେ ବୋଲି ଚଳିତବର୍ଷ ନିୟମ ରହିଛି। କେବଳ ୩୪ଏକର ଜମିରେ ହେବ ବାଲିଯାତ୍ରା। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ୫୦ଟଙ୍କା ବର୍ଗଫୁଟ ଦର ରହିଥିବା ବେଳେ ସେମାନେ ୫ ହଜାର ଟଙ୍କା ଦେଇ ପ୍ରଥମେ



ପଞ୍ଜୀକରଣ କରିବେ। ଏହାପରେ ଉକ୍ତ ସ୍ଥାନର ନିଲାମ ହେବ। ବାଲିଯାତ୍ରାରେ କ୍ଷୁଦ୍ରଠାରୁ ଆରମ୍ଭକରି ବଡ଼ ବ୍ୟବସାୟୀ ପର୍ଯ୍ୟନ୍ତ ଭଲ ବେପାର ଆଶାରେ ଷ୍ଟଲ ପକାନ୍ତି। ଏଥିରେ କ୍ଷୁଦ୍ର ବ୍ୟବସାୟୀ ଅଧିକ ଦେଖିବାକୁ ମିଳେ। କାରଣ ଅଳ୍ପ ଟଙ୍କା ବିନିଯୋଗରେ ବର୍ଷତମାମ ଚଳିବା ପାଇଁ ରୋଜଗାର ହୋଇଥାଏ। ହେଲେ ଏନେଇ ଏବେ ସେମାନେ ନିରାଶ। ଜିଲା ପ୍ରଶାସନ କରିଥିବା ଏଭଳି ନିୟମକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କ୍ଷୁଦ୍ର ବ୍ୟବସାୟୀ। ପ୍ରଥମେ ରେଜିଷ୍ଟ୍ରେଶନ ଫିକୁ ଆକାଶଛୁଆଁ କରିବା ଅନ୍ୟପଟେ ନିଲାମ ପ୍ରକ୍ରିୟାକୁ ସାମିଲ କରିବା, ଯାହା କ୍ଷୁଦ୍ର ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। ଅନେକ ଆଶା ନେଇ ରେଜିଷ୍ଟ୍ରେଶନ କରିବାକୁ ଆସିଥିଲେ ସୁଦ୍ଧା ଷ୍ଟଲ ପକାଇବା ସ୍ୱପ୍ନକୁ ଭାଙ୍ଗି ଅନେକ ମୁହଁ ଫେରାଇଛନ୍ତି। ଆରମ୍ଭ ହୋଇଥିବା ଏହି ପ୍ଲଟ ବୁକିଂ ବ୍ୟବସ୍ଥା କେତେ ଠିକ୍ ସେନେଇ ଏବେ କଳ୍ପନାଜଳ୍ପନା ଚାଲିଛି। ଏଥିରେ କ୍ଷୁଦ୍ର ବ୍ୟବସାୟୀ ଲାଭବାନ ହେବେ ନା ନାହିଁ ସେନେଇ ପ୍ରଶ୍ନ ଉଠିଛି। ଅପରପକ୍ଷେ ଅଧିକ ଦରରେ ପ୍ଲଟ କିଣିଲେ ସାମଗ୍ରୀ ଦର ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବାଲିଯାତ୍ରାରେ ସବୁ ବ୍ୟବସାୟୀଙ୍କୁ ଅଗ୍ରାଧିକାର ଦେବା, ବଡ଼ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ସମାନ ନିୟମ କରିବା ସହ ପ୍ଲଟ ବିକ୍ରିରେ ପାରଦର୍ଶିତା ଆଣିବା ପାଇଁ ନିଲାମ ପ୍ରକ୍ରିୟା କରାଯାଇଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି । ଏହାସହ ବାଲିଯାତ୍ରା ପ୍ଲଟ ବିକ୍ରିରେ ମଧ୍ୟସ୍ଥତା ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଏପରି ନିୟମ କରାଯାଇଛି। ଯେପରି କୌଣସି ବ୍ୟବସାୟୀ ଏଥିରୁ ବଞ୍ଚିତ ହୋଇପାରିବେ ନାହିଁ ବୋଲି ସେ କହିଛନ୍ତି।



"କରୋନା ଶେଷ ହେବାପରେ ଭରସା ଥିଲା କି ବାଲିଯାତ୍ରା ହେଲେ ଭଲ ପଇସା ରୋଜଗାର କରିବେ। ହେଲେ ଏବେ ଯେଉଁ ବ୍ୟବସ୍ଥା ହୋଇଛି, ସେଥିରେ କେବଳ ଲୋକଙ୍କୁ ଲୁଟିବା ବ୍ୟବସ୍ଥା ହୋଇଛି। ଆଇପିଏଲ ଭଳି ବାଲିଯାତ୍ରାକୁ ନିଲାମ କରିଦେଇଛନ୍ତି। ଏଥର ଯେଉଁଭଳି ବ୍ୟବସ୍ଥା ହୋଇଛି କେହି ଜାଣିପାରିବେ ନାହିଁ କାହାର କେଉଁଠି ପ୍ଲଟ ପଡିବ।

– ହେମନ୍ତ ସାହୁ, ବ୍ୟବସାୟୀ



"୨୫ରୁ ୩୦ ବର୍ଷ ହେବ ମୁଁ ବାଲିଯାତ୍ରରେ ଷ୍ଟଲ ପକାଇ ଆସୁଛି । ଛୋଟ ଖେଳଣା ଦୋକାନ କରେ। ୨୦୧୯ରେ ୨୬ଶହ ଟଙ୍କା ଦେଇଥିଲି । ହେଲେ ଏଥର ଶୁଣିଲି ୫ହଜାର ଟଙ୍କା ହୋଇଛି। ଏହାପରେ ନିଲାମ ଡକା ହେବ । ନିଲାମ ଡକା ହେଲେ ଆମକୁ ମିଳିବନି । କାରଣ ଯାହା ପାଖରେ ଅଧିକ ଟଙ୍କା ରହିବ ସେ ପ୍ଲଟ ନେଇଯିବ, ଆମ ହାତକୁ କିଛି ଆସିବ ନାହିଁ। ଗରିବ ଲୋକଙ୍କ ପାଇଁ ଏହା ଅନ୍ୟାୟ । ରେଜିଷ୍ଟ୍ରେଶନ ନ କରି ମୁଁ ଫେରିଯାଉଛି।

–ରୋହିତ ବେହେରା, ବ୍ୟବସାୟୀ



"୨୦୧୯ରେ ମୁଁ ୨ହଜାର ଟଙ୍କା ଦେଇ ରେଜିଷ୍ଟ୍ରେଶନ କରିଥିଲି । ହେଲେ ଚଳିତବର୍ଷ ବଢ଼ି ତାହା ୫ ହଜାର ଟଙ୍କା ହୋଇଛି। ଏହାକୁ ଠିକ୍ ଭାବେ ଯଦି ବୁଝି ନ ପାରିବେ, ତେବେ ଷ୍ଟଲ ବୁକିଂ କରିବା ବହୁତ କାଷ୍ଟଦାୟକ ହୋଇଯିବ। ଯିଏ ଅଧିକ ଟଙ୍କା ଦେଇପାରିବ ସେ ପ୍ଲଟ ପାଇବ। ସବୁ ଲୋକ ଏହା ପାଇପାରିବେ ନାହିଁ।

–ମଧୁସ୍ମିତା ମହାକୁଡ, ବ୍ୟବସାୟୀ

## ଶାଳିକୁ ଖଣ୍ଡାରେ ହାଣି ବିଷ ପିଇଲେ ଭିଣୋଇ

ଚୌଦ୍ୱାର,୧୦।୧୦(ଡି.ଏନ୍.ଏ.)

ପ୍ରଥମେ ଶାଳିକୁ ଖଣ୍ଡାରେ ହାଣିଲେ। ପରେ ମାନସିକ ଭାରସାମ୍ୟ ହରାଇ ନିଜେ ବିଷପାନ କରି ଗୁରୁତର ହୋଇପଡ଼ିଥିଲେ ଭିଣୋଇ। ଏଭଳି ଅଭାବନୀୟ ଘଟଣା କଟକ ଜିଲା ଚୌଦ୍ୱାର ପୌରପାଳିକା ୧୮ ନମ୍ବର ୱାର୍ଡ଼ ଗଉଡ଼ସାହିରେ ଘଟିଛି। ରବିବାର ବିଳମ୍ବିତ ରାତିରେ ଶ୍ୱଶୁର ଘରେ ରହୁଥିବା ଗଉଡ଼ସାହିର ଯୁଗଳକିଶୋର ବେହେରା (୫୦)ର କୌଣସି କାରଣକୁ ନେଇ ଶାଳି ପ୍ରମିଳା ବେହେରା(୩୫)ଙ୍କ ସହିତ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁଗଳ ଏକ ଖଣ୍ଡାରେ ପ୍ରମିଳାଙ୍କ ମୁଣ୍ଡ ଓ ହାତକୁ ନିର୍ମମ ଭାବେ ହାଣି ଦେଇଥିଲେ। ପାଟିଶୁଣି ପରିବାର ଲୋକ ଉଠି ପ୍ରମିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଅନ୍ୟପଟେ ଘଟଣା ଘଟାଇବା ପରେ ଯୁଗଳ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଦାନାଦାର ବିଷ ଖାଇ ଦେଇଥିଲେ। ସେ ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ପ୍ରମିଳାଙ୍କ ଭଉଣୀ ସରସ୍ୱତୀଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରି ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ଜବତ କରିଛି।

## ଘରୁ ଟାଣି ଆଣି ମହିଳାଙ୍କୁ ହତ୍ୟା

ଖୋର୍ଦ୍ଧା ଅଫିସ/ ବାଣପୁର,୧୦।୧୦(ଡି.ଏନ୍.ଏ.)

ପାରିବାରିକ ଅଶାନ୍ତିର କରୁଣ ଚିତ୍ର ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ଥାନା ଗମ୍ଭାରୀମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଙ୍କାଳ ଗ୍ରାମରେ। ସୋମବାର ସକାଳେ ପାରିବାରିକ କଳହରୁ ଜଣେ ମହିଳାଙ୍କୁ ତାଙ୍କ ଦୁଇ ଦେଢ଼ଶୁର ଓ ଜଣେ ଦିଅର ଘରୁ ଟାଣି ଆଣି ଘର ସମ୍ମୁଖ ରାସ୍ତାରେ ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସୁବାସ ରାଉତରାୟଙ୍କ ସ୍ତ୍ରୀ ମୀନାକ୍ଷୀ ରାଉତରାୟ(୪୫)। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଥାନାଧିକାରୀ ଜୟ ପ୍ରକାଶ ପରିଡା, ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ପୋଲିସ ବିଭିନ୍ନ ଦଫାରେ ହତ୍ୟା ମାମଲା (ନଂ.୪୧୮/୨୨) ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଏହି ଗ୍ରାମର ସ୍ୱର୍ଗତ ହାଡୁ ରାଉତରାୟଙ୍କ ଚାରି ପୁଅ ମଧ୍ୟରୁ ଦୁଇଜଣ ଗ୍ରାମରେ ଓ ଆଉ ଦୁଇଜଣ ଅନ୍ୟ ଗ୍ରାମରେ ରହୁଛନ୍ତି। ହାଡୁଙ୍କ ଦେହାନ୍ତ ପରେ ୪ପୁଅ ବୃଦ୍ଧା ମା'ଙ୍କୁ ଏକ ମାସ ଲେଖାଏ ପୋଷୁଥିଲେ। ମଝିଆ ପୁଅ ସୁବାସ ଏକ ମାସ ମା'ଙ୍କୁ ଘରେ ରଖିବା ପରେ ଅନ୍ୟ ଭାଇଙ୍କ ପାଖକୁ ପଠାଇଥିଲେ। ସେପଟେ ଅନ୍ୟ ଦୁଇ ଭାଇ ମାତ୍ର ଗୋଟିଏ ମାସ ପରେ ପୁଣି ମା'ଙ୍କୁ ସୁବାସଙ୍କ ଘରକୁ ପଠାଇ ଦେଇଥିଲେ। ଏନେଇ ଭାଇମାନଙ୍କ ମଧ୍ୟରେ ମତାନ୍ତର ରହିଥିଲା। ସୋମବାର ସକାଳ ୮ଟାରେ ଚାରିଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୃତାଙ୍କ ଦେଢ଼ଶୁର ଲକ୍ଷ୍ମୀ, ବଇଁଶୀ ଓ ଦିଅର ମାଧବ ମିଳିତଭାବେ ସୁବାସଙ୍କ ସମେତ ତାଙ୍କ ପୁଅବୋହୂଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ମୀନାକ୍ଷୀଙ୍କୁ ଘରୁ ଟାଣି ଆଣି ଘର ସମ୍ମୁଖରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମୀନାକ୍ଷୀଙ୍କ ମୃତ୍ୟୁ ଘଟିଥିଲା।

# ମୋକିମ୍‌ଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

## ଋଣ ଦୁର୍ନୀତି ନେଇ ଜେଲ ଦଣ୍ଡାଦେଶ ବିରୋଧରେ ମାମଲା

- ନିମ୍ନ ଅଦାଲତଙ୍କ ରାୟ ଉପରେ ସ୍ଥଗିତାଦେଶ
- ୧ ଲକ୍ଷ ଟଙ୍କା, ୨ ଜାମିନଦାରଙ୍କ ବଦଳରେ ଜାମିନ ମଞ୍ଜୁର

କଟକ ଅଫିସ,୧୦।୧୦

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ପକ୍ଷରୁ ମେଟ୍ରୋ ବିଲଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ନେଇ ଦୁର୍ନୀତି ମାମଲାରେ ମେଟ୍ରୋ ବିଲଡର୍ସର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ୩ବର୍ଷ ଜେଲ ଦଣ୍ଡାଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ହାଇକୋର୍ଟରେ ବିଚାରପତି ବିଭୁପ୍ରସାଦ ରାଉତରାୟଙ୍କ ଇଜଲାସରେ ଏହି ମାମଲାର ଶୁଣାଣି କରାଯାଇ ମୋକିମଙ୍କ ଆବେଦନ ବିଚାର ପାଇଁ ଗ୍ରହଣ ହୋଇଛି। ନିମ୍ନ ଅଦାଲତ ଦେଇଥିବା ୩ବର୍ଷ ଜେଲ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ଜରିମାନା ରାୟ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଓ ୨ଜଣ ଜାମିନଦାରଙ୍କ ବଦଳରେ ମୋକିମଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ପିଟିଶନ୍‌ର ପୂର୍ଣ୍ଣାଙ୍ଗ ଶୁଣାଣି ଅକ୍ଟୋବର ୧୩ ତାରିଖ ଅପରାହ୍ନ ୨ଟାରେ ହେବ ବୋଲି ଧାର୍ଯ୍ୟ କରିଛନ୍ତି। ଆବେଦନକାରୀ ମୋକିମ୍‌ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଶୁଣାଣି ବେଳେ ଯୁକ୍ତି ଉପସ୍ଥାପନ କରି ନିମ୍ନ ଅଦାଲତଙ୍କ ଆଦେଶ ସମ୍ପୂର୍ଣ୍ଣ ବେଆଇନ ତଥା ତଥ୍ୟ ପ୍ରମାଣ ଉପରେ ଆଧାରିତ ନୁହେଁ ବୋଲି କହିଥିଲେ। ଏଥିସହ ଯେଉଁ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତି କରି ନିମ୍ନ ଅଦାଲତ ରାୟ ଦେଇଛନ୍ତି, ତାହା ଆଇନତଃ ଗ୍ରହଣୀୟ ନୁହେଁ ବୋଲି ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ। ଏହି ମାମଲା ପରିଚାଳନା ପାଇଁ ଆଚାର୍ଯ୍ୟଙ୍କୁ ଆଇନଜୀବୀ ବେବର୍ତ୍ତା ପଟ୍ଟନାୟକ ଓ ସୌମିକ ସ୍ୱନ୍ଦନ ତ୍ରିପାଠୀ ସହଯୋଗ କରୁଛନ୍ତି। ଭିଜିଲାନ୍ସ ପକ୍ଷରୁ ସୀମନ୍ତ ଦାସ ମାମଲା ଲଢୁଛନ୍ତି।

ଉଲ୍ଲେଖଯୋଗ୍ୟ, ଓଆର୍‌ଏଚ୍‌ଡିସି ପକ୍ଷରୁ ମେଟ୍ରୋ ବିଲଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ନେଇ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ବିଧାୟକ ମୋକିମଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲ୍ ସହ ଜରିମାନା ଦଣ୍ଡାଦେଶ ଦେଇଥିଲେ। ଏହାଦ୍ୱାରା ମୋକିମ୍‌ଙ୍କ ବିଧାୟକ ପଦ ରଦ୍ଦ ହେବାର ଆଶଙ୍କା ରହିଛି। ତେଣୁ ନିମ୍ନ କୋର୍ଟରେ ଉପଯୁକ୍ତ ତଥ୍ୟ ପ୍ରମାଣକୁ ବିଚାରକୁ ନିଆଯାଇ ନ ଥିବା ଦର୍ଶାଇ ଉକ୍ତ ଦଣ୍ଡାଦେଶକୁ ଖାରଜ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ଏହି ମାମଲାରେ ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ର ଏବଂ ମେଟ୍ରୋ ବିଲଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଥିଲା। ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ମେ ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ଥିବା ବେଳେ ମେଟ୍ରୋ ବିଲଡର୍ସକୁ ଋଣ ପ୍ରଦାନ କରିଥିଲେ। ଭୁବନେଶ୍ୱର ନୟାପଲ୍ଲୀଠାରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟ ନାମରେ ୫୦ କୋଠରୀ ବିଶିଷ୍ଟ ଫ୍ଲାଟ୍ ନିର୍ମାଣ ପାଇଁ ଏହି ଋଣ ଆବେଦନ କରାଯାଇଥିଲା। ଏଥିଲାଗି ମେଟ୍ରୋ ବିଲଡର୍ସ ପକ୍ଷରୁ ଜାଲ ଦସ୍ତାବିଜ୍ ଦିଆଯାଇଥିଲା। କମ୍ପାନୀ ସେକ୍ରେଟାରୀ ମହାପାତ୍ର ସମ୍ପୃକ୍ତ କାଗଜପତ୍ରଗୁଡ଼ିକୁ ଠିକ ଭାବେ ଯାଞ୍ଚ କରି ନ ଥିଲେ। ବିନୋଦ କୁମାରଙ୍କର ଋଣ ଦେବା କ୍ଷମତା ନ ଥିବାବେଳେ ଲୋନ୍ କମିଟିରୁ ଅନୁମତି ଆଣି ନ ଥିଲେ ଓ ସର୍ତ୍ତାବଳୀ ଉଲ୍ଲଂଘନ କରିଥିଲେ। ମେଟ୍ରୋ ବିଲଡର୍ସକୁ ୩ଟି କିସ୍ତିରେ ୧ କୋଟି ୫୦ ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ରାଜ୍ୟ ସରକାର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ୨୦୦୫ ମାର୍ଚ୍ଚ ୩୦ରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଋଣ ନ ଶୁଝିବାରୁ ମେଟ୍ରୋ ବିଲଡର୍ସ ଉପରେ ସୁଧ ସହ ମୂଳର ପରିମାଣ ୬,୨୨,୨୫,୨୧୪ ଟଙ୍କା ବକେୟା ହୋଇଯାଇଥିଲା, ଯଦ୍ଦ୍ୱାରା ରାଜ୍ୟ ସରକାରଙ୍କୁ ବହୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା।



ଭୁବନେଶ୍ୱର ଜଗନ୍ନାଥ ନଗର ମେନ୍ ରୋଡ ସାମନ୍ତରାୟ ମାର୍କେଟ କମ୍ପ୍ଲେକ୍ସରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।



ରଘୁନାଥପୁର ଗ୍ରାମପଞ୍ଚାୟତ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା।



ବଡଗଡ ବ୍ରିଟ୍ କଲୋନୀ ଜ୍ୟୋତି କ୍ଲବ।



ୟୁନିଟ୍-୧ ମା' ମଙ୍ଗଳା ଗଜଲକ୍ଷ୍ମୀ ପୂଜା କମିଟି।



ପୋଖରୀପୁଟ ଭୁଆସୁଣୀ ୟୁଥ୍ କ୍ଲବ୍।



ବାଙ୍କୁଆଳ ଗଜଲକ୍ଷ୍ମୀ ପୂଜା କମିଟି।

## ସଂକ୍ଷେପରେ

### ପରମାନନ୍ଦ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ବୋଲଗଡ଼,୧୦।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ସଦର ମହକୁମାସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ହେମନ୍ତ ମହାପାତ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ମହାପାତ୍ରଙ୍କୁ ପଦୋନ୍ନତି ଦେଇ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ନବନିଯୁକ୍ତ ଅଧ୍ୟକ୍ଷ ପଦାର୍ଥ ବିଜ୍ଞାନର ବିଭାଗୀୟ ମୁଖ୍ୟଭାବେ ଦୀର୍ଘଦିନଧରି କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ପ୍ରାଧାପକ ଜୟନ୍ତ ବିଶ୍ୱାଳ, ଲକ୍ଷ୍ମୀ ନାରାୟଣ ମିଶ୍ର, ଅଧାପକ କର୍ମୋଦୟ ଛୋଟରାୟ, ଗାନ୍ଧୀ କୁମାର ସାହୁ, ଗଣେଶ ପଣ୍ଡା, ଅଜୟ ସାହୁ, ଅଧାପିକା ଲକ୍ଷ୍ମୀପ୍ରଭା ମିଶ୍ର, ଗାୟତ୍ରୀ ପଟ୍ଟନାୟକ, ସଞ୍ଜୁକ୍ତା ସାହୁ, ବୈଦ୍ୟନାଥ ହୋତା, ଭଞ୍ଜ କିଶୋର ଯତି, ସତ୍ୟବ୍ରତ ମହାପାତ୍ର, ମାୟାଧର ବରାଡ଼, ଶ୍ରୀନିବାସ ଖାଡ଼ଙ୍ଗା, ବୋଲଗଡ଼ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟ ନିର୍ମଳା ପ୍ରଧାନ, ଧୀରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ନୂତନ ଅଧ୍ୟକ୍ଷ ମହାପାତ୍ରଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନକରି ଶୁଭେଚ୍ଛା ଜଣାଇଥିଲେ। ପ୍ରକାଶ ଯେ, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଏଠାରୁ ସେପ୍ଟେମ୍ବର ୩୦ରେ ଅବସର ଗ୍ରହଣ କରିଥିଲେ।

# ୩୪ ମଣ୍ଡପରେ ମା'ଗଜଲକ୍ଷ୍ମୀ

## ରଙ୍ଗିନ ଆଲୋକରେ ଝଲସୁଛି ସହର

**ଖୋର୍ଦ୍ଧା ଅଫିସ,୧୦।୧୦:**

ଧରାବତରଣ କରିଛନ୍ତି ମା' ଧନଲକ୍ଷ୍ମୀ। ମା'ଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ସବୁଠି ଉତ୍ସାହର ପରିବେଶ। ଧନ ଓ ଐଶର୍ଯ୍ୟର ଦେବୀ ମା' ଲକ୍ଷ୍ମୀଙ୍କ ଚାଲିଛି ଆରାଧନା। ମନ୍ତ୍ର ଉଚ୍ଚାରଣ, ଘଣ୍ଟ, ବାଦ୍ୟଯନ୍ତ୍ରରେ କମ୍ପୁଛି ପୂଜାମଣ୍ଡପ। ରଙ୍ଗିନ ଆଲୋକମାଳାରେ ଝଲସୁଛି ଐତିହ୍ୟ ସହର ଖୋର୍ଦ୍ଧା। ଦୁଇ ବର୍ଷ ଧରି କରୋନା ମହାମାରୀ ଯୋଗୁ ପୂଜା ମାହୋଲ ଫିକା ପଡ଼ିଥିଲା। ଚଳିତ ବର୍ଷ ଭକ୍ତଙ୍କ ଗହଣରେ ମହାଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ହେଉଛି। ପ୍ରାୟ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଆସୁଛି। ସେହିପରି ଜିଲା ପ୍ରଶାସନ ଏବଂ ପୂଜା କମିଟିର ମିଳିତ ଉଦ୍ୟମ କ୍ରମେ ଦୀର୍ଘ ୧୮ବର୍ଷରୁ ଉର୍ଦ୍ଧ୍ୱ ଗଜଲକ୍ଷ୍ମୀ ଭଷାଣୀ ଉତ୍ସବ ଆୟୋଜିତ ହୋଇଆସୁଛି। ଖୋର୍ଦ୍ଧାରେ ଏହା ଏକ ଗଣପର୍ବରେ ପରିଣତ ହୋଇଛି।



୩୪ ମଣ୍ଡପରେ ପୂଜା ପାଉଛନ୍ତି ଗଜଲକ୍ଷ୍ମୀ। ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଦୈନିକ ଅଖଣ୍ଡ ଆଳତି, ରାମଚରିତ ମାନସ କାର୍ଯ୍ୟକ୍ରମ ରହିଛି। ପଦ୍ମାଳୟା ପୂଜା କମିଟି ପକ୍ଷରୁ କୋର୍ଟ ଛକରେ ଚଳିତ ବର୍ଷ ଭିନ୍ନ ଢଙ୍ଗରେ ପଦ୍ମ ପାଖୁଡ଼ାରେ ତିରୁପତି ମନ୍ଦିର ସିଂହାସନ ଉପରେ ମା' ଧନଲକ୍ଷ୍ମୀ ବିଜେ କରିଛନ୍ତି। କଳ୍ପତରୁ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ୬୦ ଫୁଟର ତୋରଣ ଏବଂ ସାଜସଜ୍ଜା ଅତି ଆକର୍ଷଣୀୟ ହୋଇଛି। ଖୋର୍ଦ୍ଧା ସହରର ନୟାଗଡ ରୋଡ, ପୁରୁଣା ବସଷ୍ଟାଣ୍ଡ, ଗୁରୁଜଙ୍ଗ, ନୂଆ ମେଡିକାଲ ରୋଡ, ଶ୍ରୀରାମ ନଗରି, ଭାଲିଆବାଡ଼ି, ନୂଆ ବସଷ୍ଟାଣ୍ଡ, କଣ୍ଟାଛକ, ପଲ୍ଲା ହାଟ ଛକ, ନୂଆ ବସଷ୍ଟାଣ୍ଡ ରୋଡ, ମଧୁସୂଦନ ମାର୍ଗ, ଦିବ୍ୟଜ୍ୟୋତି , ନୂଆ ବସଷ୍ଟାଣ୍ଡ ମ୍ୟୁନିସିପାଲିଟି ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ, ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନିକଟ(ନୂଆ ବସଷ୍ଟାଣ୍ଡ ରୋଡ), ଫରେଷ୍ଟ ସ୍କୁଲ ସମ୍ମୁଖ, କୋର୍ଟ ସମ୍ମୁଖ, ଖ୍ରୀଷ୍ଟିଆନ ଚର୍ଚ୍ଚ ସମ୍ମୁଖ, ବାଳିକା ହାଇସ୍କୁଲ ସମ୍ମୁଖ ଗାନ୍ଧୀ ମାର୍କେଟ, ସମବାୟ ବ୍ୟାଙ୍କ ଛକ, ପୌର କାର୍ଯ୍ୟାଳୟ ରୋଡ, ଉପରସାହି, କାମନା ବର ସାହି, ବୁଢି ବଗିଚା, ଠେଙ୍ଗାହାଟ, ଶାଗୁଆନ ବଗିଚା, ଗଡଖୋର୍ଦ୍ଧା, ମୁକୁନ୍ଦପ୍ରସାଦ, ମାରୱାଡି ପଟି, ଟ୍ରାଫିକ ଛକ, ପୁରୁଣା ମେଡିକାଲ ରୋଡ, ହାବେଳି ପଡ଼ିଆ ପ୍ରଭୃତି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି।

### ଭାଇଚାରା ବାର୍ତ୍ତା ଦିଏ

ଏଠାରେ ସପ୍ତାହେ ବ୍ୟାପୀ ପୂଜା ଚାଲେ। ଭଜନ ସମାରୋହ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଏ। ସ୍ନେହ, ସଦଭାବ ଏବଂ ଭାଇଚାରା ବାର୍ତ୍ତା ଦେଇଥାଏ ଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜା। ସନ୍ଧ୍ୟା ହେଲେ ବିଭିନ୍ନ ପୂଜାମଣ୍ଡପରେ ଲୋକଙ୍କ ଭିଡ଼ ଜମେ।

### ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ

ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପ୍ରଶାସନ ପକ୍ଷରୁ ପ୍ରତି ପୂଜାମଣ୍ଡପରେ ପୋଲିସ ମୁତୟନ କରାଯାଇଛି। ସହରରେ ୩ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୧୬ତାରିଖରେ ମିଳିତ ଭଷାଣୀ ହେବ। ଏହା ଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜାର ଅନ୍ୟତମ ଆକର୍ଷଣ।

## ଚାକିରି ଛାଡ଼ି ସେବାକୁ ଆପଣାଇଛନ୍ତି ବିଶ୍ୱପ୍ରଦୀପ

**ବେଗୁନିଆ,୧୦।୧୦(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଶଗଡଭଙ୍ଗା ଗ୍ରାମର ଇଂ.ବିଶ୍ୱପ୍ରଦୀପ ରଶ୍ମି ରଞ୍ଜନ ସ୍ୱାଇଁ (୩୦)। ପାଠପଢ଼ା ପରେ ମହେନ୍ଦ୍ରା କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ ୨୦୧୪ରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ସମୟରେ ଆର୍ଆଇ ଓ ଏସ୍ଆଇ ଚାକିରିରେ ଯୋଗଦାନ ପାଇଁ ସରକାରଙ୍କ ପକ୍ଷରୁ ଚୁକ୍ତିନାମା ପାଇଥିଲେ ମଧ୍ୟ ସେ ଯୋଗଦେଇ ନ ଥିଲେ। ୨୦୧୭ ରେ ସେ ମହେନ୍ଦ୍ରା କମ୍ପାନୀରୁ ଚାକିରି ଛାଡି ଅନ୍ୟର ବିପଦ ବେଳର ବନ୍ଧୁ ଓ ଦୁଃଖିଙ୍କ ସେବା ମନବୃତ୍ତିକୁ ଆପଣାଇ ନେଇଛନ୍ତି। ରାଜ୍ୟର ବିଭିନ୍ନ ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ 'ବିପଦ ବନ୍ଧୁ' ସମ୍ମାନରେ ବିଶ୍ୱପ୍ରଦୀପଙ୍କୁ ସମ୍ମାନିତ କରାଯାଇଛି। ମହତ୍ କାର୍ଯ୍ୟ ଜାରି ରଖିଥିବା ବିଶ୍ୱପ୍ରଦୀପ ସମାଜ ପାଇଁ ଉଦାହରଣ ବୋଲି ସାମାଜିକ କର୍ମୀ ସୋମନାଥ ସାହୁ, ତ୍ରିଲୋଚନ ବାଘସିଂହ, ପ୍ରତିମା ପ୍ରଧାନ ପ୍ରମୁଖ କହିଛନ୍ତି। ଅନ୍ୟର ହୃଦୟକୁ ଜିଣିବା ସ୍ୱପ୍ନରେ ବିପଦ ବେଳର ବନ୍ଧୁ ହୁଅ ତେବେ ଇଶ୍ୱର ନିଶ୍ଚୟ ସଦୟ ହୁଅନ୍ତି ବୋଲି ବିଶ୍ୱପ୍ରଦୀପ କହିଛନ୍ତି।

## ଶିକ୍ଷା, ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେବି: ସନ୍ଦୀପ



**କୃଷ୍ଣପ୍ରସାଦ,୧୦।୧୦(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୌଡ଼ନୂଆଗାଁର ସନ୍ଦୀପ ଶେଖର ଜେନା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍)ପରୀକ୍ଷାରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଗତ ଶୁକ୍ରବାର ଓସିଏସ୍ ପରୀକ୍ଷାଫଳ ପ୍ରକାଶିତ ହେବା ପରେ ମୋଟ୍ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେଥିରେ ସନ୍ଦୀପ ୧୫୫ ର୍ୟାଙ୍କ୍ ପାଇଛନ୍ତି। ଏହି ପରୀକ୍ଷା ପାଇଁ ସେ କୌଣସି କୋଚିଂ ନେଇନାହାନ୍ତି। ଶିକ୍ଷକ ଡ.ଅଶୋକ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚଳାଇଥିଲେ। ନିରନ୍ତର ଚେଷ୍ଟା ଏବଂ ପରିଶ୍ରମ ସଫଳତାର ଦ୍ୱାରକୁ ଉନ୍ମୁକ୍ତ କରିଥାଏ। ଶିକ୍ଷା, ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେବେ ବୋଲି ସନ୍ଦୀପ କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପରିବାରବର୍ଗ, ଶିକ୍ଷୟିତ୍ରୀ ଶିକ୍ଷକ, ସାଙ୍ଗସାଥୀଙ୍କୁ ଶ୍ରେୟ ଦେଇଛନ୍ତି। ସନ୍ଦୀପଙ୍କ ବାପା ସଞ୍ଜୟ କୁମାର ଜେନା ଜଣେ ଶିକ୍ଷକ ହୋଇଥିବା ବେଳେ ମା'ସୁଷମା ଜଣେ ଗୃହିଣୀ। ତାଙ୍କର ଏହି ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ବାଲିପାଟଣା,୧୦।୧୦(ଡି.ଏନ୍.ଏ.)**

ସାପ କାମୁଡ଼ାରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିପାଟଣା ବ୍ଲକ ଅନ୍ତର୍ଗତ ଗୁଆପୁର ଗ୍ରାମର ଭାଗ୍ୟଲକ୍ଷ୍ମୀ ଦତ୍ତ(୪୭)। ରବିବାର ରାତିରେ ଭାଗ୍ୟଲକ୍ଷ୍ମୀ ଶୋଇଥିବା ବେଳେ ଏକ ସାପ ହଠାତ୍ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ଅଠାନ୍ତର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ କ୍ୟାପିଟାଲ ଓ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଧନଦାତ୍ରୀଙ୍କୁ ଆରାଧନା



ବାଲୁଗାଁ ବଜାର ଫଳ ବ୍ୟବସାୟୀ ସଂଘ।



ଖୋର୍ଦ୍ଧା ପଲ୍ଲାହାଟ।



ଖୋର୍ଦ୍ଧା ପୁରୁଣା ମେଡିକାଲ ରୋଡ଼।



ନୟାଗଡ଼ ରୋଡ୍।



ବାଲୁଗାଁ ଗୋପିନାଥପୁର ଛକ ସ୍ଥିତ ମା' ଗଜଲକ୍ଷ୍ମୀ ପୂଜା କମିଟି।



ବେଗୁନିଆ ବଜାର ଗଜଲକ୍ଷ୍ମୀ ପୂଜା କମିଟି।



ବାଲୁଗାଁ ପାଟଣା ସାହି।



ବୋଲଗଡ ବ୍ଲକ ଧଳାପଥର ଲକ୍ଷ୍ମୀବଜାର ଗଜଲକ୍ଷ୍ମୀ ପୂଜା କମିଟି।



ଖୋର୍ଦ୍ଧ ଗୁରୁଜଙ୍ଗ ରୋଡ୍ ପରିଡା ମାର୍କେଟ୍ କମ୍ପ୍ଲେକ୍ସ।



ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ସଦ୍‌ଭାବନା ବ୍ୟବସାୟୀ ସଂଘ।



ଚିଲିକା କୂଳ ବ୍ୟବସାୟୀ ପ୍ରତିଷ୍ଠାନ।



ମାରୱାଡି ପଟି ଗଜଲକ୍ଷ୍ମୀ ପୂଜା କମିଟି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୦।୧୦।୨୦୨୨

| ୩,୯୮,୩୨୫ ଟଙ୍କା | |
|---|---|
| ସୁନା | ୧୪ ଗ୍ରାମ |
| ରୁପା | ୨୯.୭୦୦ ଗ୍ରାମ |

# ସଙ୍କଳ୍ପ କରି କାର୍ତ୍ତିକ ବ୍ରତ ଆରମ୍ଭ କଲେ ହବିଷିଆଳି

## ପୁରାଣ ପାଠ ସହ ରାଧାଦାମୋଦରଙ୍କୁ ପୂଜିଲେ

**ପୁରୀ ଅଫିସ,୧୦।୧୦**

ମହାକାର୍ତ୍ତିକ ବ୍ରତ ସୋମବାରଠାରୁ ଆରମ୍ଭ ହୋଇଛି। ହବିଷିଆଳିମାନେ ଏକମାସ ଧରି ଏହି ବ୍ରତ ପାଳନ କରିବେ। ଏଥିପାଇଁ ଶ୍ରୀକ୍ଷେତ୍ରରେ ହବିଷିଆଳିମାନଙ୍କ ଭିଡ଼ ଜମିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପୁରୀର ୫ଟି ହବିଷିଆଳି କେନ୍ଦ୍ରରେ ୨୯ ଜିଲାର ୨୯୩୫ ଜଣ ହବିଷିଆଳି ରହି ମହାକାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସୋମବାର ସକାଳେ ସେମାନେ ପଞ୍ଚପୁଷ୍କରିଣୀ ନିକଟରେ ଗୁଆ, ନଡ଼ିଆ ଟେକି ସଂକଳ୍ପ କରି ତୁଳସୀ ଚଉଁରା ମୂଳେ ରାଧାଦାମୋଦର ପୂଜା ଓ କାର୍ତ୍ତିକ ବ୍ରତ ପାଳନ ସହ ପୁରାଣ ପାଠ କରିଛନ୍ତି। ରବିବାର ଶ୍ରୀମନ୍ଦିରରେ ଅନେକ ନୀତି ଥିବାରୁ ମହାପ୍ରଭୁଙ୍କ ରାତ୍ର ପହୁଡ଼ ହୋଇ ନ ଥିବାବେଳେ ଭକ୍ତଙ୍କ ଦର୍ଶନକୁ ପ୍ରାଥମିକତା ଦିଆଯାଇ ସୋମବାର ସକାଳୁ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ହବିଷିଆଳିଙ୍କ ଗହଳି ସହ ହରିବୋଲ, ହୁଳହୁଳି ଧ୍ୱନିରେ ସିଂହଦ୍ୱାର ସମ୍ମୁଖ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା।

ସୋମବାର ଭୋରରୁ ବ୍ରତଧାରିଣୀମାନେ ପୁରୀ ମହୋଦଧି ସମେତ ପଞ୍ଚତୀର୍ଥ ପୁଷ୍କରିଣୀ ଓ ନିଜ ଘରେ ବ୍ରାହ୍ମଣଙ୍କ ଦ୍ୱାରା ସଂକଳ୍ପ କରି ବ୍ରତ ଧାରଣ କରିଥିଲେ। ହବିଷିଆଳିମାନେ ଗୁଆ, ନଡ଼ିଆ, ଫୁଲ, ଫଳମୂଳ ଆଦି ଟେକି ମା’ ବୃନ୍ଦାବତୀଙ୍କ ନିକଟରେ ରାଧାଦାମୋଦର ପୂଜା କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ କରିଥିଲେ। ସେମାନେ ପରିବାରର ମଙ୍ଗଳ ମନାସି ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ହବିଷିଆଳି କେନ୍ଦ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିମାନେ ରାଜ୍ୟ ସରକାରଙ୍କ ସମସ୍ତ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ମାସ ସାରା ଏକ ଓଳି ହବିଷାନ୍ନ ବା ମହାପ୍ରସାଦ ଖାଇ ହବିଷିଆଳିମାନେ ବ୍ରତ ପାଳନ କରିବେ। ଏଥିସହ କାର୍ତ୍ତିକ ପୁରାଣ ପାଠ କରିବେ। ଏହି ମାସରେ ମହାପ୍ରଭୁଙ୍କୁ ସ୍ୱତନ୍ତ୍ର ବାଲଭୋଗ ସହ ରାଧାଦାମୋଦର ବେଶ କରାଯାଇଥାଏ। ହବିଷିଆଳି କେନ୍ଦ୍ରଗୁଡ଼ିକରେ ରହୁଥିବା ହବିଷିଆଳିମାନେ ମହାପ୍ରଭୁଙ୍କ ଦର୍ଶନ, ପୂଜନ, ଭଜନ, କୀର୍ତ୍ତନ ଆଦି ଯେପରି ସବୁ କରିପାରିବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି, ୫ଟି କେନ୍ଦ୍ରରେ ହବିଷିଆଳିମାନେ ରହିବା ପାଇଁ ବ୍ୟବସ୍ଥା ହୋଇଛି। ସବୁ କେନ୍ଦ୍ରରେ ପଞ୍ଜୀକରଣ ସରିଛି। ସୋମବାର ବ୍ରହ୍ମ ମୁହୂର୍ତ୍ତରେ ବ୍ରତ ପୂଜା କରି ହବିଷିଆଳିମାନେ ଶ୍ରୀମନ୍ଦିର ପ୍ରବେଶ କରିଥିଲେ। ସେମାନଙ୍କ ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ ଅଛନ୍ତି। ମହାପ୍ରସାଦ ସେବନ ଓ ଭଜନର ବ୍ୟବସ୍ଥା କରାଯାଇଛି। ସେହିପରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା କହିଛନ୍ତି, ଶ୍ରୀମନ୍ଦିର ନିକଟରେ ଗହଳିକୁ ଦେଖି ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ହବିଷିଆଳିମାନେ କିଭଳି ଭଲ ଭାବେ ଦର୍ଶନ କରି ନିଜ କେନ୍ଦ୍ରକୁ ଫେରିବେ ତାହା ଆମର ପ୍ରାଥମିକତା ରହିଛି।


ହବିଷିଆଳିମାନେ ରାଧାଦାମୋଦର ପୂଜା କରୁଛନ୍ତି।


ପିପିଲିଠାରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ।

## ସଂକ୍ଷେପରେ

### ଦେଉଳି ମଠରେ ବନ୍ଧୁ ପରାମର୍ଶ ସଭା

**ଅସ୍ତରଙ୍ଗ/ କାକଟପୁର, ୧୦।୧୦ (ଡି.ଏନ୍.ଏ.):** ଶିକ୍ଷା ବିକାଶ ଏଜୁକେଶନାଲ ଟ୍ରଷ୍ଟ ଏବଂ କେଏମ୍ କିଡ୍ସ ପବ୍ଲିକ ସ୍କୁଲ କାକଟପୁର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଦେଉଳି ମଠଠାରେ ଏକ ବନ୍ଧୁ ପରାମର୍ଶ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, କାକଟପୁର ଥାନାଧିକାରୀ ପ୍ରିୟରଞ୍ଜନ ନାୟକ, ପରିବେଶବିତ ପଣ୍ଡିତ ତ୍ରିଲୋଚନ ମିଶ୍ର, କୁଣ୍ଡେଇ ପଞ୍ଚାୟତ ସମିତିସଭ୍ୟ ପ୍ରମୋଦ ଦାସ, ଅବସରପ୍ରାପ୍ତ ହାଇସ୍କୁଲ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ରାଉତ, କେଏମ କିଡିସ ପବ୍ଲିକ ସ୍କୁଲ ଅଧକ୍ଷା ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ଶିକ୍ଷା ବିକାଶ ଏଜୁକେଶନାଲ ଟ୍ରଷ୍ଟ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ଧୁ ପରାମର୍ଶ ସଭା ଆୟୋଜନ କରିବାର ଲକ୍ଷ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଯୁବପିଢ଼ି ଆଗେଇ ଆସିବା ସହ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବା ଉଚିତ। ଏପରିକି ଆତ୍ମନିର୍ଭରଶୀଳ ପାଇଁ ଆଜିର ଯୁବପିଢିଙ୍କୁ ନିଯୁକ୍ତି କ୍ଷେତ୍ରରେ ବିଭିନ୍ନ ପରାମର୍ଶ ଦେବା ସହ ସମାଜସେବା କରି ପ୍ରତ୍ୟେକ ବ୍ୟକ୍ତିଙ୍କ ଶ୍ରଦ୍ଧାଭାଜନ ହେବା ଉଚିତ ବୋଲି ନିମନ୍ତ୍ରିତ ବକ୍ତାମାନେ ସଭାରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଞ୍ଚଳର ସ୍ନେକ ହେଲ୍ପଲାଇନର କାର୍ଯ୍ୟରତ ବ୍ରଜକିଶୋର ସାହୁ, ପିଙ୍କନ ପରିଡା, ଅତନୁ ପୃଷ୍ଟି , ପ୍ରସନ୍ନ କିଶୋର ସାହୁଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଦୁର୍ଘଟଣାରେ ନାବାଳକ ମୃତ

**ଚୌଦ୍ୱାର,୧୦।୧୦(ଡି.ଏନ୍.ଏ.):** ଏକ ବାଇକ୍ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚୌଦ୍ୱାର ପୌରପାଳିକା ୧୯ ନମ୍ବର ୱାର୍ଡ଼ ବାଟବୁଢ଼ୀ କଲୋନୀର ରିତେଶ ଦାସ(୧୭)। ପ୍ରକାଶଯେ, ରିତେଶ ସୋମବାର ସକାଳେ ଏକ ବାଇକ୍‌ରେ ଆଗ୍ରାହାଟ ଆଡ଼କୁ ଯାଉଥିଲେ। ଆଗ୍ରାହାଟ ମଣିନାଗେଶ୍ୱର ମନ୍ଦିର ସମ୍ମୁଖରେ ହଠାତ୍ ଏକ କୁକୁର ଆସିଯାଇଥିଲା। ତାକୁ ବଞ୍ଚାଇବାକୁ ଯାଇ ବାଇକ୍‌ରୁ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗି ରିତେଶ ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।



ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସୋମବାର ପୁରୀ ସହରରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

# ମାନସିକ ସ୍ୱାସ୍ଥ୍ୟ ସଚେତନତା ସଭା, ଶୋଭାଯାତ୍ରା

**ପୁରୀ ଅଫିସ, ୧୦।୧୦**

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସୋମବାର ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି, ଜିଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲା ଆଇନ ସେବା ପ୍ରାଧିକରଣଙ୍କ ମିଳିତ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଦେବାଶିଷ ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. କୌଶିକ ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆସୋସିଏଟ ପ୍ରଫେସର ଆର୍.କେ. ଶୁକ୍ଳା ମଞ୍ଚାସୀନ ଥିଲେ। ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଜାତା ମିଶ୍ର ପୌରୋହିତ୍ୟ କରିଥିଲେ। ଏହିଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ମାନସିକ ସ୍ୱାସ୍ଥ୍ୟ ସଚେତନତା ଶୋଭାଯାତ୍ରା ବାହାରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାକୁ ପ୍ରାଧିକରଣ ସମ୍ପାଦକ ଦାଶ ଶୁଭାରମ୍ଭ କରିଥିଲେ। ପରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପ୍ରଶିକ୍ଷଣ ହଲରେ ଅନୁଷ୍ଠିତ ସଚେତନତା ସଭାରେ ବିଭାଗୀୟ ଅଧିକାରୀ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ମାନସିକ ସ୍ୱାସ୍ଥ୍ୟ ତଥା ଆଇନ ସୁବିଧା ସୁଯୋଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଖ୍ରୀଷ୍ଟଜ୍ୟୋତି ଆଶ୍ରମ ପରିସରରେ ଅନ୍ତେବାସୀ ଏବଂ ମାନସିକ ଅନଗ୍ରସରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅପର୍ଣ୍ଣା ମହାନ୍ତି, ସସ୍ମିତା ମହାନ୍ତି ଏବଂ ଅନୁରାଧା ସ୍ୱାଇଁ ପରିଚାଳନା କରିଥିଲେ।


ପଞ୍ଚାୟତ ସମିତିରେ ଅବ୍ୟବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ପୁରୀ ସଦର ବ୍ଲକ ଅଧୀନ ବୀରବଳଭଦ୍ରପୁର ପଞ୍ଚାୟତ ବାସିନ୍ଦା।

## ବିଦ୍ୟାଳୟରୁ ଚୋରି ଘଟଣା, ଆଉ ଜଣେ ଗିରଫ

**ଡେଲାଙ୍ଗ,୧୦।୧୦ (ଡି.ଏନ୍.ଏ.)**

ବଡଆଙ୍ଗୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚାଉଳ ଓ ଫ୍ୟାନ ଚୋରି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଗୁଆଚଉକା ଗ୍ରାମର ଆକବର ଖାନ ଓରଫ ବର୍ଷାତ୍ (୨୩)କୁ ଡେଲାଙ୍ଗ ପୋଲିସ ଗିରଫ କରି ସୋମବାର କୋର୍ଟଚାଲଣ କରିଛି। ଘଟଣା ଅନୁଯାୟୀ ଗତମାସ ୧୩ ତାରିଖ ରାତିରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଥିବା ଚାଉଳ ଓ ଫ୍ୟାନ ଚୋରି ହୋଇଯାଇଥିଲା। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ହାଟ ଡେଲାଙ୍ଗ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଡେଲାଙ୍ଗ ପୋଲିସ ନଂ.୨୬୩/୨୨ରେ ମାମଲା ରୁଜୁ କରିଥିଲା। ଡେଲାଙ୍ଗ ଥାନା ଏସ.ଆଇ ପ୍ରଭୁଦତ୍ତ ବିଶ୍ୱାଳ ଓ ଫାଣ୍ଡିଅଧିକାରୀ ଧନପତି ପିଙ୍ଗ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଚୋରି ଚାଉଳ ଡେଲାଙ୍ଗ ହାଟ ବଜାରରେ ଏକ ଦୋକାନରେ ଜବତ କରିଥିବା ବେଳେ ୧୫ ତାରିଖରେ ୨ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୬ କୁଇଣ୍ଟାଲ ଚାଉଳ, ନଗଦ ୨୧ ଶହ ଟଙ୍କା, ଗୋଟିଏ ଫ୍ୟାନ୍, ଗୋଟିଏ ବାଇକ୍ (ନଂ. ଓଡି-୧୩ଏଲ-୩୯୭୨), ଗୋଟିଏ କମ୍ପ୍ୟୁଟର ଓଜନ ମେଶିନ, ମୋବାଇଲ ଫୋନ ଜବତ କରାଯାଇଥିଲା ବୋଲି ଆଇଆଇସି ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ପରମ୍ପରା ବଜାୟ ରଖିଛି ଲତାହରଣ ପୂଜା କମିଟି

**କୋଣାର୍କ/କାକଟପୁର, ୧୦।୧୦(ଡି.ଏନ୍.ଏ.)**

କାକଟପୁର ବ୍ଲକ ଅନ୍ତର୍ଗତ ଲତାହରଣ ଗ୍ରାମର ଗଜଲକ୍ଷ୍ମୀପୂଜା କମିଟି ପକ୍ଷରୁ ମା’ ଗଜଲକ୍ଷ୍ମୀଙ୍କ ପୂଜା ମହାଡ଼ମ୍ବରରେ ପାଳନ କରାଯାଉଛି। କୁମାରପୂର୍ଣ୍ଣିମା ଅବସରରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ୭ ଦିନ ଧରି ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଦୀର୍ଘ ୨୩ ବର୍ଷ ଧରି ହୋଇ ଆସୁଥିବା ଏହି ପୂଜା ଗ୍ରାମବାସୀଙ୍କ ଏକତା ରକ୍ଷା କରିବା ସହ ଓଡ଼ିଆ ପର୍ବପର୍ବାଣି, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଥିବା ସଭାପତି ବରଦା ବେହେରା ମତ ପ୍ରକାଶ କରିଛନ୍ତି। ଉତ୍ସବକୁ ସମ୍ପାଦକ ଶ୍ରୁତିରାଜ ବିଶ୍ୱାଳ, କୋଷାଧକ୍ଷ କେଦାରନାଥ ବିଶ୍ୱାଳ, ଉପଦେଷ୍ଟା ଦୀପକ ବିଶ୍ୱାଳ, ରାକେଶ ରାଉତ, ରାଜେଶ ରାଉତ, ଓମ୍ ପ୍ରକାଶ ପଣ୍ଡା, ଜୟ ପ୍ରକାଶ ପଣ୍ଡା, ଲେନିନ ବିଶ୍ୱାଳ, ଅମ୍ରିତ ବିଶ୍ୱାଳ, ଜ୍ଞାନ ପ୍ରକାଶ ପଣ୍ଡା ପ୍ରମୁଖ ପରିଚାଳନା କରୁଥିବାବେଳେ ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ବାଲିପାଟଣା,୧୦।୧୦(ଡି.ଏନ୍.ଏ.)**

ସାପ କାମୁଡ଼ାରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିପାଟଣା ବ୍ଲକ ଅନ୍ତର୍ଗତ ଗୁଆପୁର ଗ୍ରାମର ଭାଗ୍ୟଲକ୍ଷ୍ମୀ ଦତ୍ତ(୪୭)। ରବିବାର ରାତିରେ ଭାଗ୍ୟଲକ୍ଷ୍ମୀ ଶୋଇଥିବା ବେଳେ ଏକ ସାପ ହଠାତ୍ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ଅଠାନ୍ତର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ କ୍ୟାପିଟାଲ ଓ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଅନୁକମ୍ପା ରାଶି ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଉଦ୍ୟମିତା ଉନ୍ନୟନ ପ୍ରଶିକ୍ଷଣ ଶିବିର


ଉଦ୍ୟମିତା ଉନ୍ନୟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ପୁରୀ ଅଫିସ, ୧୦।୧୦**

ପାଇଲଟ ଉଦ୍ୟମିତା ଉନ୍ନୟନ ପ୍ରକଳ୍ପ ଆନୁକୂଲ୍ୟରେ ପୁରୀ ସେବା ସମିତି ପକ୍ଷରୁ ରାସ୍ତା ପାର୍ଶ୍ୱ ବିକ୍ରେତାଙ୍କ ପାଇଁ ୫ଦିନିଆ ଉଦ୍ୟମିତା ଉନ୍ନୟନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟ ଏବଂ ବିତ୍ତୀୟ ସେବା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୨୦୦ ଉଦ୍ୟୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅତିଥି ଭାବେ ପୁରୀ ପୌରପାଳିକାର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ବେହେରା, ପିଏମ୍ ଏସ୍‌ଭିଏ ନିଧିର ମ୍ୟାନେଜର ସମିତା ମହାନ୍ତି, ଏସ୍‌ଡିଆର୍‌ସି ନିର୍ଦ୍ଦେଶକ ରତ୍ନାକର ପାଣିଗ୍ରାହୀ, ଭୁବନେଶ୍ୱରସ୍ଥିତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ପ୍ରଫେସର ଡି. ଭି. ରମଣ ଏବଂ ପୁରୀ ସେବା ସମିତିର ସଭାପତି ବିମଳ ମହାନ୍ତି ଓ ସହସମ୍ପାଦକ ରବିନ୍ଦ୍ରନାଥ ସେନାପତି ଯୋଗଦେଇଥିଲେ। ଶିବାରକୁ ଶାନ୍ତନୁ ଷଡ଼ଙ୍ଗୀ ଓ ସୌମେନ୍ଦ୍ର ଦାସ ପରିଚାଳନା କରିଥିଲେ। ରାସ୍ତାକଡ଼ ଉଦ୍ୟୋଗୀମାନଙ୍କୁ ପିଏମ୍ ଏସ୍‌ଭିଏ ନିଧି ଋଣ ଆବେଦନ, ବ୍ୟବସାୟବିତ୍ତୀୟ ଯୋଜନା, ଡିଜିଟାଲ ଫାଇନାନ୍ସ ଏବଂ ଅନଲାଇନ ମାର୍କେଟ ସଂଯୋଗୀକରଣ କରିବା ସଂକ୍ରାନ୍ତରେ ପ୍ରଶିକ୍ଷଣ ଦିଆଯାଇଥିଲା। ଭାରତୀୟ ଉଦ୍ୟମିତା ପ୍ରତିଷ୍ଠାନ (ଆଇଆଇଇ) ଏବଂ ସିଦ୍ଧ ଡେଭଲପମେଣ୍ଟ ରିସର୍ଚ୍ଚ ଆଣ୍ଡ କନ୍ସଲଟାନ୍ସି ଏହି ପ୍ରକଳ୍ପକୁ ପୁରୀ ପୌରପାଳିକା ସହଯୋଗରେ କାର୍ଯ୍ୟକାରୀ କରୁଛନ୍ତି।

# ‘ଭଗବାନଙ୍କ ନାମ କୀର୍ତ୍ତନ ଦ୍ୱାରା ସଦ୍‌ଗତି ପ୍ରାପ୍ତ ହୁଏ’

**ପୁରୀ ଅଫିସ, ୧୦।୧୦**

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଏକ ଆଲୋଚନାଚକ୍ର ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚ୍ୟ ବିଷୟ ଥିଲା ‘ଶ୍ରୀଚୈତନ୍ୟଙ୍କ ନାମତତ୍ତ୍ୱ ଓ ଶ୍ରୀଜଗନ୍ନାଥ’। ଉକ୍ତ ବିଷୟରେ ଡ. ଶ୍ରୀନିବାସ ଆଚାର୍ଯ୍ୟ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛିଯେ, କଳିଯୁଗ ଦୋଷର ସାଗର ହେଲେ ମଧ୍ୟ ତହିଁରେ ଏକ ମହାନ ଗୁଣ ରହିଛି। ତାହା ହେଲା ଶ୍ରୀକୃଷ୍ଣଙ୍କ ନାମ କୀର୍ତ୍ତନ କରି ମନୁଷ୍ୟମାନେ ମୁକ୍ତ ସଙ୍ଗ ହୋଇ ସଦ୍‌ଗତି ପାଇପାରିବେ। ସତ୍ୟଯୁଗରେ ଭଗବାନଙ୍କୁ ଧ୍ୟାନ କରିବା ଦ୍ୱାରା, ତ୍ରେତୟାରେ ଯଜ୍ଞାନୁଷ୍ଠାନ କରି ତାଙ୍କ ଆରାଧନା କରିବା ଦ୍ୱାରା, ଦ୍ୱାପରରେ ବିଧିପୂର୍ବକ ପୂଜା ସେବା ଦ୍ୱାରା ଯାହା ଫଳ ମିଳେ କଳିଯୁଗରେ କେବଳ ଭଗବାନଙ୍କ ନାମ କୀର୍ତ୍ତନ ଦ୍ୱାରା ତାହା ପ୍ରାପ୍ତ ହୋଇଥାଏ। ଶ୍ରୀଚୈତନ୍ୟଙ୍କ ଦୃଷ୍ଟିରେ ନୀଳଚଳ ଧାମରେ ବିରାଜିତ ଶ୍ରୀଜଗନ୍ନାଥ ହିଁ ସାକ୍ଷାତ ବ୍ରଜେନ୍ଦ୍ର ନନ୍ଦନ ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥଙ୍କ ନକ୍ଷତ୍ର ରାଶି ରୋହିଣୀ ବୃଷ। ଶ୍ରୀନୀଳାଚଳ ହେଉଛି ଐଶ୍ୱର୍ଯ୍ୟମୟ ଦ୍ୱାରକା ଆଡ଼ପମଣ୍ଡପ ସୁନ୍ଦରାଚଳ ହେଉଛି ମାଧୁର୍ଯ୍ୟପୂର୍ଣ୍ଣ ବୃନ୍ଦାବନ। ମହାପ୍ରଭୁଙ୍କ ବୃନ୍ଦାବନ ଦେଖିବାରେ ଅପାର ଉତ୍କଣ୍ଠା ଯୋଗୁ ସେ ବର୍ଷକରେ ଥରେ ଘୋଷଯାତ୍ରାରେ ବାହାରିଥାନ୍ତି ବୋଲି ଡ. ଆଚାର୍ଯ୍ୟ ଉଲ୍ଲେଖ କରିଥିଲେ। ଏହି ଆଲୋଚନାଚକ୍ରରେ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଅନାମ ଚନ୍ଦ୍ର ସାହୁ, ସରୋଜ ଲେଙ୍କା, ନାରାୟଣ ନନ୍ଦ ଏବଂ ସୁନୀଲ କୁମାର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକ ତଥା ସଦସ୍ୟମାନେ।

# ପ୍ରଥମ ନୀଳକଣ୍ଠେଶ୍ୱର ମହୋତ୍ସବ ଉଦ୍‌ଯାପିତ

**ପିପିଲି,୧୦।୧୦(ଡି.ଏନ୍.ଏ.)**

କୁମାରପୂର୍ଣ୍ଣିମା ଓ ଗଜଲକ୍ଷ୍ମୀପୂଜା ଅବସରରେ ପିପିଲି ବ୍ଲକ ଅନ୍ତର୍ଗତ ଭାରତୀପୁର ଗ୍ରାମରେ ରବିବାର ପ୍ରଥମ ନୀଳକଣ୍ଠେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମା’ ଯୋଗମାୟା ଯୁବକ ସଂଘ ଆନୁକୂଲ୍ୟରେ ୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ସନ୍ଧ୍ୟାରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ପର୍ଯ୍ୟଟନ ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର, କେନ୍ଦ୍ରାପଡା ଲୋକ ସଭା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି, ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ସରପଞ୍ଚ ଜଗନ୍ନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗମାୟା ଯୁବକ ସଂଘ ପକ୍ଷରୁ ଆୟୋଜିତ ନୀଳକଣ୍ଠେଶ୍ୱର ମହୋତ୍ସବ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ।



ମହୋତ୍ସବରେ ଯୋଗ ଦେଇଥିବା ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ଅନ୍ୟ ଅତିଥିବୃନ୍ଦ।

ଏହି ସମାବେଶକୁ ଶତବାର୍ଷିକ ଭାବେ ପାଳନ କରାଯାଉ। ଏଥିପାଇଁ କମିଟି ସଦସ୍ୟଙ୍କ ସହଯୋଗ ରହିବା ଆବଶ୍ୟକ ବୋଲି ମନ୍ତ୍ରୀ ପାତ୍ର କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ମହାନ୍ତି ଯୋଗଦେଇ ଖୁସି ହେବା ସହିତ ସେ କମିଟି ସଦସ୍ୟଙ୍କ ସହ ସବୁବେଳେ ରହି ସର୍ବଦା ସହଯୋଗ କରିବେ ବୋଲି କହିଥିଲେ। ଶନିବାର ପ୍ରଥମ ସନ୍ଧ୍ୟାରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଜାଗୃତି ପଣ୍ଡା ମହାରଥୀ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପୌରାଧ୍ୟକ୍ଷ ସେକ୍ ବାବୁ, ନୀଳକଣ୍ଠେଶ୍ୱର ମହୋତ୍ସବ କମିଟି ସଭାପତି ପ୍ରମୋଦ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ରାକେଶ ରୋଶନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନ କରିଥିଲେ। କମିଟି ପକ୍ଷରୁ ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ସମ୍ମାନିତ କରିଥିଲେ। ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## 'ପିତାମାତା' ସେବକ ସଂଘ ପକ୍ଷରୁ କିଡ୍‌ନୀ ରୋଗୀଙ୍କୁ ସହାୟତା

ମାହାଙ୍ଗା,୧୦।୧୦(ସ୍ୱ.ପ୍ର.)- ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ସିପୁରା ଗ୍ରାମର ମହେଶ୍ୱର ଜେନାଙ୍କ ପୁଅ ସୋମନାଥ ଜେନା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିତାମାତା' ସେବକ ସଂଘ ଏହା ଜାଣି ତାଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି। ସଂଘ ସଭାପତି ବିନୟ ରଞ୍ଜନ ପ୍ରଧାନ ଓ ସମ୍ପାଦକ ସଞ୍ଜୟ ରାଉତଙ୍କ ନିର୍ଦ୍ଦେଶକ୍ରମେ ସଂଘର ସଂଗଠନ ସମ୍ପାଦକ ଖବରଦାତା ରମେଶଚନ୍ଦ୍ର ସାହୁ ସୋମବାର ତାଙ୍କ ଗ୍ରାକୁ ଯାଇ ସୋମନାଥଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଏଥିସହ ତାଙ୍କୁ ଅର୍ଥରାଶି ସହାୟତା କରିବା ସହ ଆଗାମୀ ଦିନରେ ସାହାଯ୍ୟର ହାତ ବଢାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଅରୁଣ ଲେଙ୍କା, ଉପଦେଷ୍ଟା ଅଭୟ ଚରଣ ପଣ୍ଡା, ସାମାଜିକ କର୍ମୀ ରବୀନ୍ଦ୍ର ପୃଷ୍ଟି, ସହ ସମ୍ପାଦକ ଚିରଞ୍ଜୀବୀ ଜେନା, ଖବରଦାତା ଦାମୋଦର ପରିଡା ପ୍ରମୁଖ ସହଯୋଗର ହାତ ବଢାଇଛନ୍ତି।

## ଆଜି କ'ଣ କେଉଁଠି

**କଟକ**

- ୱାର୍ଲ୍ଡ ସ୍ପେସ୍ ସପ୍ତାହର ଦ୍ୱିତୀୟ ଦିବସ, ସେଭେନ ପିଲାର୍ସ ଅଫ ୱିଶଡମ୍, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ଣ ୧୦ଟା ।
- ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦଘାଟନ, ବିଡ଼ାନାସୀ ଖେଳପଡ଼ିଆ, ପୂର୍ବାହ୍ଣ ୧୧ଟା ।

## ସଂକ୍ଷେପରେ



ମାହାଙ୍ଗା ଅଞ୍ଚଳର ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

### ମହିଳା ବିଜେଡି ବ୍ଲକ ସଭାପତି ହେଲେ କବିତା

ନିଶ୍ଚିନ୍ତକୋଇଲି,୧୦।୧୦(ସ୍ୱ.ପ୍ର.)- ବିଜୁ ମହିଳା ଜନତା ଦଳ, କଟକ ପକ୍ଷରୁ ରବିବାର ବ୍ଲକ ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ମହିଳା ବିଜେଡି ସଭାପତି ଭାବେ କବିତା ସେନାପତିଙ୍କ ନାମ ଘୋଷଣା କରାଯାଇଛି। ଜିଲା ମହିଳା ସଭାନେତ୍ରୀ ଭାବେ ସ୍ନେହାଙ୍ଗିନୀ ଛୁରିଆଙ୍କ ପତ୍ର ନଂ. ୬୭/୦୯.୧୦.୨୦୨୨ ଅନୁଯାୟୀ ଏହି ଚୟନ କରାଯାଇଛି। କବିତା ସ୍ୱୟଂସହାୟିକା ଗୋଷ୍ଠୀର ସଙ୍ଗଠନ ଦାୟିତ୍ୱ ନେଇ କାର୍ଯ୍ୟ ତୁଲାଇ ଆସିଛନ୍ତି। ଏଥିସହ କଟକ ସଦର ନିର୍ବାଚନମଣ୍ଡଳୀର ନନ୍ଦିନୀ ନାୟକ, ସାଧାରଣ ସମ୍ପାଦକ ଭାବେ ସସ୍ମିତା ଦାସ, ମନ୍ଦାକିନୀ ରାଉତ, ମନସ୍ମିତା ପଣ୍ଡା, ଶୋଭାରାଣୀ ସାହୁ, ଉପସଭାପତି ଭାବେ ସସ୍ମିତା ମହାନ୍ତି, ନର୍ମଦା ନାୟକ ଓ ସତ୍ୟଭାମା ନାୟକ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଯୁବ ବିଜେଡି ସଭାପତି ଜ୍ଞାନ ରଞ୍ଜନ ରାଉତ, ଛାତ୍ର ବିଜେଡି ସଭାପତି ସୁଶାନ୍ତ ନାୟକ ପ୍ରମୁଖ କବିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଓସିଏସ୍ ପରୀକ୍ଷାରେ ସୌମ୍ୟରଞ୍ଜନଙ୍କ ସଫଳତା

ବାଙ୍କୀ,୧୦।୧୦(ସ୍ୱ.ପ୍ର.)- ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଡମପଡ଼ା ବ୍ଲକ ତାଳବସ୍ତ ପଞ୍ଚାୟତ ଅନ୍ତର୍ଗତ ପଦନପୁର ଗ୍ରାମର



ସୌମରଞ୍ଜନ ସାହୁ ସଫଳତା ହାସଲ କରିଛନ୍ତି। ଏଥିରେ ମୋଟ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସୌମ୍ୟରଞ୍ଜନଙ୍କ ୧୭୦ ର୍‍ୟାଙ୍କ ରହିଛି। ସେ ବାଙ୍କୀ କୋର୍ଟର ଆଇନଜୀବୀ ରବୀନ୍ଦ୍ର କୁମାର ସାହୁ ଓ ସ୍ୱର୍ଣ୍ଣମୟୀ ସାହୁଙ୍କ ପୁତ୍ର ଅଟନ୍ତି। ସୌମ୍ୟରଞ୍ଜନ ଓୟୁଏଟିରୁ ଏମ.ଏସ.ସି (ଫରେଷ୍ଟ୍ରି)ରେ ଉତ୍ତୀର୍ଣ୍ଣ ହୋଇ ଏବେ ବୌଦ୍ଧରେ ଲୋକାଲ ଫଣ୍ଡ ଅଡିଟର୍ ଭାବେ କାର୍ଯ୍ୟ କରୁଛନ୍ତି । ବାଙ୍କୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ସେ ମାଟ୍ରିକ ପାସ କରିବା ପରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିଲେ। ପ୍ରଶାସନିକ ସେବାରେ ନିଯୁକ୍ତି ପରେ ସମାଜର ସେବା କରିବାକୁ ମନସ୍ଥ କରିଥିବା ସୋମ୍ୟରଞ୍ଜନ କହିଛନ୍ତି।

### ବିଶ୍ୱଜିତ୍ ଚାଟାର୍ଜୀ ହେଲେ କଟକ ଯୁବ ବିଜେଡି ଉପସଭାପତି

ସାଲେପୁର,୧୦।୧୦(ଡି.ଏନ୍.ଏ.)- ସାଲେପୁର ବ୍ଲକ ବହୁଗ୍ରାମ ପଞ୍ଚାୟତ ବିଜେଡି



ଯୁବନେତା, ଯୁବ ସଂଗଠକ ତଥା ବହୁଗ୍ରାମ ସେବା ସମବାୟ ସମିତିର ନିର୍ଦ୍ଦେଶକ ବିଶ୍ୱଜିତ୍ ଚାଟାର୍ଜୀଙ୍କୁ କଟକ ଜିଲା ଯୁବ ବିଜେଡି ଉପସଭାପତି ଭାବେ ମନୋନୀତ କରାଯାଇଛି। ଚାଟାର୍ଜୀଙ୍କୁ ନୂତନ ଦାୟିତ୍ୱ ମିଳିବାପରେ ସେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ବ୍ୟୋମକେଶ ରାୟ, କଟକ ଜିଲା ଯୁବବିଜେଡି ସଭାପତି ସ୍ମିତରଞ୍ଜନ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସାଲେପୁର ବ୍ଲକ ତଥା କଟକ ଜିଲାରେ ଯୁବ ବିଜେଡି ସଂଗଠନକୁ ଅଧିକରୁ ଅଧିକ ସୁଦୃଢ଼ କରିବାପାଇଁ ସେ ଉଦ୍ୟମ ଜାରିରଖିବେ ବୋଲି ଚାଟାର୍ଜୀ ପ୍ରକାଶ କରିଛନ୍ତି।

# ଧବଳେଶ୍ୱରଙ୍କୁ ଦର୍ଶନ କଲେ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**କାର୍ତ୍ତିକ ମାସର ପ୍ରଥମ ସୋମବାର**

ଖୁଣ୍ଟୁଣୀ,୧୦।୧୦(ଡି.ଏନ୍.ଏ.)

ଧର୍ମ ମାସ କୁହାଯାଉଥିବା କାର୍ତ୍ତିକ ମାସ ଆରମ୍ଭ ହୋଇଯାଇଛି। ମାସର ପ୍ରଥମ ସୋମବାର ପାଇଁ କଟକ ଉପକଣ୍ଠଠାରୁ ମାତ୍ର ୫ କିମି ଦୂର ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ମନ୍ଦିର ଉତ୍ସବମୁଖର ହୋଇପଡ଼ିଥିଲା। ଧର୍ମ ମାସର ପ୍ରଥମ ଦିନକୁ ଧବଳେଶ୍ୱରଙ୍କ ଦର୍ଶନ ପାଇଁ ଭୋରଠାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ମହାକାର୍ତ୍ତିକ ମାସର ଆଦ୍ୟ ସୋମବାରରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ କଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହେବା ସହ ଅନେକ ପୁଣ୍ୟ ମିଳିଥାଏ ବୋଲି ଶ୍ରଦ୍ଧାଳୁଙ୍କ ରହିଥିବା ବିଶ୍ୱାସ ପ୍ରଥମ ଦିନରେ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ହଜାର ହଜାର ସଂଖ୍ୟକ ଭକ୍ତ ସକାଳୁ ପୀଠରେ ପହଞ୍ଚି ପ୍ରଭୁ ଧବଳେଶ୍ୱରଙ୍କୁ ଦର୍ଶନ କରି ପରିବାର ସହ ପୂଜାର୍ଚ୍ଚନା କରିଥିଲେ।

ଆଠଗଡ଼ ଦେବୋତ୍ତର ବିଭାଗ ଓ ପୂଜକ ସମାଜ ପକ୍ଷରୁ ନୀତି ପାଳିଆ ସେବକ ଭୁବନାନନ୍ଦ ପଣ୍ଡା ପ୍ରତ୍ୟୁଷ ସାଢେ ୪ଟାରୁ ପ୍ରଭୁଙ୍କ ପହୁଡ଼ ଖୋଲି ମଙ୍ଗଳ ଆଳତି, ଅବକାଶ ନୀତି, ସୁବାସିତ ଜଳରେ ପ୍ରଭୁଙ୍କ ସ୍ନାନ ନୀତି କରିବା ପରେ ବିଭିନ୍ନ ସୁଗନ୍ଧିତ ଫୁଲ ଓ ଚନ୍ଦନ ବେଲପତ୍ର ଅର୍ପଣ କରିଥିଲେ। ପରେ ଠାକୁରଙ୍କ ପ୍ରିୟ ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ଏହାପରେ ବେଶ ସମ୍ପନ୍ନ କରାଯାଇ ଠାକୁରଙ୍କୁ ସ୍ୱତନ୍ତ୍ର ଖେଚୁଡ଼ି ଓ ଦୈନନ୍ଦିନ ନୀତି ଭୋଗ ଲାଗି କରାଯାଇ ଆଳତି ନୀତି କରାଯାଇଥିଲା ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି। ଭୋର ୫ଟାରୁ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଦ୍ୱାର ଫିଟାଯାଇଥିଲା। ଗୁରୁଡ଼ିଝାଟିଆ ପୋଲିସ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଧାଡିରେ ଶୃଙ୍ଖଳିତ ଭାବେ ଧବଳେଶ୍ୱରଙ୍କୁ ଦର୍ଶନକରି ପୂଜାର୍ଚ୍ଚନା କରିବାକୁ ବ୍ୟବସ୍ଥା କରାଯାଇଥିଲା। ଶ୍ରୀଶ୍ରୀ ଧବଳେଶ୍ୱରଙ୍କୁ ଦର୍ଶନ ପାଇଁ ପୀଠରେ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୀଠରେ ପ୍ରଶାସନ ପକ୍ଷରୁ ଦୁଇ ସେକ୍ସନ ପୋଲିସ ମୁତୟନ ସହ ଆଠଗଡ଼ ଦେବୋତ୍ତର ମୁଖ୍ୟ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ତଦାରଖ କରୁଥିଲେ। ପୋଲିସ ପ୍ରଶାସନ ତରଫରୁ ଗୁରୁଡ଼ିଝାଟିଆ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ, ଧବଳେଶ୍ୱର ପୋଲିସ ବିଟ୍ ଅଧିକାରୀ ପ୍ରଦୀପ କୁମାର ସେଠୀ ଏବଂ ଖୁଣ୍ଟୁଣୀ, ଟାଙ୍ଗୀ ଓ ଗୁରୁଡ଼ିଝାଟିଆ ଥାନା ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଝୁଲାପୋଲ ଉପରେ ଭାର କମାଇବାକୁ ପୋଲିସ ଉପସ୍ଥିତ ରହି ଭକ୍ତଙ୍କୁ ନିୟନ୍ତ୍ରଣରେ ଛାଡୁଥିଲେ ।



ଆଠଗଡର ଧବଳେଶ୍ୱର ମନ୍ଦିର ।




କାର୍ତ୍ତିକ ମାସ ପ୍ରଥମ ସୋମବାରରେ କଟକର ବକ୍ସିବଜାର ସ୍ଥିତ ଅମରେଶ୍ୱର ମହାଦେବ ମନ୍ଦିରରେ ମହାଦେବଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ।

### ୩୯ ଅଭିଯୋଗ ଶୁଣିଲେ ଜିଲାପାଳ

ନରସିଂହପୁର,୧୦।୧୦(ସ୍ୱ.ପ୍ର.)

ନରସିଂହପୁର ବ୍ଲକ କାର୍ଯ୍ୟାଳୟରେ କଟକ ଜିଲାପାଳଙ୍କ ଦ୍ୱାରା ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣିରେ ସମୁଦାୟ ୨୬୮ ଗୋଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୨୬୧ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ଥିଲା। ଶିବିରରେ ୩୯ ଅଭିଯୋଗର ସମାଧାନ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୮ଜଣ, ରେଡ଼କ୍ରସରୁ ୫ଜଣ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଜଣଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଭିନ୍ନକ୍ଷମ ଭତ୍ତା ଆବେଦନ କରିଥିବା ୧୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ତତ୍କାଳ ଭତ୍ତା ପ୍ରଦାନ କରାଯାଇଥିବା ବିଡ଼ିଓ ନୀଳମାଧବ ସୁନା ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଏହି ଜନଶୁଣାଣି ଶିବିରରେ କଟକ ଜିଲାପାଳ ଭବାନୀ ଶଙ୍କର ଚଇନି ଯୋଗଦେଇ ଅଭିଯୋଗ ଗ୍ରହଣ କରିଥିଲେ। ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ, କଟକ ଗ୍ରାମାଞ୍ଚଳ ଏସ୍‌ପି ବି ଯୁଗଳ କିଶୋର, ତହସିଲଦାର ଆଲୋକ ରଞ୍ଜନ ଦେହୁରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଜେଠୀଙ୍କ ସମେତ ସମସ୍ତ ସରକାରୀ ବିଭାଗ ଅଧିକାରୀ ଉପସ୍ଥିତ ରହିଥିବାବେଳେ ପଞ୍ଚାୟତ ଅଧ୍ୟକ୍ଷା ସସ୍ମିତା ଜେନା କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ।




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଏସ୍‌ସିବି ମେଡିକାଲ କଲେଜର ମାନସିକ ସ୍ୱାସ୍ଥ୍ୟ ବିଭାଗରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି ।

### ଓଏସ୍‌ଏଲ୍‌ଏସ୍‌ଏ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

କଟକ ଅଫିସ, ୧୦।୧୦

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ) ଓ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ର ମିଳିତ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି। ଏସ୍‌ସିବି ମେଡିକାଲ କଲେଜର ମାନସିକ ସ୍ୱାସ୍ଥ୍ୟ ବିଭାଗରେ ଆୟୋଜିତ ସଚେତନତା ଶିବିରରେ ଓଏସ୍‌ଏଲ୍‌ଏସ୍‌ଏ ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ ଓ ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ସୌମେନ୍ଦ୍ର ରାଜଗୁରୁ ଯୋଗଦେଇ ମାନସିକ ଅକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନସିକ ବିଭାଗ ନିର୍ଦ୍ଦେଶକ ଅଜୟ ମିଶ୍ର, ଓଏସ୍‌ଏଲ୍‌ଏସ୍‌ଏ ଉପସଚିବ ସ୍ମିତିରଞ୍ଜନ ମହାପାତ୍ର, ସହସଚିବ ସୃଜନ ସାରସ୍ୱତ, ଡିଏଲ୍‌ଏସ୍‌ଏ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଆଠଗଡ଼,୧୦।୧୦(ସ୍ୱ.ପ୍ର.)

ରାଜ୍ୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅକ୍ଟୋବର ୨ରୁ ଆରମ୍ଭ ହୋଇଯାଇଛି। ଏହି ପଦଯାତ୍ରା ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଆଠଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ବ୍ଲକ ଧାଇପୁର ପଞ୍ଚାୟତ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ପଞ୍ଚାୟତ ଅନ୍ତର୍ଗତ ଗଦାଧରପୁର ଗ୍ରାମ ଶିବ ମନ୍ଦିରଠାରୁ ଆରମ୍ଭ ହୋଇ ବିଭିନ୍ନ ଗ୍ରାମ ଦେଇ ଛତାବର ଗ୍ରାମ ଶିବ ମନ୍ଦିରଠାରେ ଶେଷ ହୋଇଥିଲା। ଏଥିରେ ଆଠଗଡ଼ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, କଟକ ଜିଲା ବିଜେଡି ଉପସଭାପତି ନୃସିଂହ ଚରଣ ମହାପାତ୍ର, ସମ୍ପାଦକ ଅଶୋକ ରାଉତ, କଟକ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଘଡ଼େଇ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ ସାହୁ, ସମିତି ସଭ୍ୟ ସୋନାଲି ଗୋଛାୟତ, ଧାଇପୁର ବିଜେଡି ସଭାପତି ଉଦ୍ଧବ ଚରଣ ସାହୁ, ଯୁବନେତା ଧନେଶ୍ୱର ବେହେରା, ଶଶୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ନିର୍ବାଚନମଣ୍ଡଳୀର ୬୦ ହଜାର ଲୋକଙ୍କ ପାଖରେ ଯଦି ପହଞ୍ଚାଇ ପାରିବା, ତେବେ ବିଜେଡି ଏକ ସାମୂହିକ ଆନ୍ଦୋଳନରେ ପରିଣତ ହୋଇପାରିବ ବୋଲି ଉପସ୍ଥିତ ସଭ୍ୟମାନେ କହିଥିଲେ।

## ମହୋତ୍ସବ ପଡ଼ିଆରେ ବାଲୁକା କଳା

ବାଙ୍କୀ,୧୦।୧୦(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ଓ ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ମହୋତ୍ସବ ମଣ୍ଡପ ନିକଟରେ ଏକ ବାଲୁକା କଳା ଅନୁଷ୍ଠିତ ହୋଇଯାଇଛି । ରୋଭର ଲିଡର ଭୂପତି ଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଚିତ୍ରଶିଳ୍ପୀ ପ୍ରଶାନ୍ତ ସମନ୍ତରାୟ ଏକ ବାଲୁକା କଳା ମାଧ୍ୟମରେ ଅଙ୍ଗଦାନ ମହତ୍ ଦାନ ବୋଲି ନିର୍ମାଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ମହୋତ୍ସବ ସ୍ମରଣିକାର ସମ୍ପାଦକ କବି କୌଶିକ ନାୟକ, ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ଅଧ୍ୟାପକ ସତ୍ୟଜିତ ଦାସ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଅଶୋକ ଦାସ, ସନ୍ଦୀପ ପଣ୍ଡା, ସୁଲଗ୍ନା ସାମନ୍ତରାୟ, ପୂର୍ବାଶା ଉପାଧ୍ୟାୟ କୃଷ୍ଣ ମୁରାରୀ ମହାପାତ୍ର ଓ ବିଶ୍ୱମୋହନ ଉପାଧ୍ୟାୟ ପ୍ରମୁଖ ସହାୟତା କରିଥିଲେ।

### ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ତିଗିରିଆ,୧୦।୧୦(ଡି.ଏନ୍.ଏ.)

ତିଗିରିଆ ବ୍ଲକ ଜେମାଦେଈପୁର ପଞ୍ଚାୟତରେ ଆସନ୍ତା ୧୨ ତାରିଖରେ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଏନେଇ ସୋମବାର ଜେମାଦେଈପୁର ଅଙ୍ଗନୱାଡି କେନ୍ଦ୍ରଠାରେ ପଞ୍ଚାୟତ ସଭାପତି ବୈକୁଣ୍ଠ ନନ୍ଦୀଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଯାଇଛି। ପଦଯାତ୍ରାକୁ ସଫଳ କରିବା ପାଇଁ ଏହି ବୈଠକରେ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୂପା ଦଳେଇ, ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସବିତା ବେହେରା, ଜରିମନ ବିବି, ହିମାଂଶୁ ଶେଖର ସ୍ୱାଇଁ, ସାହାଦତ ଖାଁ, ଆମ୍ବା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ, ଗୌରହରି ପରିଡା, ତାପସ ପ୍ରଧାନ, କେଶବଚନ୍ଦ୍ର ଜେନାଙ୍କ ସମେତ ମହିଳା ଗୋଷ୍ଠୀର ସିଆର୍‌ପି, ଏମବିକେ ଉପସ୍ଥିତ ଥିଲେ।

## ତୃତୀୟ ଦିବସରେ ବାରବାଟୀ ଟିମ୍ ବିଜୟୀ

ସାଲେପୁର,୧୦।୧୦(ଡି.ଏନ୍.ଏ.)

**ନବକିଶୋର ସ୍ମାରକୀ ଫୁଟବଲ୍**

ଗୋପୀନାଥପୁର ଖେଳପଡ଼ିଆଠାରେ ଚାଲିଥିବା ନବକିଶୋର ସାହୁ ମେମୋରିଆଲ୍ ଫୁଟବଲ୍ ଟୁର୍ନାମେଣ୍ଟର ୩ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରବାଟୀ ସ୍ପୋର୍ଟିଂ କ୍ଲବ କଟକ ଏବଂ ଆଲାମ୍ ଗିରି ଫୁଟବଲ୍ କ୍ଲବ ସାଇସା ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ବାରବାଟୀ କ୍ଲବ ୧-୦ ଗୋଲରେ ଆଲାମଗିରି ଫୁଟବଲ୍ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଛି। ମ୍ୟାଚକୁ ରେଫରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ସଞ୍ଜୀବ ଦାସ, ବ୍ରହ୍ମାନନ୍ଦ ଭୋଇ, ରସାନନ୍ଦ ସାମଲ ପରିଚାଳନା କରିଥିଲେ। ଅତିଥିଭାବେ ବସନ୍ତ କୁମାର ବିଶ୍ୱାଳ, ଗଣେଶ ଚନ୍ଦ୍ର ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ।



ସାଲେପୁର ଅନ୍ତର୍ଗତ ଗୋପୀନାଥପୁରରେ ଅନୁଷ୍ଠିତ ନବକିଶୋର ସ୍ମାରକୀ ଫୁଟବଲ୍ ଟୁର୍ନାମେଣ୍ଟର ତୃତୀୟ ଦିନରେ ଅତିଥିଙ୍କ ଗହଣରେ ବିଜୟୀ ଦଳ ।

## କୁନି କଳାକାରଙ୍କ ଦ୍ୱାରା 'ଫୁଲ ବଉଳବେଣୀ'

ଆଠଗଡ଼,୧୦।୧୦(ସ୍ୱ.ପ୍ର.)

**ଅନେକ ପ୍ରତିଭା ସମ୍ବର୍ଦ୍ଧିତ**

ଆଠଗଡ଼ କୁମାରୋତ୍ସବ ସମିତି ପକ୍ଷରୁ କୁମାରପୂର୍ଣ୍ଣିମା ଅବସରରେ ବାର୍ଷିକ ଉତ୍ସବ ଫୁଲ ବଉଳବେଣୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପୁଲିନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗଡଜାତ ପରିକ୍ରମା ଓ ସାହିତ୍ୟ ସମାଜର ସଭାପତି ପ୍ରାଣକୃଷ୍ଣ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। କଳା, ସଂସ୍କୃତିର ମାଟି ଆଠଗଡ଼ରେ ଅନେକ କଳାକାରଙ୍କ ଜନ୍ମ। ଆଉ ସେମାନଙ୍କୁ କୁମାରୋତ୍ସବ ଅବସରରେ ସମ୍ମାନିତ କରିବା ଏକ ଗରିମାମୟ ଅଧ୍ୟାୟ ବୋଲି ମୁଖ୍ୟ ଅତିଥି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସ୍ୱର୍ଣ୍ଣ ରଥ, ସମ୍ମାନିତ ଅତିଥି ଭାବେ ଚାରୁଲତା ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସମ୍ପାଦିକା କଳ୍ପଲତା ଦାଶ ଅନୁଷ୍ଠାନର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କୁନି କଣ୍ଠଶିଳ୍ପୀ ସୌଜନ୍ୟା ରଥ 'କୁଆଁର ପୁନେଇଁ ଜହ୍ନଲୋ ଫୁଲ ବଉଳବେଣୀ' ଗୀତ ଗାଇବା ସହ କୁନି ଝିଅମାନେ ଚଉଁରା ମୂଳେ ବନ୍ଦାପନା କରିଥିଲେ। ଏହି ଅବସରରେ ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଆଠଗଡ଼ର ରିପ୍‌ସିତା ବେହେରା, କଣ୍ଠଶିଳ୍ପୀ ସୌଜନ୍ୟା ରଥ, ଶିଶୁ ସାହିତ୍ୟିକା ଶତରୂପା ମିଶ୍ର, ସାହିତ୍ୟିକା ସ୍ୱର୍ଣ୍ଣ ରଥ, ଯୁବା ଅଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ସାମାଜିକ କର୍ମୀ ଶୈଳବାଳା ଭୂୟାଁ, ସଞ୍ଜୀବନୀ ଦାସ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ସଭ୍ୟା ତଥା ଶିକ୍ଷୟିତ୍ରୀ ନିରୋଜନଳିନୀ ବେହେରା କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଉପସଭାପତି ଦୀପାଳି ଦାଶ ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଣତି ପଣ୍ଡା, ଅଞ୍ଜନା ମିଶ୍ର ଓ ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସଂଯୋଜନା କରିଥିଲେ।

### ନୃତ୍ୟଗୁରୁ ଗୋପୀକୃଷ୍ଣ ବେହେରାଙ୍କ ଜୟନ୍ତୀ ପାଳିତ

ବାଙ୍କୀ,୧୦।୧୦(ସ୍ୱ.ପ୍ର.)

ବାଙ୍କୀର ବରପୁତ୍ର ତଥା ପ୍ରଖ୍ୟାତ ନୃତ୍ୟଗୁରୁ, ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ଗୋପୀକୃଷ୍ଣ ବେହେରାଙ୍କ ୯୩ତମ ଜନ୍ମ ଦିବସ ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବି.କେ.ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ପ୍ରେସକ୍ଲବର ସଭାପତି ବଳଭଦ୍ର ପଣ୍ଡା, କବି ଦିଗବିଜୟ ସ୍ୱାଇଁ, ବିଜୟ କେତନ ସାହୁ ଓ ନୃତ୍ୟଗୁରୁ ମହେଶ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

## ଗରିବଙ୍କ ହକ୍ ପାଇଁ ଆନ୍ଦୋଳନ କରିବୁ

କଟକ ସଦର, ୧୦।୧୦(ଡି.ଏନ୍.ଏ.)

**ଉତ୍କଳ ବିକାଶ ପରିଷଦର ବୈଠକ**

କଟକ ସଦର ବ୍ଲକ ଅନ୍ତର୍ଗତ ରଘୁନାଥପୁର ବୁଢିଆଣୀ ପୀଠରେ ଉତ୍କଳ ବିକାଶ ପରିଷଦର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଗରିବଙ୍କ ହକ୍ ପାଇଁ ପରିଷଦର ସଦସ୍ୟମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି କହିଥିଲେ। ସେହିପରି ବରିଷ୍ଠ ସଭ୍ୟ ଦେବୀ ପ୍ରସାଦ ପତି ଯୋଗଦେଇ ବ୍ଲକ ସ୍ତରରେ ଲୋକଙ୍କ ପାଇଁ ଆସୁଥିବା ସରକାରୀ ସହାୟତାକୁ ହାତଗଣତି ଲୋକ ଉପଭୋଗ କରୁଥିବା କହିଥିଲେ। ନିରଞ୍ଜନ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଆବାହକ ସୁରେଶ ଜେନା, ଅଶୋକ ପଟ୍ଟନାୟକ, ସଞ୍ଜୟ ସେଠୀ, ଲକ୍ଷ୍ମୀଧର ଜେନା, ପ୍ରଭାକର ବେହେରା, ନାରାୟଣ ପଣ୍ଡା, ସୁଶାନ୍ତ ମହାରଣା, କେଶବ ଚନ୍ଦ୍ର ବେହେରା ଓ ଶ୍ରୀକାନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଦୀପକ ବେହେରା ଧନ୍ୟବାଦ ଦେଇଥିଲେ।

## 'ରାଣୀ ଶୁକଦେଈଙ୍କ ବୀରତ୍ୱ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ'

ବାଙ୍କୀ,୧୦।୧୦(ସ୍ୱ.ପ୍ର.)

**ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବାଙ୍କୀ ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଏଭଳି ଲୋକ ଉତ୍ସବ ବାଙ୍କୀର କଳା, ସାଂସ୍କୃତିକ ପରମ୍ପରାର ପ୍ରଚାର ଓ ପ୍ରସାର ଦିଗରେ ସହାୟକ ହେବ। ଏଠାକାର ଗୌରବମୟ ଐତିହ୍ୟକୁ ଜନମାନସରେ ଉଜ୍ଜୀବିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଜ୍ୟ ତଥା ଦେଶର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଘଟିଛି, ସେଥିରେ ବାଙ୍କୀ ଅଞ୍ଚଳର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନ ପ୍ରମୁଖଙ୍କ ଅବଦାନ ଅବିସ୍ମରଣୀୟ। ଏବେବି ରାଣୀ ଶୁକଦେଈଙ୍କ ବୀରତ୍ୱ ଆମ ଯୁବପିଢିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି। ସମ୍ମାନିତ ବକ୍ତାଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କହିଥିଲେ, ବାଙ୍କୀ କଳା, ସଂସ୍କୃତି ଐତିହ୍ୟ ଓ ସାହିତ୍ୟ ସହ ଜଡ଼ିତ। ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଅଶେଷ କରୁଣାରୁ ଆଜି ଏହି ମହୋତ୍ସବ ଲୋକ ଉତ୍ସବରେ ପରିଣତ ହୋଇ ସମଗ୍ର ଓ ଦିଗ୍‌ଦର୍ଶନ ଦେଖାଇଛି। ସମ୍ମାନିତ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ତହସିଲଦାର ସତ୍ୟନାରାୟଣ ପଣ୍ଡା , ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ଓ କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ବାଙ୍କୀ ମହୋତ୍ସବର ସଫଳତା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ସନ୍ଦିପନୀ ଗୁରୁକୁଳ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ଗାନ କରାଯାଇଥିଲା। ମହୋତ୍ସବ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ତଥା ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ ପ୍ରତିଷ୍ଠାତା ସଭାପତି ପ୍ରଭାତ କୁମାର ତ୍ରିପାଠୀ ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ବାଙ୍କୀ ମହୋତ୍ସବ ୨୩ ବର୍ଷରେ ପଦାର୍ପଣ କରିଛି । ଲୋକଙ୍କ ଅକୁଣ୍ଠ ସମର୍ଥନ ଏହି ଉତ୍ସବକୁ ଗଣଉତ୍ସବରେ ପରିଣତ କରିଛି। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବ ମୁଖ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପୁରସ୍କାର ବିତରଣ କାର୍ଯ୍ୟ ପରିଚାଳନା କରିଥିଲେ। ବାରଙ୍ଗ ବ୍ଲକ ମହୋତ୍ସବ ସଂଯୋଜକ ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

## ସଂକ୍ଷେପରେ

### ନିଆଁ ଲାଗି ମହିଳା ଗୁରୁତର ମନ୍ଦିରରେ ଦୀପ ଦାନ ବେଳେ ଅଘଟଣ

ବାଲୁଗାଁ,୧୦।୧୦(ଡି.ଏନ୍.ଏ.): କାର୍ତ୍ତିକ ମାସର ପ୍ରଥମ ସୋମବାର ବାଲୁଗାଁ ସ୍ଥିତ ଉମାମହେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଜଣେ ମହିଳାଙ୍କ ଶାଢ଼ିରେ ନିଆଁ ଲାଗିଯିବାରୁ ପୋଡ଼ି ହୋଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଭେଷରୀ ଗ୍ରାମର ସନ୍ତୋଷ ମହାପାତ୍ରଙ୍କ ସହଧର୍ମିଣୀ ବବିତା ମହାପାତ୍ର। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, କାର୍ତ୍ତିକ ମାସର ପ୍ରଥମ ସୋମବାର ଯୋଗୁ ଉକ୍ତ ମନ୍ଦିରରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭୋରରୁ ଅନେକ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଦୀପ ଲଗାଇ ଫେରିଥିଲେ। କ୍ରମାଗତ ଭାବେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ବେଳେ ସନ୍ତୋଷ ଓ ତାଙ୍କ ସ୍ତ୍ରୀ ବବିତା ମନ୍ଦିର ପରିସରରେ ଦୀପ ଲଗାଇଥିଲେ। ଅସାବଧାନତା ବଶତଃ ବବିତା ନମସ୍କାର କରୁଥିବା ବେଳେ ହଠାତ୍ ତାଙ୍କର ଚୁଟିରେ ନିଁଆ ଲାଗିଯାଇଥିଲା। ପରେ ତାଙ୍କ ଶାଢ଼ୀରେ ନିଁଆ ଧରିଥିଲା। ନିମିଷକ ମଧରେ ତାଙ୍କର ଅର୍ଦ୍ଧାଧିକ ଶରୀର ପୋଡ଼ି ଯାଇଥିଲା। ଉପସ୍ଥିତ ଅନ୍ୟ ଶ୍ରଦ୍ଧାଳୁ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ବବିତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, କାର୍ତ୍ତିକ ମାସ ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପରିଚାଳନା କମିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଦୀପ ଦାନ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ କରାନଯିବା ଫଳରେ ଶ୍ରଦ୍ଧାଳୁମାନେ ଏଣେତେଣେ ଦୀପ ଲଗାଇବା ଦ୍ୱାରା ଏପରି ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଏଥିପ୍ରତି ମନ୍ଦିର ପ୍ରଶାସନ ଦୃଷ୍ଟି ଦେଇ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ପୂର୍ବତନ ବିଧାୟକଙ୍କ କାର୍‌ରୁ ଚୋରି କରିଥିବା ଡ୍ରାଇଭର ଗିରଫ

ଭୁବନେଶ୍ୱର,୧୨୦।୧୦(ବ୍ୟୁରୋ) : ସମ୍ବଲପୁରର ଜଣେ ପୂର୍ବତନ ବିଧାୟକଙ୍କ କାର୍‌ରୁ ମୋବାଇଲ, ଏଟିଏମ୍ କାର୍ଡ ଓ ଟଙ୍କା ଚୋରି କରିଥିବା ଡ୍ରାଇଭରଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଝାରସୁଗୁଡାରେ ରହୁଥିବା ଉତ୍ତରପ୍ରଦେଶର ବିକି ଓରଫ୍ ବିଶାଲ ଶୁକ୍ଲା(୨୫)। ତାଙ୍କ ନିକଟରୁ ଚୋରି ମୋବାଇଲ୍ ଜବତ ହୋଇଛି। ପୋଲିସ ସୂଚନାନୁସାରେ, ପୂର୍ବତନ ବିଧାୟକ ଜଣକ କାର୍‌ରେ ଗତ ଅଗଷ୍ଟ ୫ରେ ଭୁବନେଶ୍ୱରସ୍ଥିତ ବିଧାନସଭା ଗେଷ୍ଟ ହାଉସ୍‌କୁ ଆସିଥିଲେ। ସେ କୌଣସି କାମରେ ବାହାରକୁ ଯାଇଥିବାବେଳେ ଡ୍ରାଇଭର ବି ତାଙ୍କ ଗାଡିରେ ଥିବା ୮ହଜାର ୭୦୦ ଟଙ୍କା, ଗୋଟିଏ ମୋବାଇଲ ଏବଂ ଏକ ଏଟିଏମ୍ କାର୍ଡ ଚୋରି କରି ଫେରାର ହୋଇଯାଇଥିଲେ।

### ସରିଲା ପାଲା ମହୋତ୍ସବ

ନିରାକାରପୁର,୧୦।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ବାଲିଗାଡିଆ ଗ୍ରାମ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଅନୁକୂଲ୍ୟରେ ୫୨ତମ ବାର୍ଷିକ ସତ୍ୟନାରାୟଣ ଦେବଙ୍କ ପାଲା ଅନୁଷ୍ଠିତ ହୋଇଯାଇଛି। ଏହି ପାଲା ତିନିଦିନ ବ୍ୟାପୀ ଚାଲି ରହିଥିବା ବେଳେ ରବିବାର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ଯୋଗଦେଇ ଯୋଗଦେଇ ପାଲା କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ।

# ଘରୁ ଟାଣି ଆଣି ମହିଳାଙ୍କୁ ହତ୍ୟା

**ଖୋର୍ଦ୍ଧା ଅଫିସ/ବାଣପୁର, ୧୦।୧୦ (ଡି.ଏନ୍.ଏ.):**

- ମା'ଙ୍କୁ ରଖିବାକୁ ନେଇ ବିବାଦ ଲାଗି ରହିଥିଲା
- ଦିଅର, ଦୁଇ ଦେଢ଼ଶୁର ଫେରାର

ପାରିବାରିକ ଅଶାନ୍ତିର କରୁଣ ଚିତ୍ର ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ଥାନା ଗମ୍ଭାରୀମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଙ୍କାଳ ଗ୍ରାମରେ। ସୋମବାର ସକାଳେ ପାରିବାରିକ କଳହରୁ ଜଣେ ମହିଳାଙ୍କୁ ତାଙ୍କ ଦୁଇ ଦେଢଶୁର ଓ ଜଣେ ଦିଅର ଘରୁ ଟାଣି ଆଣି ଘର ସମ୍ମୁଖ ରାସ୍ତାରେ ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ମୃତା ହେଲେ ସୁବାଷ ରାଉତରାୟଙ୍କ ସ୍ତ୍ରୀ ମିନାକ୍ଷୀ ରାଉତରାୟ(୪୫)। ଖବରପାଇ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଥାନାଧିକାରୀ ଜୟ ପ୍ରକାଶ ପରିଡା, ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ସମ୍ପର୍କରେ ପୋଲିସ ଦଫା ୩୪୧, ୨୯୪, ୩୫୪, ୩୫୪-ବି, ୩୦୭, ୩୨୩, ୩୦୨ରେ ମାମଲା (ନଂ.୪୧୮/୨୨) ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଏହି ଗ୍ରାମର ସ୍ୱର୍ଗତ ହାଡୁ ରାଉତରାୟଙ୍କ ଚାରି ପୁଅ ମଧ୍ୟରୁ ଦୁଇ ଜଣ ଗ୍ରାମରେ ରହୁଥିବା ବେଳେ ଆଉ ଦୁଇ ଜଣ ଅନ୍ୟତ୍ର ଗ୍ରାମରେ ଘର କରି ରହୁଛନ୍ତି। ହାଡୁଙ୍କ ଦେହାନ୍ତ ପରେ ୪ପୁଅ ବୃଦ୍ଧା ମା'ଙ୍କୁ ଏକ ମାସ ଲେଖାଏ ପୋଷୁଥିଲେ। ମଝିଆ ପୁଅ ସୁବାଷ ଏକ ମାସ ମା'ଙ୍କୁ ଘରେ ରଖିବା ପରେ ଅନ୍ୟ ଭାଇଙ୍କ ପାଖକୁ ପଠାଇଥିଲେ। ସେପଟେ ଅନ୍ୟ ଦୁଇ ଭାଇ ମାତ୍ର ଗୋଟିଏ ମାସ ପରେ ପୁଣି ମା'ଙ୍କୁ ସୁବାଷଙ୍କ ଘରକୁ ପଠାଇ ଦେଇଥିଲେ। ଏନେଇ ଭାଇମାନଙ୍କ ମଧ୍ୟରେ ମତାନ୍ତର ରହିଥିଲା। ସୋମବାର ସକାଳ ୮ଟାରେ ଚାରିଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଧୀରେ ଧୀରେ ଏହା ଉଗ୍ରରୁପ ଧାରଣ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୃତାଙ୍କ ଦେଢଶୁର ଲକ୍ଷ୍ମୀ, ବଇଁଶୀ ଓ ଦିଅର ମାଧବ ମିଳିତଭାବେ ସୁବାଷଙ୍କ ସମେତ ତାଙ୍କ ପୁଅବୋହୁଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ମିନାକ୍ଷୀଙ୍କୁ ଘରୁ ଟାଣି ଆଣି ଘର ସମ୍ମୁଖ ରାସ୍ତା ଉପରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମିନାକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ଗିରଫ ଭୟରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ମୃତାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ପାରିପାର୍ଶ୍ୱିକ ସ୍ଥିତି ପରଖିବା ସହ ତଦନ୍ତ ଆରମ୍ଭ କରିଥିଲା।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୧୦।୧୦:**

ଖୋର୍ଦ୍ଧା ସାମନ୍ତରପୁର ସ୍ଥିତ ଉଜ୍ୟଳା ପ୍ରୋଜେକ୍ଟ ପରିସରରେ ତାଲୁକ୍ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ମାଜିଷ୍ଟ୍ରେଟ ସୁରେନ୍ଦ୍ର ମୋହନ ପାଢି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବୈକୁଣ୍ଠ ମାର୍ଥା ସ୍ୱାଗତ ଭାଷଣ ଦେଇଥିଲେ। ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ସାମନ୍ତ ସିଂହାର, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ର, ବିକ୍ରମ ଚମ୍ପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଏଥିଲାଗି ରହିଥିବା ଆଇନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସାମାଜିକର୍ମୀ ମନିପାଲ ସାହୁ ଓ ପ୍ରଣତି ପଟ୍ଟନାୟକ, ପ୍ରୋଜେକ୍ଟ ସଂଯୋଜିକା କୃଷ୍ଣ ମାନ୍ଧାତା, ନଗେନ୍ଦ୍ର ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ତାଲୁକ୍ ଆଇନ୍ ସେବା କମିଟିର ସମ୍ପାଦକ ବସନ୍ତ ଶତପଥୀ ଧନ୍ୟବାଦ ଦେଇଥିଲେ।

# ଜନଶୁଣାଣି ଶିବିରରେ ୮୫ ଅଭିଯୋଗ


ଜନ ଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ।

**ଖୋର୍ଦ୍ଧା ଅଫିସ,୧୦।୧୦:**

ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୫ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୮୩ଟି ଅଭିଯୋଗ ବ୍ୟକ୍ତିଗତ ଓ ୨ଟି ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ଗୋଟିଏ ଅଭିଯୋଗ ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଜଣଙ୍କୁ ଟ୍ରାଇ ସାଇକେଲ ଏବଂ ଦୁଇ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍.କେ. ମୁର୍ମୁ, ବିଡିଓ କ୍ଷିରାବ୍ଧି ତନୟା ସାହୁ, ତହସିଲଦାର ଇପ୍‌ସିତ ସାହୁ, ସାଧାରଣ ଅଭିଯୋଗ ଡେପୁଟି କଲେକ୍ଟର ସୁଚେତା ମହାପାତ୍ର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସେବାର ଅନନ୍ୟ ପୂଜାରୀ ଥିଲେ ଗୋପବନ୍ଧୁ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୦।୧୦(ଡିଏନ୍.ଏ.):**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗୋପବନ୍ଧୁ ଥିଲେ ସେବା ଓ ସଂଗ୍ରାମର ବାର୍ତ୍ତାବହ। ଛାତ୍ରନେତା ଜୟନ୍ତ ମହାନ୍ତି, କଳା ବିନୋଦ ଚେତନା ପରିଷଦ ସମ୍ପାଦକ ସମ୍ବିତ ପଟ୍ଟନାୟକ, ଏସୟୁସିଆଇ ସମ୍ପାଦକ ଅଶୋକ କୁମାର ସାହୁ, ଉତ୍କଳ ସମ୍ମିଳନୀ ଓଡ଼ିଶା ଶାଖାର ଉପସଭାପତି ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଡିଏସଓ ଲୋକାଲ କମିଟି ସମ୍ପାଦକ ଅବିନାଶ ପ୍ରଧାନ, ସଭାପତି ଶ୍ରୀକାନ୍ତ ନାୟକ, ମାର୍ଗଦର୍ଶୀ ସମ୍ପାଦକ ଉମାଶଙ୍କର ପ୍ରସାଦ, ସଂଘମିତ୍ରା ମହାପାତ୍ର, କାର୍ତ୍ତିକ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବାସୁଦେବ ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ, ହରିପ୍ରସାଦ ଦାସ, ବିବେକାନନ୍ଦ ମିଶ୍ର, ଶରତ ପଣ୍ଡା, ଦିବାକର ସାହୁ, ରାମମାନସ ପଣ୍ଡା, ପ୍ରତିମା ପ୍ରଧାନ, ସୁରେନ ପଟ୍ଟନାୟକ, ରାଜକିଶୋର ସାହୁ, ଶାନ୍ତନୁ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ।

# ଶ୍ରଦ୍ଧାଳୁ ଜାଳନ୍ତି ମାନସିକ ଦୀପ

**ଖୋର୍ଦ୍ଧା ଅଫିସ,୧୦।୧୦:**

**ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି**

ଖୋର୍ଦ୍ଧା ସହରରେ ଆୟୋଜିତ ହେଉଥିବା ଗଜଲକ୍ଷ୍ମୀ ପୂଜା ମଧ୍ୟରେ ପୁରୁଣା ବସ୍‌ଷ୍ଟାଣ୍ଡର ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ସର୍ବପୁରାତନ। କମିଟି ସଦସ୍ୟ ବିମଳ ପ୍ରସାଦ ରାମ ଓ ଶଙ୍କର ବିଶୋଇଙ୍କ ସୂଚନା ଅନୁସାରେ, ୧୯୭୨ ଅକ୍ଟୋବର ୨୨ରେ ଏଠାରେ ପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏହି ପୂଜା ୫୧ ବର୍ଷରେ ପହଞ୍ଚିଛି। ସେହି ସମୟରେ ଫଗୁ ଚରଣ ସାହୁ, ଚୈତନ୍ୟ ପ୍ରସାଦ ମହାପାତ୍ର ଏବଂ ଅନ୍ୟ କେତେଜଣ ଫେରିବାଲାଙ୍କୁ ନେଇ ଏହି ପୂଜା ଆୟୋଜନ ହୋଇଥିଲା। ଏକାଧିକ ବେପାରୀ ଏହାର ସଦସ୍ୟ ରହିଥିଲେ। ପରବର୍ତ୍ତୀ ସମୟରେ ବେପାରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ କେତେଜଣ ବେପାରୀ ଅଲଗା ହୋଇ ପୌର ପରିଷଦ ନିକଟରେ ପୃଥକ୍ ଭାବେ ପୂଜା ଆୟୋଜନ କରିଥିଲେ। ତେବେ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ଏବେସୁଦ୍ଧା ଅକ୍ଷୁଣ୍ଣ ରହିଛି। ସାଜସଜ୍ଜା ଏବଂ ଆକର୍ଷଣୀୟ ତୋରଣ, ଆଲୋକମାଳା ଉପରେ ଗୁରୁତ୍ୱ ଦିଆଯାଇଛି। ସପ୍ତାହବ୍ୟାପୀ ପୂଜା ଆୟୋଜନ ହୋଇଥାଏ। ଆରମ୍ଭ ଓ ଶେଷଦିନକୁ ବାଦ୍ ଦେଲେ ୬ ଦିନ ବହୁ ମାନସିକଧାରୀ ପରିବାର ୧୦୮ ଦୀପ ପ୍ରଜ୍ୱଳିତ କରିଥାନ୍ତି। ଚଳିତବର୍ଷ ଆୟୋଜକଙ୍କ ସମେତ ୨୦ ପରିବାର ୧୦୮ ଦୀପ ପ୍ରଜ୍ୱଳନ କରିବେ। ଏଥିସହିତ ପ୍ରତ୍ୟେକ ସନ୍ଧ୍ୟାରେ ଘଣ୍ଟ, କାହାଳି, ମୃଦଙ୍ଗ, ଢୋଲ, ତୁରୀର ତାଳେ ତାଳେ ଅଖଣ୍ଡ ଆଳତି କରାଯିବ। ଗୁରୁବାର ମା'ଙ୍କ ନିକଟରେ ଖେଚୁଡ଼ି ଭୋଗ ହୋଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ବିସର୍ଜନ ସମୟରେ ଶତାଧିକ ମହିଳା ମା'ଙ୍କ ବନ୍ଦାପନା କରିବେ। ଶେଷରେ ସିନ୍ଦୂର ଖେଳ ହୋଇଥାଏ। ଏଥିସହିତ ସାତଦିନ ବ୍ୟାପୀ ପୂଜାମଣ୍ଡପ ଆଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାମଚରିତ ମାନସ ହୋଇଥାଏ। ପ୍ରତିଦିନ ମା'ଙ୍କ ନିକଟରେ ବାଲଭୋଗ, ମଧ୍ୟାହ୍ନରେ ମାନସିକ ଭୋଗ ଏବଂ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ପରେ ଖେଚୁଡ଼ି ଭୋଗ ହୋଇଥାଏ। ସାତଦିନ ଧରି ମା'ଙ୍କ ନିକଟରେ ଛେନା, ରସାବଳି, ରସଗୋଲା, ବୁନ୍ଦିଆ, ବିଭିନ୍ନ ପ୍ରକାର ମିଷ୍ଟାନ୍ନ ସହ ଫଳ ଭୋଗ ଲାଗିହୁଏ। ନବଜ୍ୟୋତି ଗଜଲକ୍ଷ୍ମୀ ପୂଜାର ନିର୍ଦ୍ଦିଷ୍ଟ କମିଟି ନ ଥିଲେ ମଧ ସମସ୍ତ ସଦସ୍ୟଙ୍କୁ ନେଇ ଏହି ପୂଜା ଆୟୋଜନ କରାଯାଇଥାଏ। ବିମଳ ପ୍ରସାଦ ରାମ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଶଙ୍କର ବିଶୋଇ, ହାଡିବନ୍ଧୁ ବିଶୋଇ, ରବୀନ୍ଦ୍ର କୁମାର ପାଣ୍ଡି, ସୁରେନ୍ଦ୍ର ସାହୁ, ଫକୀର ଚରଣ ବେହେରା, ଶ୍ୟାମସୁନ୍ଦର ବେହେରା ପରିଚାଳନାରେ ସହଯୋଗ କରୁଛନ୍ତି।

# ମୋକିମ୍‌ଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

**କଟକ ଅଫିସ,୧୦।୧୦:**

**ଋଣ ଦୁର୍ନୀତି ନେଇ ଜେଲ ଦଣ୍ଡାଦେଶ ବିରୋଧରେ ମାମଲା**

- ନିମ୍ନ ଅଦାଲତଙ୍କ ରାୟ ଉପରେ ସ୍ଥଗିତାଦେଶ
- ୧ ଲକ୍ଷ ଟଙ୍କା, ୨ ଜାମିନଦାରଙ୍କ ବଦଳରେ ଜାମିନ ମଞ୍ଜୁର

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ପକ୍ଷରୁ ମେଟ୍ରୋ ବିଲଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ନେଇ ଦୁର୍ନୀତି ମାମଲାରେ ମେଟ୍ରୋ ବିଲଡର୍ସର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ୩ବର୍ଷ ଜେଲ ଦଣ୍ଡାଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ହାଇକୋର୍ଟରେ ବିଚାରପତି ବିଭୁପ୍ରସାଦ ରାଉତରାୟଙ୍କ ଇଜଲାସରେ ଏହି ମାମଲାର ଶୁଣାଣି କରାଯାଇ ମୋକିମଙ୍କ ଆବେଦନ ବିଚାର ପାଇଁ ଗ୍ରହଣ ହୋଇଛି। ନିମ୍ନ ଅଦାଲତ ଦେଇଥିବା ୩ବର୍ଷ ଜେଲ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ଜରିମାନା ରାୟ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଓ ୨ଜଣ ଜାମିନଦାରଙ୍କ ବଦଳରେ ମୋକିମଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ପିଟିଶନ୍‌ର ପୂର୍ଣ୍ଣାଙ୍ଗ ଶୁଣାଣି ଅକ୍ଟୋବର ୧୩ ତାରିଖ ଅପରାହ୍ନ ୨ଟାରେ ହେବ ବୋଲି ଧାର୍ଯ୍ୟ କରିଛନ୍ତି। ଆବେଦନକାରୀ ମୋକିମ୍‌ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଶୁଣାଣି ବେଳେ ଯୁକ୍ତି ଉପସ୍ଥାପନ କରି ନିମ୍ନ ଅଦାଲତଙ୍କ ଆଦେଶ ସମ୍ପୂର୍ଣ୍ଣ ବେଆଇନ ତଥା ତଥ୍ୟ ପ୍ରମାଣ ଉପରେ ଆଧାରିତ ନୁହେଁ ବୋଲି କହିଥିଲେ। ଏଥିସହ ଯେଉଁ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତି କରି ନିମ୍ନ ଅଦାଲତ ରାୟ ଦେଇଛନ୍ତି, ତାହା ଆଇନତଃ ଗ୍ରହଣୀୟ ନୁହେଁ ବୋଲି ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ। ଏହି ମାମଲା ପରିଚାଳନା ପାଇଁ ଆଚାର୍ଯ୍ୟଙ୍କୁ ଆଇନଜୀବୀ ବେବର୍ତ୍ତା ପଟ୍ଟନାୟକ ଓ ସୌମିକ ସ୍ପନ୍ଦନ ତ୍ରିପାଠୀ ସହଯୋଗ କରୁଛନ୍ତି। ଭିଜିଲାନ୍ସ ପକ୍ଷରୁ ସୀମନ୍ତ ଦାସ ମାମଲା ଲଢୁଛନ୍ତି।

ଉଲ୍ଲେଖଯୋଗ୍ୟ, ଓଆର୍‌ଏଚ୍‌ଡିସି ପକ୍ଷରୁ ମେଟ୍ରୋ ବିଲଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ନେଇ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ବିଧାୟକ ମୋକିମ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲ୍ ସହ ଜରିମାନା ଦଣ୍ଡାଦେଶ ଦେଇଥିଲେ। ଏହାଦ୍ୱାରା ମୋକିମ୍‌ଙ୍କ ବିଧାୟକ ପଦ ରଦ୍ଦ ହେବାର ଆଶଙ୍କା ରହିଛି। ତେଣୁ ନିମ୍ନ କୋର୍ଟରେ ଉପଯୁକ୍ତ ତଥ୍ୟ ପ୍ରମାଣକୁ ବିଚାରକୁ ନିଆଯାଇ ନ ଥିବା ଦର୍ଶାଇ ଉକ୍ତ ଦଣ୍ଡାଦେଶକୁ ଖାରଜ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ଏହି ମାମଲାରେ ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ର ଏବଂ ମେଟ୍ରୋ ବିଲଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଥିଲା। ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ମେ ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ଥିବା ବେଳେ ମେଟ୍ରୋ ବିଲଡର୍ସକୁ ଋଣ ପ୍ରଦାନ କରିଥିଲେ। ନୟାପଲ୍ଲୀଠାରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟ ନାମରେ ୫୦ କୋଠରୀ ବିଶିଷ୍ଟ ଫ୍ଲାଟ୍ ନିର୍ମାଣ ପାଇଁ ଏହି ଋଣ ଆବେଦନ କରାଯାଇଥିଲା।


**କୃଷ୍ଣପ୍ରସାଦ:** ପବିତ୍ର କାର୍ତ୍ତିକ ମାସର ପ୍ରଥମ ସୋମବାରରେ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ କରୁଛନ୍ତି।


**ନିରାକାରପୁର:** ବାଲିଗାଡିଆ ଗ୍ରାମ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ସତ୍ୟନାରାୟଣ ଦେବଙ୍କ ପାଲା ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଦୁଇ ବିଧାୟକ ଓ ଅନ୍ୟମାନେ।

# କାର୍ତ୍ତିକ ବ୍ରତ ଆରମ୍ଭ, ସବୁଠି ଉତ୍ସାହ

**ଖୋର୍ଦ୍ଧା ଅଫିସ,୧୦।୧୦:**

**ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼**

ସୋମବାର ଠାରୁ ଆରମ୍ଭ ହୋଇଛି କାର୍ତ୍ତିକ ବ୍ରତ। ଏହା ଏକ ମାସ ଧରି ଚାଲିବ। ଏହାକୁ ଧାର୍ମିକ ମାସ ବୋଲି କୁହାଯାଏ। ଏହି ମାସରେ ହିନ୍ଦୁ ଧର୍ମର ଅଧିକାଂଶ ପରିବାର ଏବଂ ହବିଷ୍ୟାଳିମାନେ ମାସସାରା ହବିଷ୍ୟ ଅନ୍ନ ଗ୍ରହଣ କରିଥାନ୍ତି। ବ୍ରତଧାରୀ ପୂର୍ବ ଦିନ ସଙ୍କଳ୍ପ କରିଥାନ୍ତି। ଦୈନିକ ଭୋରରୁ ଉଠି ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ନିକଟ ମନ୍ଦିରରେ ଠାକୁର ଦର୍ଶନ କରନ୍ତି। ଦର୍ଶନ ପରେ ଘରକୁ ଫେରି ଚଉରା ମୂଳେ ରାଇ ଦାମୋଦର ପୂଜା କରନ୍ତି। ଦିନକରେ ଗୋଟିଏ ଓଳି ହବିଷ ଅନ୍ନ ଗ୍ରହଣ କରି ବ୍ରତ ପାଳିଥାନ୍ତି। ସନ୍ଧ୍ୟାରେ ପୁଣି ଚଉରା ମୂଳେ ସନ୍ଧ୍ୟା ଆଳତି, ପୂଜାର୍ଚ୍ଚନା କରନ୍ତି। ଦିନସାରା ପୂଜାପାଠରେ ମନନିବେଶ କରି ମାସଧିକ ବ୍ରତପାଳନ କରନ୍ତି। ଗତ ଦୁଇ ବର୍ଷ ଧରି କୋଭିଡ କଟକଣା ଯୋଗୁ ବ୍ରତଧାରୀ ଘରେ ରହି ବ୍ରତ ପାଳନ କରିଥିଲେ। ମନ୍ଦିରରେ ପୂଜାର୍ଚ୍ଚନା ଉପରେ କଟକଣା ରହିଥିଲା। ଚଳିତବର୍ଷ କଟକଣା ହଟିବା ପରେ ସବୁଠି ଉତ୍ସାହ ରହିଛି। ଖୋର୍ଦ୍ଧାର ପ୍ରସିଦ୍ଧ ଶୈବପୀଠ ଗୁରୁଜଙ୍ଗ ସ୍ଥିତ ଶ୍ରୀ ଧବଳେଶ୍ୱର, ଲୋକେଶ୍ୱର, ସିଦ୍ଧେଶ୍ୱର, ଚନ୍ଦ୍ରଶେଖର, ତାରକେଶ୍ୱର, ଅତ୍ରିର ଏକାଦଶ ରୁଦ୍ର, ଗୋଡା ଲୋକାନାଥ, ପଶ୍ଚିମାଶମ୍ଭୁ, ଚଣ୍ଡେଶ୍ୱରଙ୍କ ସମେତ ଜିଲାର ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ମହାଦେବଙ୍କ ନିକଟରେ ଜଳଲାଗି, ବେଲପତ୍ର ଅର୍ପଣ ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ।

**ଏମାନେ କୁହନ୍ତି...**

"ଦୁଇ ବର୍ଷ ହେଲା କରୋନା ମହାମାରୀ ଯୋଗୁ କାର୍ତ୍ତିକ ବ୍ରତ ସମୟରେ ଠାକୁରଙ୍କ ଦର୍ଶନର କୌଣସି ସୁଯୋଗ ନ ଥିଲା। ଚଳିତ ବର୍ଷ ମହାଦେବଙ୍କ ଅତି ନିକଟରୁ ଦର୍ଶନ ସହ ମାନସିକ ଦୀପଟିଏ ଜାଳି ପରିବାର ଶୁଭମନାସିଛି।

—ମମତାଞ୍ଜଳି ପଟ୍ଟନାୟକ, ବିଡିଏ କଲୋନୀ

"ଅତି ନିଷ୍ଠାର ସହ କାର୍ତ୍ତିକ ବ୍ରତ କରିଥାଏ। ଦିନରେ ଠାକୁରଙ୍କ ଦର୍ଶନ କରିବାକୁ ଯାଏ। ତେବେ ଦୁଇ ବର୍ଷ ହେବ କେବଳ ଚଉରାମୂଳେ ପୂଜାର୍ଚ୍ଚନା, ଘରେ ଠାକୁର ଘରେ ପୂଜାପାଠରେ ସିମୀତ ରହିଥିଲା। ଏବେ ଭୋରରୁ ଚଉରାମୂଳେ ରାଇଦାମୋଦର ପୂଜା ପରେ ନିକଟ ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଛି। ଦୁଇବର୍ଷ ପରେ ଆନନ୍ଦ ଅନୁଭବ ହେଲା।

—ବିଷ୍ଣୁପ୍ରିୟା ପଟ୍ଟନାୟକ, ପଲ୍ଲାହାଟ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୦ତମ ଜୟନ୍ତୀ, ରେଳ ଷ୍ଟେଶନ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ରାଜ୍ୟସ୍ତରୀୟ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ, ମାଷ୍ଟର କ୍ୟାଣ୍ଟିନ ଛକସ୍ଥିତ ଜୟପ୍ରକାଶ ନାରାୟମଙ୍କ ପ୍ରତିମୂର୍ତ୍ତି, ସକାଳ ୮ଟା ୩୦, ସାଧାରଣ ସଭା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ୍ ସିଙ୍ଗିଂ ଟ୍ୟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ଡ୍ୟାନ୍ସ ଏବଂ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ୧୯ତମ କୁମାର ଉତ୍ସବ ଏବଂ ଗୁରୁ ସହଦେବ ପାଢ଼ୀ ମେମୋରିଆଲ ଆୱାର୍ଡ ଉତ୍ସବ ୨୦୨୨, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ସମ୍ବାଦ ଗ୍ରୁପ ପକ୍ଷରୁ ସମ୍ବାଦର ୩୮ତମ ଏବଂ କନକ ନ୍ୟୁଜ୍‌ର ତ୍ରୟୋଦଶ ବାର୍ଷିକ ଉତ୍ସବ,ରେଳ୍ ଅଡିଟୋରିୟମ୍, ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ୨୮ତମ ଗଜଲକ୍ଷ୍ମୀ ପୂଜା, ଖାରବେଳ ନଗର, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- ମା' ଗଜଲକ୍ଷ୍ମୀ ପ୍ରତିଭା ସମ୍ମାନ-୨୦୨୨, ଗାଡକଣ ଲକ୍ଷ୍ମୀ ପୂଜା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ଜାରିହେଲା ନିର୍ଦ୍ଦେଶନାମା, ଏଣିକି ଜରିମାନା

**ଭୁବନେଶ୍ୱର, ୧୦।୧୦ (ବ୍ୟୁରୋ)**

### ବିଏମ୍‌ସିର କଡ଼ା ଆଭିମୁଖ୍ୟ

- ରାସ୍ତାରେ ଅଳିଆ ଫିଙ୍ଗିଲେ ୫ହଜାର
- ଅଳିଆ ପୃଥକ୍ କରି ନ ଦେଲେ ୫ଶହ ଜରିମାନା

ସ୍ମାର୍ଟସିଟି ଭୁବନେଶ୍ୱରକୁ ଅଧିକ ପରିଷ୍କାର ରଖିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ଏହାକୁ ସଫଳ କରିବା ପାଇଁ କମିଶନର ନିଜେ ଉଦ୍ୟମ ଆରମ୍ଭ କରିଛନ୍ତି। ଏଣିକି ରାସ୍ତାରେ ଅଳିଆ ଫିଙ୍ଗିଲେ ମୋଟା ଅଙ୍କର ଜରିମାନା ଗଣିବାକୁ ପଡିବ। ବ୍ୟବସାୟୀ ହୁଅନ୍ତୁ ଅବା ସାଧାରଣ ଲୋକ ରାସ୍ତାରେ ଆବର୍ଜନା ପକାଇଲେ ୫ହଜାର ଟଙ୍କା ଜରିମାନା ଦେବେ। କେବଳ ସେତିକି ନୁହେଁ, ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ୍ କରି ନ ଦେଲେ ମଧ୍ୟ ଦଣ୍ଡ ଗଣିବାକୁ ପଡିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅଳିଆ ପୃଥକ କରି ନ ଦେଲେ ୫ଶହ ଟଙ୍କା ଦଣ୍ଡ ଗଣିବାକୁ ପଡିବ। ଉଭୟ ଘରୋଇ ଓ ବ୍ୟବସାୟୀଙ୍କ ଉପରେ ଏହାକୁ ଲାଗୁ କରାଯାଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରକୁ ଡଷ୍ଟବିନ୍‌ମୁକ୍ତ ସହର କରାଯିବା ସହ ପ୍ରତ୍ୟେକ ବ୍ୟକ୍ତି କିପରି ସ୍ୱଚ୍ଛତାକୁ ଆପଣାଇବେ ସେ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏ ନେଇ ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ ପରିମଳ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ନିୟମ ପାଳନ ନ କଲେ ସେମାନଙ୍କୁ ୫ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ଏଥିସହ ଯେଉଁମାନେ ଡଷ୍ଟବିନ୍ ରଖିବେ ନାହିଁ ସେମାନଙ୍କଠାରୁ ୫ହଜାର ଟଙ୍କା ଜରିମାନା ଏବଂ ଘରୋଇ ଅବା ବ୍ୟବସାୟୀ ଯେ କେହି ବି ଆବର୍ଜନାକୁ ପୃଥକ୍ କରି ନ ଦେଲେ ୫ଶହ ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସୋମବାରଠାରୁ ଏହି ସମସ୍ତ ନିୟମକୁ କଡାକଡି ଭାବେ ଲାଗୁ କରାଯିବ ବୋଲି ସୂଚନା ଦିଆଯାଇଥିବାବେଳେ ପ୍ରଥମ ଦିନରୁ ହିଁ କମିଶନର ନିଜେ ବିଭିନ୍ନ ଅଞ୍ଚଳ ବୁଲି ତାଗିଦା କରିଛନ୍ତି।

## ବ୍ୟବସାୟୀଙ୍କୁ ତାଗିଦ୍ କଲେ କମିଶନର



ଭୁବନେଶ୍ୱରର ପରିବା ହାଟଗୁଡ଼ିକ ଅଧିକ ଆର୍ବଜନାମୟ ହେଉଛି। ବ୍ୟବସାୟୀମାନେ ଅଧିକ ଅଳିଆ କରୁଥିବାରୁ ସାଧାରଣଲୋକ ହାଟ ଭିତରେ ପଶିବାକୁ ନାକ ଟେକୁଛନ୍ତି। ବିଏମ୍‌ସି ପକ୍ଷରୁ ବାରମ୍ୱାର ସଚେତନ କରାଇବା ସତ୍ତ୍ୱେ ବ୍ୟବସାୟୀମାନେ ଏହାକୁ ଖାତିର୍ କରୁ ନାହାନ୍ତି। ଫଳରେ ଏବେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କଠୋର ଆଭିମୁଖ୍ୟ ଆପଣାଇଛନ୍ତି। ସୋମବାର କମିଶନର ୟୁନିଟ-୧ ହାଟ, ମାଷ୍ଟରକ୍ୟାଣ୍ଟିନ୍, ଜନପଥ, ଅଶୋକନଗର ଆଦି ଅଞ୍ଚଳ ବୁଲି ଏଣେତେଣେ ଅଳିଆ ନ ପକାଇବାକୁ ବ୍ୟବସାୟୀଙ୍କୁ ତାଗିଦ୍ କରିଛନ୍ତି। ଏଥିସହ ନିୟମ ନ ମାନିଲେ ଜରିମାନା ଗଣିବେ ବୋଲି ସତର୍କ କରାଇଛନ୍ତି। ପଚା ପରିବା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ରାସ୍ତାକୁ ଫିଙ୍ଗିଲେ ୫ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ଏଥିସହ କମିଶନର ରାସ୍ତା କଡ଼ରେ ଥିବା ବିଭିନ୍ନ ଠେଲାଗାଡିଗୁଡିକ ମଧ୍ୟ ବୁଲି ଦେଖିଥିଲେ। ଦୋକାନୀମାନେ କେଉଁଥିରେ ଗ୍ରାହକଙ୍କୁ ଖାଇବାକୁ ଦେଉଛନ୍ତି, ଅଳିଆ କେଉଁଠାରେ ପକାଉଛନ୍ତି ଏ ସମସ୍ତ ଦିଗ ଉପରେ ତଦାରଖ କରିଥିଲେ। ଏତେ ସୁନ୍ଦର ରାସ୍ତା କରାଯାଇଛି, ମାତ୍ର ଆପଣମାନେ ଆବର୍ଜନା କରୁଛନ୍ତି। ପରେ ଆପଣମାନେ ହିଁ ବିଏମ୍‌ସି କିଛି କରୁନାହିଁ ବୋଲି ଗାଳି କରିବେ। ଅଳିଆ ଯିଏ ପକାଇଛନ୍ତି ସିଏ ଏହାକୁ ଉଠାଇବେ ବୋଲି କମିଶନର କହିଥିଲେ।

## ପୂର୍ବତନ ବିଧାୟକଙ୍କ କାର୍‌ରୁ ଚୋରି କରିଥିବା ଡ୍ରାଇଭର ଗିରଫ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ସମ୍ବଲପୁରର ଜଣେ ପୂର୍ବତନ ବିଧାୟକଙ୍କ କାର୍‌ରୁ ମୋବାଇଲ, ଏଟିଏମ୍ କାର୍ଡ ଓ ଟଙ୍କା ଚୋରି କରିଥିବା ଡ୍ରାଇଭରଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଝାରସୁଗୁଡାରେ ରହୁଥିବା ଉତ୍ତରପ୍ରଦେଶର ବିକି ଓରଫ୍ ବିଶାଲ ଶୁକ୍ଳା(୨୫)। ତାଙ୍କ ନିକଟରୁ ଚୋରି ମୋବାଇଲ୍ ଜବତ ହୋଇଛି। ପୋଲିସ ସୂଚନାନୁସାରେ, ପୂର୍ବତନ ବିଧାୟକ ଜଣକ କାର୍‌ରେ ଗତ ଅଗଷ୍ଟ ୫ରେ ଭୁବନେଶ୍ୱରସ୍ଥିତ ବିଧାନସଭା ଗେଷ୍ଟ ହାଉସ୍‌କୁ ଆସିଥିଲେ। ସେ କୌଣସି କାମରେ ବାହାରକୁ ଯାଇଥିବାବେଳେ ଡ୍ରାଇଭର ବି ତାଙ୍କ ଗାଡିରେ ଥିବା ୮ହଜାର ୭୦୦ ଟଙ୍କା, ଗୋଟିଏ ମୋବାଇଲ ଏବଂ ଏକ ଏଟିଏମ୍ କାର୍ଡ ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ଖାରବେଳ ଥାନାରେ ଅଭିଯୋଗ ହେବା ପୋଲିସ ତଦନ୍ତ କରି ଡ୍ରାଇଭର ବିକିଙ୍କୁ ଝାରସୁଗୁଡ଼ାସ୍ଥିତ ନିଜ ଘରୁ କାବୁ କରିଥିଲା। ପଚରାଉଚରା ସମୟରେ ଟଙ୍କା ଆବଶ୍ୟକତା ପଡିବାରୁ ସେ ଏହି ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ବାଲିପାଟଣା,୧୦।୧୦(ଡି.ଏନ୍.ଏ.):** ସାପ କାମୁଡ଼ାରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିପାଟଣା ବ୍ଲକ ଅନ୍ତର୍ଗତ ଗୁଆପୁର ଗ୍ରାମର ଭାଗ୍ୟଲକ୍ଷ୍ମୀ ଦତ୍ତ(୪୭)। ରବିବାର ରାତିରେ ଭାଗ୍ୟଲକ୍ଷ୍ମୀ ଶୋଇଥିବା ବେଳେ ଏକ ସାପ ହଠାତ୍ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ଅଠାନ୍ତର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ କ୍ୟାପିଟାଲ ଓ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଅନୁକମ୍ପା ରାଶି ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ୨ ମଦ ବେପାରୀ ଗିରଫ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ):** ବେଆଇନ ଭାବେ ମଦ ବିକ୍ରି କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଣେଶ ପ୍ରଧାନ (୧୯) ଓ ଅନ୍ୟଜଣେ ଅଜୟ ଦାସ ଓରଫ ଗେଡୁ। ସେମାନଙ୍କ ନିକଟରୁ ୧୩ ଲିଟରରୁ ଅଧିକ ବିଦେଶୀ ମଦ ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୩୬୦/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଏଥିସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଭାଜପା ନେତା ନରେନ୍ଦ୍ର ନାଥ ନାୟକଙ୍କ ପରଲୋକ

**ବାଲିପାଟଣା,୧୦।୧୦(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଜୟଦେବ



ନିର୍ବାଚନମଣ୍ଡଳୀର ଭାଜପା ନେତା ନରେନ୍ଦ୍ର ନାଥ ନାୟକଙ୍କ ସୋମବାର ଭୋରରୁ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୪ ବର୍ଷ ହୋଇଥିଲା। କିଛିଦିନ ହେବ ଶରୀର ଅସୁସ୍ଥ ହେବା ଯୋଗୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଘର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଳକସୋଟି ଗ୍ରାମରେ ହୋଇଥିବା ବେଳେ ଦକ୍ଷ ସଙ୍ଗଠକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ସେ ଏହି ନିର୍ବାଚନମଣ୍ଡଳୀରୁ ଦୁଇଥର ବିଧାନସଭା ପାଇଁ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପୂର୍ବାହ୍ନରେ ତାଙ୍କ ମରଶରୀରକୁ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ଶୋଭାଯାତ୍ରାରେ ଦଳକସୋଟି ଓ ଅନ୍ୟାନ୍ୟ ଅଞ୍ଚଳ ପରିକ୍ରମା କରାଯାଇଥିଲା। ଶତାଧିକ ଜନସାଧାରଣ ଓ ଦଳୀୟକର୍ମୀ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ କୁଳଦୀପ ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଦଳ ଜଣେ ଦକ୍ଷ ସଙ୍ଗଠକଙ୍କୁ ହରାଇଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।



କସ୍ତୁରବା ନାରିମହଲ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଆୟୋଜିତ କୁମାରପୂର୍ଣ୍ଣିମା ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଲେକ୍ ଜୋନ୍ ନିର୍ମାଣ ଦାୟିତ୍ୱ ନେଲେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

**ଭୁବନେଶ୍ୱର, ୧୦।୧୦ (ବ୍ୟୁରୋ)**

ଭୁବନେଶ୍ୱର ସହର ମଧ୍ୟରେ ବହୁଥିବା ପ୍ରାକୃତିକ ନାଳ ନୂଆ ରୂପ ନେବ। ଏହାଦ୍ୱାରା ରାଜଧାନୀବାସୀ ଲେକ୍ ଜୋନ୍‌ରେ ଆମୋଦ ପ୍ରମୋଦର ନିଆରା ଅନୁଭବ ପାଇ ପାରିବେ। ତେବେ ଏହାର ନିର୍ମାଣ ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି। ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ୧୬ଟି ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଲଟେରି ମାଧ୍ୟମରେ ଦାୟିତ୍ୱ ବଣ୍ଟନ କରାଯାଇଛି। ମେୟର ସୁଲୋଚନା ଦାସ ଯୋଗଦେଇ, ବିଭିନ୍ନ କାର୍ଯ୍ୟରେ ଏସ୍‌ଏଚ୍‌ଜି ଗ୍ରୁପ୍‌ର ଅଂଶୀଦାରୀତାକୁ ପ୍ରଶଂସା କରିଥିଲେ। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର କ୍ଷମତା ଓ ଅଖଣ୍ଡତା ପ୍ରମାଣ କରିଛନ୍ତି। ତେଣୁ ଏହି ଲେକ୍‌ଜୋନ୍‌ରେ ମଧ୍ୟ ସେମାନଙ୍କର ଦକ୍ଷତା ପ୍ରତିପାଦିତ ହୋଇ ପାରିବ ବୋଲି ମେୟର କହିଥିଲେ। ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ, ଗୃହ ଓ ନଗର ଉନ୍ନୟନ ବିଭାଗ ଚିଫ୍ ଇଞ୍ଜିନିୟର ଭକ୍ତକବି ଦାସ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଗୌତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ହାଟ ସମସ୍ୟା ଶୁଣି ସମାଧାନ ପାଇ ପ୍ରତିଶ୍ରୁତି ଦେଲେ

**ପୁରୁଣା ଭୁବନେଶ୍ୱର, ୧୦।୧୦(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାରରେ ରହିଛି ଲିଙ୍ଗରାଜ ହାଟ। ୨୦୦୯-୧୦ ମସିହାରେ ଉକ୍ତ ସମୟର ଏକାମ୍ର ବିଧାୟକ ହାଟରେ ପିଣ୍ଡି ନିର୍ମାଣ କରାଇଥିଲେ। ତେବେ ଦୀର୍ଘବର୍ଷ ପରେ ଅନେକ ପିଣ୍ଡି ଭାଙ୍ଗିଯିବା, ହାଟ ମଝିରେ ପାଣି ଜମିବା, ଶୌଚାଳୟ ନିର୍ମାଣ, ପାନୀୟଜଳ ସୁବିଧା ଆଦି ବିଭିନ୍ନ ସମସ୍ୟା ନେଇ ସୋମବାର ହାଟ ବ୍ୟବସାୟୀମାନେ ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲିଆଙ୍କୁ ଭେଟିବା ସହ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଖୁବ୍‌ଶୀଘ୍ର ପର୍ଯ୍ୟାୟକ୍ରମେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ମଲିଆ ପ୍ରତିଶ୍ରୁତି ଦେଇଥିଲେ। ଗୌରୀଶଙ୍କର ଶତପଥୀ, କୁମୁଦ ଦାଶ, ଅଂଶୁମାନ ମିଶ୍ର, ସୁରେନ୍ଦ୍ର ମଲ୍ଲିକ, ଚକ୍ରଧର ସାହୁ, ଅଭିମନ୍ୟୁ ରାଉତ, ବିଷ୍ଣୁ ସାହୁ, ପୂର୍ଣ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତରେଶ୍ୱର ଦଶାହ ଘାଟର ପରିଚାଳନା ଦାୟିତ୍ୱ ନେଲା ବ୍ରାହ୍ମଣ ନିଯୋଗ ସମିତି

**ଭୁବନେଶ୍ୱର, ୧୦।୧୦ (ବ୍ୟୁରୋ)**

ବିନ୍ଦୁସାଗରର ଉତ୍ତରେଶ୍ୱର ଘାଟ ଦଶାହ ତୁଠର ପରିଚାଳନା ଦାୟିତ୍ୱ ବ୍ରାହ୍ମଣ ନିଯୋଗ ସମିତିକୁ ଦିଆଯାଇଛି। ସୋମବାର ମେୟର ସୁଲୋଚନା ଦାସ ଏହାକୁ ନିଯୋଗ ସମିତିକୁ ହସ୍ତାନ୍ତର କରିଛନ୍ତି। ଏବେଠାରୁ ଦଶାହ କର୍ମର ଘାଟର ସମସ୍ତ କାର୍ଯ୍ୟକଳାପ ସମିତି ଦ୍ୱାରା ପରିଚାଳିତ ହେବ। ତେବେ ଏଠାରେ ପ୍ରତି କର୍ମ ପାଇଁ ସମିତି ହିତାଧିକାରୀଙ୍କଠାରୁ ୨ହଜାର ଟଙ୍କା ଦେୟ ନେଇ ପାରିବେ। ସେହିପରି ବିପିଏଲ୍ ପରିବାର କିମ୍ବା ବ୍ରାହ୍ମଣ ନିଯୋଗ ସମିତି କ୍ଷେତ୍ରରେ ୧ହଜାର ଟଙ୍କା ଦେୟ ନେଇ ପାରିବେ। ନାଗରିକମାନଙ୍କୁ ସେବା ଯୋଗାଇବା ପାଇଁ କାର୍ଯ୍ୟ ଯୋଜନା ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ। ଏହି ସମୟରେ ଏସ୍‌ଏସ୍‌ଇପିଡି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସମେତ କର୍ପୋରେଟର ନୃପେଶ ନାୟାର, ଶିବପ୍ରସାଦ ବେହେରା, ବିରଞ୍ଚି ନାରାୟଣ ମହସୁପାକର, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମେୟର ସୁଲୋଚନା ଦାସ ବିନ୍ଦୁସାଗରର ଉତ୍ତରେଶ୍ୱର ଘାଟ ଦଶାହ ତୁଠର ପରିଚାଳନା ଦାୟିତ୍ୱ ବ୍ରାହ୍ମଣ ନିଯୋଗ ସମିତିକୁ ହସ୍ତାନ୍ତର କରୁଛନ୍ତି।

## କବିତା ଆସର, ଆଲୋଚନାଚକ୍ର



**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

କୋଠଘର ଆମ ସାହିତ୍ୟ ପରିବାର ଓ ଜ୍ଞାନପ୍ରକାଶର ମିଳିତ ଆନୁକୂଲ୍ୟରେ ସୋମହବାର ଗୋଦାବରୀଶ ସାହିତ୍ୟ ସଂସଦ ସଭାକକ୍ଷରେ କବିତା ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୋଠଘରର ସମ୍ପାଦିକା ତଥା ଜ୍ଞାନପ୍ରକାଶର ରାଜ୍ୟମୁଖ୍ୟ ଅମ୍ବିକା ସ୍ୱାଇଁ ଏହାର ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପେଦେଷ୍ଟା ଜ୍ଞାନଚାନ୍ଦ ଶତପଥୀ, ଜ୍ଞାନ ପ୍ରକାଶର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ।ଅତିଥିଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଅଭିଭାଷଣ ରଖିଥିଲେ। ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଓ କଣ୍ଠଶିଳ୍ପୀ ହିମାଦ୍ରୀ ତନୟା ମିଶ୍ରଙ୍କ ସଂଯୋଜନାରେ ଶିଶୁ ସହିତ୍ୟିକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, କବି ବାଉରୀବନ୍ଧୁ ଲେଙ୍କା ଆଶୁତୋଷ ମେହେର, ଅନିମା ପଟ୍ଟନାୟକ, ଦିଲୀପ କୁମାର ନାୟକ, ଅଜୟ କୁମାର ସେଠୀ, ଆଶାଲତା ଦୀକ୍ଷିତ, ସୁଷମା ଦାସ, ଡ. ଅମ୍ବରେଶ ଶତପଥୀ ପ୍ରମୁଖ କବିତା ପାଠ କରିଥିଲେ।

## ଷ୍ଟାଡିୟମ୍ ସୁରକ୍ଷା ଯାଞ୍ଚ କଲେ ପୋଲିସ କମିଶନର

### ଆଜିଠୁ ଜୁନିୟର ମହିଳା ଫିଫା ବିଶ୍ୱକପ୍

- ମୁତୟନ ହେବେ ୧୫ ପ୍ଲାଟୁନ ଫୋର୍ସ
- ଦର୍ଶକଙ୍କ ଯାତାୟାତ ପାଇଁ ମୋ ବସ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**



ମଙ୍ଗଳବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ ଜୁନିୟର ମହିଳା ଫିଫା ବିଶ୍ୱକପ୍। ଏହାକୁ ଦୃଷ୍ଟିରେ ସୋମବାର ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ଶାନ୍ତିଶୃଙ୍ଖଳାରେ କିପରି ଖେଳ ପରିଚାଳନା ହେବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ଷ୍ଟାଡିୟମ୍‌ର ୧ ରୁ ୯ ନମ୍ବର ଗେଟ ପର୍ଯ୍ୟନ୍ତ ସବୁଠି ମେଟାଲ ଡିଟେକ୍ଟରଠାରୁ ଆରମ୍ଭ କରି ବରିଷ୍ଠ ପୋଲିସ ଅଧିକାରୀ ନିୟୋଜିତ ରହିବେ। ଡିସିପିଙ୍କ ତତ୍ତ୍ୱାବଧାନରେ ୬ ଅତିରିକ୍ତ ଡିସିପି, ୧୪ ଏସିପି, ୩୦ ଇନ୍ସପେକ୍ଟର୍, ୧୦୦ ଅଧିକାରୀ, ୨୪୦ କନ୍‌ଷ୍ଟେବଲ ଓ ୧୫ ପ୍ଲାଟୁନ ଫୋର୍ସର ବ୍ୟବସ୍ଥା ହୋଇଥିବାବେଳେ ଷ୍ଟାଡ଼ିୟମ ଭିତରେ ସାଦା ପୋଷାକରେ ପୋଲିସ ମୁତୟନ ହେବେ। ଅପରପକ୍ଷରେ ପାର୍କିଂ ଓ ବସ୍ ରୁଟ୍‌କୁ ଗୁରୁତ୍ୱ ଦିଆଯାଇଛି । ଭିଆଇପିଙ୍କ ଲାଗି କଳିଙ୍ଗ ଷ୍ଟାଡିୟମ ଭିତରେ ପାର୍କିଂ ବ୍ୟବସ୍ଥା କରାଯାଇଥିବାବେଳେ ଦର୍ଶକଙ୍କ ଲାଗି ଗେଟ୍ ନଂ.୧ ଓ ୩ ନିକଟରେ ୩ ସ୍ଥାନରେ ଦୁଇରୁ ଚାରିଚକିଆ ଯାନର ପାର୍କିଂ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆମେରିକା ଓ ଭାରତ ମଧ୍ୟରେ ଟକ୍କର ହେବ। ଏଥିପାଇଁ ଦର୍ଶକଙ୍କ ସଂଖ୍ୟା ଅଧିକ ହେବାର ଆଶଙ୍କା ରହିଛି। ମ୍ୟାଚ ଦେଖିବା ଲାଗି ରାଜ୍ୟ ତଥା ଦେଶ ବାହାରୁ ରେଳ ଓ ବିମାନ ଯୋଗେ ଅନେକ ଦର୍ଶକ ଆସିବାର ସମ୍ଭାବନା ରହିଛି। ତେଣୁ ଏହି ଦର୍ଶକମାନେ କିଭଳି ଠିକ ସମୟରେ ଷ୍ଟାଡିୟମରେ ପହଞ୍ଚି ପାରିବେ ସେନେଇ ଏୟାରପୋର୍ଟରୁ କଳିଙ୍ଗ ଷ୍ଟାଡିୟମ ଦେଇ କଟକ ସିଡିଏ ଅଭିମୁଖେ ରୁଟ୍ ନଂ.୧୦ରେ ଯାଉଥିବା ମୋ ବସ୍‌ରେ ଆବଶ୍ୟକ ବ୍ୟବସ୍ଥା ହୋଇଛି। ରେଲୱେ ଷ୍ଟେଶନରୁ କଳିଙ୍ଗ ଷ୍ଟାଡିୟମ ଦେଇ ନନ୍ଦନକାନନ ଯାଉଥିବା ରୁଟ ନଂ.୧୨ ଓ ବରମୁଣ୍ଡାରୁ ଆଚାର୍ଯ୍ୟବିହାର ଦେଇ ଜଗତ୍‌ପୁର ଅଭିମୁଖେ ଯାଉଥିବା ରୁଟ ନଂ. ୧୮ରେ ଦର୍ଶକମାନେ ଆସି ପାରିବେ। ସେହିଭଳି ପାତ୍ରପଡାରୁ କଳିଙ୍ଗ ଷ୍ଟାଡିୟମକୁ ଆସିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।






ପଳାଶୁଣୀ ବ୍ରିଜ୍‌ରୁ ରସୁଲଗଡ଼ ଓଭରବ୍ରିଜ୍ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ସୃଷ୍ଟି ହୋଇଥିବା ଟ୍ରାଫିକ୍ ଜାମ୍। ଜାତୀୟ ରାଜପଥର ପଳାଶୁଣୀ ଛକ ନିକଟରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଥିବାରୁ ସେଠାରେ ଏକ ଫୁଟ୍ ଓଭରବ୍ରିଜ୍ ଦାବିରେ ସ୍ଥାନୀୟ ଲୋକେ ଦୁର୍ଗାମଣ୍ଡପ ସମ୍ମୁଖରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ବେଆଇନ ହୋର୍ଡିଂ ହଟାଇଲା ପୋଲିସ
**ସମ୍ପୃକ୍ତ ନେତାଙ୍କୁ ନୋଟିସ ଜାରି**

**କୋଣାର୍କ,୧୦।୧୦(ଡି.ଏନ୍.ଏ.):** କୋଣାର୍କସ୍ଥିତ ଏନ୍ଏସି ଅଫିସ ସମ୍ମୁଖ କୋଣାର୍କ- ଗୋପ ପୂର୍ତ୍ତ ବିଭାଗ ରାସ୍ତାରେ ଜିଲାସ୍ତରୀୟ ନେତା ଦୁର୍ଗାପୂଜା ଅବସରରେ ନିର୍ଦ୍ଦିଷ୍ଟ ବିରୋଧୀ ଦଳ ବେଆଇନ ହୋର୍ଡିଂ ଲଗାଇଥିଲେ। ଏହାକୁ କୋଣାର୍କ ପୋଲିସ ସୋମବାର ହଟାଇଦେଇଛି। ସୂଚନା ମୁତାବକ, କୋଣାର୍କ ଏନ୍ଏସି ଅଞ୍ଚଳରେ ହୋର୍ଡିଂ ମାରିବା ପାଇଁ ଏନ୍ଏସି କର୍ତ୍ତୃପକ୍ଷଙ୍କ ଅନୁମତି ଜରୁରୀ। ବିରୋଧୀ ଦଳ ନେତା ବେଆଇନ ଭାବେ ପୂର୍ତ୍ତ ବିଭାଗ ରାସ୍ତାରେ ହୋର୍ଡିଂ ମାରିଥିଲେ, ଯାହା କି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ନେଇ କୋଣାର୍କ ପୋଲିସ ନଜରକୁ ଆସିଥିଲା। ଏନେଇ କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏଭଳି ବେଆଇନ ହୋର୍ଡିଂକୁ ସୋମବାର ପୂର୍ବାହ୍ନ ସମୟରେ ହଟାଇଦେଇଛି। ଏଥିରେ ସାମିଲ ଥିବା ବିରୋଧୀ ଦଳର ନେତାଙ୍କୁ ନୋଟିସ ଜାରି କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ମଲ୍ଲିକଙ୍କୁ ପଚାରିବାରେ, ସ୍ଥାନୀୟ ପ୍ରଶାସନର ବିନା ଅନୁମତି ଓ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବେଆଇନ ହୋର୍ଡିଂକୁ ପୋଲିସ ପକ୍ଷରୁ ହଟାଯାଇଛି। ଏଥିସହ ସମ୍ପୃକ୍ତ ନେତାଙ୍କୁ ଥାନା ପକ୍ଷରୁ ନୋଟିସ ଜାରି କରାଯାଇଥିବା ସେ ପ୍ରକାଶ କରିଛନ୍ତି।

### ସ୍ୱଚ୍ଛତାର ବାର୍ତ୍ତା ଦେଲେ ସ୍ୱେଚ୍ଛାସେବୀ

**ପୁରୀ ଅଫିସ,୧୦।୧୦:** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ଅବସରରେ ସମ୍ପର୍କ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ରବିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସଫେଇ ଓ ପଲିଥିନ୍‌ମୁକ୍ତ ସ୍ୱଚ୍ଛ ଭାରତ ଅଭିଯାନର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଶରତ ଜୟସିଂହ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ପରିବେଶ ସହ ନିଜ ପରିସର, ରାସ୍ତାଘାଟ, ସର୍ବସାଧାରଣ ସ୍ଥାନକୁ ସଫାସୁତୁରା ରଖିବା, ଦୂଷିତ ପରିବେଶ ସୃଷ୍ଟିରୁ ହେଉଥିବା ସଂକ୍ରମିତ ରୋଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରିବା, ମନରୁ ନକାରାତ୍ମକ ଭାବନା ଦୂର କରିବା ପ୍ରଭୃତି ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟୁଡେଣ୍ଟ୍ ଫର ଡେଭଲପମେଣ୍ଟ, ସେବା ଓ ସଂସ୍କାର, ଜଙ୍ଗଲି କ୍ଲବ, ବିବେକାନନ୍ଦ ଯୁବଶକ୍ତି, ୟଙ୍ଗ୍ ଓମେନ୍ସ କ୍ଲାଇମେଟ୍ କ୍ଲବର ସ୍ୱେଚ୍ଛାସେବୀମାନେ ସାମିଲ ଥିଲେ। ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ, ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ, ବିବେକାନନ୍ଦ ଯୁବଶକ୍ତିର ସୁକାନ୍ତ କୁମାର ମହାନ୍ତି, ଷ୍ଟୁଡେଣ୍ଟ ଫର୍ ଡେଭଲପମେଣ୍ଟର ତାରା ପ୍ରସାଦ ଦାଶ, ବାସୁଦେବ ସେନାପତି, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାକେଶ ସେଠୀ, ଓମ୍ ପ୍ରସାଦ ମହାନ୍ତି, ଶିବାନନ୍ଦ ପାଢୀ, ଅଭିଳାଶ ମିଶ୍ର, ରୁବି ସେନାପତି, ମାଧବ ନାୟକ ଏବଂ ସରିତା ପ୍ରଧାନ ସହଯୋଗ କରିଥିଲେ।

### ଶାଳୀଙ୍କୁ ଖଣ୍ଡାରେ ହାଣି ବିଷ ପିଇଲେ ଭିଣୋଇ

**ଚୌଦ୍ୱାର,୧୦।୧୦(ଡି.ଏନ୍.ଏ.):** ପ୍ରଥମେ ଶାଳିକୁ ଖଣ୍ଡାରେ ହାଣିଲେ। ପରେ ମାନସିକ ଭାରସାମ୍ୟ ହରାଇ ନିଜେ ବିଷପାନ କରି ଗୁରୁତର ହୋଇପଡ଼ିଥିଲେ ଭିଣୋଇ। ଏଭଳି ଅଭାବନୀୟ ଘଟଣା କଟକ ଜିଲା ଚୌଦ୍ୱାର ପୌରପାଳିକା ୧୮ ନମ୍ବର ୱାର୍ଡ଼ ଗଉଡ଼ସାହିରେ ଘଟିଛି। ପ୍ରକାଶଯେ, ରବିବାର ବିଳମ୍ବିତ ରାତିରେ ଶ୍ୱଶୁର ଘରେ ରହୁଥିବା ଗଉଡ଼ସାହିର ଯୁଗଳକିଶୋର ବେହେରା (୫୦)ର କୌଣସି କାରଣକୁ ନେଇ ଶାଳି ପ୍ରମିଳା ବେହେରା(୩୫)ଙ୍କ ସହିତ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁଗଳ ଏକ ଖଣ୍ଡାରେ ପ୍ରମିଳାଙ୍କ ମୁଣ୍ଡ ଓ ହାତକୁ ନିର୍ମମ ଭାବେ ହାଣି ଦେଇଥିଲେ। ଫଳରେ ପ୍ରମିଳା ଗୁରୁତର ଆହତ ହୋଇଥିଲେ। ପାଟିଶୁଣି ପରିବାର ଲୋକ ଉଠି ପ୍ରମିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଅନ୍ୟପଟେ ଘଟଣା ଘଟାଇବା ପରେ ଯୁଗଳ ମାନସିକ ଭାରସାମ୍ୟ ହରାଇ ବିଷ ଖାଇ ଦେଇଥିଲେ। ସେ ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ପ୍ରମିଳାଙ୍କ ଭଉଣୀ ସରସ୍ୱତୀ ଏ ନେଇ ଚୌଦ୍ୱାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ଜବତ କରିଛି। ଯୁଗଳ ୫ବର୍ଷ ହେବ ନିଜ ବାପଘରେ ରହୁଥିବା ତାଙ୍କ ସ୍ତ୍ରୀ ଓ ୨ଟି ପିଲାଙ୍କ ସହିତ କୌଣସି ସମ୍ପର୍କ ନ ରଖି ମଧ୍ୟ ଶ୍ୱଶୁରଘରେ ଅଲଗା ଏକ ରୁମରେ ରହୁଥିଲେ।

# ଶରଧାବାଲିରେ କୁମାର ଉତ୍ସବ ଉଦ୍‌ଘାଟିତ




କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ପୁରୀ ଅଫିସ, ୧୦।୧୦**

**ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ**

- କିଷାନ ପଣ୍ଡାଙ୍କୁ ଶ୍ରୀକ୍ଷେତ୍ର କୁମାର, ସ୍ନେହସ୍ମିତା ସାହୁଙ୍କୁ ଶ୍ରୀକ୍ଷେତ୍ର କୁମାରୀ ସମ୍ମାନ
- ସତ୍ୟନାରାୟଣ ଗୁରୁ, ରାଜନାରାୟଣ ଖୁଣ୍ଟିଆ, ଗୁରୁ ଶତପଥୀ ସମ୍ମାନିତ ହେଲେ

ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ସୋମବାର 'କୁମାର ଉତ୍ସବ ସମିତି' ଆନୁକୂଲ୍ୟରେ ୫୪ତମ କୁମାର ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ କୋଠାରୀ ନାରାୟଣ ମେକାପ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅନୁଷ୍ଠାନର ସଭାପତି ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମୋ' କଲେଜ ଅଧକ୍ଷ ତଥା ଓଲିଉଡ୍ ଅଭିନେତା ଆକାଶଦାସ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସ୍ମରଣିକା' ଲୋକାର୍ପିତ ହେବା ସହ ପୁରୀ ଡିଏଭି ପବ୍ଲିକ ସ୍କୁଲର କିଷାନ ପଣ୍ଡାଙ୍କୁ ଶ୍ରୀକ୍ଷେତ୍ର କୁମାର ଏବଂ ବିଶ୍ୱମ୍ଭର ବିଦ୍ୟାପୀଠର ସ୍ନେହସ୍ମିତା ସାହୁଙ୍କୁ ଶ୍ରୀକ୍ଷେତ୍ର କୁମାରୀ ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ ବିଶିଷ୍ଟ ସୀତାର ବାଦକ ସତ୍ୟନାରାୟଣ ଗୁରୁ, ଗୀତିକାର ଗୁରୁ ଶତପଥୀ ଏବଂ ବନ୍ଧୁକ ଚାଳନାକାରୀ ରାଜନାରାୟଣ ଖୁଣ୍ଟିଆଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ସବ୍‌ଜୁନିଅର ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ରତନ କୁମାର ଦାସ, ସ୍ମରଣିକା ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ଉପଦେଷ୍ଟା ବିଦ୍ୟୁଲତା ଆଚାର୍ଯ୍ୟ, ମନୋଜ ରଥ ଏବଂ ସରସ୍ୱତୀ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପରେ ଶିଳ୍ପୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ସୁରଜିତ ମହାପାତ୍ରଙ୍କ ନୃତ୍ୟ ନିର୍ଦ୍ଦେଶନାରେ ସଙ୍ଗୀତ ରୂପକ 'କଇଁର ପ୍ରୀତିରେ ପାଗଳ ଜହ୍ନ', ନଟରାଜ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ଫ୍ୟୁଜନ, ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଭରତ ନାୟକ ଓ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ ଏବଂ ଅମରେନ୍ଦ୍ର ପାଇକରାୟ ଏବଂ ସୁକାନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ।





ପୁରୀ ବେଳାଭୂମିରେ ଶ୍ରୀକ୍ଷେତ୍ର ୟୁଥ କଲ୍‌ଚରାଲ ଆସୋସିଏଶନର ୪୩ତମ କୁମାର ଉତ୍ସବରେ ସୋମବାର ସମ୍ବର୍ଦ୍ଧିତ ଲିଟିଲ୍ ମିସ୍ ଓ ଲିଟିଲ ମିଷ୍ଟର। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସ୍ୱାଗତିକାଙ୍କ ସଫଳତା

**ନିମାପଡ଼ା,୧୦।୧୦ (ଡି.ଏନ୍.ଏ.)**



ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାଫଳ ୭ ତାରିଖରେ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୩୯୨ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତ ଅଧୀନ ପାଞ୍ଚଣା ଗ୍ରାମର ସ୍ୱାଗତିକା ବେହେରା ସଫଳତା ହାସଲ କରିଛନ୍ତି। ସେ ଏହି ପରୀକ୍ଷାରେ ୨୮୦ନଂ. ର୍‍ୟାଙ୍କରେ ରହିଛନ୍ତି। ସ୍ୱାଗତିକାଙ୍କ ଏହି କୃତିତ୍ୱ ଯୋଗୁ ଗୋପ ବ୍ଲକ ସମେତ ବିଭିନ୍ନ ମହଲରୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ସ୍ୱାଗତିକା ଏହି ସଫଳତା ପାଇଁ ପ୍ରଭୁ ଜଗନ୍ନାଥ, ମାତାପିତା, ପରିବାରବର୍ଗ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଓସିଏସ୍ ପରୀକ୍ଷା ପାଇଁ ସେ ଦୈନିକ ୫/୬ ଘଣ୍ଟା ପରିଶ୍ରମ କରୁଥିଲେ। ଭବିଷ୍ୟତରେ ସେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଭବିଷ୍ୟତରେ ଆଇଏଏସ୍ ହୋଇ ରାଜ୍ୟ ଓ ଦେଶବାସୀଙ୍କର ଉତ୍ତମ ସେବା କରିବା ତାଙ୍କର ମୂଳଲକ୍ଷ୍ୟ ବୋଲି କହିଛନ୍ତି। ସ୍ୱାଗତିକା ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନରେ ସ୍ନାତକୋତ୍ତର (ପିଜି) ବିଭାଗରେ ବେଶ୍ ସଫଳତା ସହ ଉତ୍ତୀର୍ଣ୍ଣ ହୋଇ ସୁନାମ ଅର୍ଜନ କରି ସ୍କୁଲ, କଲେଜକୁ ଗୌରବାନ୍ୱିତ କରିଛନ୍ତି। ଶିକ୍ଷାକ୍ଷେତ୍ରରେ ବହୁ ଅନୁଷ୍ଠାନ ପକ୍ଷରୁ ସେ ପୁରସ୍କୃତ ଓ ସମ୍ମାନିତ, ସମ୍ବର୍ଦ୍ଧିତ ହୋଇଥିବା ତାଙ୍କ ପରିବାରବର୍ଗ କହିଛନ୍ତି।

# ମୁକ୍ତମଞ୍ଚ ନାଟକୋତ୍ସବ ଉଦ୍‌ଘାଟିତ

**ନିମାପଡ଼ା,୧୦।୧୦(ଡି.ଏନ୍.ଏ.)**

**୬ ଖ୍ୟାତନାମା ନାଟ୍ୟ ଅନୁଷ୍ଠାନର ଅଂଶଗ୍ରହଣ**

ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଗଡଅଣ୍ଡିଆ ଗ୍ରାମ ମଙ୍ଗଳ ସମିତି ଓ ଅରବିନ୍ଦ କ୍ଲବ ପକ୍ଷରୁ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ୬୭ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ସମାରୋହ ରବିବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଡାକ୍ତର ନେତ୍ରାନନ୍ଦ ଭୋଇ, ସମ୍ମାନିତ ଅତିଥି ଭାବେ ସମିତି ସଭାପତି ଶରତ ସିଂଦେଓ, ସମ୍ପାଦକ ବିଜୟ କୁମାର ପାତ୍ର, ସୁବାସ ପାତ୍ର, ସୁକାନ୍ତ କୁମାର ଦାସ, କ୍ଷିତୀଶ ପ୍ରସାଦ ମହାନ୍ତି, ଅରବିନ୍ଦ କ୍ଲବ ସଭାପତି ଅମରେନ୍ଦ୍ର ମହାନ୍ତି, ସମ୍ପାଦକ ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ନାଟକ ପ୍ରତିଯୋଗିତାରେ ଓଁ ସାଇ ନାଟ୍ୟ ସଂସଦ(ନିମାପଡ଼ା), ମା' ଜାଗେଶ୍ୱରୀ ନାଟ୍ୟ ସଂସଦ (କୋଣାର୍କ), ମା' ଭୈରବୀ ଡ୍ରାମାଟିକ୍ କ୍ଲବ(ପଟିଆ, ଭୁବନେଶ୍ୱର), ଇଶାନେଶ୍ୱର ନାଟ୍ୟ ସଂସଦ(ବାଙ୍କୀ), ପଞ୍ଚସଖା ନାଟ୍ୟ କଳା ସଂସଦ(ଜଗତ୍‌ସିଂହପୁର), ଭୁବନେଶ୍ୱର ଆମ ନାଟକ ପ୍ରମୁଖ ନାଟ୍ୟାନୁଷ୍ଠାନ ଆଦି ଏହି ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୫ ତାରିଖରେ ସପ୍ତାହବ୍ୟାପୀ ଏହି ସାଂସ୍କୃତିକ ସମାରୋହ ଉଦ୍‌ଯାପିତ ହେବ। ଏହି ଅବସରରେ ପୁରସ୍କାର ବିତରଣ ସମାରୋହ ଓ ପ୍ରଖ୍ୟାତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଗ୍ରୁପ ପକ୍ଷରୁ ମେଲୋଡି ଧମାକା, ନୃତ୍ୟ, ସଙ୍ଗୀତ ପରିବେଷଣ ଆଦି କାର୍ଯ୍ୟକ୍ରମ ହେବାର ସୂଚନା ମିଳିଛି। ସମିତି ଓ କ୍ଲବ ପକ୍ଷରୁ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ମହାଆଡମ୍ବରର ସହ ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମୂର୍ତ୍ତି, ଆକର୍ଷଣୀୟ ତୋରଣ, ଅତ୍ୟାଧୁନିକ ଆଲୋକ ସଜ୍ଜା ଦର୍ଶକ, ଶ୍ରଦ୍ଧାଳୁଙ୍କୁ ବିମୋହିତ କରୁଛି।

# ଚେଷ୍ଟା, ସହଯୋଗ ସତ୍ତ୍ୱେ ନାବାଳକଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ,୧୦।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)**

**ଖେଳୁଥିବା ବେଳେ ସାପ କାମୁଡ଼ିଥିଲା**

ସାଙ୍ଗମାନଙ୍କ ସହ ହସଖୁସିରେ ଖେଳୁଥିଲେ। ହେଲେ ଏହି ସମୟରେ ହଠାତ୍ ଏକ ସାପ ଆସି ଜଣେ ୮ବର୍ଷୀୟ ବାଳକଙ୍କୁ କାମୁଡ଼ି ଦେଇଥିଲା। ଖବରପାଇ ପରିବାର ଲୋକ ପୁଅକୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ଡାକ୍ତର କହିଥିଲେ। କିନ୍ତୁ ସେ ସମୟରେ କୌଣସି ଆମ୍ବୁଲାନ୍ସ ନ ଥିବାରୁ ଅପେକ୍ଷା ନ କରି ପରିବାର ଲୋକ ପୁଅକୁ ବାଇକ୍‌ରେ ବସାଇ ନେବାବେଳେ ଜଣେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଏହା ଦେଖିଥିଲେ। ସେମାନେ ଦୁହେଁ ମାନବିକତା ଦେଖାଇ ଯଥେଷ୍ଟ ଚେଷ୍ଟା କରି ଆମ୍ବୁଲାନ୍ସ ଯୋଗାଡ଼ କରି ଡାକ୍ତରଖାନା ପଠାଇଥିଲେ। କିନ୍ତୁ ସମସ୍ତ ସହଯୋଗ ସତ୍ତ୍ୱେ ନାବାଳକଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବାରେ ବିଫଳ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନାବାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ଏଭଳି ଦୁଃଖଦ ଘଟଣା ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଞ୍ଚଳରେ ସୋମବାର ଦେଖିବାକୁ ମିଳିଛି। ମୃତ ନାବାଳକ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତର ନେତ୍ରମାଳ ସାହିର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ପୁଅ ପ୍ରକାଶ ଚନ୍ଦ୍ର।

ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ରଙ୍କ ପାଞ୍ଚ ଝିଅ ପରେ ପ୍ରକାଶଙ୍କ ଜନ୍ମ ହୋଇଥିବାରୁ ସମସ୍ତଙ୍କର ସ୍ନେହା ଥିଲେ। ସବୁଦିନ ଭଳି ସୋମବାର ଅପରାହ୍ନ ୩ଟାରେ ପ୍ରକାଶ ନିଜ ଘର ପାଖରେ ଖେଳୁଥିବା ବେଳେ ଏକ ସାପ କାମୁଡ଼ିଥିଲା। ଏହି କଥା ସେ ଘରକୁ ଆସି ବାପାଙ୍କୁ କହିବା ପରେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ପୁରୀ କିମ୍ବା ଭୁବନେଶ୍ୱର ନେବା ପାଇଁ ଡାକ୍ତର କହିଥିଲେ। ହେଲେ ଏହି ସମୟରେ ଆମ୍ବୁଲାନ୍ସର ଅଭାବ ଥିବାରୁ ବାପା ପୁଅର ଜୀବନ ରକ୍ଷା ପାଇଁ ଏକ ବାଇକ୍ ଯୋଗେ ପୁରୀ ନେଉଥିଲେ। ଏହା ଦେଖି ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସୁରେଶ ନନ୍ଦ ଓ ଆଶାକର୍ମୀ ସଞ୍ଜୁଲତା ବେହେରାଙ୍କ ସହଯୋଗ ଦ୍ୱାରା ଏକ ଆମ୍ବୁଲାନ୍ସ ସାହାଯ୍ୟରେ ପୁରୀ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ପ୍ରକାଶଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ବିଦ୍ୟାଧରପୁର ସରପଞ୍ଚ ଦୁଃଶାସନ ପ୍ରଧାନ ଓ ସମିତିସଭ୍ୟ ପ୍ରଫୁଲ୍ଲ ପ୍ରଧାନ ପ୍ରକାଶଙ୍କ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇବା ସହ ସହଯୋଗର ହାତ ବଢ଼ାଇଛନ୍ତି।

### ପୂର୍ବତନ ବିଧାୟକଙ୍କ କାର୍‌ରୁ ଚୋରି କରିଥିବା ଡ୍ରାଇଭର ଗିରଫ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ସମ୍ବଲପୁରର ଜଣେ ପୂର୍ବତନ ବିଧାୟକଙ୍କ କାର୍‌ରୁ ମୋବାଇଲ, ଏଟିଏମ୍ କାର୍ଡ ଓ ଟଙ୍କା ଚୋରି କରିଥିବା ଡ୍ରାଇଭରଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଝାରସୁଗୁଡାରେ ରହୁଥିବା ଉତ୍ତରପ୍ରଦେଶର ବିକି ଓରଫ୍ ବିଶାଲ ଶୁକ୍ଳା(୨୫)। ତାଙ୍କ ନିକଟରୁ ଚୋରି ମୋବାଇଲ୍ ଜବତ ହୋଇଛି। ପୋଲିସ ସୂଚନାନୁସାରେ, ପୂର୍ବତନ ବିଧାୟକ ଜଣକ କାର୍‌ରେ ଗତ ଅଗଷ୍ଟ ୫ରେ ଭୁବନେଶ୍ୱରସ୍ଥିତ ବିଧାନସଭା ଗେଷ୍ଟ ହାଉସ୍‌କୁ ଆସିଥିଲେ। ସେ କୌଣସି କାମରେ ବାହାରକୁ ଯାଇଥିବାବେଳେ ଡ୍ରାଇଭର ବି ତାଙ୍କ ଗାଡିରେ ଥିବା ୮ହଜାର ୭୦୦ ଟଙ୍କା, ଗୋଟିଏ ମୋବାଇଲ ଏବଂ ଏକ ଏଟିଏମ୍ କାର୍ଡ ଚୋରି କରି ଫେରାର ହୋଇଯାଇଥିଲେ।

# କୋଠଭୋଗ ପାଇଁ ଶ୍ରୀମନ୍ଦିରକୁ ପଠାଗଲା ୧୨୫୦ ନଡ଼ିଆ

**ପିପିଲି,୧୦।୧୦(ଡିଏନ୍.ଏ.)**

କାର୍ତ୍ତିକ ମାସରେ ହେଉଥିବା ସ୍ୱତନ୍ତ୍ର କୋଠଭୋଗ ପାଇଁ ପିପିଲି ଅଞ୍ଚଳରୁ ଶହ ଶହ ନଡ଼ିଆ ଶ୍ରୀମନ୍ଦିରକୁ ଆସୁଛି। ଭକ୍ତ ଦାସିଆଙ୍କ ହାତରୁ ରଥାରୂଢ଼ ଜଗନ୍ନାଥ ନଡ଼ିଆ ଗ୍ରହଣ କରିଥିବା ଶାସ୍ତ୍ରରେ ବର୍ଣ୍ଣିତ ରହିଛି। ତେବେ ୨୦୧୫ ମସିହାରୁ ଶ୍ରୀମନ୍ଦିର ପ୍ରଶାସନର ଅନୁମୋଦନକ୍ରମେ ମହାକାର୍ତ୍ତିକ ମାସରେ ମହାପ୍ରଭୁଙ୍କ କୋଠଭୋଗ ପାଇଁ ପିପିଲିରୁ ଶ୍ରଦ୍ଧାଳୁମାନେ ଶହଶହ ସଂଖ୍ୟାରେ ନଡ଼ିଆ ପଠାଇଥାନ୍ତି, ଯାହାକି ପିପିଲି ସହିତ ଶ୍ରୀଜଗନ୍ନାଥ ସଂସ୍କୃତିରେ ପୁରାଣ ଓ ବର୍ତ୍ତମାନ ସହ ଓତପ୍ରୋତ ଭାବେ ଜଡ଼ିତ। ଗତ ୮ ବର୍ଷ ଧରି ପିପିଲି ଗୋବର୍ଦ୍ଧନପୁରର ଜଗନ୍ନାଥପ୍ରେମୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଗତୀଶ୍ୱରଦେବଙ୍କ ପୀଠରୁ ପ୍ରତ୍ୟେକ ବର୍ଷ ଚତୁର୍ଦ୍ଧାମୂର୍ତ୍ତିଙ୍କ କୋଠଭୋଗ ପାଇଁ ନଡ଼ିଆ ପଠାଯାଇଥାଏ। ପୂର୍ବ ବର୍ଷ ୮୦୦ ନଡ଼ିଆ ଶ୍ରୀମନ୍ଦିରକୁ ପଠାଯାଇଥିଲାବେଳେ ଚଳିତଥର ୧୨୫୦ ନଡ଼ିଆ ସ୍ୱତନ୍ତ୍ର ଗାଡ଼ି ଯୋଗେ ନାମ ସଂକୀର୍ତ୍ତନ କରି ସୋମବାର ଶ୍ରୀମନ୍ଦିରକୁ ପଠାଯାଇଛି। ବିଶେଷକରି କୋଠଭୋଗ ପାଇଁ ପଠାଯାଇଥିବା ନଡ଼ିଆକୁ ଶ୍ରୀମନ୍ଦିର ପଶ୍ଚିମଦ୍ୱାରଠାରେ ଭାରପ୍ରାପ୍ତ କୋଠଭୋଗ ସହକାରୀଙ୍କୁ ପ୍ରଦାନ କରି ରସିଦ ଗ୍ରହଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟକ୍ଷ ସେବା ପାଇଁ ପିପିଲି ଅଞ୍ଚଳର ଶ୍ରଦ୍ଧାଳୁ ନିଜକୁ ବହୁତ ଭାଗ୍ୟବାନ ମନେକରୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ଘରୁ ଟାଣି ଆଣି ମହିଳାଙ୍କୁ ହତ୍ୟା

**ଖୋର୍ଦ୍ଧା ଅଫିସ/ ବାଣପୁର, ୧୦।୧୦ (ଡି.ଏନ୍.ଏ.)**

ପାରିବାରିକ ଅଶାନ୍ତିର କରୁଣ ଚିତ୍ର ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ଥାନା ଗମ୍ଭାରୀମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଙ୍କାଳ ଗ୍ରାମରେ। ସୋମବାର ସକାଳେ ପାରିବାରିକ କଳହରୁ ଜଣେ ମହିଳାଙ୍କୁ ତାଙ୍କ ଦୁଇ ଦେଢ଼ଶୁର ଓ ଜଣେ ଦିଅର ଘରୁ ଟାଣି ଆଣି ଘର ସମ୍ମୁଖ ରାସ୍ତାରେ ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ମୃତା ହେଲେ ସୁବାସ ରାଉତରାୟଙ୍କ ସ୍ତ୍ରୀ ମୀନାକ୍ଷୀ ରାଉତରାୟ(୪୫)। ଖବରପାଇ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଥାନାଧିକାରୀ ଜୟ ପ୍ରକାଶ ପରିଡା, ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ସମ୍ପର୍କରେ ପୋଲିସ ଦଫା ୩୪୧, ୨୯୪, ୩୫୪, ୩୫୪-ବି, ୩୦୭, ୩୨୩, ୩୦୨ରେ ମାମଲା (ନଂ.୪୧୮/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଗ୍ରାମର ସ୍ୱର୍ଗତ ହାଡ୍ଡୁ ରାଉତରାୟଙ୍କ ଚାରି ପୁଅ ମଧ୍ୟରୁ ଦୁଇ ଜଣ ଗ୍ରାମରେ ରହୁଥିବା ବେଳେ ଆଉ ଦୁଇ ଜଣ ଅନ୍ୟତ୍ର ଗ୍ରାମରେ ଘର କରି ରହୁଛନ୍ତି। ହାଡ୍ଡୁଙ୍କ ଦେହାନ୍ତ ପରେ ୪ପୁଅ ବୃଦ୍ଧା ମା'ଙ୍କୁ ଏକ ମାସ ଲେଖାଏ ପୋଷୁଥିଲେ। ମଝିଆ ପୁଅ ସୁବାସ ଏକ ମାସ ମା'ଙ୍କୁ ଘରେ ରଖିବା ପରେ ଅନ୍ୟ ଭାଇଙ୍କ ପାଖକୁ ପଠାଇଥିଲେ। ସେପଟେ ଅନ୍ୟ ଦୁଇ ଭାଇ ମାତ୍ର ଗୋଟିଏ ମାସ ପରେ ପୁଣି ମା'ଙ୍କୁ ସୁବାସଙ୍କ ଘରକୁ ପଠାଇ ଦେଇଥିଲେ। ଏନେଇ ଭାଇମାନଙ୍କ ମଧ୍ୟରେ ମତାନ୍ତର ରହିଥିଲା। ସୋମବାର ସକାଳ ୮ଟାରେ ଚାରିଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଧୀରେ ଧୀରେ ଏହା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମୃତାଙ୍କ ଦେଢ଼ଶୁର ଲକ୍ଷ୍ମୀ, ବଇଁଶୀ ଓ ଦିଅର ମାଧବ ମିଳିତଭାବେ ସୁବାସଙ୍କ ସମେତ ତାଙ୍କ ପୁଅବୋହୂଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ମୀନାକ୍ଷୀଙ୍କୁ ଘରୁ ଟାଣି ଆଣି ଘର ସମ୍ମୁଖ ରାସ୍ତା ଉପରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମୀନାକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ଗିରଫ ଭୟରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ମୃତାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ପାରିପାର୍ଶ୍ୱିକ ସ୍ଥିତି ପରଖିବା ସହ ତଦନ୍ତ ଆରମ୍ଭ କରିଥିଲା।

# ସିବିଆଇ ତଦନ୍ତ ଦାବିରେ ପରିବାର ଲୋକଙ୍କ ଧାରଣା

**ବ୍ରହ୍ମଗିରି,୧୦।୧୦(ଡି.ଏନ୍.ଏ.)**

**ସଞ୍ଜୀୟଙ୍କ ସହାୟକ ଚିତ୍ତରଞ୍ଜନଙ୍କ ମୃତ୍ୟୁ ଘଟଣା**

ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କ ସହାୟକ ଭାବେ କାର୍ଯ୍ୟ କରୁଥିବା ଚିତ୍ତରଞ୍ଜନ ପଲାଇଙ୍କ ମୃତ୍ୟୁ ଘଟଣାକୁ ନେଇ ପୁଣି ବିବାଦ ଉଠିଛି। ଚିତ୍ତରଞ୍ଜନଙ୍କ ମୃତ୍ୟୁକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ମୃତ୍ୟୁର ରହସ୍ୟ ନ ଫିଟିବା, ପ୍ରକୃତ ଦୋଷୀ ଧରା ନ ପଡ଼ିବାରୁ ଘଟଣାର ସିବିଆଇ ତଦନ୍ତ କରୁ ବୋଲି ପରିବାର ଲୋକ ଦାବି କରିଛନ୍ତି। ଏ ନେଇ ସୋମବାର ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡରେ ଗ୍ରାମବାସୀଙ୍କ ସହଯୋଗରେ ଚିତ୍ତରଞ୍ଜନଙ୍କ ପରିବାର ଲୋକେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିଛନ୍ତି।

ପ୍ରକାଶଥାଉ କି, ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାନବନ୍ଧକେରା ଗ୍ରାମର ଚିତ୍ତରଞ୍ଜନ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ଗତ ବର୍ଷ ଡିସେମ୍ବର ୧୨ରେ ଚିତ୍ତରଞ୍ଜନ କାର୍ଯ୍ୟକୁ ଯାଇ ଆଉ ଫେରି ନ ଥିଲେ। ପରେ ତାଙ୍କ ମୃତଦେହ ୧୩ ତାରିଖରେ ଉଦ୍ଧାର ହୋଇଥିଲା। ଏ ନେଇ ଚିତ୍ତରଞ୍ଜନଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ସହ ଗଣମାଧ୍ୟମରେ ସଞ୍ଜୟଙ୍କୁ ଦାୟୀ କରିଥିଲେ। ପରେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ୨ଜଣଙ୍କୁ ଗିରଫ କରିଥିଲା। ହେଲେ ଏହି ୨ଜଣଙ୍କ ବ୍ୟତୀତ ଆହୁରି କେତେଜଣ ତଥା ରାଜନେତାଙ୍କ ସମ୍ପୃକ୍ତି ଥିବା ନେଇ ଚିତ୍ତରଞ୍ଜନଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଏପରି କି ଚିତ୍ତରଞ୍ଜନଙ୍କ ପରିବାର କଥା ବୁଝିବି। ସେ କିପରି ନ୍ୟାୟ ପାଇବ ଏବଂ ତା'ର ମୃତ୍ୟୁର କାରଣ ବାହାର କରିବି ବୋଲି ସଞ୍ଜୟ ପ୍ରତିଶ୍ରୁତି ଦେଇଥିଲେ। ହେଲେ ମୃତ୍ୟୁକୁ ଦୀର୍ଘ ୧୦ ମାସ ବିତିଯାଇଥିଲେ ମଧ୍ୟ ଚିତ୍ତରଞ୍ଜନଙ୍କ ମୃତ୍ୟୁ ଘଟଣାର ପ୍ରକୃତ ଘଟଣା ପଦାକୁ ଆସିଲା ନାହିଁ କି ରାଜନେତାଙ୍କ ପ୍ରତିଶ୍ରୁତି ରହିଲା ନାହିଁ ବୋଲି ଚିତ୍ତରଞ୍ଜନଙ୍କ ଦାଦା ପୂର୍ଣ୍ଣଚନ୍ଦ୍ର ପଲାଇ ଏବଂ ପରିବାର ଲୋକ ଅଭିଯୋଗ କରିଛନ୍ତି। ଏଥିପାଇଁ ଏହି ଘଟଣାର ତଦନ୍ତ ସିବିଆଇ କରୁ ବୋଲି ଦାବି କରି ଚିତ୍ତରଞ୍ଜନଙ୍କ ପରିବାର ଲୋକ ଗ୍ରାମବାସୀଙ୍କ ସହଯୋଗରେ ସୋମବାର ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିଛନ୍ତି।



ସିବିଆଇ ତଦନ୍ତ ଦାବିରେ ଚିତ୍ତରଞ୍ଜନ ପଲାଇଙ୍କ ପରିବାର ବର୍ଗ ଏବଂ ସମ୍ପର୍କୀୟମାନେ ଧାରଣା ଦେଇଛନ୍ତି।

**ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**

କଟକ ଅଫିସ: ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ଜୟନ୍ତୀ ଅବସରରେ ସୋମବାର ସିଡିଏ ସେକ୍ଟର-୮ ସ୍ଥିତ ବିଶ୍ୱନାଥ ପଶାୟତ ପାର୍କରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ ପୌରୋହିତ୍ୟରେ କରିଥିଲେ। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲୋକ ସେବକ ମଣ୍ଡଳର ସଭାପତି ନିରଞ୍ଜନ ରଥ, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, ଡ. ସତ୍ୟ ରାୟ, ରଞ୍ଜନ ବିଶ୍ୱାଳ, ଧର୍ମେଶ ନାୟକ, କର୍ପୋରେଟର ରୀତାଞ୍ଜଳି ବେହେରା, କୁରେସା ନୁର ଏବଂ ପ୍ରକାଶ ସିଂହ ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପ୍ଲଟ ବର୍ଦ୍ଧିତ ଦର ନେଇ କ୍ଷୁଦ୍ର ବ୍ୟବସାୟୀ ନିରାଶ

## ବାଲିଯାତ୍ରା ପାଇଁ ପ୍ଲଟ ବୁକିଂ

କଟକ ଅଫିସ,୧୦।୧୦

ଦୀର୍ଘ ଦୁଇବର୍ଷ ପରେ ଚଳିତବର୍ଷ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସହର ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ବାଲିଯାତ୍ରାରେ ବ୍ୟବସାୟ କରିବାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ଲଟ ବୁକିଂ ପ୍ରକ୍ରିୟା। ହେଲେ ଦୁଇ ପଇସା ରୋଜଗାର ଆଶାରେ ଥିବା କ୍ଷୁଦ୍ର ବ୍ୟବସାୟୀ ବର୍ତ୍ତମାନ ଆଶଙ୍କାରେ। କାରଣ ଚଳିତବର୍ଷ ପ୍ଲଟର ଦର ବୃଦ୍ଧି ପାଇଛି। ୧ ହଜାର ବର୍ଗଫୁଟ ପ୍ଲଟ ପାଇଁ ୫୦ ହଜାର ଟଙ୍କା ହୋଇଛି। ଏ ନେଇ ନିଲାମ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି ।

ପ୍ଲଟ ବୁକିଂ ପାଇଁ ଶନିବାରଠାରୁ ରେଜିଷ୍ଟ୍ରେଶନ ପ୍ରକ୍ରିୟା ଆରମ୍ଭ ହୋଇଛି। ରେଜିଷ୍ଟ୍ରେଶନ ପାଇଁ ୫ହଜାର ଟଙ୍କା ରହିଥିଲା ବେଳେ ଜଣେ ବ୍ୟବସାୟୀ ମୋଟ ୩ଟି ପ୍ଲଟ କିଣିପାରିବେ ବୋଲି ଚଳିତବର୍ଷ ନିୟମ ରହିଛି। କେବଳ ୩୪ଏକର ଜମିରେ ହେବ ବାଲିଯାତ୍ରା। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ୫୦ଟଙ୍କା ବର୍ଗଫୁଟ ଦର ରହିଥିବା ବେଳେ ସେମାନେ ୫ ହଜାର ଟଙ୍କା ଦେଇ ପ୍ରଥମେ ପଞ୍ଜୀକରଣ କରିବେ। ଏହାପରେ ଉକ୍ତ ସ୍ଥାନର ନିଲାମ ହେବ। ବାଲିଯାତ୍ରାରେ କ୍ଷୁଦ୍ରଠାରୁ ଆରମ୍ଭକରି ବଡ଼ ବ୍ୟବସାୟୀ ପର୍ଯ୍ୟନ୍ତ ଭଲ ବେପାର ଆଶାରେ ଷ୍ଟଲ ପକାନ୍ତି। ଏଥିରେ କ୍ଷୁଦ୍ର ବ୍ୟବସାୟୀ ଅଧିକ ଦେଖିବାକୁ ମିଳେ। କାରଣ ଅଳ୍ପ ଟଙ୍କା ବିନିଯୋଗରେ ବର୍ଷତମାମ ଚଳିବା ପାଇଁ ରୋଜଗାର ହୋଇଥାଏ। ହେଲେ ଏନେଇ ଏବେ ସେମାନେ ନିରାଶ। ଜିଲା ପ୍ରଶାସନ କରିଥିବା ଏଭଳି ନିୟମକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କ୍ଷୁଦ୍ର ବ୍ୟବସାୟୀ। ପ୍ରଥମେ ରେଜିଷ୍ଟ୍ରେଶନ ଫିକୁ ଆକାଶଛୁଆଁ କରିବା ଅନ୍ୟପଟେ ନିଲାମ ପ୍ରକ୍ରିୟାକୁ ସାମିଲ କରିବା, ଯାହା କ୍ଷୁଦ୍ର ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। ଅନେକ ଆଶା ନେଇ ରେଜିଷ୍ଟ୍ରେଶନ କରିବାକୁ ଆସିଥିଲେ ସୁଦ୍ଧା ଷ୍ଟଲ ପକାଇବା ସ୍ୱପ୍ନକୁ ଭାଙ୍ଗି ଅନେକ ମୁହଁ ଫେରାଇଛନ୍ତି। ଆରମ୍ଭ ହୋଇଥିବା ଏହି ପ୍ଲଟ ବୁକିଂ ବ୍ୟବସ୍ଥା କେତେ ଠିକ୍ ସେନେଇ ଏବେ କଳ୍ପନାଜଳ୍ପନା ଚାଲିଛି। ଏଥିରେ କ୍ଷୁଦ୍ର ବ୍ୟବସାୟୀ ଲାଭବାନ ହେବେ ନା ନାହିଁ ସେନେଇ ପ୍ରଶ୍ନ ଉଠିଛି। ଅପରପକ୍ଷେ ଅଧିକ ଦରରେ ପ୍ଲଟ କିଣିଲେ ସାମଗ୍ରୀ ଦର ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବାଲିଯାତ୍ରାରେ ସବୁ ବ୍ୟବସାୟୀଙ୍କୁ ଅଗ୍ରାଧିକାର ଦେବା, ବଡ଼ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ସମାନ ନିୟମ କରିବା ସହ ପ୍ଲଟ ବିକ୍ରିରେ ପାରଦର୍ଶିତା ଆଣିବା ପାଇଁ ନିଲାମ ପ୍ରକ୍ରିୟା କରାଯାଇଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି । ଏହାସହ ବାଲିଯାତ୍ରା ପ୍ଲଟ ବିକ୍ରିରେ ମଧ୍ୟସ୍ଥତା ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଏପରି ନିୟମ କରାଯାଇଛି। ଯେପରି କୌଣସି ବ୍ୟବସାୟୀ ଏଥିରୁ ବଞ୍ଚିତ ହୋଇପାରିବେ ନାହିଁ ବୋଲି ସେ କହିଛନ୍ତି।





“ କରୋନା ଶେଷ ହେବାପରେ ଭରସା ଥିଲା କି ବାଲିଯାତ୍ରା ହେଲେ ଭଲ ପଇସା ରୋଜଗାର କରିବେ। ହେଲେ ଏବେ ଯେଉଁ ବ୍ୟବସ୍ଥା ହୋଇଛି, ସେଥିରେ କେବଳ ଲୋକଙ୍କୁ ଲୁଟିବା ବ୍ୟବସ୍ଥା ହୋଇଛି। ଆଇପିଏଲ ଭଳି ବାଲିଯାତ୍ରାକୁ ନିଲାମ କରିଦେଇଛନ୍ତି। ଏଥର ଯେଉଁଭଳି ବ୍ୟବସ୍ଥା ହୋଇଛି କେହି ଜାଣିପାରିବେ ନାହିଁ କାହାର କେଉଁଠି ପ୍ଲଟ ପଡିବ।

– ହେମନ୍ତ ସାହୁ, ବ୍ୟବସାୟୀ



“ ୨୫ରୁ ୩୦ ବର୍ଷ ହେବ ମୁଁ ବାଲିଯାତ୍ରରେ ଷ୍ଟଲ ପକାଇ ଆସୁଛି । ଛୋଟ ଖେଳଣା ଦୋକାନ କରେ। ୨୦୧୯ରେ ୨୬ଶହ ଟଙ୍କା ଦେଇଥିଲି । ହେଲେ ଏଥର ଶୁଣିଲି ୫ହଜାର ଟଙ୍କା ହୋଇଛି। ଏହାପରେ ନିଲାମ ଡକା ହେବ । ନିଲାମ ଡକା ହେଲେ ଆମକୁ ମିଳିବନି । କାରଣ ଯାହା ପାଖରେ ଅଧିକ ଟଙ୍କା ରହିବ ସେ ପ୍ଲଟ ନେଇଯିବ, ଆମ ହାତକୁ କିଛି ଆସିବ ନାହିଁ। ଗରିବ ଲୋକଙ୍କ ପାଇଁ ଏହା ଅନ୍ୟାୟ । ରେଜିଷ୍ଟ୍ରେଶନ ନ କରି ମୁଁ ଫେରିଯାଉଛି।

–ରୋହିତ ବେହେରା, ବ୍ୟବସାୟୀ



“ ୨୦୧୯ରେ ମୁଁ ୨ହଜାର ଟଙ୍କା ଦେଇ ରେଜିଷ୍ଟ୍ରେଶନ କରିଥିଲି । ହେଲେ ଚଳିତବର୍ଷ ବଢ଼ି ତାହା ୫ ହଜାର ଟଙ୍କା ହୋଇଛି। ଏହାକୁ ଠିକ୍ ଭାବେ ଯଦି ବୁଝି ନ ପାରିବେ, ତେବେ ଷ୍ଟଲ ବୁକିଂ କରିବା ବହୁତ କାଷ୍ଟଦାୟକ ହୋଇଯିବ। ଯିଏ ଅଧିକ ଟଙ୍କା ଦେଇପାରିବ ସେ ପ୍ଲଟ ପାଇବ। ସବୁ ଲୋକ ଏହା ପାଇପାରିବେ ନାହିଁ।

–ମଧୁସ୍ମିତା ମହାକୁଡ, ବ୍ୟବସାୟୀ

## ସଂକ୍ଷେପରେ

### ଦୁର୍ଘଟଣାରେ ନାବାଳକ ମୃତ

ଚୌଦ୍ୱାର,୧୦।୧୦(ଡି.ଏନ୍.ଏ.): ଏକ ବାଇକ୍ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚୌଦ୍ୱାର ପୌରପାଳିକା ୧୯ ନମ୍ବର ୱାର୍ଡ଼ ବାଟବୁଢ଼ୀ କଲୋନୀର ରିତେଶ ଦାସ(୧୭)। ପ୍ରକାଶ ଯେ, ରିତେଶ ସୋମବାର ସକାଳେ ଏକ ବାଇକ୍‌ରେ ଆଗ୍ରାହାଟ ଆଡ଼କୁ ଯାଉଥିଲେ। ଆଗ୍ରାହାଟ ମଣିନାଗେଶ୍ୱର ମନ୍ଦିର ସମ୍ମୁଖରେ ହଠାତ୍ ଏକ କୁକୁର ଆସିଯାଇଥିଲା। ତାକୁ ବଞ୍ଚାଇବାକୁ ଯାଇ ବାଇକ୍‌ରୁ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗି ରିତେଶ ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ୧୬ ଚୋରି ସାଇକେଲ ଜବତ, ଜଣେ ଗିରଫ

ଚୌଦ୍ୱାର,୧୦।୧୦(ଡି.ଏନ୍.ଏ.): କଟକ, ଜଗତପୁର, ଚୌଦ୍ୱାର ଆଦି ଅଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନରୁ ସାଇକେଲ ଚୋରି କରୁଥିବା ଜଣେ ଚୋରଙ୍କୁ ଚୌଦ୍ୱାର ପୋଲିସ ଗିରଫ କରିଛି। ସେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ପଦାଗାଁର ଜଗନ୍ନାଥ ସାହୁ (୨୦)। ତାଙ୍କ ନିକଟରୁ ୧୬ଟି ଚୋରି ସାଇକେଲ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଚୌଦ୍ୱାର ଥାନା ଇନ୍ଦ୍ରାଣୀପାଟଣା ଗ୍ରାମର ପ୍ରଭାତ କୁମାର ଦାସ ତାଙ୍କ ସାଇକେଲ ଚୋରି ହୋଇଥିବା ନେଇ ଶନିବାର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଚୌଦ୍ୱାର ଥାନାରେ ନଂ.୪୭୫/୨୨ରେ ଏକ ମାମଲା ରୁଜୁ କରାଯାଇ ଏସ୍‌ଆଇ ନିରଞ୍ଜନ ଭୋଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବିଶେଷ ସୂତ୍ରରୁ ବଡ଼ ପଦାଗାଁରେ ଜଗନ୍ନାଥ ଚୋରି କରୁଥିବା ଜାଣିବା ପରେ ପୋଲିସ ସେଠାରେ ସଦଳବଳ ଚଢ଼ାଉ କରି ଗିରଫ କରିଥିଲା।

### ୩ ମୋବାଇଲ ଜବତ, ଜଣେ ଗିରଫ

ମଙ୍ଗୁଳି,୧୦।୧୦(ଡି.ଏନ୍.ଏ.): ମୋବାଇଲ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ଦୈତାରୀ ଥାନା ଅଧୀନ ବ୍ରାହ୍ମଣୀପାଳର ରାହୁଲ ହେମ୍ବ୍ରମ। ତାଙ୍କ ନିକଟରୁ ୩ଟି ମୋବାଇଲ ଜବତ ହୋଇଛି। ସୂଚନା ମୁତାବକ, ଜଗତପୁର ନୂତନ ଶିଳ୍ପାଞ୍ଚଳସ୍ଥିତ କ୍ଲାସିକ ଟାଇଲ କମ୍ପାନୀକୁ ଶନିବାର ଜଣେ ଅଜଣା ବ୍ୟକ୍ତି ଅପରାହ୍ନ ପ୍ରାୟ ୨ଟା ସମୟରେ ଟାଇଲ କିଣିବାକୁ ଆସି ସୁପରଭାଇଜର ପୀତାମ୍ବର ସାହୁଙ୍କ ସହ କଥାବାର୍ତ୍ତା ହୋଇଥିଲେ। ପରେ ବ୍ୟକ୍ତି ଜଣଙ୍କ କୌଣସି ଟାଇଲ ନ କିଣି ତରବରିଆ ଭାବେ ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ସୁପରଭାଇଜରଙ୍କ ମୋବାଇଲ ମିଳି ନ ଥିବାରୁ ସେ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଚୋରି ମୋବାଇଲକୁ ଟ୍ରାକିଂ କରିଥିଲେ। ରବିବାର ଚୋରି ମୋବାଇଲକୁ ଜଗତପୁର ପୋଲିସ ଟ୍ରାକ୍ କରି କେନ୍ଦୁଝରରୁ ରାହୁଲଙ୍କୁ ଗିରଫ କରିଥିଲା। ଥାନାକୁ ଆଣି ଅଧିକ ପଚରାଉଚରା କରିବାରୁ ଚୋରି କଥା ସ୍ୱୀକାର କରିବା ସହ ତାଙ୍କ ନିକଟରୁ ଆଉ ଦୁଇଟି ଚୋରି ମୋବାଇଲ ଜବତ କରିଛି।

## ନୂଆଶାସନରେ ୬ଷ୍ଠ ବାର୍ଷିକ ଗଜଲକ୍ଷ୍ମୀ ପୂଜା

ଖୁଣ୍ଟୁଣୀ,୧୦।୧୦(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ନୂଆଶାସନ ଗ୍ରାମରେ ୬ଷ୍ଠ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଉତ୍ସବ କୁମାର ପୂର୍ଣ୍ଣିମା ତିଥିରୁ ଆରମ୍ଭ ହୋଇଛି। ପ୍ରଥମଦିନରେ ଜାଗୁଳାଇ ପୀଠ ନିକଟ ମହାନଦୀରୁ ଏକ ଶୋଭାଯାତ୍ରାରେ ଜଳ କଳସୀ ପୂଜା ମଣ୍ଡପକୁ ଆସିଥିଲା। ଏହାପରେ ବ୍ରାହ୍ମଣ ପ୍ରଦୀପ କୁମାର ଦାଶ ଓ ତାଙ୍କ ସହଯୋଗୀ ସ୍ମୃତିରଞ୍ଜନ ଦାଶ ମଙ୍ଗଳ ପୂଜା, ଘଟପୂଜା, ମା’ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାର ଜୀବନ୍ୟାସ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଦୈନିକ ସୂର୍ଯ୍ୟପୂଜା, ଗୋ ପୂଜା, ମହାଲକ୍ଷ୍ମୀ ପୁରାଣ ପାଠ ଅନୁଷ୍ଠିତ ହେଉଛି। ଗ୍ରାମର ଗୋଲଖ ସୂତାର ଓ ତାଙ୍କ ପତ୍ନୀ କବିତା ସୂତାର କର୍ତ୍ତା-କର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଆଖପାଖ ଅଞ୍ଚଳରୁ ପ୍ରତ୍ୟହ ଶହ ଶହ ଶ୍ରଦ୍ଧାଳୁ ସମାଗମ ହେଉଛନ୍ତି। ପ୍ରତ୍ୟହ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ନୂଆଶାସନ ଗ୍ରାମର ମା’ଗଜଲକ୍ଷ୍ମୀ ପୂଜା କମିଟିର ସଦସ୍ୟ ଓ ଗ୍ରାମବାସୀ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି। ଏହି ଉତ୍ସବ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥାନୀୟ ମୁରବି ସୂଚନା ଦେଇଛନ୍ତି ।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନେକ୍ସ-୧ ସଭାଗୃହରେ ସତୀଶ ଧାୱନ ସ୍ପେଶ୍ ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବିଶ୍ୱ ମହାକାଶ ସପ୍ତାହ ପାଳନ ଅବସରରେ ସୋମବାର ଅନୁଷ୍ଠିତ ସଭାରେ ମହାକାଶ ବିଜ୍ଞାନ ସମ୍ପର୍କିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ମୁକୁଟବିହୀନ ସମ୍ରାଟ ଥିଲେ ବୈଷ୍ଣବ ପାଣି

### ଗଣକବିଙ୍କ ୧୪୦ତମ ଜୟନ୍ତୀ

କଟକ ଅଫିସ, ୧୦।୧୦

ସମ୍ଭବ କଳା ପରିଷଦ ଏବଂ ଜାହ୍ନବୀ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଶ୍ରୀରାମ ଚନ୍ଦ୍ର ଭବନରେ ସୋମବାର ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଟକ ଉନ୍ନୟନ ପ୍ରାଧିକରଣ (ସିଡିଏ)ର ଅଧ୍ୟକ୍ଷ ଅନୀଲ କୁମାର ସାମଲ ଉଦ୍‌ଘାଟକ ଏବଂ ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ବିଶ୍ୱେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କବି ବୈଷ୍ଣବ ପାଣି ଯଥାର୍ଥରେ ଓଡ଼ିଆ ଗୀତିନାଟ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜାହ୍ନବୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାହିତ୍ୟିକ ଓ ନାଟ୍ୟକାର ଡ. କିଶୋର ମହାନ୍ତି, ନମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବସନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ସହରର ପରିଚ୍ଛନ୍ନ ଲାଗି ଉଚିତ ତଦାରଖ ହେଉ

କଟକ ଅଫିସ,୧୦।୧୦

କଟକ ସହରକୁ ପରିଷ୍କାର, ପରିଚ୍ଛନ୍ନ ଓ ଆବର୍ଜନାମୁକ୍ତ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ହେଲେ ତଦାରଖ କରିବାରେ ଅବ୍ୟବସ୍ଥା ଯୋଗୁ ସହରର ବକ୍ସିବଜାର, କଲେଜଛକ, ପ୍ରେସ୍‌ଛକ, ମଙ୍ଗଳାବାଗ ଓ ଅନ୍ୟାନ୍ୟ ସ୍ଥାନରେ ଦିନଦିନ ଧରି ଆବର୍ଜନା ପଡୁଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଉକ୍ତ ସ୍ଥାନ ବିଶୋଧନ କରିବା ପାଇଁ ବ୍ଲିଚିଂ ପାଉଡର ମଧ ପକାଯାଉନାହିଁ । ଏହାଦ୍ୱାରା ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ରହୁଛି। ସିଏମ୍‌ସି କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ମଞ୍ଚ ପକ୍ଷରୁ ସିଏମ୍‌ସି ମେୟରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ କମିଶନରଙ୍କୁ ଏକ ଦାବିପତ୍ର ସୋମବାର ଦିଆଯାଇଛି। ଦାୟିତ୍ୱରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏଥିସହ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ଆନ୍ଦୋଳନ କରିବାକୁ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ମଞ୍ଚର ଉପଦେଷ୍ଟା କ୍ଷୀରୋଦ ସାହୁ, ସମ୍ପାଦକ ଜିତେନ୍ଦ୍ର ସାହୁ, ହେମନ୍ତ ସାହୁ, ଆର୍. କେ. ସାହୁ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

## ଶାଳୀଙ୍କୁ ଖଣ୍ଡାରେ ହାଣିବା ପରେ ବିଷ ପିଇଲେ ଭିଣୋଇ

ଚୌଦ୍ୱାର,୧୦।୧୦(ଡି.ଏନ୍.ଏ.)

ପ୍ରଥମେ ଶାଳୀଙ୍କୁ ଖଣ୍ଡାରେ ହାଣିଲେ। ପରେ ମାନସିକ ଭାରସାମ୍ୟ ହରାଇ ନିଜେ ବିଷପାନ କରି ଗୁରୁତର ହୋଇପଡ଼ିଥିଲେ ଭିଣୋଇ। ଏଭଳି ଅଭାବନୀୟ ଘଟଣା କଟକ ଜିଲା ଚୌଦ୍ୱାର ପୌରପାଳିକା ୧୮ ନମ୍ବର ୱାର୍ଡ଼ ଗଉଡ଼ସାହିରେ ଘଟିଛି। ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ଶ୍ୱଶୁର ଘରେ ରହୁଥିବା ଗଉଡ଼ସାହିର ଯୁଗଳ କିଶୋର ବେହେରା (୫୦)ଙ୍କ କୌଣସି କାରଣକୁ ନେଇ ଶାଳୀ ପ୍ରମିଳା ବେହେରା(୩୫)ଙ୍କ ସହିତ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁଗଳ ଏକ ଖଣ୍ଡାରେ ପ୍ରମିଳାଙ୍କ ମୁଣ୍ଡ ଓ ହାତକୁ ନିର୍ମମ ଭାବେ ହାଣି ଦେଇଥିଲେ। ଫଳରେ ପ୍ରମିଳା ଗୁରୁତର ଆହତ ହୋଇଥିଲେ। ପାଟିଶୁଣି ପରିବାର ଲୋକ ଉଠି ପ୍ରମିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଅନ୍ୟପଟେ ଘଟଣା ଘଟାଇବା ପରେ ଯୁଗଳ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଦାନାଦାର ବିଷ ଖାଇ ଦେଇଥିଲେ। ସେ ଗୁରୁତର ହେବାରୁ ତାଙ୍କୁ ମଧ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ପ୍ରମିଳାଙ୍କ ଭଉଣୀ ସରସ୍ୱତୀ ଏ ନେଇ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ଜବତ କରିଛି। ସୂଚନାଥାଉ କି, ଯୁଗଳ ୫ବର୍ଷ ହେବ ନିଜ ବାପଘରେ ରହୁଥିବା ତାଙ୍କ ସ୍ତ୍ରୀ ଓ ୨ଟି ପିଲାଙ୍କ ସହିତ କୌଣସି ସମ୍ପର୍କ ନ ରଖି ମଧ ଶ୍ୱଶୁରଘରେ ଅଲଗା ଏକ ରୁମରେ ରହୁଥିଲେ।

## ବିନାନୁମତିରେ ମିଶନ ଶକ୍ତି ଗୃହ ନିର୍ମାଣ

କଟକ ସଦର,୧୦।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦ ଉପୁଜିଛି। ଏକ ଆଶ୍ରମକୁ ମିଶନ ଶକ୍ତି ଗୃହରେ ରୂପାନ୍ତରିତ କରାଯାଇଛି। ହେଲେ ଏଥିପାଇଁ ରାଜସ୍ୱ ବିଭାଗର କୌଣସି ଅନୁମତି ନିଆଯାଇ ନାହିଁ ବୋଲି କିଶନ ନଗର ତହସିଲ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ମୌଜା କମରପଦାର ଖାତା ନଂ. ୪୯୪, ୪୯୬ ଓ ୪୯୮ରେ ସ୍ଥାୟୀ ନିର୍ମାଣ ପାଇଁ ଅନୁମତି ଦିଆଯାଇନାହିଁ ବୋଲି ପତ୍ର ସଂଖ୍ୟା ୨୧୨୨/୧୦।୮।୨୦୨୨ରେ ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏହାବ୍ୟତୀତ ପାରାବିଲ ମୌଜାର ଏକ ଚକନାଳ ଉପରେ କଂକ୍ରିଟ ରାସ୍ତା ପାଇଁ ମଧ ରାଜସ୍ୱ ବିଭାଗର ଅନୁମତି ନାହିଁ। ହେଲେ ପୂର୍ବରୁ ଏହିସବୁ ନିର୍ମାଣ ପାଇଁ ତହସିଲ ଅନୁମତି ଦେଇଥିଲା ବୋଲି କଟକ ସଦର ବ୍ଲକ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ତାହା ମିଥ୍ୟା ବୋଲି ତହସିଲ ପ୍ରଶାସନ ସ୍ପଷ୍ଟ କରିଦେଇଛି।

## ବିଶ୍ୱନାଥ ପଶାୟତଙ୍କ ୧୧୦ତମ ଜୟନ୍ତୀ ସମାରୋହ

କଟକ ଅଫିସ,୧୦।୧୦

ବିଶ୍ୱନାଥ ପଶାୟତ ସ୍ମୃତି କମିଟି ପକ୍ଷରୁ ପ୍ରଖ୍ୟାତ ଆଇନଜ୍ଞ ବିଶ୍ୱନାଥ ପଶାୟତଙ୍କ ୧୧୦ତମ ଜୟନ୍ତୀ ଶହୀଦ ଭବନରେ ସୋମବାର ପାଳିତ ହୋଇଯାଇଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଆର. ଭି. ରବୀନ୍ଦ୍ରନ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଲ. ନାଗେଶ୍ୱର ରାଓ ଯୋଗଦେଇ ବିଶ୍ୱନାଥଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର, ରୋଟାରିୟାନ୍ ଡ. ସନ୍ଦୀପ ବର୍ମା, ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ବରିଷ୍ଠ ଆଇନଜୀବୀ ମାନସ କୁମାର ମହାପାତ୍ର ଯୋଗଦେଇ ବିଶ୍ୱନାଥ ପଶାୟତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ସ୍ମାରକୀ ବକ୍ତୃତାର ବିଷୟବସ୍ତୁ ଉପରେ କହିଥିଲେ। ସ୍ମୃତି କମିଟି ସଭାପତି ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଦେବୀପ୍ରସାଦ ଧଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ପ୍ରମେୟ ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ଡା. ସୁବ୍ରତ ଆଚାର୍ଯ୍ୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମୁଥ୍‌କୋର୍ଟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ବିଶ୍ୱନାଥ ପଶାୟତ ମେମୋରିଆଲ କମିଟି ପକ୍ଷରୁ କଟକ ଶହୀଦ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଜାତିପ୍ରଥା, ଧର୍ମାନ୍ଧତା ସମାଜ ବିକାଶରେ ପ୍ରତିବନ୍ଧକ

### ବୈଜ୍ଞାନିକ ଚର୍ଚ୍ଚା ପକ୍ଷରୁ ଆଲୋଚନାଚକ୍ର

କଟକ ଅଫିସ, ୧୦।୧୦

ବୈଜ୍ଞାନିକ ଚର୍ଚ୍ଚା ପକ୍ଷରୁ ‘ଜାତିପ୍ରଥା, ଧର୍ମାନ୍ଧତା ଓ ଧର୍ମନିରପେକ୍ଷତା’ ଶୀର୍ଷକ ଆଲୋଚନାଚକ୍ର ସୋମବାର କଟକ ଗାନ୍ଧୀଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ରାଜସ୍ଥାନର ଲେଖକ ଓ ବରିଷ୍ଠ ସାମ୍ବାଦିକ ଭଁୱର ମେଘବଂଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତିପ୍ରଥା ଏବଂ ଧର୍ମାନ୍ଧତା ରହିଲେ ସମାଜ ବିକାଶରେ ପ୍ରତିବନ୍ଧକ ସାଜିଥାଏ ବୋଲି କହିଥିଲେ। ଡ. ଭରତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦକ ଦେବେନ୍ଦ୍ର ସୁତାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ଅମୀୟ ପାଣ୍ଡବ, ସଂଗ୍ରାମ ମଲ୍ଲିକ, ଡ. ବିଶ୍ୱଜିତ, ବିଜୟ ପଢିହାରୀ, ଡ. ସମୀର ରଞ୍ଜନ, ପ୍ରଶାନ୍ତ ଦାସ, କ୍ଷୀରୋଦ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ସିହ୍ନା, କୁଞ୍ଜ ବିହାରୀ ପଣ୍ଡା, ଦୁର୍ଗା ପ୍ରସାଦ ମିଶ୍ର, ଭିକାରୀ ଚରଣ ଦାସ, ଶ୍ୟାମ ସୁନ୍ଦର ମହାନ୍ତି, ଭାଗୀରଥି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଗାନ୍ଧୀ ଭବନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ମୋକିମ୍‌ଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

## ଋଣ ଦୁର୍ନୀତି ନେଇ ଜେଲ ଦଣ୍ଡାଦେଶ ବିରୋଧରେ ମାମଲା

- ନିମ୍ନ ଅଦାଲତଙ୍କ ରାୟ ଉପରେ ସ୍ଥଗିତାଦେଶ
- ୧ ଲକ୍ଷ ଟଙ୍କା, ୨ ଜାମିନଦାରଙ୍କ ବଦଳରେ ଜାମିନ ମଞ୍ଜୁର

କଟକ ଅଫିସ,୧୦।୧୦

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ପକ୍ଷରୁ ମେଟ୍ରୋ ବିଲଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ନେଇ ଦୁର୍ନୀତି ମାମଲାରେ ମେଟ୍ରୋ ବିଲଡର୍ସର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ୩ବର୍ଷ ଜେଲ ଦଣ୍ଡାଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ହାଇକୋର୍ଟରେ ବିଚାରପତି ବିଭୁପ୍ରସାଦ ରାଉତରାୟଙ୍କ ଇଜଲାସରେ ଏହି ମାମଲାର ଶୁଣାଣି କରାଯାଇ ମୋକିମଙ୍କ ଆବେଦନ ବିଚାର ପାଇଁ ଗ୍ରହଣ ହୋଇଛି। ନିମ୍ନ ଅଦାଲତ ଦେଇଥିବା ୩ବର୍ଷ ଜେଲ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ଜରିମାନା ରାୟ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଓ ୨ଜଣ ଜାମିନଦାରଙ୍କ ବଦଳରେ ମୋକିମଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ପିଟିଶନ୍‌ର ପୂର୍ଣ୍ଣାଙ୍ଗ ଶୁଣାଣି ଅକ୍ଟୋବର ୧୩ ତାରିଖ ଅପରାହ୍ନ ୨ଟାରେ ହେବ ବୋଲି ଧାର୍ଯ୍ୟ କରିଛନ୍ତି। ଆବେଦନକାରୀ ମୋକିମ୍‌ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଶୁଣାଣି ବେଳେ ଯୁକ୍ତି ଉପସ୍ଥାପନ କରି ନିମ୍ନ ଅଦାଲତଙ୍କ ଆଦେଶ ସମ୍ପୂର୍ଣ୍ଣ ବେଆଇନ ତଥା ତଥ୍ୟ ପ୍ରମାଣ ଉପରେ ଆଧାରିତ ନୁହେଁ ବୋଲି କହିଥିଲେ। ଏଥିସହ ଯେଉଁ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତି କରି ନିମ୍ନ ଅଦାଲତ ରାୟ ଦେଇଛନ୍ତି, ତାହା ଆଇନତଃ ଗ୍ରହଣୀୟ ନୁହେଁ ବୋଲି ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ। ଏହି ମାମଲା ପରିଚାଳନା ପାଇଁ ଆଚାର୍ଯ୍ୟଙ୍କୁ ଆଇନଜୀବୀ ବେବର୍ତ୍ତା ପଟ୍ଟନାୟକ ଓ ସୌମିକ ସ୍ୱନ୍ଦନ ତ୍ରିପାଠୀ ସହଯୋଗ କରୁଛନ୍ତି। ଭିଜିଲାନ୍ସ ପକ୍ଷରୁ ସୀମନ୍ତ ଦାସ ମାମଲା ଲଢୁଛନ୍ତି।

ଉଲ୍ଲେଖଯୋଗ୍ୟ, ଓଆର୍‌ଏଚ୍‌ଡିସି ପକ୍ଷରୁ ମେଟ୍ରୋ ବିଲଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ନେଇ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ବିଧାୟକ ମୋକିମଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲ୍ ସହ ଜରିମାନା ଦଣ୍ଡାଦେଶ ଦେଇଥିଲେ। ଏହାଦ୍ୱାରା ମୋକିମ୍‌ଙ୍କ ବିଧାୟକ ପଦ ରଦ୍ଦ ହେବାର ଆଶଙ୍କା ରହିଛି। ତେଣୁ ନିମ୍ନ କୋର୍ଟରେ ଉପଯୁକ୍ତ ତଥ୍ୟ ପ୍ରମାଣକୁ ବିଚାରକୁ ନିଆଯାଇ ନ ଥିବା ଦର୍ଶାଇ ଉକ୍ତ ଦଣ୍ଡାଦେଶକୁ ଖାରଜ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ଏହି ମାମଲାରେ ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ର ଏବଂ ମେଟ୍ରୋ ବିଲଡର୍ସର ନିର୍ଦ୍ଦେଶକ ପୀୟୁଷ ମହାନ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଥିଲା। ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ମେ ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ଥିବା ବେଳେ ମେଟ୍ରୋ ବିଲଡର୍ସକୁ ଋଣ ପ୍ରଦାନ କରିଥିଲେ। ଭୁବନେଶ୍ୱର ନୟାପଲ୍ଲୀଠାରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟ ନାମରେ ୫୦ କୋଠରୀ ବିଶିଷ୍ଟ ଫ୍ଲାଟ୍ ନିର୍ମାଣ ପାଇଁ ଏହି ଋଣ ଆବେଦନ କରାଯାଇଥିଲା। ଏଥିଲାଗି ମେଟ୍ରୋ ବିଲଡର୍ସ ପକ୍ଷରୁ ଜାଲ ଦସ୍ତାବିଜ୍ ଦିଆଯାଇଥିଲା। କମ୍ପାନୀ ସେକ୍ରେଟାରୀ ମହାପାତ୍ର ସମ୍ପୃକ୍ତ କାଗଜପତ୍ରଗୁଡ଼ିକୁ ଠିକ ଭାବେ ଯାଞ୍ଚ କରି ନ ଥିଲେ। ବିନୋଦ କୁମାରଙ୍କର ଋଣ ଦେବା କ୍ଷମତା ନ ଥିବାବେଳେ ଲୋନ୍ କମିଟିରୁ ଅନୁମତି ଆଣି ନ ଥିଲେ ଓ ସର୍ତ୍ତାବଳୀ ଉଲ୍ଲଂଘନ କରିଥିଲେ। ମେଟ୍ରୋ ବିଲଡର୍ସକୁ ୩ଟି କିସ୍ତିରେ ୧ କୋଟି ୫୦ ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ରାଜ୍ୟ ସରକାର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ୨୦୦୫ ମାର୍ଚ୍ଚ ୩୦ରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଋଣ ନ ଶୁଝିବାରୁ ମେଟ୍ରୋ ବିଲଡର୍ସ ଉପରେ ସୁଧ ସହ ମୂଳର ପରିମାଣ ୬,୨୨,୨୫,୨୧୪ ଟଙ୍କା ବକେୟା ହୋଇଯାଇଥିଲା, ଯଦ୍ୱାରା ରାଜ୍ୟ ସରକାରଙ୍କୁ ବହୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା।

## ଜମି କିଣାଇଦେବା ନାଁରେ ବଡ ଭାଇଙ୍କଠାରୁ ୫ ଲକ୍ଷ ଚଳୁ ସାନ ଭାଇଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଜମି କିଣାଇ ଦେବା ଆଳରେ ନିଜ ବଡଭାଇଙ୍କଠାରୁ ଟଙ୍କା ଠକି ନେବା ଅଭିଯୋଗରେ ପାହାଳ ଥାନା ପୋଲିସ ଅଭିଯୁକ୍ତ ସାନ ଭାଇଙ୍କୁ ଗିରଫ କରିଛି। ସେ ହେଲେ ପାହାଳ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡା ଜିଲା ପଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ପ୍ରକାଶ ଜେନା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାତଜକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ଅଭିଯୁକ୍ତ ସାନ ଭାଇ ପ୍ରକାଶ ଗାଁରେ ରହୁଥିବାବେଳେ ବଡ଼ଭାଇ ପ୍ରମୋଦ ପାହାଳ ଥାନା ଅନ୍ତର୍ଗତ ଅଟଳାରେ ରୁହନ୍ତି। ଗାଁରେ ଏକ ଚାଷଜମି କିଣିବା ନିମନ୍ତେ ପ୍ରମୋଦ ସାନ ଭାଇ ପ୍ରକାଶଙ୍କୁ କହିଥିଲେ। ୯ ଲକ୍ଷ ଟଙ୍କା ମୂଲ୍ୟର ଏକ ଚାଷ ଜମି ବୁଝିଥିବା କହି ପ୍ରକାଶ ସେବାବଦକୁ ପ୍ରମୋଦଙ୍କଠାରୁ ଅଗ୍ରୀମ ୫ ଲକ୍ଷ ୧୫ ହଜାର ଟଙ୍କା ନେଇଥିଲେ। ହେଲେ କୌଣସି ଜମି ନ ଦେଇ ପ୍ରକାଶ ଘରକୁ କେତେଜଣ ଗୁଣ୍ଡାଙ୍କୁ ଆଣି ତାଙ୍କୁ ଧମକ ଚମକ ଦେଇଥିଲେ।

# ସଙ୍ଗୀତରେ ରିକିଙ୍କ ପରିବେଶ ସଚେତନତା

**ଏକ୍ ମୁଲାକାତ୍**

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)


ଭୁବନେଶ୍ୱରଠାରେ ଅନୁଷ୍ଠିତ 'ଏକ୍ ମୁଲାକାତ୍' କାର୍ଯ୍ୟକ୍ରମରେ 'ଗ୍ରାମୀ ଆୱାର୍ଡ' ବିଜେତା ରିକି କେଜ।

ଭାରତର ପ୍ରସିଦ୍ଧ ମ୍ୟୁଜିକ୍ କମ୍ପୋଜର ତଥା ପରିବେଶବିତ୍ ରିକି କେଜ ୨ଥର 'ଗ୍ରାମୀ ଆୱାର୍ଡ' ହାସଲ କରିଛନ୍ତି। ଜାତିସଂଘର ନ୍ୟୁୟର୍କ ଏବଂ ଜେନେଭା ମୁଖ୍ୟାଳୟ ସମେତ ୩୦ରୁ ଊର୍ଦ୍ଧ୍ୱ ଦେଶରେ ସେ ଭାରତୀୟ ସଙ୍ଗୀତ ପରିବେଷଣ କରିଛନ୍ତି। ଜମି ଅବକ୍ଷୟ, ମରୁଡି ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କପ୍ ୧୪ରେ ୟୁଏନ୍‌ସିସିଡି ପକ୍ଷରୁ କେଜଙ୍କୁ ଲ୍ୟାଣ୍ଡ୍ ଆମ୍ବାସାଡର କରାଯାଇଥିଲା। ସଙ୍ଗୀତ କ୍ଷେତ୍ରରେ ସେ ୨୦ ଦେଶରୁ ୧୦୦ରୁ ଅଧିକ ପୁରସ୍କାର ପାଇଛନ୍ତି। ୨୦୨୦ରେ କେଜ୍ ଙ୍କୁ ଜିକ୍ୟୁ ପତ୍ରିକା ଦ୍ୱାରା 'ଜିକ୍ୟୁ ହିରୋ'ର ମାନ୍ୟତା ମିଳିଥିଲା। ସେ ୟୁନେସ୍କୋ ଏମ୍‌ଜିଆଇଇପି ପକ୍ଷରୁ 'ଗ୍ଲୋବାଲ ଆମ୍ବାସାଡର ଫର୍ କାଇଣ୍ଡନେସ୍', ୟୁନିସେଫ୍ ପକ୍ଷରୁ ସେଲିବ୍ରିଟି ସପୋର୍ଟର ଏବଂ ଆମ୍ବାସାଡର ଫର୍ ଆର୍ଥ ଡେ ନେଟ୍‌ୱର୍କ ଭାବେ କାର୍ଯ୍ୟ କରୁଛନ୍ତି। ସୋମବାର ପ୍ରଭା ଖୈତାନ ଫାଉଣ୍ଡେଶନ ଓ ଏହେସାସ୍ ୱିମେନ୍ ଅଫ୍ ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ହୋଟେଲରେ 'ଏକ୍ ମୁଲାକାତ୍' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅନ୍ତର୍ଜାତୀୟ ଖ୍ୟାତନାମା ବ୍ୟକ୍ତିତ୍ୱ ରିକି କେଜ ଓ ନାଗପୁରର ପ୍ରଭୀନ ତୁଲି ଯୋଗଦେଇଥିଲେ। ଏହି ଅବସରରେ କେଜ୍ ଉପସ୍ଥିତ ଲୋକଙ୍କ ପ୍ରଶ୍ନର ଉତ୍ତର ରଖି କହିଥିଲେ, ତାଙ୍କ ବାପାଙ୍କର ସଙ୍ଗୀତରେ ବହୁତ ଭଲ କଲେକ୍ସନ ଥିଲା। ସେହି ସମୟର ହିଟ୍ ସଙ୍ଗୀତ ସହ ବିଭିନ୍ନ ଦେଶର ସଙ୍ଗୀତ ଉପଲବ୍ଧ ରହୁଥିଲା। ସେ ସବୁକୁ ଶୁଣି ରିକି ବିଭିନ୍ନ ଦେଶର ସଂସ୍କୃତି, ରାଜନୀତି ସହ ସାମାଜିକ ପ୍ରସଙ୍ଗ ଉପରେ ଜାଣିବାକୁ ପାଇଥିଲେ। ପରେ ପରେ ତାଙ୍କ ଭାବିବା ଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଲା। ଗୀତ ଶୁଣିବା ଦ୍ୱାରା ବହୁତ କିଛି ଶିଖିବାକୁ ମିଳିଥିଲା। ୧୯ବର୍ଷ ବୟସରେ ସେ ସଙ୍ଗୀତରେ କ୍ୟାରିୟର ଆରମ୍ଭ କରିଥିଲେ ବୋଲି ପ୍ରକାଶ କରିଛନ୍ତି। ପ୍ରଥମେ ବିଭିନ୍ନ ବ୍ୟବସାୟିକ ସଂସ୍ଥା ପାଇଁ ଗୀତ ଲେଖୁଥିଲେ। ପରେ ସେ ଏକ ସ୍ୱତନ୍ତ୍ର ଯାତ୍ରା ଆରମ୍ଭ କଲେ, ଯେଉଁଥିରେ ପରିବେଶ ସ୍ଥାନ ପାଇଲା। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ଭାବେ ଦେଖାଦେଲାଣି। ଏବେଠୁ ଏଥିପ୍ରତି ସମସ୍ତେ ଧ୍ୟାନ ନ ଦେଲେ ଭବିଷ୍ୟତରେ ବହୁ ସମସ୍ୟାର ସମ୍ମୁଖୀନ ହେବା ବୋଲି ସେ କହିଥିଲେ। ସଙ୍ଗୀତ ମାଧ୍ୟମରେ ପରିବେଶରେ ସୃଷ୍ଟି ହେଉଥିବା ସମସ୍ୟାକୁ ନେଇ ସଚେତନତା ସୃଷ୍ଟି କରିହେବ। ସଙ୍ଗୀତ ଏଭଳି ଏକ ମାଧ୍ୟମ ଯାହା ଦେଶ ବିଦେଶଠୁ ନେଇ ସବୁଠି ପହଞ୍ଚି ପାରିଥାଏ। ଆମେ ସଙ୍ଗୀତ ମାଧ୍ୟମରେ କହିବାକୁ ଚାହୁଁଥିବା ବାର୍ତ୍ତାକୁ ପ୍ରଭାବଶାଳୀ ଢଙ୍ଗରେ ଲୋକଙ୍କ ପାଖେ ଉପସ୍ଥାପିତ କରି ପାରିଲେ ସମସ୍ତେ ସଚେତନ ହେବେ ବୋଲି ରିକି କହିଛନ୍ତି। ନିଧି ଗର୍ଗ ଓ ଭେଦୁଲା ରାମାଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ନାହାର


@ ଅଙ୍କିତ୍


@ ଚିନ୍ମୟୀ


@ ପୂର୍ଣ୍ଣେନ୍ଦୁ


@ ଦୁଃଶାସନ


@ ରାକେଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମାୟା ଜାଲରେ ଫସିଥିବା ବଡ଼ବଡ଼ିଆ ଚୁପ୍

## ଜାମିନ ଆବେଦନ କଲେ ବ୍ଲାକ୍‌ମେଲର ଅର୍ଚ୍ଚନା

*ଭୁବନେଶ୍ୱର,୧୦।୧୦(ବ୍ୟୁରୋ): ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ତଥା ପୋଲିସ ଅଧିକାରୀଙ୍କୁ ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗଙ୍କୁ ନେଇ ଚର୍ଚ୍ଚା ଥମୁନାହିଁ। ହେଲେ ଅର୍ଚ୍ଚନାଙ୍କ ମାୟା ଜାଲରେ ଫସିଥିବା ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା, ସୁନା ବ୍ୟବସାୟୀ, ପୋଲିସ ଅଧିକାରୀ ଅଭିଯୋଗ କରୁ ନ ଥିବାରୁ ତଦନ୍ତ ଆଗେଇ ପାରୁନାହିଁ। ଲୋକଲଜ୍ଜା ଭୟରେ ଏମାନେ ମୁହଁ ଖୋଲୁ ନାହାନ୍ତି କି ଥାନାକୁ ଯାଇ ଅଭିଯୋଗ କରି ହଟହଟା ହେବାକୁ ଆଉ ଉଚିତ ମଣୁନାହାନ୍ତି। ତେଣୁ ଚାପରେ ଥିବା ପୋଲିସ ଏବେ ପ୍ରମାଣ ଯୋଗାଡ଼ କରି ନ ପାରି ଅନ୍ଧାରରେ ବାଡ଼ି ବୁଲାଇବାକୁ ସୁଯୋଗ ପାଇଛି। ଏପରିସ୍ଥିତିରେ ଜେଲରେ ଥିବା ଅଭିଯୁକ୍ତା ଅର୍ଚ୍ଚନା ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ସୋମବାର ଜାମିନ ଆବେଦନ କରିଛନ୍ତି। ଅର୍ଚ୍ଚନା ମଙ୍ଗଳବାର କୋର୍ଟରେ ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି।*



### ୩ କୋଟି ମାଗି ହତ୍ୟା ଧମକ ଦେଇଥିଲେ

ଅର୍ଚ୍ଚନାଙ୍କ ବ୍ଲାକମେଲର ଶିକାର ହୋଇଥିବା ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ଗତ ୩୦ ସେପ୍ଟେମ୍ବରରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଅର୍ଚ୍ଚନାଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେଇ ନ ଥିଲା। ତେବେ ଅକ୍ଷୟଙ୍କ ପକ୍ଷରୁ ହୋଇଥିବା ଏତଲା କପି ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। କିପରି ଜଣେ ଯୁବତୀଙ୍କ ଦ୍ୱାରା ଅର୍ଚ୍ଚନା ତାଙ୍କୁ ବ୍ଲାକମେଲ କରିଥିଲେ ତାହା ଉପରୁ ପରଦା ହଟିଛି। ଅକ୍ଷୟ ଅଭିଯୋଗରେ ଦର୍ଶାଇଥିଲେ, ଜଣେ ଯୁବତୀଙ୍କ ମାଧ୍ୟମରେ ଅର୍ଚ୍ଚନା ତାଙ୍କୁ ବ୍ଲାକ୍‌ମେଲ କରିଥିଲେ। ଅର୍ଚ୍ଚନା ନିଜକୁ ଓକିଲ ବୋଲି ପରିଚୟ ଦେଇ ତାଙ୍କୁ ଧମକ ଦେବା ସହ ଭୁବନେଶ୍ୱରର ଏକ ଷ୍ଟାର ହୋଟେଲକୁ ଡାକି ୩ କୋଟି ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଅର୍ଚ୍ଚନା ତାଙ୍କୁ ଖଣ୍ଡ ଖଣ୍ଡ କରି କାଟିଦେବାକୁ ହତ୍ୟା ଧମକ ଦେଇଥିଲେ ବୋଲି ଅକ୍ଷୟ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଉଲ୍ଲେଖ କରିଥିଲେ।

### ପୋଲିସ ପାଇଁ ପ୍ରମାଣ ଯୋଗାଡ଼ ଚ୍ୟାଲେଞ୍ଜ ହେବ

ଅର୍ଚ୍ଚନାଙ୍କ ଘରୁ ୪ ମୋବାଇଲ, ୨ ଟାବ୍‌ଲେଟ୍, ଗୋଟିଏ ପେନ୍ ଡ୍ରାଇଭ୍ ପୋଲିସ ଜବତ କରି ଫୋରେନ୍‌ସିକ୍ ଲାବକୁ ପଠାଇଛି। ଏଗୁଡ଼ିକରେ ଅର୍ଚ୍ଚନା ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅଶ୍ଳୀଳ ଫଟୋ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ। ତେବେ ଏସବୁରେ ଥିବା ତଥ୍ୟର ସ୍ଥିତିକୁ ନେଇ ସନ୍ଦେହ ଉପୁଜିଛି। ଏସବୁ ତଥ୍ୟାବଳୀ ହିଁ ପୋଲିସ କୋର୍ଟରେ ଉପସ୍ଥାପନା କରି ମାମଲାକୁ ପ୍ରମାଣ କରିବାକୁ ଆଶା ରଖିଛି। ତେବେ ଗିରଫ ହେବା ପୂର୍ବରୁ ଅର୍ଚ୍ଚନା ଏସବୁକୁ ଡିଲିଟ୍ କିମ୍ବା ଅନ୍ୟ କୌଣସି ଡିଭାଇସ୍‌କୁ ଟ୍ରାନ୍ସଫର୍ କରି ଦେଇଥିବା ଚର୍ଚ୍ଚା ହେଉଛି।

## ପ୍ରଯୋଜକଙ୍କ ଘରେ ରହି ଦେଉ ନ ଥିଲେ ଭଡ଼ାଟଙ୍କା, ପୋଲିସର ପଚରାଉଚରା

କଳାଧନ୍ଦା କରିବା ପୂର୍ବରୁ କଳାହାଣ୍ଡିର ଅର୍ଚ୍ଚନାଙ୍କ ଆର୍ଥିକ ସ୍ଥିତି ଭଲ ନ ଥିଲା। ସେ ଭୁବନେଶ୍ୱର ଆସିବା ପରେ ୨୦୧୬ରୁ ପ୍ରାୟ ୧୧ ମାସ ସେ ଭୁବନେଶ୍ୱର ବରମୁଣ୍ଡାରେ ଓଡ଼ିଆ ଚଳଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କ ଘରେ ସ୍ୱାମୀ ଜଗବନ୍ଧୁଙ୍କ ସହ ଭଡ଼ାରେ ରହୁଥିଲେ। ଏହି ସମୟ ମଧ୍ୟରେ ଘର ଭଡ଼ା ଟଙ୍କାକୁ କେନ୍ଦ୍ର କରି ବିବାଦ ହେବାରୁ ପ୍ରମୋଦଙ୍କ ନାଁରେ ଅର୍ଚ୍ଚନା ମହିଳା ଥାନାରେ ଅଭିଯୋଗ କରିଥିଲେ। ଏଠାରେ ରହିବା ସମୟରୁ ହିଁ ସେ ବ୍ଲାକ୍‌ମେଲ୍ ଧନ୍ଦା ଆରମ୍ଭ କରିଥିବା ଅନୁମାନ କରାଯାଉଛି। ଉକ୍ତ ଟଙ୍କାରେ ସେ ସତ୍ୟବିହାରରେ ବିଳାସମୟ ଘର କରିବା ପରେ ଭଡ଼ା ଘର ଛାଡ଼ିଥିବା ପୋଲିସ ଜାଣିବା ପରେ ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିଛି। ତଦନ୍ତ ଦାୟିତ୍ୱରେ ଥିବା ଖଣ୍ଡଗିରି ଥାନାଧିକାରୀ ଦୟାନିଧି ନାୟକ ସୋମବାର ସନ୍ଧ୍ୟାରେ ବରମୁଣ୍ଡାସ୍ଥିତ ପ୍ରମୋଦଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିଥିଲେ। ଅର୍ଚ୍ଚନା କେତେ ଟଙ୍କା ଭଡ଼ା ଦେଉଥିଲେ, କିଏ କିଏ ତାଙ୍କ ଘରକୁ ଆସୁଥିଲେ, କି ପରିଚୟ ଦେଉଥିଲେ ଏପରି ବିଭିନ୍ନ ଦିଗକୁ ନେଇ ପ୍ରମୋଦଙ୍କୁ ପୋଲିସ ପଚରାଉଚରା କରି ଫେରିଛି।



### ପ୍ରଥମ କମ୍ପାନୀ ବନ୍ଦ ହେବା ପରେ ଦ୍ୱିତୀୟ ଖୋଲିଥିଲେ

ରହସ୍ୟମୟୀ ଅର୍ଚ୍ଚନା କେବଳ ଘର, ଗାଡ଼ି, ପ୍ଲଟ, ଫାର୍ମହାଉସ କରି ନ ଥିଲେ, ସେ ଉକ୍ତ କଳା ଟଙ୍କାରେ ଏକାଧିକ କମ୍ପାନୀ ମଧ୍ୟ ଖୋଲିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୧ ଜାନୁୟାରୀ ୯ରେ କଟକସ୍ଥିତ ରେଜିଷ୍ଟ୍ରର ଅଫ୍ କମ୍ପାନୀରେ ଅର୍ଚ୍ଚନା ତାଙ୍କର ପ୍ରଥମ କମ୍ପାନୀ ପଞ୍ଜୀକୃତ କରିଥିଲେ। ଉକ୍ତ କମ୍ପାନୀର ନାଁ 'ଆଦିତ୍ୟ ପ୍ରେଷ୍ଟିଜ୍ ଆଗ୍ରୋ ପ୍ରାଇଭେଟ୍ ଲିଃ' ରହିଥିବାବେଳେ ବିଭିନ୍ନ ପ୍ରକାର ସାମଗ୍ରୀର ହୋଲ୍‌ସେଲ କରିବାକୁ ଉଲ୍ଲେଖ କରାଯାଇଥିଲା। ଏହାର ଠିକଣା ରସୁଲଗଡ଼ ସତ୍ୟବିହାର ଥିଲା। ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଉଭୟ ଉକ୍ତ କମ୍ପାନୀର ନିର୍ଦ୍ଦେଶକ ଥିଲେ। ପରବର୍ତ୍ତୀ ସମୟରେ ଏହି କମ୍ପାନୀ କୌଣସି କାରଣବଶତଃ ବନ୍ଦ ହୋଇଯାଇଥିଲା। ତେଣୁ ୨୦୨୨ ଜୁନ୍ ୨୯ରେ ପୁଣି ଅର୍ଚ୍ଚନା 'ଗୋଲ୍‌ଡେନ୍ ଏମ୍‌ପ୍ରେସ୍' ନାମରେ ଏକ ପ୍ରାଇଭେଟ କମ୍ପାନୀ ପଞ୍ଜୀକୃତ କରିଥିଲେ। ଉଭୟ ଏହାର ନିର୍ଦ୍ଦେଶକ ରହିଥିବାବେଳେ ତାଙ୍କ କମ୍ପାନୀ ରେଷ୍ଟୁରାଣ୍ଟ ସହିତ ଲଜିଂ ସେବା ଯୋଗାଇବ ବୋଲି ଉଲ୍ଲେଖ କରିଥିଲେ। ତେବେ କମ୍ପାନୀ ବିଷୟରେ ତଥ୍ୟ ହାସଲ ପାଇଁ ରେଜିଷ୍ଟ୍ରର ଅଫ୍ କମ୍ପାନୀଙ୍କୁ ଚିଠି ଲେଖାଯାଇଛି ବୋଲି ଡିସିପି ପ୍ରତୀକ ସିଂ ରବିବାର କହିଥିଲେ।

## କାର୍ତ୍ତିକର ପ୍ରଥମ ସୋମବାର

# ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ

ପୁରୁଣା ଭୁବନେଶ୍ୱର,୧୦।୧୦(ଡି.ଏନ୍.ଏ.)

କାର୍ତ୍ତିକ ମାସ ପ୍ରଥମ ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ ଆରମ୍ଭ ହୋଇଛି। ଏହି ବେଶ ଏକ ମାସ ବ୍ୟାପୀ ଦିନକୁ ଦୁଇ ଥର ସକାଳଧୂପ ଓ ସନ୍ଧ୍ୟାଧୂପରେ କରାଯିବ। ଦୈନିକ ନୀତି ମଙ୍ଗଳ ଆଳତି, ଅବକାଶ, ରୋଷହୋମ ସରିବା ପରେ ମନ୍ଦିର କାର୍ଯ୍ୟାଳୟରୁ ଆସିଥିବା ରାଇଦାମୋଦର ମୁଖାକୁ ମନ୍ଦିରର ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ମୁଖାକୁ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ସେବକ ମାଘସ୍ନାନ ଦେଇ ଶୁଦ୍ଧ କରିସାରିବା ପରେ ଶ୍ରୀଜୀଉଙ୍କୁ ବେଶ କରାଇଥିଲେ। ସକାଳ ଧୂପ ସମୟରେ ଅନ୍ନଭୋଗ ସରିବା ପରେ ପୁନଃ ଛାମୁ ପରିଷ୍କାର କରାଯାଇ ରାଇଦାମୋଦରଙ୍କୁ ମନ୍ଦିର ପକ୍ଷରୁ ଯୋଗାଇଦିଆଯାଇଥିବା ଧଳାଖଇ, କଦଳୀ ଆଦି ବାଲଭୋଗ କରାଯାଇଥିଲା। ଅନୁରୂପଭାବେ ସନ୍ଧ୍ୟାଧୂପରେ ମଧ୍ୟ ଶ୍ରୀଜୀଉଙ୍କଠାରେ ଦାମୋଦର ମୁଖା ସଂଲଗ୍ନ କରାଯାଇଥିଲା। ସୂଚନାଥାଉ କି, ଭଗବାନ ବିଷ୍ଣୁଙ୍କ ଏହି ଦୁର୍ଲ୍ଲଭ ଦାମୋଦର ମୁଖାକୁ କାର୍ତ୍ତିକ ମାସରେ ଯେଉଁ ଶ୍ରଦ୍ଧାଳୁ ଦର୍ଶନ କରନ୍ତି ସେମାନେ ବୈକୁଣ୍ଠ ପ୍ରାପ୍ତି ହେବାର କଥାବସ୍ତୁ ରହିଛି ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।




କାର୍ତ୍ତିକ ମାସର ପ୍ରଥମ ସୋମବାରରେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ହବିଷିଆଳିମାନେ ଚଉରାମୂଳେ ପୂଜାର୍ଚ୍ଚନା କରୁଛନ୍ତି।


ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ସୋମବାର ଅନୁଷ୍ଠିତ ୪ର୍ଥ ଗୁରୁ ଗୋପୀକୃଷ୍ଣ ଉତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ସମାଜବାଦୀ ପାର୍ଟି ନେତା ଦିବଂଗତ ମୁଲାୟମ ସିଂ ଯାଦବଙ୍କୁ ସୋମବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକାକଳାରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**ଏପ୍ରିଲରୁ ମହଙ୍ଗା ହେବ କାର୍**

**ନୂଆଦିଲ୍ଲୀ:** ସଡ଼କ ଦୁର୍ଘଟଣା ଓ ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ସରକାର ନୂଆ ସଡ଼କ ସୁରକ୍ଷା ଓ ଯାନବାହନ ନୀତି ପ୍ରଣୟନ ସହ କେତେକ ନୂଆ ନିୟମ ମଧ ଲାଗୁ କରିଛନ୍ତି। ଏ ସବୁ ପାଇଁ ମଧ ଚାରି ଚକିଆ ଯାନ (କାର୍) ନିର୍ମାତାଗୁଡିକ ମଧ ଡିଜାଇନ ପରିବର୍ତ୍ତନ କରୁଛନ୍ତି। ଫଳରେ ଆସନ୍ତା ଆର୍ଥିକ ବର୍ଷ ବା ଏପ୍ରିଲ ପହିଲାରୁ ଯାନଗୁଡିକର ମୂଲ୍ୟ ବୃଦ୍ଧି କରିପାରନ୍ତି ବୋଲି କୁହାଯାଇଛି। ବିଶେଷକରି ଅଟୋ କମ୍ପାନୀଗୁଡ଼ିକ ସରକାରଙ୍କ ନୂଆ ପ୍ରଦୂଷଣ ମାନଦଣ୍ଡକୁ ପାଳନ କରିବାପୂର୍ବକ ଯାନଗୁଡ଼ିକୁ ଅପଗ୍ରେଡ କରିବା ଲାଗି ବିପୁଳ ପରିମାଣରେ ଅର୍ଥ ନିବେଶ କରୁଛନ୍ତି। ଏ ବାବଦୀୟ ଖର୍ଚ୍ଚ ନୂଆ ଗାଡ଼ିର କ୍ରୟ ମୂଲ୍ୟରେ ପ୍ରତିଫଳିତ ହେବ ବୋଲି ଜଣାପଡ଼ିଛି।

# ନବରାତ୍ରରେ ରିଟେଲ ଭେହିକିଲ ବିକ୍ରି ୫୭% ବୃଦ୍ଧି



**ନୂଆଦିଲ୍ଲୀ,୧୦।୧୦**

ଚଳିତ ବର୍ଷ ନବରାତ୍ରରେ ରିଟେଲ ଭେହିକିଲ ବିକ୍ରି ପ୍ରାୟ ୫୭% ବୃଦ୍ଧି ସହ ୫୩୯,୨୨୭ ୟୁନିଟ୍‌ରେ ପହଞ୍ଚିଛି। ଏପରିକି ଅଟୋମୋବାଇଲ କ୍ଷେତ୍ର ବର୍ତ୍ତମାନ ଏକ ବଡ଼ ଅଭିବୃଦ୍ଧି ଏବଂ ପୁନରୁଦ୍ଧାରର ସଙ୍କେତରେ ରହିଛି। ବିଶେଷକରି ଗତ ବର୍ଷ ଏହି ସମୟ(୨୦୨୧-୨୨) ରେ ୩୪୨,୪୫୯ ୟୁନିଟ ଯାନ ବିକ୍ରି ହୋଇଥିଲା। ଏ ନେଇ ସୋମବାର ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ୍ (ଫାଡା) ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ସେହିଭଳି ମୋଟ ବିକ୍ରି (ଓଭରାଲ୍ ସେଲ) ୨୦୨୦ ନବରାତ୍ରଠାରୁ ୨୭% ଏବଂ ୨୦୧୯ ଅବଧି ମଧ୍ୟରେ ୧୬% ଅଧିକ ରହିଥିଲା, ଯେଉଁଥିରେ ନବରାତ୍ର ଅବଧିରେ ୨ ଚକିଆ ଯାନ, ୩ ଚକିଆ ଯାନ, ବାଣିଜ୍ୟିକ ଯାନ, ଯାତ୍ରୀବାହୀ ଯାନ ଏବଂ ଟ୍ରାକ୍ଟର ଯଥାକ୍ରମେ ୫୨%, ୧୧୫%, ୪୮% , ୭୦% ଏବଂ ୫୮% ବୃଦ୍ଧି ପାଇଛି। ସେହିଭଳି ନବରାତ୍ର ରିଟେଲ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ, ବିଗତ ୩ବର୍ଷ ବ୍ୟବଧାନ ପରେ ଗ୍ରାହକମାନେ ଶୋ'ରୁମକୁ ଫେରିଥିଲେ। ବାସ୍ତବରେ ପ୍ରି-କୋଭିଡ୍ ମାସ ତୁଳନାରେ କ୍ରମାଗତ ଭାବେ ଦୁର୍ବଳତା ଦେଖାଉଥିବା ୨ ଚକିଆ ବର୍ଗ ମଧ ଏକକ ସଂଖ୍ୟା ବିଶିଷ୍ଟ ଅଭିବୃଦ୍ଧି ପଞ୍ଜୀକୃତ କରିଛି ବୋଲି ଫାଡାର ସଭାପତି ମନୀଷରାଜ ସିଙ୍ଘାନିଆ କହିଛନ୍ତି। ଅପରପକ୍ଷରେ ବର୍ଷକ ମଧ୍ୟରେ ୨ଚକିଆ ଯାନ ବିକ୍ରୟ ସଂଖ୍ୟା ୨୪୨,୨୧୩ ରୁ ୩୬୯,୦୨୦ ୟୁନିଟକୁ ବୃଦ୍ଧି ପାଇଛି। ଚଳିତ ବର୍ଷର ସଂଖ୍ୟା ୨୦୨୦ ତୁଳନାରେ ୨୦% ଅଧିକ ଏବଂ ୨୦୧୯ ତୁଳନାରେ ୪% ଅଧିକ ବୋଲି କୁହାଯାଇଛି। ସେହିପରି ପ୍ରି-କୋଭିଡ୍ ଋତୁ ସମସ୍ତ ବର୍ଗ ୨ ଚକିଆ,୩ ଚକିଆ, ବାଣିଜ୍ୟିକ ଓ ଯାତ୍ରୀବାହୀ ଯାନ ଏବଂ ଟ୍ରାକ୍ଟରର ଯଥାକ୍ରମେ ୪%, ୩୧%, ୩୭%, ୫୯% ଏବଂ ୯୦% ବୃଦ୍ଧି ସହ ସକାରାତ୍ମକ ଗତି ପ୍ରଦର୍ଶନ କରିଛି ବୋଲି ସିଙ୍ଘାନିଆ ମତବ୍ୟକ୍ତ କରିଛନ୍ତି। ୨୦୨୨ ନବରାତ୍ର ଋତୁରେ ୩ ଚକିଆ ଯାନ ବିକ୍ରି ଦ୍ୱିଗୁଣିତ ହୋଇ ୧୯,୮୦୯ ୟୁନିଟରେ ପହଞ୍ଚିଛି। ସେହିଭଳି ୨୦୨୧ରେ ଏହା ୯,୨୦୩ ରହିଥିଲା। ୨୦୨୦ ତୁଳନାରେ ଏହି ବର୍ଷ ୩ ଚକିଆ ବିକ୍ରିରେ ୨ଗୁଣ ବୃଦ୍ଧି ଘଟିଛି।

# ସେନ୍‌ସେକ୍ସରେ ୨୦୦ ପଏଣ୍ଟ ହ୍ରାସ

**ନୂଆଦିଲ୍ଲୀ,୧୦।୧୦:** ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି କ୍ରମାଗତ ଭାବେ ଷ୍ଟକ୍ ବଜାରର କାରବାର ଉପର ତଳ ରହିବା ଏବଂ ଅନ୍ତର୍ଜାତୀୟ ଘଟଣା ଯୋଗୁ ଦଲାଲ ଷ୍ଟ୍ରିଟ୍‌ର କାରବାର ମଧ ଅନିଶ୍ଚିତତା ମଧ୍ୟରେ ଶେଷ ହେଉଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୦ (୨୦୦.୧୮) ପଏଣ୍ଟ ହ୍ରାସ ପାଇ ୫୭,୯୯୧ (୫୭,୯୯୧.୧୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ପ୍ରାୟ ୭୪ (୭୩.୬୫) ପଏଣ୍ଟ ଖସି ୧୭,୨୪୧ (୧୭,୨୪୧.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡିଛି।

# ଜୈବବିବିଧତା କ୍ଷେତ୍ରରେ ଟିଏସ୍‌ଏମ୍‌ଏଲ୍ ସମ୍ମାନିତ




**ଭୁବନେଶ୍ୱର,୧୦।୧୦**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଟାଟା ଷ୍ଟିଲ ମାଇନିଂ ଲିମିଟେଡ଼ (ଟିଏସ୍‌ଏମ୍‌ଏଲ୍)କୁ 'ଗ୍ରୋ ଉଇଥ୍ ନେଚର' ଏବଂ 'ନେଚର ଆଣ୍ଡ ୱାଇଲ୍ଡ ଲାଇଫ୍ କଞ୍ଜରଭେଶନ୍ ସୋସାଇଟି ଅଫ୍ ଓଡ଼ିଶା' (ଏନ୍‌ଡବ୍ଲ୍ୟୁସିଏସ୍‌ଓ) ପକ୍ଷରୁ ସମ୍ମାନିତ କରାଯାଇଛି। ବିଶେଷକରି ଜୈବବିବିଧତାର ସଂରକ୍ଷଣ ଦିଗରେ କମ୍ପାନୀ ବ୍ୟାପକ ପଦକ୍ଷେପ ନେଇଛି। ଏପରିକି ପରିବେଶ ସମ୍ପର୍କିତ ସଚେତନତା ସୃଷ୍ଟି ଓ ସ୍ଥାନୀୟ ଲୋକଙ୍କ ସହଯୋଗ ଦ୍ୱାରା ପରିବେଶ ସଂରକ୍ଷଣରେ ସକ୍ରିୟ ଯୋଗଦାନ ପାଇଁ କମ୍ପାନୀକୁ ଏଭଳି ଏକ ସମ୍ମାନ ପ୍ରଦାନ କରାଯାଇଛି। ଅପରପକ୍ଷରେ ୬୮ତମ ବନ୍ୟଜନ୍ତୁ ସପ୍ତାହ ପାଳନ ଅବସରରେ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ସହଭାଗିତାରେ ଏନ୍‌ଡବ୍ଲ୍ୟୁସିଏସ୍‌ଓ ପକ୍ଷରୁ 'ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଦାୟିତ୍ୱବାନ ଅଂଶୀଦାରମାନଙ୍କ ଯୋଗଦାନ' ସମ୍ପର୍କିତ ଏକ ଜାତୀୟସ୍ତରର କର୍ମଶାଳାରେ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଟିଏସ୍‌ଏମ୍‌ଏଲ୍ ପକ୍ଷରୁ କମ୍ପାନୀର ସହକାରୀ ମହାପ୍ରବନ୍ଧକ ଦେବରାଜ ତିୱାରୀ ଉକ୍ତ ପୁରସ୍କାର ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍) ଡ. ଅରୁଣ କୁମାର ମିଶ୍ର ଏବଂ ଏନ୍‌ଡବ୍ଲ୍ୟୁସିଏସ୍‌ଓର ସଭାପତି ସରୋଜ କୁମାର ପଟ୍ଟନାୟକଙ୍କଠାରୁ ଗ୍ରହଣ କରିଥିଲେ। ଉକ୍ତ କର୍ମଶାଳାରେ ଏନ୍‌ଡବ୍ଲ୍ୟୁସିଏସ୍‌ଓ ଅଧ୍ୟକ୍ଷା ଗାୟତ୍ରୀ ଦେବୀଙ୍କ ସମେତ ଅନ୍ୟମାନେ ମଧ ଉପସ୍ଥିତ ଥିଲେ।

# ଏସ୍‌ବିଆଇର ଯୋଗାଯୋଗ କେନ୍ଦ୍ର ପୁନର୍ଗଠନ

**ନୂଆଦିଲ୍ଲୀ,୧୦।୧୦**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ପୁନର୍ଗଠିତ ଯୋଗାଯୋଗ କେନ୍ଦ୍ରରେ ୩୦ ପ୍ରକାରରୁ ଅଧିକ ବ୍ୟାଙ୍କିଙ୍ଗ ସମାଧାନ ସହ ୧୨ଟି ଭାଷାରେ ୨୪ ଘଣ୍ଟା ଉପଲବ୍ଧ ହେବ, ଯାହାକୁ ବ୍ୟାଙ୍କର ଗ୍ରାହକମାନେ ଘରେ ବସି ହାସଲ କରିପାରିବେ। ଏହି ପ୍ରକ୍ରିୟାକୁ ଆହୁରି ସହଜ କରିବା ଲାଗି ବ୍ୟାଙ୍କ୍ ପକ୍ଷରୁ ସହଜରେ ମନେ ରହିପାରୁଥିବା ଟୋଲ ଫ୍ରି ନମ୍ବର ୧୮୦୦-୧୨୩୪ କିମ୍ବା ୧୮୦୦-୨୧୦୦ର ଆରମ୍ଭ କରାଯାଇଛି। ବର୍ତ୍ତମାନ ଯୋଗାଯୋଗ କେନ୍ଦ୍ର ମାସକୁ ୧.୫ କୋଟି କଲ୍‌ର ପରିଚାଳନା କରୁଥିବା ବେଳେ ୪୦% ଆଇଭିଆର୍ ଜରିଆରେ ସ୍ୱପରିଚାଳିତ ହେଉଛି। ସେହିଭଳି ବଳକା କଲ୍‌ଗୁଡ଼ିକୁ ୩୫୦୦ରୁ ଅଧିକ ଟେଲି-କଲର୍ ପ୍ରତିନିଧି ପରିଚାଳନା କରୁଛନ୍ତି। ଏହାର ଗ୍ରାହକମାନେ ଖାତା, ଚେକ୍ ବୁକ୍ ସମ୍ପର୍କିତ ସେବା, ଏଟିଏମ୍ କାର୍ଡ କିମ୍ବା ଡିଜିଟାଲ୍ ଚ୍ୟାନେଲ୍‌କୁ ବ୍ଲକ୍ କରିବାର ଜରୁରିକାଳୀନ ସେବା ପାଇପାରିବେ ଏବଂ ଡିଜିଟାଲ୍ ଉତ୍ପାଦ, ସହାୟତା ଓ ଉତ୍ପାଦ ସୂଚନା ଆଦି ପାଇପାରିବେ। ସେହିପରି ବ୍ୟାଙ୍କ୍ ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ ସମାଧାନ କରିବା ଲାଗି ସମସ୍ତ ଗ୍ରାହକ ସହାୟତା ପ୍ରତିନିଧିମାନଙ୍କୁ ଲଘୁ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଏସ୍‌ବିଆଇରେ ଆମେ ଗ୍ରାହକକୈନ୍ଦ୍ରିକ ହେବା ଏବଂ ବିଭିନ୍ନ ଚ୍ୟାନେଲ୍ ଓ ପ୍ଲାଟ୍‌ଫର୍ମ ଜରିଆରେ ବ୍ୟକ୍ତିଗତ ଅନୁଭୂତି ପ୍ରଦାନ କରିବାକୁ ଉଦ୍ୟମ କରୁଛୁ। ଆମର ଗ୍ରାହକମାନେ ନିରନ୍ତର ଭାବେ ଡିଜିଟାଲ୍ ଚ୍ୟାନେଲ୍ ଆଡ଼କୁ ଅଗ୍ରସର ହେଉଥିବା ବେଳେ କିଛି ନିର୍ଦ୍ଦିଷ୍ଟ ବର୍ଗର ଗ୍ରାହକଙ୍କ ପାଇଁ 'ଭଏସ୍' ଏବେ ବି ପସନ୍ଦର ମାଧମ ହୋଇ ରହିଛି।

# ୮୪୯୦ ଶାଖାରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଉଛି ଆଇପି




ଜାତୀୟ ଡାକ ସପ୍ତାହ ପରିପ୍ରେକ୍ଷୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀକୁ ଡିପିଏସ୍ ସୁବାସ ଚନ୍ଦ୍ର ବାରିକ ସମ୍ବୋଧିତ କରୁଛନ୍ତି।

**ଭୁବନେଶ୍ୱର,୧୦।୧୦**

ଗତ ବର୍ଷକ ମଧ୍ୟରେ ଭାରତୀୟ ଡାକ ବା ଇଣ୍ଡିଆନ ପୋଷ୍ଟ (ଆଇପି)ର ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ (ଆଇପିପିବି) ଓଡ଼ିଶାର ଲୋକ ଓ ଗ୍ରାହକଙ୍କର ଆଦର ଲାଭ କରିଛି। ବିଶେଷକରି ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭଳି ଆଇପିପିବି ମଧ ସମସ୍ତ ପ୍ରକାରର ବ୍ୟାଙ୍କିଙ୍ଗ ସେବା ସୁବିଧା ତା'ର ଗ୍ରାହକମାନଙ୍କୁ ଯୋଗାଇ ଦେଉଛି ବୋଲି ବିଶ୍ୱ ଡାକ ଦିବସ ଏବଂ ଜାତୀୟ ଡାକ ସପ୍ତାହ ପରିପ୍ରେକ୍ଷୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିପିଏସ୍ ସୁବାସ ଚନ୍ଦ୍ର ବାରିକ ଏଭଳି କିଛି କହିଥିଲେ। ସେହିଭଳି ଆଗାମୀ ଦିନରେ ଭାରତୀୟ ଡାକ ଓ ଡାକ କର୍ମଚାରୀ ସବୁ ପ୍ରକାରର ଡାକ ବାବଦୀୟ ସେବା ସହ ଡାକ ବ୍ୟାଙ୍କ ସେବା ଯୋଗାଇବା ପାଇଁ ସବୁ ବର୍ଗର ଗ୍ରାହକଙ୍କ ଘରକୁ ଯିବେ ବୋଲି ବାରିକ ମତବ୍ୟକ୍ତ କରିଛନ୍ତି। ଏପରିକି ଭାରତୀୟ ଡାକର ଓଡ଼ିଶା ସର୍କଲରେ କାର୍ଯ୍ୟ କରୁଥିବା ମୋଟ ୮୪୯୦ ପୋଷ୍ଟ ଅଫିସ ସମେତ ୩୫ ପ୍ରଧାନ ଡାକଘର, ୩୫ ମୁଖ୍ୟ ଡାକଘର, ୧୧୪୨ ଉପ ଡାକଘର ଏବଂ ୭୨୭୮ ଶାଖା ଡାକଘର ଜରିଆରେ ରାଜ୍ୟବାସୀଙ୍କୁ ଡାକ ବାବଦୀୟ ସମସ୍ତ ସେବା ଯୋଗାଇ ଦେଉଛି। ସେହିପରି ୧୫ ଏଲଡବ୍ଲ୍ୟୁଇ ଜିଲାରେ ୧୨ ପ୍ରଧାନ ଡାକଘର,୩୭୩ ମୁଖ୍ୟ ଡାକଘର ଏବଂ ୨୮୧୫ ଶାଖା ଡାକଘର ରହିଛି। ବିଶେଷକରି ଆଇପିର ଫ୍ଲାଗସିପ କାର୍ଯ୍ୟକ୍ରମ ଅଧୀନ ଏଲଡବ୍ଲ୍ୟୁଇ ଜିଲାରେ ୩୧୨ ଶାଖା ଡାକଘର ଖୋଲାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ୨୦୪୭ ଭିଜନ ଅନୁଯାୟୀ ଆଗାମୀ ଦିନରେ ଅନେକ ପଦକ୍ଷେପ ସାଙ୍ଗକୁ ସେବା ଓ ସାମାଜିକ କାର୍ଯ୍ୟ ମଧ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଆୟୋଜିତ ହେବ।

# ଆୟକର ବ୍ୟବସ୍ଥାରେ ଦକ୍ଷ କରାଇବ ଟ୍ୟାକ୍ସବଡ଼ି

**ଭୁବନେଶ୍ୱର,୧୦।୧୦**

ଦେଶର ପ୍ରମୁଖ ଇନ୍‌କମ୍-ଟ୍ୟାକ୍ସ ଇ-ଫାଇଲିଙ୍ଗ୍ ପ୍ଲାଟ୍‌ଫର୍ମ ଟ୍ୟାକ୍ସବଡ଼ି ପକ୍ଷରୁ ଏକ 'ଇନ୍‌କମ୍-ଟ୍ୟାକ୍ସ ଏକ୍ସପର୍ଟ କୋର୍ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆୟକର ଦାଖଲ, ଟିକସ ସମ୍ବନ୍ଧିତ ପରାମର୍ଶ, ଟିକସ ଯୋଜନା ଏବଂ ବିଜ୍ଞପ୍ତି ପରିଚାଳନା ଭଳି ବିଭିନ୍ନ ବ୍ୟବହାରିକ ଦିଗ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ସହ ଜ୍ଞାନ ଆହରଣ ପାଇଁ ଆବଶ୍ୟକ ଶିକ୍ଷା ପ୍ରଦାନ କରୁଛି। ଏହି ପ୍ରୋଗ୍ରାମ ସମସ୍ତ ଆୟକର ବ୍ୟବସ୍ଥା ଓ ସେଗୁଡିକର ପ୍ରୟୋଗକୁ ଅନ୍ତର୍ଭୁକ୍ତ କରିବ ଏବଂ ବିଦେଶୀ ଆୟ, ଇଏସ୍‌ପିପି, ଆର୍‌ଏସ୍‌ୟୁ, ଏଫ୍‌ଆଣ୍ଡ୍‌ଓ ଓ କ୍ରିପ୍ଟୋ ଇନ୍‌କମ୍ ଭଳି ସ୍ୱତନ୍ତ୍ର ମାମଲାଗୁଡିକ ସହ ଇନ୍‌କମ୍ ଟ୍ୟାକ୍ସ ପୋର୍ଟାଲ ସମ୍ପର୍କରେ ମଧ ସୂଚନା ପ୍ରଦାନ କରିବ। ଏହି କୋର୍ସ ଜରିଆରେ ୪ମାସର ଇଣ୍ଟେନସିଭ୍ ପ୍ରୋଗ୍ରାମ ସୁବିଧା ମଧ ରହିଛି, ଯେଉଁଥିରେ ୧୦୦ ଘଣ୍ଟାର ଲାଇଭ୍ ସେସନ ଓ ସାପ୍ତାହିକ ମୂଲ୍ୟାଙ୍କନ ଆଦି ସାମିଲ ରହିଛି। ଏହା ମୁମ୍ବାଇଭିତ୍ତିକ ସଂସ୍ଥା ହୋଇଥିବା ବେଳେ ଭାରତରେ ଅନ୍‌ଲାଇନ୍ ଟିକସ ଦାଖଲ, ଟିକସ ପ୍ଲାନିଙ୍ଗ୍ ଓ ଟିକସ ପରାମର୍ଶ ସେବା କ୍ଷେତ୍ରରେ ବିଶେଷଜ୍ଞତା ହାସଲ କରିଛି। ଟ୍ୟାକ୍ସବଡିର ଅନ୍ତର୍ନିହିତକାରୀ ଇ-ଫାଇଲିଙ୍ଗ୍ ଆପ୍ଲିକେଶନ ଠିକ୍ ଟିକସ ରିଟର୍ନ ଦାଖଲ କରିବା ସୁନିଶ୍ଚିତ କରିଥାଏ। ଏହା ଟିକସଦାତାଙ୍କ ପାଇଁ ଏକ ସୁଲଭ ମୂଲ୍ୟରେ ବିଶେଷଜ୍ଞଙ୍କ ପରାମର୍ଶ ଉପଲବ୍ଧ କରିବା ଲାଗି ଟେକ୍ନୋଲୋଜିର ବ୍ୟବହାର କରିଥାଏ। ଏହି ପ୍ଲାଟ୍‌ଫର୍ମ ମୋବାଇଲ ଆପ୍, ୱେବ୍ ବ୍ରାଉଜର ଓ ହ୍ୱାଟ୍‌ସଆପ୍‌ରେ ମଧ ଉପଲବ୍ଧ ରହିଛି, ଯାହା ଏହାର ସବ୍‌ସ୍କ୍ରାଇବରଙ୍କୁ ଟ୍ୟାକ୍ସବଡିର ଟିକସ ବିଶେଷଜ୍ଞଙ୍କ ସହଯୋଗରେ ଟିକସ ରିଟର୍ନ ଦାଖଲ କରିବା ପାଇଁ ସକ୍ଷମ କରୁଛି।

**ଫୁରସତ୍**

# ଅନନ୍ୟ ଅଦ୍ୱିକା

**ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଉପଲକ୍ଷେ**

**ନ**ୟାଗଡ଼ ଜିଲାର ୧୭ ବର୍ଷୀୟା ସୋନାକ୍ଷୀଙ୍କ ଯେତେବେଳେ ବାହାଘର ଠିକ୍ ହେଲା, ଏହା ତାଙ୍କୁ ପସନ୍ଦ ନ ଥିଲା। ଅଦ୍ୱିକାକୁ ଆସୁଥିବା ସାଥୀମାନଙ୍କ ସହଯୋଗରେ ସେ ଏ ବିଷୟରେ ଚାଇଲ୍ଡଲାଇନ୍‌କୁ ଜଣାଇଲେ ଏବଂ ବାହାଘରକୁ ରୋକିବାରେ ସଫଳ ହେଲେ। ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ପରାମର୍ଶ ଓ ସହଯୋଗରେ ସେ ଏବେ ପାଠପଢ଼ା ଜାରି ରଖିଛନ୍ତି। ଆମ ରାଜ୍ୟରେ ୨୦.୫ ଭାଗ ଝିଅ ବାଲ୍ୟବିବାହ କରନ୍ତି। ସୋନାକ୍ଷୀଙ୍କ ପରି ଅନେକ ଝିଅ ଏଭଳି ଏକ କ୍ଷତିକାରକ ପ୍ରଥାର ଶିକାର ହୋଇ ଆସୁଛନ୍ତି। ଏହା ରାଷ୍ଟ୍ରର ସାମାଜିକ ଓ ଆର୍ଥିକ ପ୍ରଗତିକୁ ମଧ ବିଶେଷ ପ୍ରଭାବିତ କରୁଛି। ଏଣୁ ୨୦୩୦ ସୁଦ୍ଧା ଓଡ଼ିଶାକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ରଣକୌଶଳ ସ୍ଥିର କରିଛନ୍ତି। ବାଳିକାଙ୍କ ଅଧିକାରକୁ ସୁନିଶ୍ଚିତ କରିବା ସହ ଲିଙ୍ଗୀୟ ସମାନତା ଆଣିବାକୁ ଏଥିରେ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ୨୦୨୦ରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ଅଦ୍ୱିକା କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। ପ୍ରତ୍ୟେକ କିଶୋରୀଙ୍କ ପାଖରେ ଆବଶ୍ୟକୀୟ ଜ୍ଞାନ, କୌଶଳ ଓ ଏକ ସମୃଦ୍ଧ ଭବିଷ୍ୟତ ପାଇଁ ସୁଯୋଗ ସୃଷ୍ଟି ହେତୁ ଉପଯୁକ୍ତ ବାତାବରଣ ତିଆରି କରିବା ଅଦ୍ୱିକାର ଆଭିମୁଖ୍ୟ। ଅସମାନତା ଓ ହିଂସା ବିରୋଧରେ କଥା ହେବା ପାଇଁ ଏକ ସୁରକ୍ଷିତ କ୍ଷେତ୍ର ପ୍ରସ୍ତୁତ କରିବାରେ ଅଦ୍ୱିକା ଭୂମିକା ନିର୍ବାହ କରୁଛି।

ରାଜ୍ୟର ପ୍ରତିଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଦ୍ୱିକା କାର୍ଯ୍ୟକ୍ରମ ପ୍ରତ୍ୟେକ ଶନିବାର ଆୟୋଜିତ ହୋଇଥାଏ। ଅଙ୍ଗନୱାଡ଼ି କର୍ମୀମାନେ ଜୀବନ କୌଶଳ, କିଶୋରୀ ସ୍ୱାସ୍ଥ୍ୟ, ପୋଷଣ, ବ୍ୟକ୍ତିଗତ ପରିଚ୍ଛନ୍ନତା, ବାଲ୍ୟବିବାହ ଓ ଅନ୍ୟାନ୍ୟ ଶିଶୁ ସୁରକ୍ଷା ସମ୍ପର୍କିତ ବିଷୟରେ କିଶୋରୀମାନଙ୍କ ସହ ଆଲୋଚନା କରନ୍ତି। ଏଥିପାଇଁ ସେମାନଙ୍କୁ ତାଲିମ ଦିଆଯିବା ସହ ଶିକ୍ଷଣ ଉପକରଣ ମଧ ପ୍ରଦାନ କରାଯାଇଛି। ସୋନାକ୍ଷୀଙ୍କ ଭଳି ଅନେକ କିଶୋରୀଙ୍କ ପାଇଁ ଅଦ୍ୱିକା ସମାନତାର ଅଧିକାରକୁ ସାବ୍ୟସ୍ତ କରିବା ଓ ନିଜ ଇଚ୍ଛାରେ ଭବିଷ୍ୟତ ଗଢ଼ିବାର ବାଟ ଖୋଜିବା ପାଇଁ ସହାୟକ ହୋଇପାରୁଛି। ଅଦ୍ୱିକା ପୂର୍ବରୁ ମଧ ଆମ ଦେଶରେ କିଶୋରୀ ସଶକ୍ତୀକରଣ ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଇଛି। ୨୦୦୧ରେ ଜାତୀୟ ଜନସଂଖ୍ୟା ନୀତି, ୨୦୧୪ରେ ଜାତୀୟ ଯୁବ ନୀତି, ବେଟି ବଚାଓ-ବେଟି ପଢ଼ାଓ, କିଶୋରୀ ବାଳିକାଙ୍କ ପାଇଁ ଯୋଜନା, ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରି ଯୋଜନାରେ ଏନେଇ ବ୍ୟାପକ ସୁଯୋଗ ରହିଛି। ଏହାସତ୍ତ୍ୱେ ବାଲ୍ୟବିବାହ, ବାଳିକା ଶିକ୍ଷା ଓ କିଶୋରୀ ମାତୃତ୍ୱର ନିରାକରଣରେ ଆମେ ବିଶେଷ ସଫଳ ହୋଇନାହୁଁ। ଆଶା କରାଯାଏ, ନୂତନ ଆଶା ନେଇ ଆସିଥିବା ଅଦ୍ୱିକା ଏହାକୁ ସୁଧାରିବାରେ ସଫଳ ହେବ। ମାତ୍ର ଦୁଇବର୍ଷର ଅବଧିରେ ରାଜ୍ୟର ୭୪ ହଜାର ୯୭ ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ୮୩ ଲକ୍ଷ କିଶୋରୀ କିଶୋରଙ୍କ ପାଖକୁ ଅଦ୍ୱିକା ପହଞ୍ଚିପାରିବା ତା'ର ବ୍ୟାପକତାକୁ ପରିପ୍ରକାଶ କରିଛି।

ଅଦ୍ୱିକାର ସଫଳତା ଅଙ୍ଗନୱାଡ଼ି କର୍ମୀଙ୍କ ଦକ୍ଷତା ଉପରେ ନିର୍ଭର କରୁଛି। ଆଦିବାସୀ ଅଧୁଷିତ ଅଞ୍ଚଳରେ ଆମର କର୍ମୀମାନେ ଉଚ୍ଚ ଶିକ୍ଷିତ ନୁହନ୍ତି। ଏଣୁ ତାଲିମର ବିଷୟବସ୍ତୁକୁ ବୁଝିବା, ସାମାଜିକ ପ୍ରଥା ପରମ୍ପରାର ପ୍ରତିକୂଳତାରେ ଯାଇ ଅଦ୍ୱିକା ବୈଠକରେ କିଶୋରୀମାନଙ୍କୁ ସଚେତନ କରିବା ସେମାନଙ୍କ ପକ୍ଷରେ କାଠିକର ହୋଇଥାଏ। କିଶୋରୀମାନଙ୍କ ପାଇଁ ଅଦ୍ୱିକା ଆରମ୍ଭ ହୋଇଥିଲେ ବି ପରବର୍ତ୍ତୀ ସମୟରେ କିଶୋରମାନଙ୍କୁ ସାମିଲ କରାଯିବା ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପ୍ରଶାସନ ଓ ସମାଜ ଉଭୟଙ୍କ ରୂଢ଼ିବାଦୀ ମାନସିକତା ପାଇଁ ଏହା ସମ୍ଭବ ହୋଇ ପାରୁନାହିଁ। ବର୍ତ୍ତମାନ ସମୟରେ ଅଦ୍ୱିକା ପାଠ୍ୟକ୍ରମରେ ଜୀବନ କୌଶଳ ଭଳି ବ୍ୟାବହାରିକ ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନରେ ଅଦ୍ୱିକା ପାଠ୍ୟକ୍ରମରେ ମହିଳାଙ୍କ ସମ୍ପତ୍ତିଗତ ଅଧିକାର, ପ୍ରଶାସନିକ ସହଭାଗିତା ଭଳି ବିଷୟ ସାମିଲ ହେଲେ ପିତୃତନ୍ତ୍ରକୁ ପ୍ରଭାବିତ ହେବ। ଏହା ଢାଞ୍ଚାଗତ ପରିବର୍ତ୍ତନ ଆଣିବାରେ ସହାୟକ ହେବା ସହ ଅଦ୍ୱିକାକୁ କିଶୋରୀ ସଶକ୍ତୀକରଣରେ ଅନନ୍ୟ କରିପାରିବ।

**-ଘାସିରାମ ପଣ୍ଡା**
ସୁବର୍ଣ୍ଣପୁର,
ମୋ: ୯୪୩୮୩୪୧୭୯୪

# ମା' ହେବାରୁ ବିବାଦ




**ଚେନ୍ନାଇ:** ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିର ପାୱାର କପୁଲ କୁହାଯାଉଥିବା ନୟନତାରା (ଡିଆନା ମାରିଅମ କୁରିଆନ) ଓ ବିଘ୍ନେଶ ରବିବାର ଯମଜ ସନ୍ତାନଙ୍କ ଅଭିଭାବକ ହୋଇଛନ୍ତି। ବିବାହର ୪ ମାସ ପରେ ଦୁହେଁ ଏତେବଡ଼ ଦାୟିତ୍ୱ ପାଇବା ପରେ ବେଶ୍ ଖୁସିଥିବାବେଳେ ତାଙ୍କ ଫ୍ୟାନ୍ ଫଲୋୟର୍ସମାନେ ମଧ ଉଭୟଙ୍କୁ ଶୁଭେଚ୍ଛା ଜଣାଇବାରେ ହେଳା କରି ନାହାନ୍ତି। ତେବେ ନୟନତାରାଙ୍କୁ ଖୁସି ସହିତ ଏବେ ବଡ଼ ବିବାଦର ସାମ୍ନା କରିବାକୁ ପଡ଼ିଛି। ସରୋଗେସି ଜରିଆରେ ଦୁହେଁ ସନ୍ତାନଙ୍କ ଅଭିଭାବକ ହେବା ନେଇ କୌଣସି ବିଧିବଦ୍ଧ ଘୋଷଣା କରି ନ ଥିଲେ ହେଁ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସରୋଗେସି ଲାଗି ଦେଶରେ ପ୍ରଣୟନ ଆଇନ ଉପରେ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ କରାଯିବ ବୋଲି ସୋମବାର ତାମିଲନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ମା ଶୁଭ୍ରମନିଆନ କହିଛନ୍ତି। ଆଇନ ଅନୁସାରେ ଯେଉଁ ମହିଳାଙ୍କ ବୟସ ୨୧ ବର୍ଷରୁ ଅଧିକ ଏବଂ ୩୬ ବର୍ଷରୁ କମ୍ ସେହିମାନେ ଗର୍ଭଧାରଣର ଏହି ବିକଳ୍ପ ପନ୍ଥାକୁ ଆପଣାଇ ପାରିବେ। ଏ ନେଇ ମେଡିକାଲ ସେବା ନିର୍ଦ୍ଦେଶାଳୟକୁ ମଧ ଘଟଣାର ତଦନ୍ତ କରିବା ପାଇଁ କୁହାଯାଇଛି। ଚଳିତବର୍ଷ ଜାନୁୟାରୀ ୨୫ରେ ପ୍ରଣୟନ ହୋଇଥିବା ସରୋଗେସି ରେଗୁଲେଶନ୍ ବିଲ୍ ଅନୁସାରେ ଭାରତରେ କମର୍ସିଆଲ ସରୋଗେସି ଅର୍ଥାତ୍ ବ୍ୟବସାୟ ଉଦ୍ଦେଶ୍ୟରେ ଗର୍ଭଧାରଣ ନିଷିଦ୍ଧ।

# କଲୋନୀର ନାମ କାଦୁଅନଗର, ନରକପୁରୀ




**ଲକ୍ଷ୍ନୌ**

ବର୍ଷା କାରଣରୁ ରାସ୍ତାରେ ପାଣି ଦୀର୍ଘ ଦିନ ପର୍ଯ୍ୟନ୍ତ ଜମି ରହିବା ଓ ତାହା ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନ୍‌ର ସୁବିଧା ନ ଥିବା କାରଣରୁ ଆଗ୍ରାବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ଶେଷରେ ଅନେକ କଲୋନୀର ନାମକୁ ବଦଳାଇ ସେମାନେ କାଦୁଅନଗର, ନରକପୁରୀ ଆଦି ଦେଇଛନ୍ତି। ଚଳିତବର୍ଷ ଆବଶ୍ୟକତାଠାରୁ ଅଧିକ ବର୍ଷା ହୋଇଥିବାବେଳେ ରାସ୍ତାଘାଟର ଅବସ୍ଥା ନ କହିଲେ ଭଲ। ରାସ୍ତାର ମରାମତି ଏବଂ ନାଳ ସୁବିଧା କରିବା ଲାଗି ବିଭିନ୍ନ କଲୋନୀର ଲୋକେ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ଏବଂ ଏମ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ସେମାନଙ୍କ ଅଭିଯୋଗ ସବୁ ଫସର ଫାଟିଲା ଭଳି। ସେମାନେ ପ୍ରତିଶ୍ରୁତି ଦେଉଥିଲେ ସତ, କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନ ଥିଲା। ଏହାପରେ ନେତାଙ୍କ ଅପାରଗତାକୁ ଦର୍ଶାଇବା ପାଇଁ ଲୋକେ ନିଜ କଲୋନୀ ନାମ ବଦଳାଇଛନ୍ତି।

# 'ଗୁଡ୍‌ବାଏ ଟୁଇଟର'

**ମୁମ୍ବାଇ:**

ନିର୍ଦ୍ଦେଶକ-ପ୍ରଯୋଜକ କରନ ଜୋହର ସବୁଦିନ ପାଇଁ ଟୁଇଟରକୁ କରିଛନ୍ତି ଗୁଡବାଏ। ସୋମବାର କରନ ଶେଷ ଟୁଇଟ କରୁଥିବା କହି ଏକ ପୋଷ୍ଟ ଶେୟାର କରିଥିଲେ। ସେ ଲେଖିଥିଲେ ଜୀବନରେ ଆଉ କିଛି ସକାରାତ୍ମକ ଉର୍ଜା ସାଉଁଟିବା ଦିଗରେ ଏହା ଏକମାତ୍ର ପଦକ୍ଷେପ। ଗୁଡ୍‌ବାଏ ଟୁଇଟର! ଏହି ପୋଷ୍ଟ ଅପ୍‌ଲୋଡ୍ ପରେ କରନ ତୁରନ୍ତ ନିଜ ଟୁଇଟର ଆକାଉଣ୍ଟକୁ ଡିଆକ୍ଟିଭେଟ୍ କରି ଦେଇଥିବା ଜଣାପଡିଛି।



# ମା' କ୍ଷୀରରେ ମାଇକ୍ରୋପ୍ଲାଷ୍ଟିକ୍



**ରୋମ୍:** ପ୍ଲାଷ୍ଟିକ୍‌ର ବ୍ୟବହାର ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି, ଯାହାଫଳରେ ଜୀବଜଗତ ଉପରେ ଏହାର ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଛି। ନିକଟରେ ମନୁଷ୍ୟ ରକ୍ତରେ ମାଇକ୍ରୋପ୍ଲାଷ୍ଟିକ୍ ଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିବାବେଳେ ଏବେ ମା' କ୍ଷୀରରୁ ପ୍ଲାଷ୍ଟିକ୍ କଣିକା ବାହାରିଛି ବୋଲି ଇଟାଲୀ ବୈଜ୍ଞାନିକ ଦାବି କରିଛନ୍ତି। ପ୍ରତ୍ୟେକ ନବଜାତ ପାଇଁ ମା' କ୍ଷୀର ପ୍ରଥମ ଆହାର ଗଣାଯାଇଥାଏ। ଅନ୍ୟପଟେ ଶିଶୁର ପ୍ରାରମ୍ଭିକ ବିକାଶ ମଧ ଏହାଦ୍ୱାରା ହୁଏ। ତେବେ ମା' କ୍ଷୀରରୁ ମାଇକ୍ରୋପ୍ଲାଷ୍ଟିକ୍ ବାହାରିବା ଆଗାମୀ ଦିନରେ ଏକ ବିରାଟ ସମସ୍ୟା ହୋଇ ଛିଡ଼ା ହେବାର ଆଶଙ୍କାକୁ ବ୍ୟକ୍ତ କରୁଛି ବୋଲି ସମ୍ପୃକ୍ତ ବୈଜ୍ଞାନିକ କହିଛନ୍ତି। ମା' କ୍ଷୀରରୁ ମିଳିଥିବା ମାଇକ୍ରୋ ପ୍ଲାଷ୍ଟିକ୍‌ର ଲମ୍ବ ୫ ଏମ୍.ଏମ୍। ମନୁଷ୍ୟର କୋଷିକା, ଲ୍ୟାବ୍ ଆନିମଲ୍ ଏବଂ ସମୁଦ୍ରରେ ରହୁଥିବା ପ୍ରାଣୀଙ୍କ କ୍ଷେତ୍ରରେ ମାଇକ୍ରୋପ୍ଲାଷ୍ଟିକ୍ ନକାରାତ୍ମକ ପ୍ରଭାବ ପକାଉଥିବାବେଳେ ମନୁଷ୍ୟ ଉପରେ ଏହାର ପ୍ରଭାବ ବର୍ତ୍ତମାନ ପର୍ଯ୍ୟନ୍ତ ଅଜଣା। କିନ୍ତୁ ମାଇକ୍ରୋପ୍ଲାଷ୍ଟିକ୍ ଦ୍ୱାରା ମନୁଷ୍ୟ ଶରୀରରେ ସୃଷ୍ଟି ହେବାକୁ ଥିବା ବିପଦକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ୟାକେଜ୍ ଫୁଡ୍, ପରିଷ୍କାର ଦୃଷ୍ଟିରୁ ପ୍ଲାଷ୍ଟିକ୍ କଣ୍ଟେନରର ବ୍ୟବହାର କରିବା ଏବଂ ସି-ଫୁଡ୍ ଭକ୍ଷଣ ଆଦି ମା'କ୍ଷୀରରୁ ପ୍ଲାଷ୍ଟିକ୍ ବାହାରିବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ମା' କ୍ଷୀରରେ ମାଇକ୍ରୋ ପ୍ଲାଷ୍ଟିକର ଉପସ୍ଥିତି ଶିଶୁଙ୍କ ଉପରେ ବଡ଼ ବିପଦ ପକାଇବାର ଆଶଙ୍କା ରହିଥିବା ଇଟାଲୀ ଡେଲ୍ଲା ମାର୍ଚେର ୟୁନିଭର୍ସିଟା ପଲିଟେକ୍‌ନିକାର ଡା. ଭାଲେଣ୍ଟିନା ନୋଟାରଷ୍ଟେଫାନୋ କହିଛନ୍ତି।

# ରାଇଜିଂ ଷ୍ଟାରଙ୍କ ଆହ୍ୱାନ ଅପେକ୍ଷାରେ କଳିଙ୍ଗ

**ମହିଳା ଫୁଟ୍‌ବଲର ରାଇଜିଂ ଷ୍ଟାରଙ୍କ ମେଗା ପ୍ରତିଯୋଗିତା ଆୟୋଜନ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍। ଭାରତ ସମେତ ଆମେରିକା, ମରକ୍କୋ, ବ୍ରାଜିଲ, ଚିଲି ଓ ନାଇଜେରିଆ ଦଳ କଳିଙ୍ଗରେ ଖେଳିବେ ।**


୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପୂର୍ବରୁ ସୋମବାର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅଭ୍ୟାସରତ ଭାରତୀୟ ଦଳ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୦।୧୦
(କ୍ରୀଡ଼ା ପ୍ରତିନିଧି)

## ଭାରତ ପ୍ରସ୍ତୁତ: ଡେନର୍ବି

ଟୁର୍ନାମେଣ୍ଟରେ ଆମେରିକା ଓ ବ୍ରାଜିଲ ପରି ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ବିପକ୍ଷରେ ଖେଳିବାକୁ ଥିଲେ ହେଁ ଭାରତର ଭଲ ପ୍ରଦର୍ଶନକୁ ନେଇ ଆଶା ରଖିଛନ୍ତି ମୁଖ୍ୟ କୋଚ୍ ଥୋମାସ ଡେନର୍ବି। ‘‘ଆମେ ଗତ ଫେବୃୟାରୀଠାରୁ କଠିନ ପରିଶ୍ରମ କରିଛୁ। ଟ୍ରେନିଂ ସେସନ ବହୁତ ଭଲ ରହିଛି। ଭାରତୀୟ ଖେଳାଳିଙ୍କ ଏକ୍ସପୋଜର ଟ୍ରିପ୍ ମଧ୍ୟ ଉତ୍ତମ ରହିଛି। ମୋଟାମୋଟି କହିଲେ ଭାରତ ଆଗାମୀ ଫିଫା ଇଭେଣ୍ଟ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ’’ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡେନର୍ବି ପ୍ରକାଶ କରିଛନ୍ତି। ଆୟୋଜକ ଦେଶ ଭାରତ ସ୍ୱାଭାବିକ ଭାବେ ଟୁର୍ନାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ମରକ୍କୋ ଓ ତାଞ୍ଜାନିଆ ସହିତ ଭାରତ ଏହି ପ୍ରତିଯୋଗିତାରେ ଡେବ୍ୟୁ କରିବ। ଏହାସତ୍ତ୍ୱେ ଭାରତ ବିପକ୍ଷରେ ଗୋଲ କରିବା ପ୍ରତିପକ୍ଷ ଦଳ ପାଇଁ ସହଜ ହେବନାହିଁ ବୋଲି ଡେନର୍ବି କହିଛନ୍ତି। ‘‘ଆମ ବିପକ୍ଷରେ ଆମେରିକା ଫେଭରାଇଟ, ଏଥିରେ ଦ୍ୱିମତ ନାହିଁ। ମାତ୍ର ତାହା କେବଳ ଏକ ରେକର୍ଡ। ପ୍ରକୃତ ଫୁଟ୍‌ବଲ ପଡ଼ିଆରେ ୯୦ରୁ ୯୫ ମିନିଟ୍ ଖେଳିବାକୁ ପଡ଼ିଥାଏ। ତେଣୁ ଆମେରିକା ବିପକ୍ଷରେ ଆମର ମଧ୍ୟ ସୁଯୋଗ ଅଛି ବୋଲି ଆମେ ଅନୁଭବ କରୁଛୁ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଲେ ତାହା ଆମ ପାଇଁ ବହୁତ ବଡ଼ ସଫଳତା ହେବ। ତେବେ ଏବେ ଆମେ କେବଳ ପ୍ରଥମ ମ୍ୟାଚ ଉପରେ ଫୋକସ କରୁଛୁ। ଯଦି ଆମେରିକା ବିପକ୍ଷରେ ଆମେ ପ୍ରଥମେ ଗୋଲ ସ୍କୋର କରିପାରିବୁ ତେବେ ଚାପ ପକାଇ ପାରିବୁ। ଏଥିରୁ ଫାଇଦା ମିଳିବା ସମ୍ଭାବନା ରହିଛି’’ ବୋଲି ଏହି ସ୍ୱିଡିଶ୍ କୋଚ୍ ପ୍ରକାଶ କରିଛନ୍ତି। ଆମେ ୪୫-୪୬ କୋର୍ ଖେଳାଳିଙ୍କୁ ନେଇ କ୍ୟାମ୍ପ ଆରମ୍ଭ କରିଥିଲୁ। କେବଳ ଗୋଲ୍‌କିପର ଅନିତା ଏବଂ ପିଙ୍କୁ ଦେବୀଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆହତ ସମସ୍ୟାରେ ନାହାନ୍ତି। ଦୀର୍ଘଦିନ କ୍ୟାମ୍ପ୍ ଚାଲିଥିଲେ ହେଁ ଅଧିକ ଖେଳାଳି ଆହତ ନ ହେବା ବହୁତ ଭଲ କଥା ବୋଲି ସେ କହିଛନ୍ତି।

### ଖେଳାଳି ତାଲିକା

**ଭାରତୀୟ ଦଳ:** ମୋନାଲିସା ଦେବୀ ମୋଇରାଙ୍ଗଥେମ, ମେଲୋଡି ଚାନୁ କେଇଶାମ, ଅଞ୍ଜଳି ମୁଣ୍ଡା, ଅଷ୍ଟାମ ଓରାଅନ, ନକେତା, ପୂର୍ଣ୍ଣିମା କୁମାରୀ, ବର୍ଷିକା, ଶିଲ୍‌କି ଦେବୀ ହେମାମ, ବବିନା ଦେବୀ ଲିଶାମ, ନିତୁ ଲିନ୍‌ଡା, ଶୈଳଜା, ଶୁଭାଙ୍ଗୀ ସିଂ, ଅନିତା କୁମାରୀ, ଲିଣ୍ଡା କୋମ୍ ସେର୍ଟୋ, ନେହା, ରେଜିୟା ଦେବୀ ଲୈଶରାମ, ଶେଲିଆ ଦେବୀ ଲୋକତୋଙ୍ଗବାମ, କାଜଲ ହୁବର୍ଟ ଡିସୁଜା, ଲାବଣ୍ୟ ଉପାଧ୍ୟାୟ, ସୁଧା ଅଙ୍କିତା ତିର୍କୀ।

**ଆମେରିକା ଦଳ:** ଅବିଗଲି ଗୁଣ୍ଡ୍ରେ, ଭିକ୍ଟୋରିଆ ସାଫ୍ରାଡିନ, ଭାଲେଣ୍ଟିନା ଆମାରାଲ, ଇଲିଆ ଇମ୍ରି, ନିକୋଲା ଫ୍ରାଜର, ଜୋର୍ଡନ ବୁଗ୍, ସାଭାନ୍ନା କିଙ୍ଗ୍, କାମେରନ ରୋଲର, ଗିସେଲି ଥମ୍ପସନ, ମିଆ ଭୁତା, ରିଲେ ଜ୍ୟାକସନ, ଚାର୍ଲୋଟି କୋଲେର, ଲୌରେନ ମାର୍ଟିନୋ, ଇଲା ସାଞ୍ଚେଜ, ଇମେରି ଆଡାମେସ, ଓନେକା ଗାମେରୋ, ନିକୋଲେଟି କିଓରପେସ, ମେଲିନା ରେବିମ୍ବାସ, ସାମନ୍ଥା ସ୍ମିଥ, ଟେଲର ସୁଆରେଜ, ଆମାଲିଆ ଭିଲାରେଲ।

# ଆମେରିକା ଦଳରେ ଭାରତୀୟ ବଂଶୋଦ୍ଭବ ମିଆ

ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ଜାତୀୟ ମହିଳା ଦଳ ତରଫରୁ ଏକ ଫୁଟ୍‌ବଲ ବିଶ୍ୱକପ୍ ଖେଳିବାରେ ମିଆ ଭୁତା ହେଉଛନ୍ତି ପ୍ରଥମ ଭାରତୀୟ ବଂଶୋଦ୍ଭବ। ତାଙ୍କ ପିଲାଦିନର ସ୍ୱପ୍ନ ଥିଲା ବିଶ୍ୱକପ୍ ଖେଳିବା। ବିଶେଷକରି ତାଙ୍କ ପିତା ଯେଉଁ ଦେଶରେ ଜନ୍ମଗ୍ରହଣ କରି ଲାଳନପାଳନ ହୋଇଛନ୍ତି ତା’ ବିପକ୍ଷରେ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଖେଳିବା ଲାଗି ସେ ଭୁବନେଶ୍ୱର ଆସିଛନ୍ତି। ଆମେରିକା ମଙ୍ଗଳବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜକ ଭାରତକୁ ଭେଟିବ। ତାଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି। ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏ କଥା ପ୍ରକାଶ କରିଛନ୍ତି। ମିଆଙ୍କ ପିତା ଗୁଜରାଟ ରାଜ୍ୟର ରାଜକୋଟରେ ଜନ୍ମଗ୍ରହଣ କରିଛନ୍ତି। ମାତ୍ର ତାଙ୍କୁ ଯେତେବେଳେ ୧୬ ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କର ଟେନିସ ପ୍ରତି ଅଶେଷ ଦୁର୍ବଳତା ରହିଥିଲା। ଏହାଛଡ଼ା ଉନ୍ନତ ଶିକ୍ଷା ଉଦ୍ଦେଶ୍ୟରେ ୟୁଏସ୍ ପଳାଇଥିଲେ। ପୂର୍ବରୁ ମିଆ କେତେଥର ଭାରତ ଆସିଛନ୍ତି। ଭାରତରେ ତାଙ୍କ ଜେଜେବାପା ଏବେ ମଧ୍ୟ ଜୀବିତ ଅଛନ୍ତି। ଭାରତୀୟ ସଂସ୍କୃତି ଦ୍ୱାରା ସେ ପ୍ରଭାବିତ। ଦେଶର ଐତିହ୍ୟ ପାଇଁ ସେ ନିଜେ ଗର୍ବ ଅନୁଭବ କରନ୍ତି। ମିଡ୍ ଫିଲ୍ଡର ମିଆ ଆମେରିକା ଦଳର ସବୁଠାରୁ ଅଭିଜ୍ଞ ଓ ପ୍ରତିଭାସମ୍ପନ୍ନ ଖେଳାଳି। ୧୭ ବର୍ଷରୁ କମ୍ ଜାତୀୟ ଦଳ ତରଫରୁ ଇତିମଧ୍ୟରେ ସେ ୧୦ଟି ମ୍ୟାଚ ଖେଳିସାରିଛନ୍ତି। ପୂର୍ବରୁ ସେ ଅଧିନାୟିକା ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ବର୍ତ୍ତମାନ ସେ ପିଟର୍ସବର୍ଗ ସହର ଉପକଣ୍ଠସ୍ଥିତ ମାଉଣ୍ଟ ଲେବାନନ୍‌ଠାରେ ବାସ କରୁଛନ୍ତି। ତାଙ୍କଠାରୁ ପ୍ରେରଣା ପାଇ ଅଧିକରୁ ଅଧିକ ଭାରତୀୟ ବାଳିକା ଫୁଟ୍‌ବଲ ଖେଳ ପ୍ରତି ଆଗ୍ରହୀ ହୁଅନ୍ତୁ ବୋଲି ସେ ଚାହାନ୍ତି।


ମିଆ ଭୁତା

## ଭାରତ ବିପକ୍ଷରେ ଖେଳିବାକୁ ବ୍ୟଗ୍ର

ଆମେରିକା ଓ ଏଠାକାର ପରିବେଶ, ଜଳବାୟୁ ଭିନ୍ନ ଥିଲେ ମଧ୍ୟ ଆମେ ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ। ଗ୍ରୁପ୍ ଏ’ରେ ବ୍ରାଜିଲ ରହିଥିଲେ ହେଁ ଘରୋଇ ଭାରତ ମଧ୍ୟ ଆମକୁ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ଆମେ ପୂର୍ବାନୁମାନ କରୁଛୁ। ସେହି ଅନୁସାରେ ଆମେ ନିଜକୁ ପ୍ରସ୍ତୁତ କରୁଛୁ। ଭାରତ ବିପକ୍ଷରେ ମ୍ୟାଚ୍ ଖେଳିବା ପାଇଁ ଆମେ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ ବୋଲି ଆମେରିକା ଦଳର ଅଧିନାୟିକା ମିଆ ଭୁତା ପ୍ରକାଶ କରିଛନ୍ତି। ଭୁତାଙ୍କ ବାପା ଗୁଜରାଟର ରାଜକୋଟ ବାସିନ୍ଦା। ସେମାନେ ଏବେ ଆମେରିକାରେ ରହୁଛନ୍ତି। କଳିଙ୍ଗ ଷ୍ଟାଡିୟମ ଏବଂ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ଅଭ୍ୟାସ ଗ୍ରାଉଣ୍ଡର ଭିତ୍ତିଭୂମି ବିଶ୍ୱସ୍ତରର।

## ପ୍ରତି ମ୍ୟାଚରେ ଭିନ୍ନ ଚ୍ୟାଲେଞ୍ଜ: ଅଷ୍ଟ୍ରେନ

ବିଶ୍ୱକପ୍ ଖେଳିବାକୁ ଆସିଥିବା ସମସ୍ତ ଦଳ ଶକ୍ତିଶାଳୀ। କୌଣସି ଦଳକୁ ହେୟ ମନେ କରାଯାଇପାରିବ ନାହିଁ। କାରଣ ସମସ୍ତେ ଯୋଗ୍ୟତା ପର୍ଯ୍ୟାୟ ଦେଇ ଆସିଛନ୍ତି। ପ୍ରତ୍ୟେକ ଦଳର କିଛିନା କିଛି ଶକ୍ତିଶାଳୀ ଦିଗ ଅଛି। ଏହା ବ୍ୟତୀତ ପ୍ରତି ମ୍ୟାଚ୍‌ରେ ଭିନ୍ନ ଚ୍ୟାଲେଞ୍ଜ ମିଳିବ। ତେଣୁ ମ୍ୟାଚ୍ ପରେ ମ୍ୟାଚ ଖେଳି ଆମେ ଆଗକୁ ବଢ଼ିବୁ। କୌଣସି ଗୋଟିଏ ଦଳକୁ ଟାର୍ଗେଟ କରି ଖେଳିବୁ ନାହିଁ ବୋଲି ଆମେରିକା କୋଚ୍ ନାତାଲିଆ ଅଷ୍ଟ୍ରେନ ପ୍ରକାଶ କରିଛନ୍ତି।

# ଆମେ ମାନସିକ ଓ ଶାରୀରିକ ସ୍ତରରେ ଦୃଢ଼ ହୋଇଛୁ: ଅଷ୍ଟାମ


ଖବରଦାତା ସମ୍ମିଳନୀରେ ସୋମବାର ଭାରତୀୟ ଦଳ କୋଚ୍ ଥୋମାସ ଡେନର୍ବି ଓ ଅଧିନାୟିକା ଅଷ୍ଟାମ ଓରାଅନ।

‘‘ଆମେ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ହୋଇଛୁ। ବଡ଼ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି କଠିନ ପରିଶ୍ରମ କରିଛୁ। ପ୍ରତିଯୋଗିତାରେ ଭଲ ଆରମ୍ଭ ଆମର ମୁଖ୍ୟ ଲକ୍ଷ୍ୟ। ତେଣୁ ଆମେରିକା ବିପକ୍ଷ ପ୍ରଥମ ଗେମ୍ ଉପରେ ଫୋକସ କରୁଛୁ। ଯେ କୌଣସି ଦଳକୁ ଚ୍ୟାଲେଞ୍ଜ ଦେବାକୁ ଆମେ ପ୍ରସ୍ତୁତ’’ ବୋଲି ସୋମବାର ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପର ଆମେରିକା ବିପକ୍ଷ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଭାରତୀୟ ଦଳର ଅଧିନାୟିକା ଅଷ୍ଟାମ ଓରାଅନ। ମଙ୍ଗଳବାର ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଆମେରିକାକୁ ଭେଟିବ। ପରେ ୧୪ରେ ମରକ୍କୋ ଏବଂ ୧୭ରେ ବ୍ରାଜିଲ ସହିତ ମୁକାବିଲା କରିବ। ଝାଡ଼ଖଣ୍ଡର ଓରାଅନ ଆହୁରି କହିଛନ୍ତି, ଝାଡ଼ଖଣ୍ଡ ସରକାରଙ୍କ ସମର୍ଥନ ଓ ସହଯୋଗ ଯୋଗୁ ସେଠାରେ ମହିଳା ଫୁଟ୍‌ବଲର ବହୁତ ଉନ୍ନତି ହୋଇଛି। ଏଠାରେ ଓଡ଼ିଶା ସରକାର ମଧ୍ୟ କ୍ରୀଡ଼ା ଭିତ୍ତିଭୂମିକୁ ଦୃଢ଼ କରିଛନ୍ତି। ଏଠାରେ ଆମର ଅଭ୍ୟାସ ବହୁତ ଭଲ ରହିଛି। ବହୁସଂଖ୍ୟାରେ ଦର୍ଶକ ଷ୍ଟାଡିୟମକୁ ଆସି ଆମକୁ ଉତ୍ସାହିତ କରନ୍ତୁ। ଏହାଦ୍ୱାରା ଆମର ପ୍ରଦର୍ଶନ ନିଶ୍ଚିତ ଭଲ ହୋଇପାରିବ। ଭାରତୀୟ ଦଳରେ ସାମିଲ ହୋଇଥିବାରୁ ପରିବାର ସଦସ୍ୟ ବହୁତ ଖୁସି ଅଛନ୍ତି। କେବଳ ସେତିକି ନୁହେଁ, ଦଳର ଅଧିନାୟିକା ଭାବେ ମନୋନୀତ ହୋଇଥିବାରୁ ଆମ ଗାଁ ଲୋକମାନେ ଅତ୍ୟନ୍ତ ଆନନ୍ଦିତ। ସେମାନେ ମ୍ୟାଚ ଦେଖିବା ପାଇଁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ଏଠାରେ ଆମେ ମଧ୍ୟ ଆମେରିକା ବିପକ୍ଷ ମ୍ୟାଚ୍‌କୁ ଆଗ୍ରହର ସହ ଅପେକ୍ଷା କରିଛୁ। ପ୍ରଥମ ମ୍ୟାଚ୍‌ରେ ଭଲ କରିପାରିଲେ ଆମକୁ ଆଗକୁ ବଢ଼ିବା ସହଜ ହେବ।


କ୍ରୀଡ଼ାବୃତ୍ତି ପାଇ ଖେଳ ଦେଖିବାକୁ ଯୋଗ୍ୟ ବିବେଚିତ ହୋଇଥିବା ବାଳିକାମାନେ।

# ୫୦ ବାଳିକାଙ୍କୁ କିକ୍ ଅଫ୍ ସଲ୍ୟୁଶନର କ୍ରୀଡ଼ାବୃତ୍ତି

ଭୁବନେଶ୍ୱର୧୦।୧୦
(ସ୍ପୋର୍ଟ୍ସ ବ୍ୟୁରୋ)

ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଭାରତ ଏବଂ ଆଫ୍ରିକାର ୫୦ ଜଣ ବାଳିକାଙ୍କୁ କ୍ରୀଡ଼ାବୃତ୍ତି ମାଧ୍ୟମରେ ଫିଫା ବିଶ୍ୱକପ୍ ଦେଖିବାର ସୁଯୋଗ ଦେଉଛି ସ୍ୱେଚ୍ଛାସେବୀ ସଙ୍ଗଠନ କିକ୍‌ଅଫ ସଲ୍ୟୁଶନ। କ୍ରୀଡ଼ା ଦ୍ୱାରା ବିକାଶ ଏହି ସଙ୍ଗଠନର ମୁଖ୍ୟ ଲକ୍ଷ୍ୟ ହୋଇଥିବା ବେଳେ ପଛୁଆ ବର୍ଗର ବାଳିକାମାନଙ୍କୁ କ୍ରୀଡ଼ାବୃତ୍ତି ଜରିଆରେ ମୁଖ୍ୟସ୍ରୋତରେ ସାମିଲ କରୁଛି। ୟୁନିଫାଏ-୨୦୨୨ କାର୍ଯ୍ୟକ୍ରମ ମାଧ୍ୟମରେ ସୋମବାର ୫୦ ଜଣ ବାଳିକା ଗୋଟିଏ ପ୍ଲାଟ୍‌ଫର୍ମରେ ୧୭ ବର୍ଷରୁ କମ୍ ବିଶ୍ୱକପ୍‌ର ଖେଳାଳିମାନଙ୍କୁ ଭେଟିବାର ସୁଯୋଗ ମଧ୍ୟ ପାଇଥିଲେ। ଅନୁସୂଚିତ ଜନଜାତି ସମ୍ପ୍ରଦାୟ ତଥା ଅନ୍ୟ ପଛୁଆ ବର୍ଗରେ ରହିଥିବା ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ପାଇଁ ଆମର ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ମତ ଦେଇଛନ୍ତି ପ୍ରତିଷ୍ଠାତା ତଥା ସିଇଓ ସୁବ୍ରତ ବିଶ୍ୱାସ। ଏହି ବାଳିକାମାନେ ନିଜ ପାଇଁ ଆଦର୍ଶ। ନିଜର ଆତ୍ମବିଶ୍ୱାସ ଓ ଦୃଢ଼ ସଂକଳ୍ପ କାରଣରୁ ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିପାରିଛନ୍ତି ବୋଲି କହିଛନ୍ତି କିକ୍ ଅଫ୍ ସଲ୍ୟୁଶନର ଗ୍ଲୋବାଲ ପ୍ରୋଗ୍ରାମ ନିର୍ଦ୍ଦେଶକ ଆନନ୍ଦ ଦେବଶର୍ମା। କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଏହି ୫୦ ବାଳିକାଙ୍କୁ ଭାରତ ଏବଂ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଦେଖିବାର ସୁଯୋଗ ମଧ୍ୟ ମିଳିବ।

### ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

(ମଙ୍ଗଳବାର ମ୍ୟାଚ)

ମରକ୍କୋ ବନାମ ବ୍ରାଜିଲ
ସ୍ଥାନ: ଭୁବନେଶ୍ୱର,
ସମୟ: ଅପରାହ୍ନ ୪ଟା ୩୦

ଭାରତ ବନାମ ଆମେରିକା
ସ୍ଥାନ: ଭୁବନେଶ୍ୱର,
ସମୟ: ରାତି ୮ଟା

ଚିଲି ବନାମ ନ୍ୟୁଜିଲାଣ୍ଡ
ସ୍ଥାନ: ମାର୍ଗାଓ,
ସମୟ: ଅପରାହ୍ନ ୪ଟା ୩୦

ଜର୍ମାନୀ ବନାମ ନାଇଜେରିଆ
ସ୍ଥାନ: ମାର୍ଗାଓ,
ସମୟ: ରାତି ୮ଟା

# କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀଙ୍କ ନିଆରା ଅନୁଭୂତି


କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀଙ୍କ ସହ ଆମେରିକା ଖେଳାଳି।

ଭୁବନେଶ୍ୱର, ୧୦।୧୦ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପୂର୍ବରୁ ନିଆରା ଅନୁଭୂତି ଲାଭ କରିଛନ୍ତି କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ। ସୋମବାର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଅବସରରେ ଆମେରିକା ଖେଳାଳିଙ୍କ ସହ ମିଶିବାର ସୁଯୋଗ ପାଇଥିଲେ କ୍ରୀଡ଼ା ଛାତ୍ରାବାସର ଖେଳାଳିମାନେ। ଏହି ଅବସରରେ ଆମେରିକା ଦଳ ପକ୍ଷରୁ ଛାତ୍ରାବାସ ଖେଳାଳିଙ୍କୁ ଫୁଟବଲ୍ କିଟ୍ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଫୁଟବଲ ସମ୍ପର୍କିତ କେତେକ ଟିପ୍ସ ଦେଇ ଆମେରିକା ଖେଳାଳିମାନେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏପରି ଏକ ଅନୁଭୂତିରେ ବେଶ୍ ଉଲ୍ଲସିତ ହୋଇଥିଲେ କ୍ରୀଡ଼ା ଛାତ୍ରାବାସର ଖେଳାଳିମାନେ। ଏହା ଆମ ପାଇଁ ସ୍ୱପ୍ନ ସତ ହେବା ପରି। ବହୁତ ଉତ୍ସାହିତ ହୋଇଛୁ। ଏହା ଆମର ସବୁଦିନ ମନେରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।


ବ୍ରାଜିଲ କୋଚ୍ ସିମୋନେ ଗୋମେଜ ଜାଟୋବା ଓ ଅଧିନାୟିକା ଆନା ଜୁଲିଆ।

**ଦୁର୍ଗାମୂର୍ତ୍ତି ଫଟୋ ଉଠାଇଥିବା ୫ ଆଦିବାସୀଙ୍କୁ ମାଡ଼**

ଝାଡ଼ଖଣ୍ଡର ଗଡ଼ୱା ଜିଲାରେ ଦୁର୍ଗାମୂର୍ତ୍ତିଙ୍କ ଫଟୋ ଉଠାଉଥିବା ଆଦିବାସୀ ସମ୍ପ୍ରଦାୟର ୫ ଜଣ ଯୁବକଙ୍କୁ ଗାଁ ମୁଖିଆ ଓ ତାଙ୍କ ଲୋକମାନେ ମାଡ଼ ମାରିବା ସହ ଜଣକୁ ଲଙ୍ଗଳା କରିଛନ୍ତି। ପୋଲିସ ବେଟା ପଞ୍ଚାୟତ ମୁଖିଆଙ୍କ ସମେତ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ୬ ତାରିଖରେ ଭସାଣି ବେଳେ ବିନୋଦ କରୱା ଦୁର୍ଗାମୂର୍ତ୍ତିଙ୍କ ଫଟୋ ଉଠାଇଥିଲେ। କରୱା ଜାତିର ହୋଇଥିବାରୁ ବିନୋଦଙ୍କୁ ମାଡ଼ ମାରି ପୂଜା ମଣ୍ଡପରୁ ତଡ଼ିଦିଆଯାଇଥିଲା।

## ହାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

କର୍ନାଲ,୧୦।୧୦: ହରିୟାଣାର କର୍ନାଲ ଜିଲାରେ ଜଣେ ଅଭିଯୁକ୍ତଙ୍କର ପୋଲିସ ହାଜତରେ ରହସ୍ୟଜନକ ଭାବେ ମୃତ୍ୟୁ ଘଟିଛି। ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ କରନବିହାର ଅଞ୍ଚଳର ବିକାଶ (୩୨)ଙ୍କୁ ପୋଲିସ ଗିରଫ କରିଥିଲା। ୨ ମାସ ପୂର୍ବରୁ କରନ କୋର୍ଟରେ ବିବାହ କରିଥିଲେ। ତେବେ ତାଙ୍କ ବିବାହକୁ ଝିଅଘର ଲୋକେ ବିରୋଧ କରୁଥିଲେ। ସେମାନେ ବିକାଶଙ୍କୁ ମାଡ଼ମାରି ଗୁରୁତର ଅବସ୍ଥାରେ ପୋଲିସରେ ଦେଇଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି।

## ବାଣ ଉପରୁ ବ୍ୟାନ୍ ହଟାଇବାକୁ ଅମଙ୍ଗ ସର୍ବୋଚ୍ଚ ଅଦାଲତ

ନୂଆଦିଲ୍ଲୀ, ୧୦।୧୦: ଦିଲ୍ଲୀରେ ବାଣ ଉପରେ ଲାଗୁ ବ୍ୟାନ୍ ହଟାଇବା ଲାଗି ସୋମବାର ସୁପ୍ରିମକୋର୍ଟ ମନା କରିଛନ୍ତି। ଏନ୍‌ସିଆର୍‌ରେ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ରୋକିବା ଲାଗି ବାଣ ଉପରେ କଟକଣା ଲଗାଯାଇଛି। ପାର୍ବଣ ସମୟରେ ଦିଲ୍ଲୀରେ ବାଣ କିଣାବିକାର ଅନୁମତି ପ୍ରଦାନ ଦାବିରେ ଭାଜପା ଏମ୍ପି ମନୋଜ ତିୱାରୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ୍ ଏମ୍.ଆର୍. ଶାହାଙ୍କ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣିରେ କହିଛନ୍ତି, ବାଣ ଫୁଟାଇବା ଅନୁମତି ଦେଲେ ଦୀପାବଳି ପରେ ଏନ୍‌ସିଆର୍‌ର ଏୟାର୍ କ୍ୱାଲିଟି ଅଧିକ ବିଗିଡ଼ିବାର ଆଶଙ୍କା ରହିଛି। ଏହାଛଡ଼ା ପ୍ରଦେଶରେ ଗ୍ରୀନ୍ ବାଣ ଫୁଟାଇବାର ଅନୁମତି ଦିଆଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ବାଲିଗଦା ଭୁଶୁଡ଼ି ପରିବାରର ୬ ମୃତ

ଜୟପୁର,୧୦।୧୦: ରାଜସ୍ଥାନର କରୌଲି ଜିଲା ଅନ୍ତର୍ଗତ ସିମିର ପଞ୍ଚାୟତରେ ସୋମବାର ଏକ ବାଲିଗଦା ଭୁଶୁଡ଼ି ପଡ଼ିବାରୁ ଏହା ତଳେ ପୋତିହୋଇ ଗୋଟିଏ ପରିବାର ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଗାଁ ଲୋକେ ବାଲି ହଟାଇ ସେମାନଙ୍କୁ ବାହାର କରିଥିଲେ। ସେତେବେଳକୁ ରାମନିରି ମାଲି(୪୦), ଝିଅ ଖୁସ୍‌ବୁ(୫), ଅଞ୍ଜୁ(୭), କୋମଲ(୮), ସମ୍ପର୍କୀୟ ଅନିତା ମାଲି(୨୫) ଏବଂ କେଶାଡି ଦେବୀ(୪୨)ଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ସପୋଟ୍ରାସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ୫ ବର୍ଷର ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

### ଏମ୍ପି, ବିଧାୟକଙ୍କ ଆପରାଧିକ ମାମଲା



■ ୪ ସପ୍ତାହରେ ସତ୍ୟପାଠ ଦାଖଲ ପାଇଁ ସବୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୦।୧୦

ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ନିର୍ବାଚନରେ ଆଜୀବନ ପ୍ରତିଦ୍ୱନ୍ଦ୍ୱିତା ସୁଯୋଗ ନ ଦେବା ପାଇଁ ଦାଖଲ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍)ର ଶୁଣାଣି ସୋମବାର ସୁପ୍ରିମକୋର୍ଟରେ ହୋଇଛି। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଦେଶର ସମସ୍ତ ହାଇକୋର୍ଟଗୁଡ଼ିକୁ ବିଧାୟକ ଏବଂ ପାର୍ଲାମେଣ୍ଟ ସଦସ୍ୟମାନଙ୍କ ବିରୋଧରେ ବିଚାରାଧୀନ ମାମଲାର ତଥ୍ୟ ମାଗିଛନ୍ତି। ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଏ ସମ୍ପର୍କିତ ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ରହିଛି। କେଉଁ ବିଧାୟକ ବା ଏମ୍ପିଙ୍କ ବିରୋଧରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କେତେ ଆପରାଧିକ ମାମଲା ଗଡ଼ୁଛି ଏବଂ ସେଗୁଡ଼ିକର ଦ୍ରୁତ ବିଚାର ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି ତାହା ମଧ୍ୟ ସତ୍ୟପାଠରେ ଉଲ୍ଲେଖ ରହିବ। ବରିଷ୍ଠ ଆଇନଜୀବୀ ତଥା ଆମିକସ୍‌କ୍ୟୁରୀ ବିଜୟ ହଁସାରିଆଙ୍କ ଅନୁରୋଧ କ୍ରମେ ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ସାଂସଦ, ବିଧାୟକଙ୍କ ମାମଲା ଶୁଣାଣି କରୁଥିବା ବିଚାରପତିମାନେ କେବଳ ସେହି ମାମଲାର ହିଁ ଶୁଣାଣି କରନ୍ତୁ ବୋଲି ହଁସାରିଆ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ୨୦୨୧ ଅଗଷ୍ଟ ୧୦ରେ ଏକ ରାୟ ଦେଇଥିଲେ, ଯେଉଁରେ ଅଦାଲତଙ୍କ ବିନା ଅନୁମତିରେ ବିଚାରପତିମାନଙ୍କୁ ବଦଳି କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଥିଲା। ଉକ୍ତ ରାୟରେ ଏବେ ସଂଶୋଧନ କରାଯାଇଛି। ନ୍ୟାୟିକ ଅଧିକାରୀମାନଙ୍କ ବଦଳି ସମ୍ପର୍କିତ ନିଷ୍ପତ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି ନେଇପାରିବେ। ପ୍ରକାଶ ଯେ, ଏମ୍ପି, ବିଧାୟକମାନଙ୍କ ଆପରାଧିକ ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯାଉ ବୋଲି ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାଖଲ କରିଥିବା ପିଟିଶନ ଅନୁଯାୟୀ ସୁପ୍ରିମକୋର୍ଟ ପଦକ୍ଷେପ ନେଇଛନ୍ତି। ଏପରିକି ସେଗୁଡ଼ିକର ଦ୍ରୁତ ଶୁଣାଣି ଉପରେ ମଧ୍ୟ କୋର୍ଟଙ୍କ କଡ଼ା ନଜର ରହିଛି। ହଁସାରିଆଙ୍କ ମତରେ ପାର୍ଲାମେଣ୍ଟର ୭୬୮ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୪ ଶହ ଜଣଙ୍କ ବିରୋଧରେ ସଙ୍ଗିନ ମାମଲା ରହିଛି।

# କୋଲକାତାରେ ସାମ୍ପ୍ରଦାୟିକ ହିଂସା: ୩୦ ଅଟକ

### ୧୪୪ ଧାରା ଜାରି

କୋଲକାତା,୧୦।୧୦

ଦକ୍ଷିଣ କୋଲକାତାର ମୋମିନପୁର ଅଞ୍ଚଳରେ ରବିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ସୋମବାର ସକାଳ ପର୍ଯ୍ୟନ୍ତ ଲାଗିରହିଥିଲା। ଏଥିରେ ବହୁ ଆହତ ହୋଇଛନ୍ତି। କେତେକ ଘର ଓ ଗାଡ଼ି ଭଙ୍ଗାରୁଜା ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୩୦ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଉତ୍ତ୍ୟକ୍ତ ଲୋକଙ୍କ ଟେକାମାଡ଼ରେ କେତେଜଣ ପୋଲିସ ମଧ୍ୟ ଆହତ ହୋଇଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ କୋଲକାତାର ଏକବାଲପୁର ଅଞ୍ଚଳରେ ୧୨ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ୫ରୁ ଅଧିକ ଲୋକ ଏକାଠି ହେବାକୁ ବାରଣ କରାଯାଇଛି। ବ୍ୟାପକ ପୋଲିସ ମୁତୟନ କରାଯାଇଛି।

ସାମ୍ପ୍ରଦାୟିକ ହିଂସାକୁ ନେଇ ରାଜନୀତି ଜୋର୍ ଧରିଛି। ପଶ୍ଚିମବଙ୍ଗ ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର ଘଟଣାସ୍ଥଳକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକାଇଥିଲା। ତାଙ୍କ ସମେତ ୪ ଜଣ ନେତାଙ୍କୁ ଅଟକ ରଖାଯାଇଛି। କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ଲାଗି ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖିଛନ୍ତି। ହିଂସାକାଣ୍ଡ ପଛରେ ଅଲ୍‌କାଏଦା ଏବଂ ଆଇଏସ୍ ସମ୍ପୃକ୍ତ ଥିବା ଶୁଭେନ୍ଦୁ ଅଭିଯୋଗ କରିଛନ୍ତି। ହିଂସା ଯୋଗୁ କୋଲକାତାରୁ ୫,୦୦୦ ହିନ୍ଦୁ ପଳାଇଗଲେଣି ବୋଲି ସେ କହିଛନ୍ତି।



କୋଲକାତା ସାମ୍ପ୍ରଦାୟିକ ହିଂସା ପ୍ରତିବାଦରେ ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ ଭାଜପା ବିଧାୟକ ଅଗ୍ନିମିତ୍ର ପାଉଲ୍ ଓ ଅନ୍ୟମାନେ ସୋମବାର ରାଜ୍ୟପାଳଙ୍କୁ ଭେଟିବା ଲାଗି ଶୋଭାଯାତ୍ରାରେ ଯାଉଛନ୍ତି।

## 'ଜରୁରୀ ନ ଥିଲେ ୟୁକ୍ରେନ୍ ଯାଆନାହିଁ'

### ଆଡ୍‌ଭାଇଜରି ଜାରି କଲା ଭାରତ

ନୂଆଦିଲ୍ଲୀ, ୧୦।୧୦

ଜରୁରୀ ଆବଶ୍ୟକତା ନ ଥିଲେ କୌଣସି ବ୍ୟକ୍ତି ୟୁକ୍ରେନ୍ ଯାଆନ୍ତୁ ନାହିଁ ବୋଲି ସୋମବାର ଭାରତ ପକ୍ଷରୁ ଆଡ୍‌ଭାଇଜରି ଜାରି କରାଯାଇଛି। ଅନ୍ୟପଟେ ୟୁକ୍ରେନ୍‌ରେ ଥିବା ଭାରତୀୟମାନେ ସ୍ଥାନୀୟ ପ୍ରଶାସନର ସେଫ୍‌ଟି ସିକ୍ୟୁରିଟି ଗାଇଡ୍ ଲାଇନ୍ ମାନି ଚଳିବା ପାଇଁ ଏଥିରେ ଉଲ୍ଲେଖ ରହିଛି। ସୋମବାର ୟୁକ୍ରେନ୍ ରାଜଧାନୀ କିଭ୍ ସମେତ ଅନ୍ୟ ସହର ଉପରେ ରୁଷିଆ ଏକାଧିକ ମିଶାଇଲ୍ ମାଡ଼ କରିଛି। ଏପରି ସ୍ଥିତିରେ ଭାରତୀୟଙ୍କ ସୁରକ୍ଷା ଦୃଷ୍ଟିରୁ କିଭ୍‌ରେ ଥିବା ଭାରତୀୟ ଦୂତାବାସରୁ ଏହି ଆଡ୍‌ଭାଇଜରି ଜାରି କରାଯାଇଛି। ୟୁକ୍ରେନ୍‌ରେ ଥିବା ଭାରତୀୟ ନିଜ ସମ୍ପର୍କରେ ସମସ୍ତ ତଥ୍ୟ ଦୂତାବାସକୁ ଜଣାଇବା ଜରୁରୀ। ଏହାଦ୍ୱାରା ଆବଶ୍ୟକ ସ୍ଥଳେ ଦୂତାବାସ କର୍ତ୍ତୃପକ୍ଷ ସେମାନଙ୍କୁ ସହଯୋଗ କରିପାରିବେ।

## ଭିଏଚ୍‌ପି କାର୍ଯ୍ୟକ୍ରମରେ ଘୃଣା ମନ୍ତବ୍ୟ: ମାମଲା ରୁଜୁ

ନୂଆଦିଲ୍ଲୀ,୧୦।୧୦

ନୂଆଦିଲ୍ଲୀରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି)ର ଏକ କାର୍ଯ୍ୟକ୍ରମରେ ଘୃଣା ମନ୍ତବ୍ୟକୁ ନେଇ ପୋଲିସ ଆୟୋଜକଙ୍କ ବିରୋଧରେ ଏତଲା ଦାଏର କରିଛି। ପୋଲିସର ବିନା ଅନୁମତିରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଆଇପିସିର ଧାରା ୧୮୮ରେ ମାମଲା ରୁଜୁ ହୋଇଥିବା ଡିସିପି ଆର୍. ସାଥିଆସୁନ୍ଦରମ୍ କହିଛନ୍ତି। ଭିଏଚ୍‌ପି ସମେତ କେତେକ ହିନ୍ଦୁ ଅଧିକାର ସଂଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭାଜପା ଏମ୍ପି ପର୍ଭେଶ ସାହିବ ସିଂ ବର୍ମା ମୁସଲମାନଙ୍କୁ ଲକ୍ଷ୍ୟ କରି ସମ୍ପୂର୍ଣ୍ଣ ବୟକଟ୍ ଆହ୍ୱାନ ଦେଇ ବିବାଦକୁ ବଢ଼ାଇ ଦେଇଛନ୍ତି। ତାଙ୍କର ମୁସଲମାନ ବିରୋଧୀ ଘୃଣିତ ବକ୍ତୃତାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ମାଲେସିଆ ପାର୍ଲାମେଣ୍ଟ ଭଙ୍ଗ

କ୍ୱାଲାଲମ୍ପୁର, ୧୦।୧୦ (ଆଇଏଏନ୍‌ଏସ୍)

ମାଲେସିଆ ପ୍ରଧାନମନ୍ତ୍ରୀ ଇସ୍‌ମାଇଲ ସାବ୍ରି ୟାକୋବ ସୋମବାର ପାର୍ଲାମେଣ୍ଟ ଭଙ୍ଗ ଘୋଷଣା କରିଛନ୍ତି। ଫଳରେ ସେଠାରେ ଆଗୁଆ ନିର୍ବାଚନ ଲାଗି ପଥ ପରିଷ୍କାର ହୋଇଯାଇଛି। ପାର୍ଲାମେଣ୍ଟ ଭଙ୍ଗହେବାର ୬୦ ଦିନ ମଧ୍ୟରେ ନିର୍ବାଚନ କରାଇବାକୁ ହେବ। ଦେଶର ସମ୍ବିଧାନ ଅନୁଯାୟୀ ପାର୍ଲାମେଣ୍ଟ ଭଙ୍ଗ ଲାଗି ସେ ରାଜା ସୁଲତାନ ଅବଦୁଲ୍ଲା ସୁଲତାନ ଅହମଦ ଶାହାଙ୍କଠାରୁ ମଞ୍ଜୁରୀ ପାଇଥିଲେ ବୋଲି ଇସ୍‌ମାଇଲ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ୨୦୧୮ ସାଧାରଣ ନିର୍ବାଚନକୁ ନେଇ ରାଜନୈତିକ ଅନିଶ୍ଚିତତା ଲାଗିରହିବା ସହ ଅନେକ ପ୍ରଧାନମନ୍ତ୍ରୀ ବଦଳିଥିଲେ। ଏଥିସହିତ କୋଭିଡ୍ ମହାମାରୀ ଯୋଗୁ ଦେଶର ସାମାଜିକ-ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ପ୍ରତି କ୍ଷତି ପହଞ୍ଚିଥିଲା।



ପ୍ରଧାନମନ୍ତ୍ରୀ ଇସ୍‌ମାଇଲ ସାବ୍ରି ୟାକୋବ

**ରାଜ୍ୟ ଖବର**

## ଚାକିରି ବାହାନାରେ ବ୍ରହ୍ମପୁର ନେଇ ମହିଳାଙ୍କୁ ବଳାତ୍କାର

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଏକ ବଡ଼ କମ୍ପାନୀରେ ଚାକିରି ଦେବାକୁ କହି ଜଣେ ମହିଳାଙ୍କୁ ରାଜଧାନୀ ଭୁବନେଶ୍ୱରରୁ ନେଇ ବ୍ରହ୍ମପୁରରେ ବଳାତ୍କାର କରାଯାଇଛି। ଏନେଇ ପୀଡ଼ିତା ଜଣକ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ସେ ଭୁବନେଶ୍ୱରର ଏକ କମ୍ପାନୀରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ କମ୍ପାନୀରେ କାର୍ଯ୍ୟ କରୁଥିବା ଦୀପୁ ଦଳାଇ ନାମକ ଜଣେ ଯୁବକ ତାଙ୍କୁ ଧରମ ଭଉଣୀ କରିଥିଲେ। ଏହାପରେ ବଡ଼ କମ୍ପାନୀରେ ଚାକିରି ଦେବାକୁ କହି ଟ୍ରେନ୍‌ରେ ବ୍ରହ୍ମପୁର ନେଇଯାଇଥିଲେ। ମହିଳାଙ୍କ ସହ ତାଙ୍କ ଦୁଇ ପିଲା ମଧ୍ୟ ଯାଇଥିଲେ। ପିଲାଙ୍କୁ ଏକ ଘରେ ରଖି ଦୀପୁ ଉକ୍ତ ମହିଳାଙ୍କୁ ଅନ୍ୟ ଏକ ସ୍ଥାନକୁ ନେଇ ସେଠାରେ ୨ଦିନ ଧରି ବଳାତ୍କାର ସହ ବିଭିନ୍ନ ନିର୍ଯାତନା ଦେଇଥିଲେ। ଏପରିକି ବାହା ହେବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ମହିଳା ଜଣକ ବିରୋଧ କରିବାରୁ ପିଲା ଦୁହିଁଙ୍କୁ ମାରିଦେବାକୁ ଦୀପୁ ଧମକ ଦେଇଥିଲେ। ସେଠାରୁ କୌଶଳକ୍ରମେ ମହିଳା ଜଣକ ଖସି ଆସିବା ସହ ଦୁଇ ପିଲାଙ୍କୁ ଉଦ୍ଧାର କରି ଟ୍ରେନରେ ଭୁବନେଶ୍ୱର ପଳାଇ ଆସିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ସ୍ୱାମୀଙ୍କ ସହ ଶହୀଦନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

## ବାଲ୍ୟ ବିବାହ: ୪ର୍ଥ ସ୍ଥାନରେ ରାୟଗଡ଼ା

■ ୩ ବର୍ଷରେ ରୋକାଯାଇଛି ୨୪୬ ବାଲ୍ୟବିବାହ

■ ଠିକ୍‌ରେ କାର୍ଯ୍ୟକାରୀ ହେଉନି ପ୍ରଚେଷ୍ଟା ଅଭିଯାନ

ରାୟଗଡ଼ା ଅଫିସ,୧୦।୧୦

ଅକ୍ଟୋବର ୧୧ରେ ପାଳନ ହେଉଛି ଅନ୍ତର୍ଜାତୀୟ ବାଳିକା ଦିବସ। ଲିଙ୍ଗଗତ ସମାନତା ଆଣିବା ଏବଂ ବାଳିକାମାନଙ୍କ ଅଧିକାରକୁ ସ୍ୱୀକୃତି ଦେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ହେଲେ ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ବାଳିକାଙ୍କ ଆଖିଦୃଶିଆ ବିକାଶ ହୋଇପାରିନି। ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ରୋକିବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନି। ପ୍ରଚେଷ୍ଟା ଅଭିଯାନରେ ଜିଲା ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ରୋକିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରିବା ସହ ସେମାନଙ୍କ ବିକାଶ ଦିଗରେ କାମ କରିବା ପାଇଁ ନିୟମିତ ଯୋଜନା ପ୍ରସ୍ତୁତ ହେଉଛି। ତଥାପି ଜିଲା ବାଲ୍ୟବିବାହ ମୁକ୍ତ ହୋଇପାରିନାହିଁ।

ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ ୱେବ୍‌ସାଇଟର ରିପୋର୍ଟ ଅନୁଯାୟୀ, ବାଲ୍ୟବିବାହ କ୍ଷେତ୍ରରେ ଓଡ଼ିଶାରେ ରାୟଗଡ଼ା ଜିଲା ୪ର୍ଥ ସ୍ଥାନରେ ରହିଛି। ସେହିପରି ଜିଲାରେ ୩୩.୨ ପ୍ରତିଶତ ବାଲ୍ୟ ବିବାହ ହେଉଥିବାବେଳେ ସେଥିମଧ୍ୟରୁ ୯.୨ ପ୍ରତିଶତ ୧୫ ରୁ ୧୯ ବର୍ଷ ମଧ୍ୟରେ ମା' ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ୧୩୪୫ ଗ୍ରାମକୁ ଜିଲା ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି। ରାୟଗଡ଼ା ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସ୍‌ଡବ୍ଲୁଓ)ଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୦ରେ ଜିଲାରେ ୯୭ଟି, ୨୦୨୧ରେ ୮୯ଟି, ୨୦୨୨ରେ ଏ ପର୍ଯ୍ୟନ୍ତ ୬୦ଟି ବାଲ୍ୟ ବିବାହ ପ୍ରଶାସନ ରୋକିବାରେ ସଫଳ ହୋଇଛି। ରାୟଗଡ଼ା ସହର, ଗୁଣପୁର, କୋଲନରା, ପଦ୍ମପୁର, ରାମନାଗୁଡ଼ା ବ୍ୟତୀତ ଅନ୍ୟ ସମସ୍ତ ବ୍ଲକରେ ବାଲ୍ୟ ବିବାହ ହେଉଥିବା ତଥ୍ୟରୁ ଜଣାପଡ଼ିଛି। ତେବେ ୨୦୨୦ ପୂର୍ବରୁ କେତେ ବାଲ୍ୟ ବିବାହ ହୋଇଛି ଏବଂ କେତୋଟି ରୋକାଯାଇଛି ତାହାର ତଥ୍ୟ ପ୍ରଶାସନ ନିକଟରେ ନାହିଁ। ଗ୍ରାମାଞ୍ଚଳରେ ଅନେକ ବାଲ୍ୟବିବାହ ଘଟଣା ପ୍ରଶାସନ ଦୃଷ୍ଟିକୁ ଆସିପାରୁ ନ ଥିବା ମତପ୍ରକାଶ ପାଇଛି। ଅଞ୍ଚଳରେ ଅଧିକ ସଂଖ୍ୟାରେ କିଶୋରୀ, କିଶୋର ୧୮ ବର୍ଷ ବୟସ ପୂର୍ବରୁ ପ୍ରେମ ବିବାହ କରି ଅନ୍ୟତ୍ର ଚାଲିଯାଉଛନ୍ତି। ଏହାକୁ ରୋକିବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଡିଏସ୍‌ଡବ୍ଲୁଓ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପ୍ରଶାସନ ପକ୍ଷରୁ ସଚେତନତା ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଏହା ଠିକ୍‌ରେ କାର୍ଯ୍ୟକାରୀ ହେଉନାହିଁ। ଫଳରେ କିଶୋରୀ, କିଶୋରମାନଙ୍କୁ କମ ବୟସରେ ବିବାହ କରିବାରୁ ରୋକିବାରେ ସଫଳତା ମିଳିପାରୁନି। ତୃଣମୂଳ ସ୍ତରରେ ଦାୟିତ୍ୱରେ ଥିବା କର୍ମଚାରୀ କିଶୋରୀ, କିଶୋର ଏବଂ ଅଭିଭାବକଙ୍କୁ ଅଧିକ ସଚେତନ କରିବା ସହ ନିୟମିତ ଏହାର ସମୀକ୍ଷା କରଗଲେ ଜିଲାରେ ଶିକ୍ଷାହାର ବଢ଼ିବା ସହ ବାଲ୍ୟ ବିବାହକୁ ରୋକିବା ସମ୍ଭବ ହୋଇପାରିବ ବୋଲି ବୁଦ୍ଧିଜିବୀ ମତପ୍ରକାଶ କରିଛନ୍ତି।


CLASSIFIED DISPLAY

MORE SPACE • SAME PRICE

TARIFF GST 5%

NATIONAL FINANCE

DIWALI DHAMAKA LOAN

ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।

48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।

2% interest 40% discount under all Government schemes

9126461403


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ଜଳ ସତ୍ୟାଗ୍ରହ



ରୋପୱେ ନିର୍ମାଣ ଦାବିରେ ପାପନାଶିନୀ ଝରଣାରେ ଜଳ ସତ୍ୟାଗ୍ରହ କରାଯାଉଛି।

### ହରିଶଙ୍କରରୁ ନୃସିଂହନାଥ ରୋପୱେ ନିର୍ମାଣ ଦାବି

ଖପ୍ରାଖୋଲ, ୧୦।୧୦(ଡି.ଏନ.ଏ.)

ଗନ୍ଧମାର୍ଦ୍ଦନ ପର୍ବତର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରୁ ନୃସିଂହନାଥକୁ ରୋପୱେ ନିର୍ମାଣ ଦାବି କରିଛି କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚା। ଏଥିପାଇଁ ସୋମବାର ମୋର୍ଚ୍ଚା ତରଫରୁ ହରିଶଙ୍କର ପାପନାଶିନୀ ଝରଣାରେ ଜଳ ସତ୍ୟାଗ୍ରହ କରାଯାଇଥିଲା। ମୋର୍ଚ୍ଚା ଆବାହକ ସୁଶୀଲ କୁମାର ଗୁରୁ, ଡିଙ୍ଗର କୁମ୍ଭାର, ସୁବାସ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପାଟଣାଗଡ଼ରୁ ଏକ ବାଇକ ରାଲି ହରିଶଙ୍କରରେ ପହଞ୍ଚିବା ପରେ ହରିଶଙ୍କର ବାବାଙ୍କ ପୂଜାର୍ଚ୍ଚନା ପରେ ପାପନାଶିନୀ ଝରଣାରେ କୋଶଳ ମୁକ୍ତିମୋର୍ଚ୍ଚା ସଦସ୍ୟମାନେ ଜଳ ସତ୍ୟାଗ୍ରହ କରିଥିଲେ। ନିକଟରେ ରାଜ୍ୟ ସରକାର ୧୦ଟି ପର୍ଯ୍ୟଟନସ୍ଥଳୀରେ ରୋପୱେ ନିର୍ମାଣ ହେବାକୁ ଘୋଷଣା କରିଛନ୍ତି। ହେଲେ ଏଥିରେ ହରିଶଙ୍କର ଓ ନୃସିଂହନାଥକୁ ରୋପୱେ ନିର୍ମାଣ ପ୍ରସ୍ତାବ ସ୍ଥାନିତ ହୋଇ ନ ଥିବାରୁ ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରିଥିଲେ। ଏହା ପଶ୍ଚିମ ଓଡ଼ିଶାକୁ ରାଜ୍ୟ ସରକାରଙ୍କ ଅଣଦେଖା ବୋଲି ସେମାନେ ଅଭିଯୋଗ କରିଥିଲେ। ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀନିବାସ ସାହୁ**

ଆଜୀବନ ସଭ୍ୟ, ସ୍ନେହୀସମାଜ, ଭୁବନେଶ୍ୱର

(ମୂଳବାସିନ୍ଦା- ଧୀରପାଟଣା, ଢେଙ୍କାନାଳ) ୧୨୮୪, ବ୍ରିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର

ଆବିର୍ଭାବ: ତା ୨୫।୦୨।୧୯୪୯

ତିରୋଧାନ: ତା ୦୧।୧୦।୨୦୨୨

ତୁମର ଆକସ୍ମିକ ବିୟୋଗରେ ଆମ୍ଭେମାନେ ଗଭୀର ମର୍ମାହତ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାର, ବନ୍ଧୁବତ୍ସଳତା, ସର୍ବୋପରି ଆଧାତ୍ମିକ ମନୋଭାବ ଆମ୍ଭମାନଙ୍କର ଚିର ସ୍ମରଣୀୟ ହୋଇ ରହିବ। ତୁମର ଶେଷ ଇଚ୍ଛା ଥିବା ମନ୍ଦିର ପ୍ରତିଷ୍ଠାକୁ ସମ୍ପୂର୍ଣ୍ଣ କରିବାକୁ ଠାକୁରଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୋଟି କୋଟି ପ୍ରଣାମ।

ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୭୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ନମିତା ପଟ୍ଟନାୟକ**

ସ୍ଥାନ: ମହତାବ ନଗର, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ଆବିର୍ଭାବ-୦୨।୦୫।୧୯୪୨

ତିରୋଧାନ- ୨୨।୧୦।୨୦୨୧

କାଳର କରାଳ ଗତିରେ ତୁମେ ଆମ୍ଭମାନଙ୍କୁ ଚିରଦିନ ପାଇଁ ଛାଡ଼ି ଚାଲିଗଲ। ଏହାରି ମଧ୍ୟରେ ଏକ ବରଷ ବିତିଗଲା। ସଶରୀରେ ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ମା। ତଥାପି ଆପଣଙ୍କ ସ୍ନେହ, ଭଲପାଇବା, ନୀତି, ଆଦର୍ଶ ଓ ତ୍ୟାଗ ଆମମାନଙ୍କ ଜୀବନରେ ଚିର ସ୍ମରଣୀୟ ହୋଇ ରହିଛି ଏବଂ ରହିବ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ: ସତ୍ୟନାରାୟଣ ପଟ୍ଟନାୟକ, ବଡ଼ପୁଅ: ଭୁବନ ମୋହନ, ମଦନ ମୋହନ, ରାଧାମୋହନ, ବୋହୂ: ରୋଜି, ମୁନ୍ନ, ମିଲି, ଝିଅ: ଜ୍ୟୋତି, ଜ୍ୱାଇଁ: ଦେବ, ନାତି:ଡ. ସିଦ୍ଧାର୍ଥ, ଡ. ପ୍ରୀତମ ସାଇ, ନାତୁଣୀ: ଡ. ସୁଶ୍ରୀ ମାନସୀ, ମନୀଷା, ନାତୁଣୀବୋହୂ: ଡ. ସ୍ମିତା, ଅଣନାତୁଣୀ: କସିଶ୍ ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୧୭୪୪

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଇଂ ନକୁଳ ସାହୁ**

କଣ୍ଟିଲୋ, ନୟାଗଡ଼, ଭୁବନେଶ୍ୱର

ଆବିର୍ଭାବ: ୦୧।୦୧।୧୯୩୯

ତିରୋଧାନ: ୦୨।୧୦।୨୦୨୨

ତୁମର ବିୟୋଗରେ ଆମେ ଭାରତୀ ନାଟ୍ୟ ସମିତିର ସମସ୍ତ ସଦସ୍ୟ ତଥା କଳାକାର ମର୍ମାହତ। ଅନୁଷ୍ଠାନର ସର୍ବ ଉପଦେଷ୍ଟା ଭାବେ ଯେଉଁ ଦିଗ୍‌ଦର୍ଶନ ଦେଇଛ ତାହା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଚିର ସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବସନ୍ତ କୁମାର ମହାରଣା, ଉପଦେଷ୍ଟା ଭାରତୀ ନାଟ୍ୟ ସମିତି ଓ ସମସ୍ତ ସଦସ୍ୟ ବୃନ୍ଦ।

ଧ-୧୭୪୭

**୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ଚପଳା ବେହେରା**

କ୍ୱାର୍ଟର ନମ୍ବର- B-677, ନାଲ୍‌କୋ, ଅନୁଗୁଳ

ଆବିର୍ଭାବ: ୨୬।୦୬।୧୯୭୦

ତିରୋଧାନ: ୧୧।୧୦।୨୦୧୫

ଦୁର୍ଗା, ସୀତା, ସ୍ୱରୂପା ମୋ 'ମା' ଚପଳା<br>ଦଶହରା ପର୍ବେ ମର୍ତ୍ତେ ଲୀଳା ସାରି<br>ବାହୁଡ଼ିଲ ତୁମ ଅଫେରା ରାଇଜ<br>ତବ ପାଦ ପଦ୍ମେ ଏହି ଅଞ୍ଜଳି।<br>ଦୟା, କୃପା କରି ଅଭୟ ହସ୍ତେ<br>ଆମକୁ ରଖିଥାଅ ସଦା ସର୍ବ ଉପରି।

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାଳଆ ଠାକୁରଙ୍କ ଚରଣେ ପ୍ରାର୍ଥନା।

ଶୋକସନ୍ତପ୍ତ: ସୁଚିସ୍ମିତା, ପୁଅ: ସବ୍ୟସାଚୀ, ତୁମ ସ୍ୱାମୀ: ସୁଧାକର, ଜ୍ୱାଇଁ: ଆଲୋକ, ବନ୍ଧୁ ଓ ପରିବାରବର୍ଗ, ନଡ଼ିଆଲୀ, ଢେଙ୍କାନାଳ

ଧ-୭୪୦୨୧

**ଦଶାହ ଉପଲକ୍ଷେ**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଆଦିକନ୍ଦ ଦାସ**

ଆବିର୍ଭାବ : ତା. ୨୦.୦୯.୧୯୩୭

ତିରୋଧାନ : ଆଶ୍ୱିନ ସପ୍ତମୀ ତା. ୦୨.୧୦.୨୦୨୨

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା

-: ଶୋକସନ୍ତପ୍ତ :-

ସାବିତ୍ରୀ (ସ୍ତ୍ରୀ), ୰ଆଶାଲତା, କେଦାର (ଝିଅ ଜ୍ୱାଇଁ), ଆଶୁତୋଷ, ଉର୍ମିଳା (ପୁଅ ବୋହୂ) ଅତସୀ, ଆଦିତ୍ୟ (ଝିଅ ଜ୍ୱାଇଁ), ଅଶୋକ, ଅର୍ଚ୍ଚନା (ପୁଅ ବୋହୂ), ଅଶ୍ୱିନୀ, ରାମାମଣି (ପୁଅ ବୋହୂ) ନାତି,ନାତୁଣୀ : ସିଦ୍ଧାର୍ଥ (ନନ୍ଦୁ), ଐଶ୍ୱର୍ଯ୍ୟା (ରୋମା), କୃଣାଲ, ସୌମିତ୍ର (ନଟୁନ୍), ଅଙ୍କିତା (ବବ୍‌ଲୀ), ଶ୍ୟାମ (ସୋମୁ), ଆୟୁଷୀ (ବୁଲବୁଲ) ଆୟୁଯଶ (ସତ୍ୟ)।

ଧ-୭୩।୧

ଆକାଂକ୍ଷା

# ସମାଜସେବାରେ ବ୍ରତୀ ଅଙ୍କିତା

ଢେଙ୍କାନାଳ ଜିଲା କାବେରା ପଞ୍ଚାୟତ ଦଧିସିଂଗା ଗ୍ରାମର ରଞ୍ଜିତା ଏବଂ ବିଷ୍ଣୁ ଚରଣ ସାହୁଙ୍କ ଜ୍ୟେଷ୍ଠା କନ୍ୟା ଅଙ୍କିତା। ଯେଉଁ ବୟସରେ ପିଲାମାନେ ରଙ୍ଗିନ ସ୍ୱପ୍ନ ଦେଖିବାରେ ବିଭୋର ସେହି ବୟସରେ ଅଙ୍କିତା, ସମସ୍ତ ସାମାଜିକ ପ୍ରତିବନ୍ଧକ ଓ ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି, ନିଜକୁ ସମାଜ ସେବା କ୍ଷେତ୍ରରେ ନିୟୋଜିତ କରି ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ସମାଜ ପାଇଁ କିଛି ତ୍ୟାଗ ଓ ସେବା ହିଁ ହେଉଛି ମନୁଷ୍ୟର ପ୍ରକୃତ ମଣିଷପଣିଆ। ଏହି ଉକ୍ତିକୁ ବାସ୍ତବ ରୂପ ଦେଇ ସମସ୍ତଙ୍କ ଆଦର୍ଶ ସାଜିଛନ୍ତି ସେ।



ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ, ପ୍ରଭାବିତ ଜନସାଧାରଣଙ୍କ ନିମନ୍ତେ, ନିଜସ୍ୱ ତଥା ସଂଗୃହୀତ ପାଣ୍ଠି ସହାୟତାରେ ସହଯୋଗର ହସ୍ତ ପ୍ରସାରିତ କରିଛନ୍ତି । ନିଜ ବୟସର ଝିଅ ତଥା ମହିଳାମାନଙ୍କର ବ୍ୟକ୍ତିଗତ ଅସୁବିଧା ସମୟର ସମସ୍ୟାକୁ ଅନୁଭବ କରି ଦୀର୍ଘ ୯ ବର୍ଷ ଧରି ସାନିଟାରି ନାପ୍‌କିନ ବଣ୍ଟନ କରି ଆସୁଛନ୍ତି। ପରିଷ୍କାର ପରିଚ୍ଛନ୍ନ ରହିବା ସହ ସୁରକ୍ଷା ଦୃଷ୍ଟିରୁ ଏହା କେତେ ଆବଶ୍ୟକ ସେ ଦିଗରେ ସଚେତନତା ସୃଷ୍ଟି କରି, ରାଜ୍ୟରେ 'ପ୍ୟାଡ୍ ଓମେନ୍' ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ଚଳିତ ବର୍ଷ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବନ୍ୟା ସମୟରେ ସେ ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ, ଭଦ୍ରକ ଜିଲାର ତିହିଡି, ଚାନ୍ଦବାଲି ବ୍ଲକ୍, ଅନୁଗୋଳ ଜିଲାର ଟିକରପଡ଼ା ପଞ୍ଚାୟତ, କଟକ ଜିଲାର ବାଙ୍କୀ ବ୍ଲକରେ ପହଞ୍ଚି ମହିଳାମାନଙ୍କୁ ନିଜସ୍ୱ ଉଦ୍ୟମରେ ସାନିଟାରି ପ୍ୟାଡ୍ ସହ ବିଭିନ୍ନ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। କେବଳ ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚି ନାହାନ୍ତି ବରଂ କରୋନା ଭଳି ଜରୁରିକାଳୀନ ପରିସ୍ଥିତିରେ ବେସାହାରାଙ୍କ ସାହାରା ସାଜିଥିଲେ ସେ। ଜିଲାରେ ଟୁଇଟର କ୍ଲବ ଗଠନକରି ନିଜ ଜିଲା ତଥା ଜିଲା ବାହାର ସମସ୍ୟାର ସମାଧାନ କରୁଛନ୍ତି । ତାଙ୍କର ଏହିଭଳି ସେବା ମନୋବୃତ୍ତି ପାଇଁ ସେ ଅନେକ ସ୍ଥାନରେ ସମ୍ମାନିତ ହୋଇଛନ୍ତି । ଢେଙ୍କାନାଳ ଜିଲାର ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଚଳିତ ବର୍ଷ, ରାବଣପୋଡ଼ି ମହୋତ୍ସବରେ, କେନ୍ଦ୍ର ଶିକ୍ଷା ବିକାଶ ମନ୍ତ୍ରୀ ମାନ୍ୟବର ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତରୁ 'ପ୍ରୟାସ ସ୍ୱଚ୍ଛ ଢେଙ୍କାନାଳ ' ସମ୍ମାନ ପ୍ରାପ୍ତି କରିଛନ୍ତି ।

ନିଶା ସମାଜ ସେବା ହୋଇଥିବା ବେଳେ ପେସାରେ ସେ ଜଣେ ସାମ୍ବାଦିକା। ତେବେ ପେଣ୍ଟିଂ ଏବଂ ବିଭିନ୍ନ କ୍ରାଫ୍ଟ କରିବା ପ୍ରତି ତାଙ୍କର ବିଶେଷ ରୁଚି ରହିଛି। ସ୍କୁଲ, କଲେଜରେ ପଢ଼ିବା ବେଳେ ଜିଲା ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଭବିଷ୍ୟତରେ ନାରୀ ସଶକ୍ତୀକରଣ କ୍ଷେତ୍ରରେ ସେ ଅଧିକରୁ ଅଧିକ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।



ଖାଦ୍ୟରୁଚି

## ମୁଗଡାଲି ଖିରି



**ଆବଶ୍ୟକ ସାମଗ୍ରୀ:** ମୁଗଡାଲି ଅଧା କପ୍, ଚାଉଳ ଏକ କପ୍, ୨ ଚାମଚ ଗୁଜୁରାତି ଗୁଣ୍ଡ, ୩ ଚାମଚ ଘିଅ, ପାଣି, କିସ୍‌ମିସ୍, ୪ କପ୍ କ୍ଷୀର, ଗୁଡ଼ ୧ କପ୍, କେଶର, କାଜୁ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପ୍ୟାନ୍‌ରେ ତେଲ/ଘିଅ ଗରମ କରନ୍ତୁ। ତାହା ଗରମ ହେବା ପରେ ସେଥିରେ କାଜୁ, ବାଦାମ ପକାଇ ଭାଜନ୍ତୁ। ଏହା ଭଲ ଭାବେ ଭାଜି ହୋଇଗଲେ ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ। ପ୍ୟାନ୍‌ରେ ମୁଗଡାଲିକୁ ଭାଜିଦିଅନ୍ତୁ। ଭଲ ଭାବେ ଭାଜି ହୋଇଗଲେ ଏକ ପ୍ଲେଟ୍‌ରେ କାଢି ରଖନ୍ତୁ। ସେହିପରି ଚାଉଳକୁ ମଧ ଭାଜି ରଖନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ଘିଅ ଗରମ କରନ୍ତୁ। ସେଥିରେ ଭାଜି ରଖିଥିବା ଚାଉଳ, ଡାଲି ଏବଂ ଗୁଡ ପକାଇ ଗୋଳାନ୍ତୁ। ଗୁଡ ଭଲ ଭାବେ ତରଳି ଗଲେ ସେଥିରେ ଗୁଜୁରାତି ଗୁଣ୍ଡ, କେଶର, କାଜୁ, ବାଦାମ ପକାଇ ଭଲ ଭାବେ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ କ୍ଷୀର ପକାଇ ଭଲ ଭାବେ ଫୁଟିବାକୁ ଛାଡ଼ନ୍ତୁ। ଚାଉଳ ନରମ ହୋଇ ଖିରି ଗାଢ଼ ହୋଇଗଲେ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଗଡାଲି ଖିରି। ଏହାକୁ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ଉପକାରୀ ରସୁଣ



ରସୁଣ ମସଲା ଭାବେ ଖାଦ୍ୟର ସ୍ୱାଦ ବଢ଼ାଉଥିବା ବେଳେ ଏହାକୁ ବ୍ୟବହାର କରି ଆପଣ ସୁନ୍ଦର ବେଦାଗ ତ୍ୱଚା ମଧ ପାଇ ପାରିବେ....



❖ଅଧା ଟମାଟୋ ସହ କିଛି କୋଲା ରସୁଣ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖିବା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଉଭୟରେ ଥିବା ଆଣ୍ଟିସେପ୍ଟିକ୍ ଗୁଣ ତ୍ୱଚାକୁ ଟାଇଟ୍ କରିବା ସହ ପୋର୍ସ ଦୂର କରିଥାଏ।

❖ଦୁଇ କୋଲା ରସୁଣକୁ ଛେଚି ରସ ବାହାର କରିଦିଅନ୍ତୁ। ସେଥିରେ ସମ ପରିମାଣରେ ହ୍ୱାଇଟ୍ ଭିନେଗାର ମିଶାନ୍ତୁ। ଉକ୍ତ ମିଶ୍ରଣକୁ ତୁଳାରେ ନେଇ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ। ଏଥିରେ ଭରି ରହିଥିବା ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିଫଙ୍ଗାଲ, ଆଣ୍ଟିବାୟୋଟିକ୍, ଆଣ୍ଟିସେପ୍ଟିକ୍ ଏବଂ ଜର୍ମିସାଇଡ୍ ତତ୍ତ୍ୱ ଖୁବ୍ ଶୀଘ୍ର ବ୍ରଣ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

❖୩-୪ଟି ରସୁଣ କୋଳାକୁ ଛେଚି ଅଳ୍ପ ପାଣିରେ ଭଲ ଭାବେ ଫୁଟାଇ ଦିଅନ୍ତୁ। ଏହାକୁ କାଢି ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଦାଗ ଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କଲେ ବେଦାଗ ତ୍ୱଚା ପାଇପାରିବେ।

❖ଏଜିଂ ସମସ୍ୟା, ରିଙ୍କଲ୍ ମାର୍କ ଦୂର କରିବା ଲାଗି ରସୁଣ ବ୍ୟବହାର କରି ପାରିବେ। କାରଣ ଏଥିରେ ଥିବା ସଲଫର୍ କୋଲାଜେନ୍ ପ୍ରସ୍ତୁତ କରି ଏଜ୍‌ମାର୍କ ଦୂର କରିଥାଏ। ୨-୩ କୋଲା ରସୁଣକୁ ଭଲ ଭାବେ ଛେଚି କିମ୍ବା ବାଟି ଫେସ୍‌ପ୍ୟାକ୍‌ରେ ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ପ୍ରିମ୍ୟାଚୋର ଏଜିଂ ସମସ୍ୟା ଦୂର ହୋଇଥାଏ।

❖ନଡ଼ିଆ କିମ୍ବା ଅନ୍ୟ କୌଣସି ତେଲରେ ୩-୪ କୋଲା ରସୁଣ ପକାଇ ଫୁଟାଇ ଦିଅନ୍ତୁ। ଏହାକୁ ଷ୍ଟ୍ରେଚ୍ ମାର୍କ ଉପରେ ଧୀରେ ଧୀରେ ମସାଜ କଲେ ଷ୍ଟ୍ରେଚ୍ ମାର୍କ ଦୂର ହେଇପାରିବ।

# ସିନ୍ଦୂର



ସିନ୍ଦୂର ହେଉଛି ହିନ୍ଦୁ ଘରର ଏକ ପାରମ୍ପରିକ ସାମଗ୍ରୀ। ଏହାକୁ ସଧବା ନାରୀ ପ୍ରତିଦିନ ମଥାରେ ଲଗାଏ। ବିଭିନ୍ନ ପୂଜାବିଧି ଓ ଉତ୍ସବଗୁଡ଼ିକରେ ମହିଳା, ପୁରୁଷ ସମସ୍ତେ ମଥାରେ ସିନ୍ଦୂର ଲଗାଇଥାନ୍ତି। ମନ୍ଦିରରେ ଦେବଦେବୀଙ୍କ ମଥାରେ ଲଗାଇବା ଲାଗି ଏହା ସବୁଠୁ ଅଧିକ ବ୍ୟବହାର କରାଯାଇଥାଏ। ତେବେ ଏହାକୁ ନେଇ ଅନେକ କିମ୍ବଦନ୍ତୀ ରହିଛି...

**ରହିଛି ଧାର୍ମିକ ମହତ୍ତ୍ୱ:**

- ବିବାହ ବେଳେ ବର କନ୍ୟାଙ୍କ ମଥାରେ ସିନ୍ଦୂର ଲଗାଇବା ପରମ୍ପରା ବହୁ ପୁରାତନ କାଳରୁ ଚଳି ଆସୁଛି। କୁହାଯାଏ ମା' ସୀତା ନିଜ ଶୃଙ୍ଗାରରେ ପ୍ରତିଦିନ ମଥାରେ ସିନ୍ଦୂର ଲଗାନ୍ତି। ଥରେ ହନୁମାନ ତାଙ୍କୁ ଏହାର କାରଣ ପଚାରିବାରୁ ସେ କହିଲେ, ଏହାଦ୍ୱାରା ପ୍ରଭୁ ଶ୍ରୀରାମ ପ୍ରସନ୍ନ ହୋଇଥାନ୍ତି। ଆଉ ପ୍ରସନ୍ନ ରହିବା ଦ୍ୱାରା ମଣିଷର ଶରୀର ସୁସ୍ଥ ରହିଥାଏ ଏବଂ ଆୟୁଷ ବୃଦ୍ଧି ହୋଇଥାଏ।
- କୁହାଯାଏ ସିନ୍ଦୂର ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ଏବଂ ଏହାର ଲାଲ୍ ରଙ୍ଗରେ ମା' ପାର୍ବତୀଙ୍କ ଉର୍ଜା ରହିଥାଏ ; ଯାହା କି ନାରୀକୁ ଅଖଣ୍ଡ ସୌଭାଗ୍ୟବତୀ ହେବାର ଆଶୀର୍ବାଦ ଦେଇଥାଏ।
- ମା' ଲକ୍ଷ୍ମୀଙ୍କର ମଧ ସିନ୍ଦୂର ଖୁବ୍ ପ୍ରିୟ। ତେଣୁ ତାଙ୍କ ପୂଜାରେ ପ୍ରଥମେ ଏହା ବ୍ୟବହାର କରାଯାଏ। ପୌରାଣିକ କଥା ଅନୁଯାୟୀ ମା' ଲକ୍ଷ୍ମୀ ପୃଥିବୀରେ ୫ଟି ସ୍ଥାନରେ ବାସ କରନ୍ତି; ଯାହା ମଧ୍ୟରୁ ପ୍ରଥମ ସ୍ଥାନ ହେଉଛି ନାରୀର ମଥା, ଯେଉଁଠି ସିନ୍ଦୂର ଶୋଭାପାଏ। ତେଣୁ ଏହାକୁ ଲଗାଇବା ଦ୍ୱାରା ଘରେ ସୁଖଶାନ୍ତି ଆସେ, ସୌଭାଗ୍ୟ ପ୍ରାପ୍ତି ହୁଏ। ସେଥିପାଇଁ ମହିଳାଙ୍କୁ ଦେବୀ ବୋଲି କୁହାଯାଇଥାଏ।



ମଥାରେ ସିନ୍ଦୂର ହେଉଛି ଜଣେ ସଧବା ହିନ୍ଦୁ ନାରୀର ପରିଚୟ। ଏହାକୁ ମଧ କୁହାଯାଏ ସୌଭାଗ୍ୟର ପ୍ରତୀକ। ପ୍ରତିଟି ହିନ୍ଦୁ ଘରେ ଏହା ଏକ ପାରମ୍ପରିକ ସାମଗ୍ରୀ। ଦେବ କର୍ମରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଏହାର ରହିଛି ବିଶେଷ ଗୁରୁତ୍ୱ...







## ନକଲି ସିନ୍ଦୂର ତ୍ୱଚା ପ୍ରତି ହାନିକାରକ

**କେବଳ** ଭାରତ ନୁହେଁ, ଆମେରିକା ସମେତ ବହୁ ଦେଶରେ ସିନ୍ଦୂରର ବ୍ୟବହାର ରହିଛି। ହେଲେ ବର୍ତ୍ତମାନ ଭାରତ ଓ ଆମେରିକାରେ ମିଳୁଥିବା ସିନ୍ଦୂର ହାନିକାରକ ହୋଇପାରେ ବୋଲି ଗବେଷକମାନେ ଚେତାଇ ଦେଇଛନ୍ତି। କାରଣ ସେଥିରେ ଅସୁରକ୍ଷିତ ସୀସା ପରିମାଣ ରହୁଥିବା ଗବେଷଣାରୁ ସେମାନେ ଜାଣିବାକୁ ପାଇଛନ୍ତି। କେତେକ ନିର୍ମାଣକାରୀ ସଂସ୍ଥା ସିନ୍ଦୂରକୁ ଆଖିଦୃଶିଆ ଲାଲରଙ୍ଗ କରିବା ପାଇଁ ସୀସା ଟେଟ୍ରୋକ୍ସାଇଡ୍ ବ୍ୟବହାର କରୁଛନ୍ତି। ଉକ୍ତ ଗବେଷଣାରେ ଗବେଷକମାନେ ୧୧୮ଟି ସିନ୍ଦୂର ନମୁନାକୁ ଆମେରିକା ନ୍ୟୁଜର୍ସିରେ ଥିବା ଦକ୍ଷିଣ ଏସୀୟ ଦୋକାନଗୁଡ଼ିକରୁ ସଂଗ୍ରହ କରାଯାଇଥିବା ବେଳେ ୨୩ଟି ନମୁନା ଆମ ଦେଶର ବମ୍ବେ, ନୂଆଦିଲ୍ଲୀ ଆଦି ସ୍ଥାନରୁ ସଂଗ୍ରହ କରାଯାଇଥିଲା। ହେଲେ ୮୦ ପ୍ରତିଶତ ସିନ୍ଦୂର ନମୁନାରେ କିଛି ନା କିଛି ସୀସା ରହିଥିବା ବେଳେ ଆମେରିକାର ଫୁଡ୍ ଓ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ ଦ୍ୱାରା ନିର୍ଦ୍ଧାରିତ ସୀସାଠାରୁ ପ୍ରାୟ ୩ୟ ସ୍ତର ଉପରେ ରହିଥିଲା। ସୀସା ମିଶ୍ରିତ ସିନ୍ଦୂର ହାନିକାରକ। ଏହା ଆହରଣ ବା ପ୍ରଶ୍ୱାସ ଦ୍ୱାରା ଶରୀର ଭିତରକୁ ପ୍ରବେଶ କରିଥାଏ ବୋଲି କୁହନ୍ତି ନ୍ୟୁଜର୍ସି ପିସ୍‌କାଟାୱେସ୍ଥିତ ରଟଗର୍ସ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥର ଅଧ୍ୟୟନ ଲେଖକ ଡ. ଡେରିକ୍ ସେନ୍‌ଡେଲ୍। ତାଙ୍କ ଟିମ୍ ଆମେରିକାରେ ୮୩ ପ୍ରତିଶତ ଏବଂ ଭାରତରେ ୭୮ ପ୍ରତିଶତ ସିନ୍ଦୂର ନମୁନାରେ ପ୍ରତି ୧ଗ୍ରାମ ସିନ୍ଦୂରରେ ୧ମିଲିଗ୍ରାମ୍ ସୀସା ପାଇଥିଲେ ; ଯାହା କି ଆମ ଶରୀର ବିଶେଷ କରି ୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ହାନିକାରକ।



**ସୁସ୍ଥ ରଖେ ଓ ବୃଦ୍ଧିକରେ ସୌନ୍ଦର୍ଯ୍ୟ:** ବୈଜ୍ଞାନିକ ତଥ୍ୟ ଅନୁଯାୟୀ ସିନ୍ଦୂରରେ ଥିବା ପାରା ଧାତୁ ଶରୀରରୁ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ଏବଂ ମନକୁ ପ୍ରସନ୍ନ ରଖିଥାଏ। ତା' ଛଡା ପ୍ରତିଦିନ ମଥାରେ ସିନ୍ଦୂର ଲଗାଇଲେ ଏହା ମୁଣ୍ଡ ବିନ୍ଧା, ଅନିଦ୍ରା ଏବଂ ଅନ୍ୟ କେତେକ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ତା'ଛଡା ଏଥିରେ ଥିବା ଉପାଦାନ ବୟସ ବୃଦ୍ଧିର ଛାପ ବା ଏଜ୍‌ଲାଇନ୍ କମ୍ କରି ସୁନ୍ଦରତା ବଢ଼ାଇଥାଏ।

**ସୁଖମୟ କରେ ଦାମ୍ପତ୍ୟ ଜୀବନ:** ହିନ୍ଦୁ ଧର୍ମର ମାନ୍ୟତା ଅନୁଯାୟୀ ସ୍ତ୍ରୀ ମଥାରେ ସିନ୍ଦୂର ଲଗାଇଲେ ଏହା ସ୍ୱାମୀଙ୍କୁ ବିଭିନ୍ନ ସଙ୍କଟରୁ ରକ୍ଷା କରିବା ସହ ଆୟୁଷ ବୃଦ୍ଧି କରିଥାଏ। ଯେଉଁଥିପାଇଁ ବିବାହ ସମୟ ବ୍ୟତୀତ କର୍‌ବାଚୌଥ୍, ନବରାତ୍ର, ଦୀପାବଳି ଏବଂ ଅନ୍ୟ କେତେକ ପୂଜା ପର୍ବରେ ସ୍ୱାମୀ ସ୍ତ୍ରୀଙ୍କ ମଥାରେ ସିନ୍ଦୂର ଭରିବାକୁ ଖୁବ୍ ଶୁଭ ବୋଲି ବିଚାର କରାଯାଇଥାଏ। ଏହା ଦାମ୍ପତ୍ୟ ଜୀବନକୁ ଶୁଖମୟ କରିଥାଏ ବୋଲି ବିଶ୍ୱାସ ରହିଛି।

**- ପୌର୍ଣ୍ଣମାସୀ**

## କ'ଣ କରନ୍ତି ଏମାନେ

**ରୋଜାଲିନ୍ ବେହେରା**(ଗୃହିଣୀ, ଭୁବନେଶ୍ୱର) - ବିବାହିତ ନାରୀର ସୌନ୍ଦର୍ଯ୍ୟ ବଢ଼ାଏ ସିନ୍ଦୂର। ତେବେ ଏହା କେବଳ ସଜେଇ ହେବାର ସାମଗ୍ରୀ ନୁହେଁ ବରଂ ପରମ୍ପରା ଅନୁଯାୟୀ ସ୍ତ୍ରୀ ମଥାରେ ସିନ୍ଦୂର ଶୋଭାପାଇଲେ ସ୍ୱାମୀଙ୍କ ଆୟୁଷ ବୃଦ୍ଧି ହୁଏ। ତା'ଛଡା ଦେବଦେବୀ ପୂଜାରୁ ଆରମ୍ଭ କରି ପ୍ରତ୍ୟେକ ଶୁଭ କାମରେ ଏହା ବ୍ୟବହାର କରାଯାଉଥିବାରୁ ଏହାକୁ ଲଗାଇଲେ ଏକ ଐଶ୍ୱରିକ ଭାବନା ସୃଷ୍ଟି ହୋଇଥାଏ। ବର୍ତ୍ତମାନ ମାର୍କେଟରେ ବିଭିନ୍ନ ପ୍ରକାରର ଯଥା ଷ୍ଟିକ୍, ଲିକ୍ୱିଡ୍ ଭଳି ସିନ୍ଦୂର ମଧ ଉପଲବ୍ଧ ହେଲାଣି ; ଯାହାକୁ ଲଗାଇବା ସହଜ ଏବଂ ବୋଳି ନ ହୋଇ ଅଧିକ ସମୟ ରହୁଥିବାରୁ ପାଉଡର ସିନ୍ଦୂର ସହ କେବେ କେବେ ଏହାକୁ ମଧ ବ୍ୟବହାର କରୁଛି।



**ମିଟିନା ସେନାପତି**(ଗୃହିଣୀ, ଫୁଲନଖରା, କଟକ)- ସଧବା ସ୍ତ୍ରୀଟିଏ ପାଇଁ ମଥାରେ ସିନ୍ଦୂର ନାଇବା ଏକ ପରମ୍ପରା ; ଯାହାକୁ ପ୍ରତିଟି ହିନ୍ଦୁ ଘରର ସ୍ତ୍ରୀ ଶ୍ରଦ୍ଧାର ସହ ପାଳନ କରିଥାନ୍ତି। ତେବେ ଦୁଃଖର ବିଷୟ ବର୍ତ୍ତମାନ ସିନ୍ଦୂରରେ ମଧ ଅପମିଶ୍ରଣ ହେଉଛି। କାରଣ କିଛି ବର୍ଷ ତଳର ଘଟଣା, ସିନ୍ଦୂର ଲଗାଇବା ପରେ ମୋର ମଥା ଏବଂ ସିନ୍ଥିରେ ଆଲର୍ଜି ହୋଇ ଫଳିଯିବା ସହ ଖୁବ୍ ଯନ୍ତ୍ରଣା ହୋଇଥିଲା। ଏମିତି କି ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ମେଡିସିନ୍ ବ୍ୟବହାର ପରେ ତାହା କମ୍ ହୋଇଥିଲା। ଉକ୍ତ ଡବାରେ ଥିବା ସିନ୍ଦୂର ବଦଳାଇ ଅନ୍ୟ ସିନ୍ଦୂର ଆଣି ଲଗାଇବାକୁ ପଡ଼ିଥିଲା।



**ପ୍ରଭାତି ଦାସ**(ଗୃହିଣୀ, ବୟାଳିଶ ମୌଜା, କଟକ)- ନାରୀ ମଥାରେ ସିନ୍ଦୂର ହେଉଛି ସ୍ୱାମୀଙ୍କ ପ୍ରତି ଶ୍ରଦ୍ଧାର ପ୍ରତୀକ। ଏହା ନାରୀକୁ ସୌଭାଗ୍ୟବତୀ ଓ ଅହ୍ୟସୁଲକ୍ଷଣୀ କରିଥାଏ। ତେଣୁ ବିବାହ ପରେ ପ୍ରତିଟି ସଧବା ହିନ୍ଦୁ ମହିଳା ଏହାକୁ ମଥାରେ ଲଗାଇବା ଦରକାର। ହେଲେ ଆଜିକାଲିର ନବବିବାହିତ ମହିଳାମାନେ ସିନ୍ଦୂର ଲଗାଇବାକୁ କୁଣ୍ଠାବୋଧ କରୁଥିବା କିମ୍ବା ପରମ୍ପରା ବଞ୍ଚାଇବା ଆଳରେ ନ ଜଣାଯିବା ଭଳି ଛୋଟିଆ ସିନ୍ଦୂର ବିନ୍ଦୁଟିଏ ମଥାରେ ଲଗାଉଥିବା ଦେଖିଲେ ଭାରି ଆଶ୍ଚର୍ଯ୍ୟ ଲାଗେ। ତେବେ ନିଜ କଥା କହିବି ଏବେ ମାର୍କେଟରେ ମିଳୁଥିବା ଲିକ୍ୱିଡ୍ ସିନ୍ଦୂର ପରିବର୍ତ୍ତେ ମୋତେ ମାଟି ଫରୁଆରେ ମିଳୁଥିବା ପାଉଡର ସିନ୍ଦୂର ଲଗାଇଲେ ହିଁ ଆତ୍ମସନ୍ତୋଷ ମିଳେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୧/୨୦୨୨ Bhubaneswar, Tuesday, October 11/ 2022

# ଆମେରିକାକୁ ଭେଟିବ ଭାରତ


ନୂଆ ରୂପରେ କଳିଙ୍ଗ ଷ୍ଟାଡିୟମ ଗ୍ୟାଲେରି।

### ଆଜିଠାରୁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍

ଭୁବନେଶ୍ୱର, ୧୦।୧୦(କ୍ରୀଡ଼ା ପ୍ରତିନିଧି)

ପ୍ରତୀକ୍ଷାର ଅବସାନ ଘଟିବାକୁ ଯାଉଛି। ଭାରତ ସମେତ ଓଡ଼ିଶାରେ ପ୍ରଥମଥର ପାଇଁ ହେବାକୁ ଯାଉଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ। ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ପୂର୍ବରୁ ମହିଳା ଗୋଲ୍ଡକପ୍ ଫୁଟ୍‌ବଲ ଏବଂ ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିବାବେଳେ ଏବେ ଏଥିରେ ଯୋଡ଼ିହେବାକୁ ଯାଉଛି ଫିଫା ମହିଳା ବିଶ୍ୱକପ୍‌ର ଜୁନିୟର ପ୍ରତିଯୋଗିତା। ହକି ବିଶ୍ୱକପ୍ ସମେତ ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନର ମୂକସାକ୍ଷୀ ରହିସାରିଥିବା କଳିଙ୍ଗରେ ଏଥର ଦେଖିବାକୁ ମିଳିବ ବିଶ୍ୱର ଉଦୀୟମାନ ମହିଳା ଫୁଟ୍‌ବଲ ତାରକାଙ୍କ ଆକ୍ସନର ରୋମାଞ୍ଚ। ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଭାରତ ଏହାର ସମସ୍ତ ମ୍ୟାଚ୍ କଳିଙ୍ଗରେ ଖେଳିବ। ମଙ୍ଗଳବାର ଭାରତ ପ୍ରଥମେ ଆମେରିକା ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ ରାତି ୮ଟାରେ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୩୦ରେ ଏଠାରେ ପ୍ରଥମ ମ୍ୟାଚ୍ କିନ୍ତୁ ମରକ୍କୋ ଓ ବ୍ରାଜିଲ ମଧ୍ୟରେ ଖେଳାଯିବ। ପ୍ରଥମ ଦିବସରେ ୩ ଆୟୋଜକ ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡ଼ିଶାର ନବୀନ ପଟ୍ଟନାୟକ, ଗୋଆର ପ୍ରମୋଦ ସାୱନ୍ତ ଓ ମହାରାଷ୍ଟ୍ରର ଏକନାଥ ସିନ୍ଦେ ଅତିଥିଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଫିଫା, ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀମାନେ ମଧ୍ୟ ଯୋଗଦେବେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଯୋଗଦେବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ନିମନ୍ତ୍ରଣ କରିଛନ୍ତି।

ଭାରତୀୟ ମହିଳା ଦଳର ପୂର୍ବରୁ କେବେ ଫିଫା ଟୁର୍ନାମେଣ୍ଟ ଖେଳିବା ଅଭିଜ୍ଞତା ନାହିଁ। ତେଣୁ ଏହି ମେଗା ଇଭେଣ୍ଟରେ ଭାରତ ଅଣ୍ଡରଡଗ୍ ଭାବେ ଖେଳିବ। ଅନ୍ୟପକ୍ଷରେ ଆମେରିକା ୫ମ ଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଖେଳିବାକୁ ଯାଉଛି। ଦଳ ୨୦୦୮ରେ ରନର୍ସଅପ୍ ମଧ୍ୟ ହୋଇସାରିଛି। ତେଣୁ ଅଭିଜ୍ଞତା ଦୃଷ୍ଟିରୁ ଏହି ଦଳର ପଲା ଭାରି ରହିବ। ଏହାକୁ ଉପଯୋଗ କରି ଦଳ ଆଗକୁ ବଢ଼ିବ ବୋଲି ସୋମବାର ଅନୁଷ୍ଠିତ ପ୍ରି-ଟୁର୍ନାମେଣ୍ଟ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି କୋଚ୍ ନାତାଲିଆ ଅଷ୍ଟ୍ରେନ ଓ ଅଧିନାୟିକା ମିଆ ଭୁତା। ଅନ୍ୟପକ୍ଷରେ ଭାରତର ସ୍ୱିଡିଶ୍ କୋଚ୍ ଥୋମାସ ଡେନର୍ବି କିନ୍ତୁ ଘରୋଇ ଦଳ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାରତକୁ ଗୋଲ ଦେବା ସହଜ ହେବନାହିଁ। ସେହି ଅନୁସାରେ ଦଳକୁ ପ୍ରସ୍ତୁତ କରାଯାଇଛି। ରେକର୍ଡ ଅନୁସାରେ ଆମେରିକା ଶକ୍ତିଶାଳୀ ହୋଇପାରେ, ମାତ୍ର ଭାରତ କଡ଼ା ଟକ୍କର ଦେବ ବୋଲି ସେ କହିଛନ୍ତି। ଭାରତୀୟ ଅଧିନାୟିକା ଅସ୍ତାମ ଓରାଅନ ମଧ୍ୟ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ବଡ଼ ପ୍ରତିଯୋଗିତା ପାଇଁ ଆମେ ନିଜକୁ ଭଲଭାବେ ପ୍ରସ୍ତୁତ କରିଛୁ। ଆମେ ନିଜ ଶକ୍ତି ଅନୁସାରେ ଖେଳି ମ୍ୟାଚ୍ ଜିତିବା ଲକ୍ଷ୍ୟ ରଖିଛୁ ବୋଲି ସେ ପ୍ରକାଶ କରିଛନ୍ତି।

# ମହିଳା ଏସିଆ କପ୍: ଭାରତର ସହଜ ବିଜୟ

ସିଲ୍‌ହଟ୍, ୧୦।୧୦ (ପି.ଟି.): ମହିଳା ଟି୨୦ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଭାରତ ସୋମବାର ୯ ଉଇକେଟରେ ଥାଇଲାଣ୍ଡକୁ ପରାସ୍ତ କରିଛି। ବୋଲରମାନଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତ ପ୍ରଥମେ ଥାଇଲାଣ୍ଡକୁ ମାତ୍ର ୩୭ ରନ୍‌ରେ ଅଲ୍‌ଆଉଟ କରିଦେଇଥିଲା। ଦଳ ଗୋଟିଏ ଉଇକେଟ ବିନିମୟରେ ମାତ୍ର ୬ ଓଭର ଖେଳି ମ୍ୟାଚ୍ ଜିତି ନେଇଥିଲା। ଭାରତ ବର୍ତ୍ତମାନ ୭ଟି ଦଳକୁ ନେଇ ଗ୍ରୁପ୍ ଲିଗ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଦଳ ପ୍ରତିଯୋଗିତାରେ ୬ଟି ଗେମ୍‌ରୁ ୫ଟିରେ ବିଜୟ ହାସଲ କରିଛି। ପାକିସ୍ତାନ ବିପକ୍ଷ ଲୋ ସ୍କୋରିଂ ମ୍ୟାଚ୍‌ରେ କେବଳ ପରାଜିତ ହୋଇଛି। ଭାରତ ସେମିଫାଇନାଲରେ ପ୍ରବେଶ କରିସାରିଛି। ଅନ୍ୟପକ୍ଷରେ ପାକିସ୍ତାନ, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ କିମ୍ବା ବାଂଲାଦେଶ ମଧ୍ୟରୁ ଗୋଟିଏ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ ବୋଲି ଆଶା କରାଯାଉଛି। ଥାଇଲାଣ୍ଡ (୬ଟି –୦.୯୪୯) ତୁଳନାରେ ବାଂଲାଦେଶ (୫ ଗେମ୍‌ରୁ + ୦.୪୨୩)ର ଉନ୍ନତ ରନ୍‌ରେଟ ରହିଛି।




# ୨୦୨୩ ହକି ବିଶ୍ୱକପକୁ ପ୍ରାଧାନ୍ୟ

ନୂଆଦିଲ୍ଲୀ, ୧୦।୧୦


କାର୍ଯ୍ୟକାରିଣୀ ବୈଠକରେ ହକି ଇଣ୍ଡିଆ କର୍ମକର୍ତ୍ତା।

### ହକି ଇଣ୍ଡିଆ କାର୍ଯ୍ୟକାରିଣୀ ବୈଠକ

- ଜୁନିୟର-ସବ ଜୁନିୟର ବର୍ଗରେ ନୂଆ ଟୁର୍ନାମେଣ୍ଟ
- ଗୋଲକିପର ଓ ଡ୍ରାଗ୍ ଫ୍ଲିକରଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନିଂ
- ମହିଳା ହକି ଇଣ୍ଡିଆ ଲିଗ୍ ସମ୍ଭାବନା

ହକି ଇଣ୍ଡିଆର ନବନିର୍ବାଚିତ ସଭାପତି ଦିଲୀପ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ପ୍ରଥମ କାର୍ଯ୍ୟକାରିଣୀ ବୈଠକ। ତିର୍କୀଙ୍କ ବ୍ୟତିତ ସାଧାରଣ ସମ୍ପାଦକ ଭୋଳାନାଥ ସିଂ, କୋଷାଧ୍ୟକ୍ଷ ସେକର ଜେ. ମନୋହରନ, ଉପ ସଭାପତି ଏସଭିଏସ୍ ସୁବ୍ରମଣ୍ୟ ଗୁପ୍ତା, ଯୁଗ୍ମ ସମ୍ପାଦକ ଆରତୀ ସିଂ, ସୁନୀଲ ମଲିକ ଓ କାର୍ଯ୍ୟକାରୀ ବୋର୍ଡ ସଦସ୍ୟ ଅରୁଣ କୁମାର ସାରସ୍ୱତ, ଆଶ୍ରିତା ଲାକ୍ରା, ଗୁରପ୍ରୀତ କୌର, ଭି ସୁନୀଲ କୁମାର ଏବଂ ତପନ କୁମାର ଦାସ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ୨୦୨୩ ହକି ବିଶ୍ୱକପର ଆୟୋଜନକୁ ପ୍ରାଧାନ୍ୟ ଦିଆଯାଇଥିଲା। ସେହିପରି ତୃଣମୂଳ ସ୍ତରରୁ ଜୁନିୟର ଓ ସବ ଜୁନିୟର ହକିର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଭାରତ ସ୍ୱାଧୀନତାର ୭୫ ବର୍ଷରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ହକି ଇତିହାସ ସମ୍ପର୍କରେ ଶିଶୁ ଏବଂ ଯୁବବର୍ଗଙ୍କୁ ସଚେତନ କରିବା ଆମର ପ୍ରଥମ ଲକ୍ଷ୍ୟ ରହିବ ବୋଲି ତିର୍କୀ ବୈଠକ ପରେ କହିଥିଲେ। ଏହା ସହିତ ହକି ଇଣ୍ଡିଆ ବିଶ୍ୱକପ ଆୟୋଜନରେ ପ୍ରତ୍ୟକ୍ଷ ଭାବରେ ନିଜକୁ ନିୟୋଜିତ କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ସେ ପ୍ରକାଶ କରିଥିଲେ।

ଏହା ସହିତ ତୃଣମୂଳ ସ୍ତରରୁ ହକିର ଉନ୍ନତି ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଜୁନିୟର ଓ ସବ୍ ଜୁନିୟର ସ୍ତରରେ ଖେଳାଳିଙ୍କ ପାଇଁ ଅଧିକ ଟୁର୍ନାମେଣ୍ଟ ନଥିବା ବେଳେ ଆଗାମୀ ଦିନ ମାନଙ୍କରେ ଏଭଳି ଟୁର୍ନାମେଣ୍ଟ ଅଧିକ ସଂଖ୍ୟାରେ ଆୟୋଜନ କରିବାକୁ ଆଲୋଚନା ହୋଇଥିଲା। ଜୁନିୟର ଓ ସବ୍ ଜୁନିୟର ସ୍ତରର ବିଭିନ୍ନ ବୟସ ବର୍ଗରେ ଏକାଧିକ ଟୁର୍ନାମେଣ୍ଟ ନେଇ ଆଲୋଚନା ହୋଇଛି। ୪ଟି ଜୋନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବା ସହିତ ପ୍ରତି ଜୋନରୁ ଦୁଇଟି ଟିମ୍ ଆଗକୁ ଉନ୍ନୀତ ହେବେ। ଏଥିସହିତ ଗୋଲ୍‌କିପର ଓ ଡ୍ରାଗ ଫ୍ଲିକରଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉପରେ ତିର୍କୀ ଗୁରୁତ୍ୱାରୋପ କରିଥିଲେ। ହକି ପ୍ରଶିକ୍ଷଣ ବ୍ୟତିତ ଏହାକୁ ମଧ୍ୟ ତୃଣମୂଳ ସ୍ତରରୁ ଲାଗୁ କରାଯିବ। ୨୦୧୭ ପରଠାରୁ ବନ୍ଦ ରହିଥିବା ହକି ଇଣ୍ଡିଆ ଲିଗ୍ ୨୦୨୩ରେ ପୁନର୍ବାର ଆରମ୍ଭ କରାଯିବ। ଏହା ସହିତ ମହିଳାଙ୍କ ପାଇଁ ଏକ ହକି ଇଣ୍ଡିଆ ଲିଗ୍ ଆୟୋଜନ କରିବା ପାଇଁ ଆଲୋଚନା ହୋଇଥିବା ତିର୍କୀ ପ୍ରକାଶ କରିଛନ୍ତି।

## ଅଭ୍ୟାସ ମ୍ୟାଚ୍ ଜିତିଲା ଭାରତ

ପର୍ଥ, ୧୦।୧୦ (ପି.ଟି.): ଟି ୨୦ ବିଶ୍ୱକପ୍ ପୂର୍ବରୁ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ସୂର୍ଯ୍ୟ ଓ ଅର୍ଶଦୀପଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ୍(ଡବ୍ଲ୍ୟୁଏସିଏ)କୁ ୧୩ ରନ୍‌ରେ ପରାସ୍ତ କରିଛି ଭାରତ। ସୋମବାର ଖେଳା ଯାଇଥିବା ମ୍ୟାଚ୍‌ରେ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୮ ରନ୍ କରିଥିବା ବେଳେ ଡବ୍ଲ୍ୟୁଏସିଏ ୮ ଉଇକେଟରେ ୧୪୫ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ଭାରତ ଲୋକେଶ ରାହୁଲ, ବିରାଟ କୋହଲି ଏବଂ ଆର. ଅଶ୍ୱିନଙ୍କୁ ବିଶ୍ରାମ ଦେଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ରୋହିତ ଶର୍ମା ଓ ରିଷଭ ପନ୍ତ ଇନିଂସ୍ ଆରମ୍ଭ କରିଥିଲେ। ରୋହିତ(୩) ଓ ରିଷଭ(୯) ବିଫଳ ହୋଇଥିବା ବେଳେ ଦୀପକ ହୁଡା ୨୨ ରନ୍ କରିଥିଲେ। ସୂର୍ଯ୍ୟକୁମାର ଯାଦବ(୫୨) ଓ ହାର୍ଦ୍ଦିକ ପାଣ୍ଡ୍ୟା(୨୭)ଙ୍କ ମଧ୍ୟରେ ୪୯ ରନ୍‌ର ଭାଗୀଦାରି ହୋଇଥିଲା।




# ହରମନପ୍ରୀତ୍, ରିଜ୍‌ୱାନ ପ୍ଲେୟର ଅଫ୍ ଦି ମନ୍ଥ

ଦୁବାଇ, ୧୦।୧୦(ପି.ଟି.): ଭାରତ ଅଧିନାୟିକା ହରମନପ୍ରୀତ୍ କୌର ଓ ପାକିସ୍ତାନ ଉଇକେଟ୍‌କିପର ବ୍ୟାଟର ମହମ୍ମଦ ରିଜ୍‌ୱାନ ସେପ୍ଟେମ୍ବର ପାଇଁ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗରେ ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ହରମନପ୍ରୀତ ଏହି ପୁରସ୍କାର ପାଇଛନ୍ତି। ଭାରତୀୟ ଅଧିନାୟିକା ପୁରସ୍କାର ଦୌଡ଼ରେ ତାଙ୍କ ଡେପୁଟି ସ୍ମୃତି ମନ୍ଧାନା ଓ ବାଂଲାଦେଶର ନିଗାର ସୁଲତାନାଙ୍କୁ ପଛରେ ପକାଇ ଦେଇଥିଲେ। ସେପ୍ଟେମ୍ବରରେ ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଥିଲା। ହରମନପ୍ରୀତଙ୍କ ପାଇଁ ଏହା ସ୍ମରଣୀୟ ମାସ ରହିଥିଲା। କେବଳ ବ୍ୟାଟିଂ ନୁହେଁ, ତାଙ୍କ ନେତୃତ୍ୱରେ ଇଂଲଣ୍ଡରେ ଭାରତ ୩-୦ରେ କ୍ଲିନ୍ ସୁଇପ୍ କରିଥିଲା। ସେହିପରି ପୁରୁଷ ବିଭାଗ ପୁରସ୍କାର ଦୌଡ଼ରେ ରିଜ୍‌ୱାନ ଭାରତର ବାମହାତୀ ସ୍ପିନର ଅକ୍ଷର ପଟେଲ ଓ ଅଷ୍ଟ୍ରେଲିଆନ୍ ଅଲ୍‌ରାଉଣ୍ଡର କାମେରୁନ୍ ଗ୍ରୀନ୍‌ଙ୍କୁ ପଛରେ ପକାଇ ଦେଇଥିଲେ।

# ଓଡ଼ିଶାକୁ ଆଉ ୪ ପଦକ

ଭୁବନେଶ୍ୱର, ୧୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ଗୁଜରାଟରେ ଚାଲିଥିବା ୩୬ତମ ଜାତୀୟ କ୍ରୀଡ଼ାର ୯ମ ଦିବସରେ ଓଡ଼ିଶା ଆଉ ୪ଟି ପଦକ ହାସଲ କରିଛି। ଓଇନାମ ବିଦ୍ୟାଦେବୀ ଓ ଫୁଲମଣି ଖାଖାଙ୍କୁ ନେଇ ଓଡ଼ିଶା କାୟାକିଂ ଦଳ କେ-୨ ମହିଳା ୫୦୦ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ରଶ୍ମିତା ସାହୁ ସଚିମା କେରକେଟାଙ୍କୁ ନେଇ କାନୋଇଂ ଟିମ୍ ସ୍ପ୍ରିଣ୍ଟ ସି-୨ ମହିଳା ୫୦୦ ମିଟର ରେସ୍‌ରେ ରାଜ୍ୟ ପାଇଁ ବ୍ରୋଞ୍ଜ ପଦକ ଆଣିଦେଇଛନ୍ତି। ଅନ୍ୟପକ୍ଷରେ କାନୋଇଂ କେ-୪ ମହିଳା ୫୦୦ ମିଟର ଇଭେଣ୍ଟରେ ଓଇନାମ ବିଦ୍ୟାଦେବୀ, ଫୁଲମଣି ଖାଖା, ଶ୍ରୁତି ଭୋଗ୍‌ଲେ ପୁଖରାମବାମ୍ ରୋଜି ଦେବୀ ମଧ୍ୟ ଓଡ଼ିଶା ପାଇଁ ବ୍ରୋଞ୍ଜ ଜିତିଛନ୍ତି। ସୋମବାର ମହିଳା ଫୁଟ୍‌ବଲ ଫାଇନାଲରେ ମଣିପୁରଠାରୁ ହାରି ଓଡ଼ିଶା ରୌପ୍ୟ ପଦକ ଲାଭ କରିଛି।



Highway Honda
Showroom: NH-5, Plot No. 209,
Mirzapur Pani Koili, Distt., Jajpur, PH: 8657588901

Highway Honda
Showroom: Cantonment Road Cuttack,
PH: 8657589226

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଆମେରିକାକୁ ଭେଟିବ ଭାରତ

ଭୁବନେଶ୍ୱର, ୧୦।୧୦(କ୍ରୀଡ଼ା ପ୍ରତିନିଧି)

ପ୍ରତୀକ୍ଷାର ଅବସାନ ଘଟିବାକୁ ଯାଉଛି। ଭାରତ ସମେତ ଓଡ଼ିଶାରେ ପ୍ରଥମଥର ପାଇଁ ହେବାକୁ ଯାଉଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ। ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ପୂର୍ବରୁ ମହିଳା ଗୋଲ୍ଡକପ୍ ଫୁଟ୍‌ବଲ ଏବଂ ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିବାବେଳେ ଏବେ ଏଥିରେ ଯୋଡ଼ିହେବାକୁ ଯାଉଛି ଫିଫା ମହିଳା ବିଶ୍ୱକପ୍‌ର ଜୁନିୟର ପ୍ରତିଯୋଗିତା। ହକି ବିଶ୍ୱକପ୍ ସମେତ ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନର ମୂକସାକ୍ଷୀ ରହିସାରିଥିବା କଳିଙ୍ଗରେ ଏଥର ଦେଖିବାକୁ ମିଳିବ ବିଶ୍ୱର ଉଦୀୟମାନ ମହିଳା ଫୁଟ୍‌ବଲ ତାରକାଙ୍କ ଆକ୍ସନର ରୋମାଞ୍ଚ। ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଭାରତ ଏହାର ସମସ୍ତ ମ୍ୟାଚ୍ କଳିଙ୍ଗରେ ଖେଳିବ। ମଙ୍ଗଳବାର ଭାରତ ପ୍ରଥମେ ଆମେରିକା ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ ରାତି ୮ଟାରେ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୩୦ରେ ଏଠାରେ ପ୍ରଥମ ମ୍ୟାଚ୍ କିନ୍ତୁ ମରକ୍କୋ ଓ ବ୍ରାଜିଲ ମଧ୍ୟରେ ଖେଳାଯିବ। ପ୍ରଥମ ଦିବସରେ ୩ ଆୟୋଜକ ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡ଼ିଶାର ନବୀନ ପଟ୍ଟନାୟକ, ଗୋଆର ପ୍ରମୋଦ ସାୱନ୍ତ ଓ ମହାରାଷ୍ଟ୍ରର ଏକନାଥ ସିନ୍ଦେ ଅତିଥିଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଫିଫା, ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀମାନେ ମଧ୍ୟ ଯୋଗଦେବେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଯୋଗଦେବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ ନିମନ୍ତ୍ରଣ କରିଛନ୍ତି।

ଭାରତୀୟ ମହିଳା ଦଳର ପୂର୍ବରୁ କେବେ ଫିଫା ଟୁର୍ନାମେଣ୍ଟ ଖେଳିବା ଅଭିଜ୍ଞତା ନାହିଁ। ତେଣୁ ଏହି ମେଗା ଇଭେଣ୍ଟରେ ଭାରତ ଅଣ୍ଡରଡଗ୍ ଭାବେ ଖେଳିବ। ଅନ୍ୟପକ୍ଷରେ ଆମେରିକା ୫ମ ଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଖେଳିବାକୁ ଯାଉଛି। ଦଳ ୨୦୦୮ରେ ରନର୍ସଅପ୍ ମଧ୍ୟ ହୋଇସାରିଛି। ତେଣୁ ଅଭିଜ୍ଞତା ଦୃଷ୍ଟିରୁ ଏହି ଦଳର ପଲା ଭାରି ରହିବ। ଏହାକୁ ଉପଯୋଗ କରି ଦଳ ଆଗକୁ ବଢ଼ିବ ବୋଲି ସୋମବାର ଅନୁଷ୍ଠିତ ପ୍ରି-ଟୁର୍ନାମେଣ୍ଟ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି କୋଚ୍ ନାତାଲିଆ ଅଷ୍ଟ୍ରେନ ଓ ଅଧିନାୟିକା ମିଆ ଭୁତା। ଅନ୍ୟପକ୍ଷରେ ଭାରତର ସ୍ୱିଡିଶ୍ କୋଚ୍ ଥୋମାସ ଡେନର୍ବି କିନ୍ତୁ ଘରୋଇ ଦଳ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାରତକୁ ଗୋଲ ଦେବା ସହଜ ହେବନାହିଁ। ସେହି ଅନୁସାରେ ଦଳକୁ ପ୍ରସ୍ତୁତ କରାଯାଇଛି। ରେକର୍ଡ ଅନୁସାରେ ଆମେରିକା ଶକ୍ତିଶାଳୀ ହୋଇପାରେ, ମାତ୍ର ଭାରତ କଡ଼ା ଟକ୍କର ଦେବ ବୋଲି ସେ କହିଛନ୍ତି। ଭାରତୀୟ ଅଧିନାୟିକା ଅସ୍ତାମ ଓରାଅନ ମଧ୍ୟ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ବଡ଼ ପ୍ରତିଯୋଗିତା ପାଇଁ ଆମେ ନିଜକୁ ଭଲଭାବେ ପ୍ରସ୍ତୁତ କରିଛୁ। ଆମେ ନିଜ ଶକ୍ତି ଅନୁସାରେ ଖେଳି ମ୍ୟାଚ୍ ଜିତିବା ଲକ୍ଷ୍ୟ ରଖିଛୁ ବୋଲି ସେ ପ୍ରକାଶ କରିଛନ୍ତି।


ନୂଆ ରୂପରେ କଳିଙ୍ଗ ଷ୍ଟାଡିୟମ ଗ୍ୟାଲେରି।

**ଆଜିଠାରୁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

# ମହିଳା ଏସିଆ କପ୍: ଭାରତର ସହଜ ବିଜୟ

**ସିଲ୍‌ହଟ୍, ୧୦।୧୦ (ପି.ଟି.):** ମହିଳା ଟି୨୦ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଭାରତ ସୋମବାର ୯ ଉଇକେଟରେ ଥାଇଲାଣ୍ଡକୁ ପରାସ୍ତ କରିଛି। ବୋଲରମାନଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତ ପ୍ରଥମେ ଥାଇଲାଣ୍ଡକୁ ମାତ୍ର ୩୭ ରନ୍‌ରେ ଅଲ୍‌ଆଉଟ କରିଦେଇଥିଲା। ଦଳ ଗୋଟିଏ ଉଇକେଟ ବିନିମୟରେ ମାତ୍ର ୬ ଓଭର ଖେଳି ମ୍ୟାଚ୍ ଜିତି ନେଇଥିଲା। ଭାରତ ବର୍ତ୍ତମାନ ୭ଟି ଦଳକୁ ନେଇ ଗ୍ରୁପ୍ ଲିଗ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଦଳ ପ୍ରତିଯୋଗିତାରେ ୬ଟି ଗେମ୍‌ରୁ ୫ଟିରେ ବିଜୟ ହାସଲ କରିଛି। ପାକିସ୍ତାନ ବିପକ୍ଷ ଲୋ ସ୍କୋରିଂ ମ୍ୟାଚ୍‌ରେ କେବଳ ପରାଜିତ ହୋଇଛି। ଭାରତ ସେମିଫାଇନାଲରେ ପ୍ରବେଶ କରିସାରିଛି। ଅନ୍ୟପକ୍ଷରେ ପାକିସ୍ତାନ, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ କିମ୍ବା ବାଂଲାଦେଶ ମଧ୍ୟରୁ ଗୋଟିଏ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ ବୋଲି ଆଶା କରାଯାଉଛି। ଥାଇଲାଣ୍ଡ (୬ଟି -୦.୯୪୯) ତୁଳନାରେ ବାଂଲାଦେଶ (୫ ଗେମ୍‌ରୁ +୦.୪୨୩)ର ଉନ୍ନତ ରନ୍‌ରେଟ ରହିଛି।




# ୨୦୨୩ ହକି ବିଶ୍ୱକପକୁ ପ୍ରାଧାନ୍ୟ

ନୂଆଦିଲ୍ଲୀ,୧୦।୧୦

ହକି ଇଣ୍ଡିଆର ନବନିର୍ବାଚିତ ସଭାପତି ଦିଲୀପ ତିର୍କୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି ପ୍ରଥମ କାର୍ଯ୍ୟକାରିଣୀ ବୈଠକ। ତିର୍କୀଙ୍କ ବ୍ୟତିତ ସାଧାରଣ ସମ୍ପାଦକ ଭୋଳାନାଥ ସିଂ, କୋଷାଧକ୍ଷ ସେକର ଜେ. ମନୋହରନ, ଉପ ସଭାପତି ଏସଭିଏସ୍ ସୁବ୍ରମଣ୍ୟ ଗୁପ୍ତା, ଯୁଗ୍ମ ସମ୍ପାଦକ ଆରତୀ ସିଂ, ସୁନୀଲ ମଲିକ ଓ କାର୍ଯ୍ୟକାରୀ ବୋର୍ଡ ସଦସ୍ୟ ଅରୁଣ କୁମାର ସାରସ୍ୱତ, ଆଶ୍ରିତା ଲାକ୍ରା, ଗୁରପ୍ରୀତ କୌର, ଭି ସୁନୀଲ କୁମାର ଏବଂ ତପନ କୁମାର ଦାସ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ୨୦୨୩ ହକି ବିଶ୍ୱକପର ଆୟୋଜନକୁ ପ୍ରାଧାନ୍ୟ ଦିଆଯାଇଥିଲା। ସେହିପରି ତୃଣମୂଳ ସ୍ତରରୁ ଜୁନିୟର ଓ ସବ ଜୁନିୟର ହକିର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଭାରତ ସ୍ୱାଧୀନତାର ୭୫ ବର୍ଷରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ହକି ଇତିହାସ ସମ୍ପର୍କରେ ଶିଶୁ ଏବଂ ଯୁବବର୍ଗକୁ ସଚେତନ କରିବା ଆମର ପ୍ରଥମ ଲକ୍ଷ୍ୟ ରହିବ ବୋଲି ତିର୍କୀ ବୈଠକ ପରେ କହିଥିଲେ। ଏହା ସହିତ ହକି ଇଣ୍ଡିଆ ବିଶ୍ୱକପ ଆୟୋଜନରେ ପ୍ରତ୍ୟକ୍ଷ ଭାବରେ ନିଜକୁ ନିୟୋଜିତ କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ସେ ପ୍ରକାଶ କରିଥିଲେ।

ଏହା ସହିତ ତୃଣମୂଳ ସ୍ତରରୁ ହକିର ଉନ୍ନତି ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଜୁନିୟର ଓ ସବ୍ ଜୁନିୟର ସ୍ତରରେ ଖେଳାଳିଙ୍କ ପାଇଁ ଅଧିକ ଟୁର୍ନାମେଣ୍ଟ ନଥିବା ବେଳେ ଆଗାମୀ ଦିନ ମାନଙ୍କରେ ଏଭଳି ଟୁର୍ନାମେଣ୍ଟ ଅଧିକ ସଂଖ୍ୟାରେ ଆୟୋଜନ କରିବାକୁ ଆଲୋଚନା ହୋଇଥିଲା। ଜୁନିୟର ଓ ସବ୍ ଜୁନିୟର ସ୍ତରର ବିଭିନ୍ନ ବୟସ ବର୍ଗରେ ଏକାଧିକ ଟୁର୍ନାମେଣ୍ଟ ନେଇ ଆଲୋଚନା ହୋଇଛି। ୪ଟି ଜୋନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବା ସହିତ ପ୍ରତି ଜୋନରୁ ଦୁଇଟି ଟିମ୍ ଆଗକୁ ଉନ୍ନୀତ ହେବେ। ଏଥିସହିତ ଗୋଲ୍‌କିପର ଓ ଡ୍ରାଗ ଫ୍ଲିକରଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉପରେ ତିର୍କୀ ଗୁରୁତ୍ୱାରୋପ କରିଥିଲେ। ହକି ପ୍ରଶିକ୍ଷଣ ବ୍ୟତିତ ଏହାକୁ ମଧ୍ୟ ତୃଣମୂଳ ସ୍ତରରୁ ଲାଗୁ କରାଯିବ। ୨୦୧୭ ପରଠାରୁ ବନ୍ଦ ରହିଥିବା ହକି ଇଣ୍ଡିଆ ଲିଗ୍ ୨୦୨୩ରେ ପୁନର୍ବାର ଆରମ୍ଭ କରାଯିବ। ଏହା ସହିତ ମହିଳାଙ୍କ ପାଇଁ ଏକ ହକି ଇଣ୍ଡିଆ ଲିଗ୍ ଆୟୋଜନ କରିବା ପାଇଁ ଆଲୋଚନା ହୋଇଥିବା ତିର୍କୀ ପ୍ରକାଶ କରିଛନ୍ତି।


କାର୍ଯ୍ୟକାରିଣୀ ବୈଠକରେ ହକି ଇଣ୍ଡିଆ କର୍ମକର୍ତ୍ତା।

**ହକି ଇଣ୍ଡିଆ କାର୍ଯ୍ୟକାରିଣୀ ବୈଠକ**

- ଜୁନିୟର-ସବ ଜୁନିୟର ବର୍ଗରେ ନୂଆ ଟୁର୍ନାମେଣ୍ଟ
- ଗୋଲକିପର ଓ ଡ୍ରାଗ୍ ଫ୍ଲିକରଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନିଂ
- ମହିଳା ହକି ଇଣ୍ଡିଆ ଲିଗ୍ ସମ୍ଭାବନା

# ଅଭ୍ୟାସ ମ୍ୟାଚ୍ ଜିତିଲା ଭାରତ

**ପର୍ଥ, ୧୦।୧୦ (ପି.ଟି.):** ଟି ୨୦ ବିଶ୍ୱକପ୍ ପୂର୍ବରୁ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ସୂର୍ଯ୍ୟ ଓ ଅର୍ଶଦୀପଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଓ୍ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ୍(ଡବ୍ଲ୍ୟୁଏସିଏ)କୁ ୧୩ ରନ୍‌ରେ ପରାସ୍ତ କରିଛି ଭାରତ। ସୋମବାର ଖେଳା ଯାଇଥିବା ମ୍ୟାଚ୍‌ରେ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୮ ରନ୍ କରିଥିବା ବେଳେ ଡବ୍ଲ୍ୟୁଏସିଏ ୮ ଉଇକେଟରେ ୧୪୫ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ଭାରତ ଲୋକେଶ ରାହୁଲ, ବିରାଟ କୋହଲି ଏବଂ ଆର. ଅଶ୍ୱିନଙ୍କୁ ବିଶ୍ରାମ ଦେଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ରୋହିତ ଶର୍ମା ଓ ରିଷଭ ପନ୍ତ ଇନିଂସ୍ ଆରମ୍ଭ କରିଥିଲେ। ରୋହିତ(୩) ଓ ରିଷଭ(୯) ବିଫଳ ହୋଇଥିବା ବେଳେ ଦୀପକ ହୁଡା ୨୨ ରନ୍ କରିଥିଲେ। ସୂର୍ଯ୍ୟକୁମାର ଯାଦବ(୫୨) ଓ ହାର୍ଦ୍ଦିକ ପାଣ୍ଡ୍ୟା(୨୭)ଙ୍କ ମଧ୍ୟରେ ୪୯ ରନ୍‌ର ଭାଗୀଦାରି ହୋଇଥିଲା।




# ହରମନପ୍ରୀତ୍, ରିଜ୍‌ୱାନ ପ୍ଲେୟର ଅଫ୍ ଦି ମନ୍ଥ୍

**ଦୁବାଇ, ୧୦।୧୦(ପି.ଟି.):** ଭାରତ ଅଧିନାୟିକା ହରମନପ୍ରୀତ୍ କୌର ଓ ପାକିସ୍ତାନ ଉଇକେଟ୍‌କିପର ବ୍ୟାଟର ମହମ୍ମଦ ରିଜ୍‌ୱାନ ସେପ୍ଟେମ୍ବର ପାଇଁ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗରେ ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ହରମନପ୍ରୀତ ଏହି ପୁରସ୍କାର ପାଇଛନ୍ତି। ଭାରତୀୟ ଅଧିନାୟିକା ପୁରସ୍କାର ଦୌଡ଼ରେ ତାଙ୍କ ଡେପୁଟି ସ୍ମୃତି ମନ୍ଧାନା ଓ ବାଂଲାଦେଶର ନିଗାର ସୁଲତାନାଙ୍କୁ ପଛରେ ପକାଇ ଦେଇଥିଲେ। ସେପ୍ଟେମ୍ବରରେ ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଥିଲା। ହରମନପ୍ରୀତଙ୍କ ପାଇଁ ଏହା ସ୍ମରଣୀୟ ମାସ ରହିଥିଲା। କେବଳ ବ୍ୟାଟିଂ ନୁହେଁ, ତାଙ୍କ ନେତୃତ୍ୱରେ ଇଂଲଣ୍ଡରେ ଭାରତ ୩-୦ରେ କ୍ଲିନ୍ ସୁଇପ୍ କରିଥିଲା। ସେହିପରି ପୁରୁଷ ବିଭାଗ ପୁରସ୍କାର ଦୌଡ଼ରେ ରିଜ୍‌ୱାନ ଭାରତର ବାମହାତୀ ସ୍ପିନର ଅକ୍ଷର ପଟେଲ ଓ ଅଷ୍ଟ୍ରେଲିଆନ୍ ଅଲ୍‌ରାଉଣ୍ଡର କାମେରୁନ୍ ଗ୍ରୀନ୍‌ଙ୍କୁ ପଛରେ ପକାଇ ଦେଇଥିଲେ।

# ଓଡ଼ିଶାକୁ ଆଉ ୪ ପଦକ

ଭୁବନେଶ୍ୱର, ୧୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ଗୁଜରାଟରେ ଚାଲିଥିବା ୩୬ତମ ଜାତୀୟ କ୍ରୀଡ଼ାର ୯ମ ଦିବସରେ ଓଡ଼ିଶା ଆଉ ୪ଟି ପଦକ ହାସଲ କରିଛି। ଓଇନାମ ବିଦ୍ୟାଦେବୀ ଓ ଫୁଲମଣି ଖାଖାଙ୍କୁ ନେଇ ଓଡ଼ିଶା କାୟାକିଂ ଦଳ କେ-୨ ମହିଳା ୫୦୦ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ରଶ୍ମିତା ସାହୁ ସଚିମା କେରକେଟାଙ୍କୁ ନେଇ କାନୋଇଂ ଟିମ୍ ସ୍ପ୍ରିଣ୍ଟ ସି-୨ ମହିଳା ୫୦୦ ମିଟର ରେସ୍‌ରେ ରାଜ୍ୟ ପାଇଁ ବ୍ରୋଞ୍ଜ ପଦକ ଆଣିଦେଇଛନ୍ତି। ଅନ୍ୟପକ୍ଷରେ କାନୋଇଂ କେ-୪ ମହିଳା ୫୦୦ ମିଟର ଇଭେଣ୍ଟରେ ଓଇନାମ ବିଦ୍ୟାଦେବୀ, ଫୁଲମଣି ଖାଖା, ଶ୍ରୁତି ଭୋଗ୍‌ଲେ ପୁଖରାମବାମ୍ ରୋଜି ଦେବୀ ମଧ୍ୟ ଓଡ଼ିଶା ପାଇଁ ବ୍ରୋଞ୍ଜ ଜିତିଛନ୍ତି। ସୋମବାର ମହିଳା ଫୁଟ୍‌ବଲ ଫାଇନାଲରେ ମଣିପୁରଠାରୁ ହାରି ଓଡ଼ିଶା ରୌପ୍ୟ ପଦକ ଲାଭ କରିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ